# ଧରିତ୍ରୀ
DHARITRI



ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୮/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, August 18/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**କଙ୍ଗନାଙ୍କୁ ଡେଙ୍ଗୁ**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏହାସତ୍ତ୍ୱେ ନିଜର ଅପ୍‌କମିଂ ଫିଲ୍ମ 'ଏମର୍ଜେନ୍ସି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। **୦୭**

**୧୬** **ଚନ୍ଦ୍ରକାନ୍ତ ପଣ୍ଡିତ କେକେଆର କୋଚ୍**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସିଜନ ପାଇଁ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି।






## ଭୁବନେଶ୍ୱର ଉପକଣ୍ଠ ଉବୁଟୁବୁ

ସୁନ୍ଦରପଦା ହାଇଟେକ ଅଞ୍ଚଳରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଉଛି।

# ବିଜ୍ଞାନ, ବାଣିଜ୍ୟରେ ରେଭେନ୍ସା ଆଗରେ

## ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

- **କଳାରେ କଣ୍ଡାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ଶୀର୍ଷରେ**
- **ନାମଲେଖା ପାଇଁ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ**
- **୧୯ରୁ ୨୫ ନାମଲେଖା, ବନ୍ୟା ପାଇଁ ବଢ଼ିପାରେ ଅବଧି**

ଭୁବନେଶ୍ୱର,୧୭।୮(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ରେ ନାମଲେଖା ଲାଗି ବୁଧବାର ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇଛି। ମୋଟ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଏବଂ କଳାରେ ପୁରୀ ଜିଲା କୃଷ୍ଣପ୍ରସାଦ କଣ୍ଡାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ଶୀର୍ଷରେ ରହିଛି। ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୪.୩୩% କଟ୍‌ଅଫ୍ ମାର୍କ ସହ କଟକ ରେଭେନ୍ସା ଜୁନିୟର କଲେଜ ପ୍ରଥମ ସ୍ଥାନରେ ଥିବାବେଳେ ୯୩.୨୦% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ୯୩% ସହ ଭୁବନେଶ୍ୱର ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ଯୁକ୍ତ୨ ବାଣିଜ୍ୟରେ ୮୪.୧୭% କଟ୍‌ଅଫ୍‌ମାର୍କସହ ରେଭେନ୍ସା ପ୍ରଥମ ସ୍ଥାନରେ ଥିବାବେଳେ ୮୦.୬୭% ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟ ଏବଂ ୭୯.୮୩% ମାର୍କ ସହ ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି କଳାରେ ୮୩.୫୦% କଟ୍‌ଅଫ୍ ମାର୍କ ସହ ପୁରୀର କଣ୍ଡାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଛି। ୮୩.୩୩% ସହ ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟରେ ଥିବାବେଳେ ୮୩.୧୭% ସହ କଟକ ନରସିଂହପୁର ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ଥିବା ଜଣାପଡ଼ିଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ samsodisha.gov.inକୁ ଯାଇ ସେମାନଙ୍କ ନାମଲେଖା ଷ୍ଟାଟସ୍ ଜାଣିପାରିବେ ବୋଲି କୁହାଯାଇଛି।

ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ମାଧ୍ୟମିକ ଶିକ୍ଷା ପରିଷଦରୁ ୪,୫୬,୧୧୭ଜଣ, ସିବିଏସ୍‌ଇରୁ ୧୯,୭୫୩, ଆଇସିଏସ୍‌ଇରୁ ୩,୫୬୮ ଏବଂ ଅନ୍ୟାନ୍ୟ ବୋର୍ଡରୁ ୧,୨୪୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ୪,୦୪,୪୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ବର୍ଗରେ ୩,୨୫,୪୩୩ଜଣ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଦେଖଣାହାରି ସାଜନାହିଁ


# ନିଦ ହଜାଇଛି ଘାଇ

- **୭ ଜିଲାରେ ସ୍ଥିତି ସଙ୍ଗିନ**
- **ଆଉ ୪ ଦିନ ବନ୍ୟା ସ୍ଥିତି ଗମ୍ଭୀର**

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ସ୍ଥିତି ସଙ୍ଗିନ ହୋଇଛି। କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପରିସ୍ଥିତି ଗମ୍ଭୀର ରହିଛି। ଆସନ୍ତା ୩ରୁ ୪ ଦିନ ବନ୍ୟା ପରିସ୍ଥିତି ଜଟିଳ ରହିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ମହାନଦୀର ନରାଜ, ଦେବୀ ନଦୀର ଆଳିପିଙ୍ଗଳ, ଇବ୍ ନଦୀର ସୁନ୍ଦରଗଡ଼, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ହ୍ରାସ ପାଇବା ଆରମ୍ଭ କରିଛି। ତେବେ କୁଶଭଦ୍ରା, ବ୍ରାହ୍ମଣୀ, ବଂଶଧାରା ଓ ଋଷିକୁଲ୍ୟା ନଦୀର ବନ୍ୟା ଜଳ ବୃଦ୍ଧି ପାଉଛି। ମହାନଦୀର ଉପରମୁଣ୍ଡରେ ବର୍ଷା କମି ଯାଇଥିବାରୁ ହୀରାକୁଦ ଜଳ ଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟା ପାଣି ହ୍ରାସ ପାଇଛି। ମହାନଦୀରେ ପ୍ରବଳ ବନ୍ୟା ଯୋଗୁ ଯାଜପୁର, କଟକ, ପୁରୀ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଅନ୍ୟ କେତେକ ସ୍ଥାନରେ ଘଳିଆ ପଡ଼ୁଥିବା ସୂଚନା ମିଳିଛି, ଯାହାକି ଚିନ୍ତାର କାରଣ ସାଜିଛି। ମହାନଦୀ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ନିଦ ଏକ ପ୍ରକାର ହଜି ଯାଇଛି। ଅପରପକ୍ଷରେ ଗତ ଦୁଇ ଦିନରେ ରାଜ୍ୟରେ ମୋଟ ୪ଟି ଘାଇ ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ପୁରୀ ଓ ଖୋର୍ଦ୍ଧା ଜିଲାରେ ☞ପୃଷ୍ଠା-୪

## ଆଜି ରାତିରୁ ଲଘୁଚାପ ବର୍ଷା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଗାଁରେ ବନ୍ୟା ପାଣି ଲହଡ଼ି ମାରୁଛି । ବନ୍ୟା ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା ଯାଇ ନ ଥିବା ବେଳେ ଆସୁଛି ଆଉ ଏକ ଲଘୁଚାପ। ଦକ୍ଷିଣ ମ୍ୟାନ୍‌ମାର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭୂପୃଷ୍ଠରୁ ୫.୮ କି.ମି. ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୧୯ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୮ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୮ ତାରିଖ ରାତିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ମାଲକାନଗିରିରେ ବର୍ଷା ହୋଇପାରେ। ସେହିପରି ୧୯ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ଯାଜପୁର, ☞ପୃଷ୍ଠା-୪

**୧୯,୨୦ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

# ଜଳବନ୍ଦୀଙ୍କୁ ସାପ ଭୟ

- **ସୁରକ୍ଷିତ ରହିବାର ବାଟ ବତାଇଲେ ବିଶେଷଜ୍ଞ**
- **ସାପ କାମୁଡ଼ା ମୃତକଙ୍କୁ ସହାୟତା ମିଳୁ**

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଏବେ ଓଡ଼ିଶାର ଉତ୍ତର ଓ ଉପକୂଳ ଜିଲାଗୁଡିକରେ ବନ୍ୟା ବିପ୍ଳାତ ଦେଖାଦେଇଛି। ବହୁ ଗାଁ ପାଣି ଘେରରେ ଥିବାବେଳେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ବିପନ୍ନ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ସମସ୍ୟା ସୃଷ୍ଟି ହୋଇଥିବାବେଳେ ସାପ କାମୁଡ଼ିବା ଆଶଙ୍କା ରହିଛି। ଅନ୍ଧାର ହେବା ମାତ୍ରେ ସାପ ଭୟ ଘାରୁଛି। ପାଣି ଭିତରେ, ଘରେ, ବାହାରେ ସବୁଠି ସାପ ପ୍ରତି ଲୋକେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସାପ କାମୁଡ଼ା ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ



ପହଞ୍ଚାଇ ଚିକିତ୍ସା ଓ ସହାୟତା ଯୋଗାଇ ଦେବା ଜରୁରୀ ହୋଇପଡିଛି।

ସାଧାରଣତଃ ବନ୍ୟା ସମୟରେ ପାଣି ସାଙ୍ଗକୁ କାଳ ସାଜିଥାନ୍ତି ସାପ। ସାପମାନେ ସମୂହ ବିସ୍ଥାପିତ ହୋଇଥାନ୍ତି। ବନ୍ୟା ଜଳରେ ଭାସି ଭାସି ଏକ ଅଜଣା ସ୍ଥାନକୁ ଚାଲି ଯାଇଥାନ୍ତି। ତେଣୁ ଖାଦ୍ୟ ସଂଗ୍ରହ ପାଇଁ ସାପମାନଙ୍କୁ ଏଣେତେଣେ ବୁଲିବାକୁ ହୋଇଥାଏ। ଫଳରେ ସାପଙ୍କ ସହିତ ଅଧିକାଂଶ ସମୟରେ ମଣିଷଙ୍କ ମୁହାଁମୁହିଁ ବା ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଉପୁଜିଥାଏ। ଅନେକ ସମୟରେ ପାଣି ଘେରରୁ ଯେଉଁ ଢିପ ସ୍ଥାନକୁ ବା ନଦୀ ବନ୍ଧକୁ ମଣିଷମାନେ ଆଶ୍ରୟ ସ୍ଥଳ ଭାବରେ ବ୍ୟବହାର କରିଥାନ୍ତି, ସେହି ସ୍ଥାନକୁ ସାପମାନେ ସମାନ କାରଣ ପାଇଁ ଯାଇଥାନ୍ତି। ☞ପୃଷ୍ଠା-୪




କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଟୁଇଟ୍।

# ରୋହିଙ୍ଗ୍ୟାଙ୍କୁ ଫ୍ଲାଟ୍, ସୁରକ୍ଷା ଦେବୁ

## କେନ୍ଦ୍ରମନ୍ତ୍ରୀ ପୁରୀଙ୍କ ଟୁଇଟ୍‌କୁ ନେଇ ବିବାଦ

- **ଖଣ୍ଡନ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ**
- **କଶ୍ମୀରୀ ପଣ୍ଡିତ ମାଗିଲେ ପୋଲିସ ସୁରକ୍ଷା**

ନୂଆଦିଲ୍ଲୀ/ଜମ୍ମୁ,୧୭।୮

ମ୍ୟାନ୍‌ମାରରୁ ଆସି ଭାରତରେ ବସବାସ କରୁଥିବା ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନମାନେ ଦିଲ୍ଲୀରେ ଗୋଟିଏ ଲେଖାଏ ଫ୍ଲାଟ୍ ପାଇବେ। ସେମାନଙ୍କୁ ଦିଲ୍ଲୀ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଦିଆଯିବ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଟୁଇଟ୍ କରିଛନ୍ତି। ଶ୍ରୀନଗରରେ କଶ୍ମୀରୀ ପଣ୍ଡିତମାନେ ଆତଙ୍କବାଦୀଙ୍କ ଦ୍ୱାରା ଟାର୍ଗେଟ ହତ୍ୟାର ଶିକାର ହେଉଥିବାବେଳେ ରୋହିଙ୍ଗ୍ୟାମାନଙ୍କୁ ଜାତୀୟ ରାଜଧାନୀରେ ଫ୍ଲାଟ୍ ସହ ପୋଲିସ ସୁରକ୍ଷା ପ୍ରଦାନ ନେଇ କେନ୍ଦ୍ରର ଜଣେ ବରିଷ୍ଠ ମନ୍ତ୍ରୀ ଟୁଇଟ୍ କରିବା ଅନେକଙ୍କୁ ବିସ୍ମିତ କରିଛି। ଜମ୍ମୁରେ କଶ୍ମୀରୀ ପଣ୍ଡିତମାନେ ଏହାର ପ୍ରତିବାଦ କରି ପୋଲିସ ସୁରକ୍ଷା ମାଗିଛନ୍ତି। ପୁରୀଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବେଆଇନ ପ୍ରବାସୀ ରୋହିଙ୍ଗ୍ୟାଙ୍କ ପାଇଁ ଏପରି କୌଣସି ସୁବିଧା କରାଯାଇ ନ ଥିବା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

କେନ୍ଦ୍ର ଗୃହ ନିର୍ମାଣ, ସହରାଞ୍ଚଳ ବ୍ୟାପାର ଏବଂ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ସକାଳେ ନିଜ ଟୁଇଟର ହ୍ୟାଣ୍ଡଲରେ ଏକାଧିକ ଟୁଇଟ୍ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ଯେଉଁମାନେ ଭାରତକୁ ଶରଣ ମାଗିଛନ୍ତି ସେମାନଙ୍କୁ ଦେଶରେ ସ୍ୱାଗତ କରାଯାଇଛି। ଏକ ଐତିହାସିକ ନିଷ୍ପତ୍ତିକ୍ରମେ ସମସ୍ତ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଦିଲ୍ଲୀର ଟିକ୍ରି ସୀମାନ୍ତ ବକ୍କରୱାଲାରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ଫ୍ଲାଟକୁ ସ୍ଥାନାନ୍ତର କରାଯିବ। ସେମାନଙ୍କୁ ମୌଳିକ ସୁବିଧାଗୁଡ଼ିକ ଯୋଗାଇ ଦିଆଯିବ। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର ଏବଂ ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ଦିଆଯିବ। କିନ୍ତୁ କେନ୍ଦ୍ରର ନାଗରିକତ୍ୱ ☞ପୃଷ୍ଠା-୪




## ୨୪ରେ ଫେରିବେ ଗୋଟାବାୟା

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଅଗଷ୍ଟ ୨୪ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ତାଙ୍କ ଅନୁଗତ ତଥା ପୂର୍ବତନ ରାଷ୍ଟ୍ରଦୂତ ଉଦୟଙ୍ଗା ବୀରତୁଙ୍ଗା ସୂଚନା ଦେଇଛନ୍ତି। ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପରାଷ୍ଟ୍ରରେ ଗତ ଜୁଲାଇ ୯ରେ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଗୋଟାବାୟା ମାଳଦ୍ୱୀପକୁ ପଳାୟନ କରିଥିଲେ। ସେଠାରୁ ସିଙ୍ଗାପୁର ଯାଇ ରହିବା ପରେ ଏବେ ଥାଇଲାଣ୍ଡରେ ଅବସ୍ଥାନ କରୁଛନ୍ତି।



## ସଂକ୍ଷେପରେ

### ମାଗଣା ସୁବିଧାକୁ ଅନେଇ ବସିନାହାନ୍ତି ଭୋଟର

**ନୂଆଦିଲ୍ଲୀ,୧୭।୮:** ଦେଶରେ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେବାକୁ ବାରଣ କରାଯାଇପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ପିଟିଶନର ଶୁଣାଣି କରି କହିଛନ୍ତି, ନିର୍ବାଚନୀ ପ୍ରତିଶ୍ରୁତି ଦେବାର ଉଦ୍ଦେଶ୍ୟ ହେଉଛି ସାମ୍ବିଧାନିକ ଆଦେଶର ଅନୁପାଳନ। ତେଣୁ ସ୍ୱଳ୍ପକାଳୀନ ମାଗଣା ସୁବିଧାକୁ ଜନମଙ୍ଗଳକାରୀ ପଦକ୍ଷେପ ସହ ତୁଳନା କରିବା ଅନୁଚିତ। ଭୋଟରମାନେ ମାଗଣା ସୁବିଧାକୁ ଅନେଇ ବସି ନାହାନ୍ତି। ସୁଯୋଗ ପାଇଲେ ସେମାନେ ସମ୍ମାନର ସହ ରୋଜଗାର କରିବାକୁ ପ୍ରସ୍ତୁତ ହେବେ ବୋଲି ଖଣ୍ଡପୀଠ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଦୃଷ୍ଟାନ୍ତ ଦେଇଥିଲେ।

### ଏନ୍‌ଆର୍‌ଆଇଙ୍କୁ ମତଦାନ ଅଧିକାର: କେନ୍ଦ୍ରକୁ ରିପୋର୍ଟ ତଲବ

**ନୂଆଦିଲ୍ଲୀ,୧୭।୮:** ବିଦେଶରେ ରହୁଥିବା ଭାରତୀୟ (ଏନ୍‌ଆର୍‌ଆଇ)ମାନଙ୍କୁ ଦେଶରେ ମତଦାନ ଅଧିକାର ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ସିଜେଆଇ ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରି କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ଜବାବ ମାଗିଛନ୍ତି। କେରଳ ପ୍ରବାସୀ ଆସୋସିଏଶନ ପକ୍ଷରୁ ଦାଏର ଏହି ପିଆଇଏଲ୍‌କୁ ଏ ସମ୍ପର୍କିତ ଅନ୍ୟ ଏକ ମାମଲା ସହ ଏକତ୍ର ଶୁଣାଣି କରିବା ପାଇଁ ଟ୍ୟାଗ୍ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ନୋଟିସ୍ ଜାରି କରିଛନ୍ତି।

### ଆଦାନୀଙ୍କୁ ଜେଡ୍ ସୁରକ୍ଷା

**ନୂଆଦିଲ୍ଲୀ,୧୭।୮:** ଆଦାନୀ ଗ୍ରୁପ୍ ଅଧକ୍ଷ ଗୌତମ ଆଦାନୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେଡ୍ ସୁରକ୍ଷା ପ୍ରଦାନ କରାଯାଇଛି। ଏ ନେଇ ସିଆର୍‌ପିଏଫ୍ କମାଣ୍ଡରଙ୍କୁ ନିଯୁକ୍ତ କରାଯାଇଛି। ଆଦାନୀଙ୍କୁ ଜେଡ ସିକ୍ୟୁରିଟିର କଡ଼ା ସୁରକ୍ଷା ସୁବିଧା ଯୋଗାଇ ଦେବା ପାଇଁ ମାସିକ ୧୫ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆଦାନିଙ୍କୁ ହତ୍ୟା ଧମକ ମିଳିବା ନେଇ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ପକ୍ଷରୁ ସୂଚନା ପାଇବା ପରେ କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆଦାନୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ୨୦୧୩ରୁ ରିଲାଏନ୍ସ ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ କେନ୍ଦ୍ର ସରକାର ଜେଡ୍ ପ୍ଲସ୍ ସିକ୍ୟୁରିଟି ସୁବିଧା ଯୋଗାଇଥିବାବେଳେ ସ୍ତ୍ରୀ ନୀତା ଅମ୍ବାନୀଙ୍କୁ ମଧ ସରକାରଙ୍କ ତରଫରୁ ସୁରକ୍ଷା ସୁବିଧା ଯୋଗାଇ ଦିଆଯାଇଛି।

### ଝାଡ଼ଖଣ୍ଡର ୩ ବିଧାୟକଙ୍କୁ ଜାମିନ

**କାର୍‌ରୁ ଟଙ୍କା ଜବତ ମାମଲା**

**କୋଲକାତା, ୧୭।୮:** କାର୍‌ରୁ ୪୯ ଲକ୍ଷ ଟଙ୍କା ମିଳିବା ପରେ ପଶ୍ଚିମବଙ୍ଗ ପୋଲିସ ଦ୍ୱାରା ଗିରଫ ହୋଇଥିବା ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକଙ୍କୁ କାଲ୍‌କାଟା ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ସେମାନେ ହେଲେ ଇର୍‌ଫାନ ଅନ୍‌ସାରୀ, ନମନ ବିକ୍ସଲ କୋଙ୍ଗାରି ଏବଂ ରାଜେଶ କଚପ୍। ଗତ ସପ୍ତାହରେ ହାଓଡ଼ାରୁ ପୋଲିସ ୩ ବିଧାୟକ ଥିବା ଏକ ଏସ୍‌ୟୁଭିରୁ ଉକ୍ତ ଟଙ୍କା ଜବତ କରିଥିଲା। ପରେ ସେମାନଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଥିଲା।



## ଟ୍ରମ୍ପ୍‌ଙ୍କ ଚ୍ୟାଲେଞ୍ଜର ହେବେ ଲିଜ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହ୍ୱାଇଟ୍‌ହାଉସ୍‌କୁ ଦୂରେଇ ରଖିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇବେ ବୋଲି ରିପବ୍ଲିକାନ୍ ରିପ୍ରେଜେଣ୍ଟେଟିଭ୍ ଲିଜ୍ ଚେନି ପଣ କରିଛନ୍ତି। ଟ୍ରମ୍ପ୍‌ଙ୍କ ସମର୍ଥିତ ପ୍ରାଇମେରି ଚ୍ୟାଲେଞ୍ଜର ହ୍ୟାରିଏଟ୍ ହେଗ୍‌ମ୍ୟାନଙ୍କଠାରୁ ହାରିଯିବା ପରେ ଚେନି କହିଛନ୍ତି, ସେ ରାଷ୍ଟ୍ରପତି ନିର୍ବାଚନରେ ଲଢ଼ିବା ଉପରେ କିଛି ମାସ ମଧରେ ନିଷ୍ପତ୍ତି ନେବେ। ଗତବର୍ଷ କ୍ୟାପିଟୋଲ ବିଲ୍ଡିଂରେ ଟ୍ରମ୍ପ୍ ନିଜ ସମର୍ଥକମାନଙ୍କୁ ମତାଇ ଦଙ୍ଗା ଭିଆଇଥିବା ଅଭିଯୋଗର ଶୁଣାଣି ଚାଲିଛି। ରିପବ୍ଲିକାନ୍‌ମାନେ ଏହାକୁ ନେଇ ଡେମୋକ୍ରାଟ୍ ଟ୍ରମ୍ପ୍‌ଙ୍କୁ ଆସନ୍ତା ନିର୍ବାଚନରେ ରାଷ୍ଟ୍ରପତି ଦୌଡ଼ରୁ ବାହାର କରିବାକୁ ଉଦ୍ୟମ ଚଳାଇଥିବାବେଳେ ଚେନିଙ୍କ ଘୋଷଣା ବିଶେଷ ତାତ୍ପର୍ଯ୍ୟ ବହନ କରେ।

## ଇଡି ଚାର୍ଜଶିଟ୍‌ରେ ଜ୍ୟାକ୍‌ଲିନ୍

ଏକ ମନିଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଛି। ଦିଲ୍ଲୀ ପିଏମ୍‌ଏଲ୍‌ଏ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଇଡି ୩୭ ବର୍ଷୀୟା ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ଦର୍ଶାଇଛି। ଆସନ୍ତା ୩୧ ତାରିଖରେ କୋର୍ଟ ଏହାକୁ ସଂଜ୍ଞାନକୁ ନେବେ। ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍‌ଙ୍କୁ ୨୦୦ କୋଟି ମନିଲଣ୍ଡରିଂ ମାମଲାରେ ଏକାଧିକ ଥର ଜେରା କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମଧସ୍ଥି ସୁକେଶ ଚନ୍ଦ୍ରଶେଖର ଏହି ଅଭିନେତ୍ରୀଙ୍କୁ ୫.୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉପହାର ଦେଇଥିଲେ ବୋଲି ଇଡି ଏହାର ପୂର୍ବ ଚାର୍ଜଶିଟ୍‌ରେ ଦର୍ଶାଇଥିଲା। ଏଥିସହ ଗତ ଏପ୍ରିଲରେ ଇଡି ଜ୍ୟାକ୍‌ଲିନ୍‌ଙ୍କ ୭.୨୭ କୋଟି ଟଙ୍କା ଜବତ କରିଥିଲା। ଚନ୍ଦ୍ରଶେଖର ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଟାର୍ଗେଟ କରି ସେମାନଙ୍କୁ ଠକୁଥିଲେ। ତାଙ୍କ ସହ ଜ୍ୟାକ୍‌ଲିନ୍ ଲିଙ୍କ୍‌ରେ ଥିଲେ ବୋଲି ଇଡି କହିଛି। ଜ୍ୟାକ୍‌ଲିନ୍ ଏହାକୁ ନେଇ ଟୁଇଟରରେ ଏକ ପୋଷ୍ଟ କରିଛନ୍ତି। ସେ ଏହି କଠିନ ସମୟରେ ନିଜକୁ ମଜଭୁତ ରଖିବେ ବୋଲି କହିଛନ୍ତି।



# କେନ୍ଦ୍ରର ରୋହିଙ୍ଗ୍ୟା ଦ୍ୱନ୍ଦ୍ୱ

**ନୂଆଦିଲ୍ଲୀ/ଢାକା, ୧୭।୮**

ନିଜ ଦେଶରେ ନାଗରିକ ମାନ୍ୟତା ନ ପାଇ ଅକଥନୀୟ ନିର୍ଯାତନାର ଶିକାର ହୋଇଥିବା ରୋହିଙ୍ଗ୍ୟା ମୁସଲମାନମାନେ ପରିଚୟ ଖୋଜୁଛନ୍ତି। ମ୍ୟାନ୍‌ମାରର ପଡ଼ୋଶୀ ଦେଶଗୁଡ଼ିକରେ ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଅଣ୍ଡାଳୁଥିବାବେଳେ ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖାଯାଉଛି। ରୋହିଙ୍ଗ୍ୟାଙ୍କୁ କେହି କେହି ଆତଙ୍କବାଦୀ ମନେ କରୁଥିବାବେଳେ ଆଉ କେତେକଙ୍କ ନଜରରେ ସେମାନେ ଆଇଏସ୍‌ଆଇ ଏଜେଣ୍ଟ। ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କୁ ମ୍ୟାନ୍‌ମାର ସାମରିକ ଶାସକ ଜେଲକୁ ପଠାଇଦେବା ପରେ ରୋହିଙ୍ଗ୍ୟାଙ୍କ ଫେରିବା ବାଟ ଏକପ୍ରକାର ବନ୍ଦ ହୋଇଯାଇଛି। ଏଭଳି ସମୟରେ ଭାରତରେ ବସବାସ କରୁଥିବା ଶରଣାର୍ଥୀଙ୍କୁ ହଠାତ୍ ସ୍ଥାୟୀ ବାସସ୍ଥାନ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ତତ୍କାଳ ଓହରି ଯାଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଟୁଇଟ୍‌କୁ ଅମିତ ଶାହାଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅସ୍ୱୀକାର କରିବା ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ନିୟମକୁ ନେଇ ନୂଆଦିଲ୍ଲୀର ଦ୍ୱନ୍ଦ୍ୱକୁ ପଦାରେ ପକାଇଛି।

ପ୍ରକାଶ ଯେ, ଗତ ଫେବୃୟାରୀରେ ଥିରୁଭାନନ୍ତପୁରମ୍‌ର କଂଗ୍ରେସ ଏମ୍‌ପି ଶଶି ଥରୁର ଶରଣାର୍ଥୀ ଓ ଶରଣ ସମ୍ପର୍କିତ ଏକ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଭାରତ ଲଗାତର ଭାବେ ଅନ୍ତର୍ଜାତୀୟ ଆଇନର ବିତାଡ଼ନ ନିରୋଧୀ ସିଦ୍ଧାନ୍ତର ଉଲ୍ଲଂଘନ କରିଆସିଥିବାରୁ ଦେଶରେ ଏଭଳି ଆଇନ ଜରୁରୀ ହୋଇପଡ଼ିଥିବା ଥରୁର ଦାବି କରିଥିଲେ। ତେବେ ଥରୁରଙ୍କ ଦ୍ୱାରା ଆଗତ ବିଧେୟକ ପ୍ରାଇଭେଟ ମେମ୍ବର ବିଲ୍ ହୋଇଥିବାରୁ ଏହାକୁ ସରକାରୀ ପକ୍ଷର ସମର୍ଥନ ମିଳିନାହିଁ।

### ଦିଲ୍ଲୀକୁ ଅନ୍ଧାରରେ ରଖିଛି କେନ୍ଦ୍ର: ସିସୋଡିଆ

କେନ୍ଦ୍ର ସରକାର ପ୍ରଥମେ ଟିକିରି ସୀମାନ୍ତ ବକ୍କରୱାଲାରେ ରୋହିଙ୍ଗ୍ୟାମାନଙ୍କୁ ଇଡବ୍ଲ୍ୟୁଏସ୍ ଫ୍ଲାଟ୍ ଦେବା ନିମନ୍ତେ ଘୋଷଣା କରିଦେଲେ। ଶରଣାର୍ଥୀଙ୍କୁ ସ୍ଥାୟୀ ବାସସ୍ଥାନ ପ୍ରଦାନର ପ୍ରତିଶ୍ରୁତି ଦେବା ପରେ ୟୁ-ଟର୍ନ କଲେ, ତାହା ପୁଣି ଦିଲ୍ଲୀ ସରକାରଙ୍କ ମୁଣ୍ଡରେ ଦୋଷ ଲଦି। ମୋଟାମୋଟି ଭାବେ ଦେଖିଲେ କେନ୍ଦ୍ର ନିଜ ଭିତିରି ଯୋଜନା ସମ୍ପର୍କରେ ଦିଲ୍ଲୀ ସରକାରଙ୍କୁ ଅନ୍ଧକାରରେ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅଣଦେଖା କରି ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ସହ ମିଶି ଏପରି ଷଡ଼ଯନ୍ତ୍ର ରଚିଛନ୍ତି। ଏଥିରେ ଦିଲ୍ଲୀ ପୋଲିସ ମଧ ସାମିଲ ଅଛି। କେତେକ ଫାଇଲପତ୍ରରୁ ଏହି ବିଷୟ ସ୍ପଷ୍ଟ ଜଣାପଡୁଥିବା ନେଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସିସୋଡିଆଙ୍କ ମତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଶରଣାର୍ଥୀମାନଙ୍କୁ ଦିଲ୍ଲୀର ସ୍ଥାୟୀ ବାସିନ୍ଦା କରି ଭୋଟବ୍ୟାଙ୍କରେ ପରିଣତ କରିବାକୁ ଚାହୁଁଛନ୍ତି, ଠିକ୍ ଯେମିତି ପୂର୍ବତନ



ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅମଳରେ ବାଂଲାଦେଶୀ ଶରଣାର୍ଥୀମାନଙ୍କୁ ଭୋଟର ସଜାଇ ଦିଆଯାଇଥିଲା। କଶ୍ମୀରୀ ପଣ୍ଡିତମାନଙ୍କୁ ପ୍ରତିଦିନ ହତ୍ୟା କରାଯାଉଥିବାବେଳେ ରୋହିଙ୍ଗ୍ୟାମାନଙ୍କୁ ପ୍ରଧାନମନ୍ତ୍ରୀ ଘରଜ୍ୱାଇଁ କରିଛନ୍ତି। ପ୍ରକୃତରେ ସେମାନେ ଶରଣାର୍ଥୀଙ୍କ ସ୍ଥାୟୀ ବ୍ୟବସ୍ଥା ଚାହୁଁଥିଲେ କୌଣସି ଭାଜପା ଶାସିତ ରାଜ୍ୟକୁ ନେଇ ଯାଆନ୍ତୁ। ଦିଲ୍ଲୀ ସରକାର ଏଠାରେ ଶରଣାର୍ଥୀଙ୍କ ବସବାସକୁ ଦୃଢ଼ ଭାବେ ବିରୋଧ କରିବେ ବୋଲି ସିସୋଡ଼ିଆ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

### ବାଂଲାଦେଶ କହିଲା ଫେରାଇନିଅ

ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲେଟ୍ ବୁଧବାର ବାଂଲାଦେଶ ରାଜଧାନୀ ଢାକା ଗସ୍ତ କରି କକ୍ସବାଜାରସ୍ଥିତ ରୋହିଙ୍ଗ୍ୟା ଶରଣାର୍ଥୀ ଶିବିର ବୁଲି ଦେଖିଛନ୍ତି। ରୋହିଙ୍ଗ୍ୟାମାନେ ବୌଦ୍ଧବହୁଳ ମ୍ୟାନ୍‌ମାରର ନାଗରିକ ହୋଇଥିବାରୁ ସେହି ଦେଶ ସେମାନଙ୍କୁ ଫେରାଇ ନେବା ଉଚିତ। ପ୍ରତ୍ୟର୍ପଣ ପାଇଁ ଜରୁରୀ ପଦକ୍ଷେପ ନେବାକୁ ମ୍ୟାନ୍‌ମାର ଉପରେ ଜାତିସଂଘ ଚାପ ପକାଉ ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ତାଙ୍କୁ କହିଛନ୍ତି। ମିଶେଲଙ୍କ ଗସ୍ତବେଳେ ରୋହିଙ୍ଗ୍ୟାମାନେ ନିଜ ଅଧିକାରର ସୁରକ୍ଷା, ଜୀବନଜୀବିକା ଓ ବାସସ୍ଥାନର ସୁବ୍ୟବସ୍ଥା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ମିଶେଲ କହିଥିଲେ, ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲାଗି ଜାତିସଂଘ ଯଥାସାଧ ଉଦ୍ୟମ କରୁଛି।



ଶେଖ ହାସିନା

### ଅଲୋଡ଼ା କାହିଁକି



- ମ୍ୟାନ୍‌ମାରରେ ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନମାନେ ଅନେକ ଦଶନ୍ଧି ଧରି ହିଂସା, ନିର୍ଯାତନା ଓ ବୈଷମ୍ୟକୁ ସହି ଆସିଛନ୍ତି। ଅସହ୍ୟ ହେଲେ ଦେଶ ଛାଡ଼ିଛନ୍ତି, ଠିକ୍ ଯେମିତି ୨୦୧୭ ଅଗଷ୍ଟରେ ରଖାଇନ୍ ପ୍ରଦେଶରେ ସେନା ବର୍ବରତା ହେତୁ ଗଣପଳାୟନ କରିଥିଲେ ଅନେକ ଲକ୍ଷ ରୋହିଙ୍ଗ୍ୟା।
- ମ୍ୟାନ୍‌ମାରରୁ ଯାଇ ପଡ଼ୋଶୀ ବାଂଲାଦେଶ ଓ ଭାରତ ସମେତ ଥାଇଲାଣ୍ଡ, ନେପାଳରେ ଶରଣାର୍ଥୀ ଭାବେ ବସବାସ କରୁଥିବା ଓ ଆଶ୍ରୟ ଲୋଡୁଥିବା ରୋହିଙ୍ଗ୍ୟାଙ୍କ ସଂଖ୍ୟା ୯ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ହେବ। ପ୍ରାୟ ୯ ଲକ୍ଷ ୧୯ ହଜାର ରୋହିଙ୍ଗ୍ୟା ବାଂଲାଦେଶରେ କକ୍ସବାଜାର ସ୍ଥିତ କୁଟୁପାଲୋଙ୍ଗ୍ ଓ ନୟାପଡ଼ା ଶରଣାର୍ଥୀ ଶିବିରରେ ରହୁଛନ୍ତି।
- ୧୯୮୨ ନାଗରିକତ୍ୱ ଆଇନ ଅନୁସାରେ ମ୍ୟାନ୍‌ମାର ସରକାର କେବଳ ୪୦ ହଜାର ରୋହିଙ୍ଗ୍ୟାଙ୍କୁ ନାଗରିକ ମାନ୍ୟତା ଦେଇଛନ୍ତି। ଅବଶିଷ୍ଟ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶରୁ ଆସିଥିବା ବେଆଇନ ବଙ୍ଗାଳୀ ପ୍ରବାସୀ ଆଖ୍ୟା ଦିଆଯାଇଛି। ୯୨ ହଜାର ରୋହିଙ୍ଗ୍ୟା ଶରଣାର୍ଥୀ ଥାଇଲାଣ୍ଡକୁ ଆଶ୍ରୟ ମାଗିଥିବାବେଳେ ଅନ୍ୟ ୨୧ ହଜାର ଭାରତର ଶରଣ ଲୋଡ଼ିଛନ୍ତି।
- ଜାତିସଂଘ ମାନବାଧିକାର (ୟୁଏନ୍‌ଏଚ୍‌ସିଆର) ଉଚ୍ଚାୟୁକ୍ତଙ୍କ ଦ୍ୱାରା ପ୍ରମାଣୀକୃତ ୧୬ ହଜାରରୁ ଊର୍ଦ୍ଧ୍ୱ ରୋହିଙ୍ଗ୍ୟା ଭାରତରେ ରହୁଛନ୍ତି। ସେମାନଙ୍କ ମଧରୁ ୧,୧୦୦ ଦିଲ୍ଲୀରେ ଆଶ୍ରୟ ନେଇଛନ୍ତି। ରିକ୍ସା ଟାଣିବା, ମୂଲ ଲାଗିବା ଭଳି ଶ୍ରମଭିତ୍ତିକ କାର୍ଯ୍ୟରେ ଏମାନେ ନିୟୋଜିତ। ନୂଆଦିଲ୍ଲୀ ଜାତିସଂଘ ଶରଣାର୍ଥୀ ସନ୍ଧିର ସ୍ୱାକ୍ଷରକାରୀ ହୋଇ ନ ଥିବାରୁ ଏହିପ୍ରସଙ୍ଗରେ ଭାରତ ଉପରେ କୌଣସି ଅନ୍ତର୍ଜାତୀୟ ସଙ୍ଗଠନର କର୍ତ୍ତୃତ୍ୱ ନାହିଁ।

### ଅନୁବ୍ରତଙ୍କ ୧୭ କୋଟିର ଆକାଉଣ୍ଟ ଅଚଳ

**କୋଲକାତା,୧୭।୮**

କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ବୁଧବାର ଗୋରୁ ଚୋରା ଚାଲାଣ ମାମଲାରେ ଗିରଫ ତୃଣମୂଳ ନେତା ଅନୁବ୍ରତ ମଣ୍ଡଳଙ୍କ ୧୬.୯୭ କୋଟି ଟଙ୍କାର ଫିକ୍ସ ଡିପୋଜିଟ୍ ଅଚଳ କରି ଦେଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅନୁବ୍ରତ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ଏକାଧିକ ଫିକ୍ସ ଡିପୋଜିଟ୍ ରଖାଯାଇଥିବା ସିବିଆଇ କହିଛି। ସହଯୋଗୀମାନଙ୍କ ସହାୟତାରେ ବ୍ୟାଙ୍କରେ ସେ ଟଙ୍କା ଜମା ରଖୁଥିଲେ। ଇଣ୍ଡୋ-ବାଂଲାଦେଶ ସୀମାରେ ଚାଲିଥିବା ଗାଈ ଚୋରା ଚାଲାଣ ମାମଲାରେ ଅନୁବ୍ରତ ଓ ତାଙ୍କ ପରିବାର ଲୋକଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ସିବିଆଇ ବୁଧବାର ଅନୁବ୍ରତଙ୍କ ବୋଲପୁରସ୍ଥିତ ନିଚୁପଡି ବାସଭବନରେ ଝିଅ ସୁକନ୍ୟାଙ୍କୁ ପଚରା ଉଚରା ପାଇଁ ପହଞ୍ଚିଥିଲା। ସିବିଆଇ କାର୍ଯ୍ୟାଳୟରେ ହାଜର ନ ହେବା କାରଣରୁ ଗତ ଗୁରୁବାର ଅନୁବ୍ରତଙ୍କୁ ଗିରଫ କରାଯାଇଛି।

### ଘରୁ ମିଳିଲା ୬ ମୃତଦେହ

**ଜମ୍ମୁ, ୧୭।୮**

ଜମ୍ମୁର ସିଧ୍ରା ଅଞ୍ଚଳରୁ ବୁଧବାର ଗୋଟିଏ ପରିବାରର ୬ ଜଣଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ବିଷକ୍ରିୟା ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତକମାନେ ହେଲେ ନୂର୍ ଉଲ୍ ହବିବ୍, ସାଜାଦ୍ ଅହମଦ୍ ମାଗ୍ରେ, ସକିନା ବେଗମ୍, ଝିଅ ନସିମା ଅଖତର, ରୁବିନା ବାନୋ ଏବଂ ତାଙ୍କ ଭାଇ ଜାଫର ସଲିମ୍। ରୁବିନା ଏବଂ ନସିମାଙ୍କ ମୃତଦେହ ଗୋଟିଏ ଘରୁ ମିଳିଥିବାବେଳେ ଆଉ ଏକ କୋଠରିରୁ ଅନ୍ୟ ୪ ଜଣ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପାଇଁ ଏସ୍‌ଆଇଟି ଗଠନ ହୋଇଛି।

### ବିମାନରେ ମାସ୍କ ବାଧ

**ନୂଆଦିଲ୍ଲୀ,୧୭।୮**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିମାନ ଯାତ୍ରୀଙ୍କ ପାଇଁ କଟକଣା ଲାଗୁ କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗାଇଡ୍ ଲାଇନ୍‌ରେ ବିମାନ ଯାତ୍ରୀଙ୍କ ପାଇଁ ମାସ୍କ ବାଧତାମୂଳକ କରାଯାଇଛି। ଗାଇଡ୍ ଲାଇନ୍‌କୁ ଯାତ୍ରୀମାନେ କଡ଼ାକଡ଼ି ପାଳନ କରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ବିମାନବନ୍ଦର ଏବଂ ଫ୍ଲାଇଟ୍‌ରେ ବସିବାବେଳେ ଯାତ୍ରୀ ମାସ୍କ ପିନ୍ଧିବା ବାଞ୍ଛନୀୟ କରାଯାଇଛି। ବିମାନବନ୍ଦରରେ ସାନିଟାଇଜ୍‌ର ବ୍ୟବସ୍ଥା କରିବା ପାଇଁ ଡିଜିସିଏ କହିଛି।

## ଜଳବାୟୁକୁ ନେଇ ଚାଇନା-ଆମେରିକା ଟୁଇଟର କଳି

**ବେଜିଂ, ୧୭।୮**



ଜଳବାୟୁ ନୀତିକୁ ନେଇ ଶକ୍ତିଶାଳୀ ଆମେରିକା ଓ ଚାଇନା ଟୁଇଟରରେ କଳି ଆରମ୍ଭ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ପାଲଟିଥିବା ସବୁଜଗୃହ ବାଷ୍ପ ନିର୍ଗମନ ପାଇଁ ଉଭୟ ଦେଶ ଦାୟୀ। ତେବେ ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜଳବାୟୁ ନୀତି ଉପରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିବା ଚାଇନା କହିଛି। ବିଲ୍ ଗୃହୀତ ହେବା ପରେ ଆମେରିକା ରାଷ୍ଟ୍ରଦୂତ ଉକ୍ତ ପଲିସିକୁ ଚାଇନା ଅନୁକରଣ କରିବା ଆବଶ୍ୟକ ବୋଲି ଟୁଇଟ୍ କରିଥିଲେ। ତେବେ ଏହି ଟୁଇଟର ଜବାବରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କହିଥିଲେ, ଶୁଣି ଖୁସି ଲାଗିଲା। କିନ୍ତୁ ଏହି ପଲିସି ଦ୍ୱାରା ଆମେରିକା କ'ଣ ଜଳବାୟୁ ପରିବର୍ତ୍ତନ ସଙ୍କଟରୁ ଉଦ୍ଧାର କରିପାରିବ?

## ମସ୍‌ଜିଦ୍‌ରେ ବିସ୍ଫୋରଣ: ୨୦ ନିହତ

**କାବୁଲ,୧୭।୮**

ଆଫଗାନିସ୍ଥାନ କାବୁଲର ଖେର ଖାନା ମସ୍‌ଜିଦ୍‌ରେ ବିସ୍ଫୋରଣରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ତାଲିବାନ୍ ଇଣ୍ଟେଲିଜେନ୍ସ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ବିସ୍ଫୋରଣରେ ୩୫ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ମୃତକଙ୍କ ସଂଖ୍ୟା ବୃଦ୍ଧି ଆଶଙ୍କା କରାଯାଉଛି। ବୁଧବାର ସନ୍ଧ୍ୟାରେ ମସ୍‌ଜିଦ୍ ଭିତରେ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। ଇଣ୍ଟେଲିଜେନ୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିବା ବେଳେ ରେସ୍କ୍ୟୁଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

## ଟୁଇଟ୍ ପାଇଁ ସାଉଦି ମହିଳାଙ୍କୁ ୩୪ ବର୍ଷ ଜେଲ

**ରିୟାଧ, ୧୭।୮**

କେତେକ ଟୁଇଟର ଆକାଉଣ୍ଟକୁ ଫଲୋ କରିବା, ସେଗୁଡ଼ିକର ଟୁଇଟ୍‌କୁ ରିଟୁଇଟ୍ କରିବା ଅଭିଯୋଗରେ ସାଉଦି ଆରବର ଜଣେ ମହିଳାଙ୍କୁ ୩୪ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୩୪ ବର୍ଷୀୟା ସଲ୍‌ମା ଅଲ୍-ଶେହାବ୍ ବ୍ରିଟେନର ଲିଡ୍‌ସ ୟୁନିଭର୍ସିଟିରେ ଜଣେ ପିଏଚ୍.ଡି ଛାତ୍ରୀ। ସେ ଗତ ବର୍ଷ ଛୁଟି କାଟିବାକୁ ଘରକୁ ଆସିଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ପ୍ରଥମେ ସାଉଦିର ଏକ ସ୍ୱତନ୍ତ୍ର ଆତଙ୍କବାଦ ନିରୋଧୀ କୋର୍ଟ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। କିନ୍ତୁ ରାୟର ପୁନର୍ବିଚାର କରି ସୋମବାର କୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୩୪ ବର୍ଷ ପାଇଁ କୌଣସି ସ୍ଥାନକୁ ଯାତ୍ରା ଉପରେ ମଧ କଟକଣା ଲାଗିଛି।



ସଲ୍‌ମା ଅଲ୍-ଶେହାବ୍

ଶୁଣାଣିବେଳେ କୋର୍ଟ କହିଥିଲେ, ସଲ୍‌ମା ଇଣ୍ଟରନେଟ ବ୍ୟବହାର କରି ଦେଶରେ ଅଶାନ୍ତି ସହ ଜାତୀୟ ନିରାପତ୍ତାକୁ ନେଇ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଏପରି କରି ଦେଶ ବିରୋଧୀ ତତ୍ତ୍ୱଙ୍କୁ ସେ ସହଯୋଗ କରୁଛନ୍ତି। ବିଭିନ୍ନ ମାନବାଧିକାର ସଙ୍ଗଠନ ଏହି ରାୟକୁ ନିନ୍ଦା କରିଛନ୍ତି। ତୁରନ୍ତ ସଲ୍‌ମାଙ୍କୁ ମୁକ୍ତ କରିବାକୁ ୟୁରୋପିଆନ୍ ସାଉଦି ଅର୍ଗାନାଇଜେଶନ ଫର୍ ହ୍ୟୁମାନ୍ ରାଇଟ୍ସ ଏବଂ ଏଏଲ୍‌କ୍ୟୁଏସ୍‌ଟି ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଦାବି ହୋଇଛି। ସଲ୍‌ମା ଜଣେ ଶିଆ ମୁସଲମାନ ହୋଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଛି ବୋଲି ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଉପରେ ଆମେରିକୀୟ କମିଶନଙ୍କ ପକ୍ଷରୁ କୁହାଯାଇଛି। ମହିଳାଙ୍କ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଥିବା ଅଭିଭାବକ ବ୍ୟବସ୍ଥା ଉଠାଯିବା ସହ ଗିରଫ ମାନବାଧିକାର କର୍ମୀଙ୍କୁ ମୁକ୍ତ କରିବା ପାଇଁ ସଲ୍‌ମା ଅନେକ ଅଭିଯାନରେ ସାମିଲ ହୋଇ ଦାବି କରିଆସୁଛନ୍ତି।

**ରୁଷିଆ ତେଲକୁ ନେଇ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀଙ୍କ ପ୍ରତିକ୍ରିୟା**

## ୟୁକ୍ରେନୀୟଙ୍କ ରକ୍ତ କିଣୁଛି ଭାରତ

**ନୂଆଦିଲ୍ଲୀ/କିଭ୍, ୧୭।୮**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ଥିବାବେଳେ ମସ୍କୋରୁ ଭାରତ ଅଶୋଧିତ ତୈଳ କିଣିବା ନିଷ୍ପତ୍ତି ଯଥାର୍ଥ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଉଚ୍ଚ ଦରରେ ଏନର୍ଜୀ କ୍ରୟ କରିବା ପାଇଁ ଅଧିକାଂଶ ଭାରତୀୟ ସକ୍ଷମ ନୁହନ୍ତି। ତେଣୁ ଦେଶବାସୀଙ୍କୁ ସର୍ବୋତ୍ତମ ଡିଲ୍ ଦେବା ନୈତିକ କର୍ତ୍ତବ୍ୟ ବୋଲି ବୁଧବାର ଥାଇଲାଣ୍ଡର ବ୍ୟାଙ୍କକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜୟଶଙ୍କର ପ୍ରକାଶ କରିଛନ୍ତି। ଏହାକୁ ନେଇ ୟୁକ୍ରେନ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଆସିଛି। ରୁଷିଆରୁ ତେଲ ଆକାରରେ ଭାରତ ୟୁକ୍ରେନୀୟଙ୍କ ରକ୍ତ କିଣୁଛି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି।



ଏସ୍. ଜୟଶଙ୍କର



ଡିମିଟ୍ରୋ କୁଲେବା

ଥାଇଲାଣ୍ଡରେ ଭାରତୀୟ ସମୁଦାୟଙ୍କୁ ଉଦ୍‌ବୋଧନ ଦେଇ ଜୟଶଙ୍କର କହିଥିଲେ, ଆମେ ଆମର ହିତକୁ ନେଇ ବେଶ୍ ସଙ୍କୋଚ ରହିଛୁ। ଭାରତର ମୁଣ୍ଡପିଛା ଆୟ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା। ପ୍ରତି ଭାରତୀୟ ଉଚ୍ଚ ମୂଲ୍ୟରେ ତୈଳ, ଗ୍ୟାସ୍ ଆଦି କିଣିବା ପାଇଁ ସକ୍ଷମ ନୁହନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ କମ୍ ମୂଲ୍ୟରେ ତୈଳ ଆଦି ଯୋଗାଇଦେବା ନୈତିକ କର୍ତ୍ତବ୍ୟ। ସମ୍ପ୍ରତି ତୈଳ ଏବଂ ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି। ଭାରତର ଅନେକ ତୈଳ ଯୋଗାଣକାରୀ ପାର୍ଟନର ତଥା ଦେଶଗୁଡ଼ିକ ଏବେ ୟୁରୋପମୁହାଁ। ରୁଷିଆରୁ ତୈଳ କ୍ରୟ କମ୍ କରିବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନଜର ପକାଇଛନ୍ତି, ଯେଉଁମାନେ ଭାରତକୁ ତେଲ ଯୋଗାଇପାରିବେ। ତେଣୁ ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଠି ପ୍ରତ୍ୟେକ ଦେଶ ସେମାନଙ୍କ ପାଇଁ ଉପଯୁକ୍ତ ଡିଲ୍ ସୁନିଶ୍ଚିତ କରିବା ପାଇଁ ଲାଗିଛନ୍ତି। ଭାରତ ମଧ ଅନୁରୂପ କାମ କରୁଛି ବୋଲି ଜୟଶଙ୍କର କହିଛନ୍ତି। ଏହା ଉପରେ ୟୁକ୍ରେନ୍ ପ୍ରତିପକ୍ଷ କୁଲେବା କହିଛନ୍ତି, ଭାରତଠାରୁ ଆମେ ଅଧିକ ସମର୍ଥନ ଓ ସହଯୋଗ ଆଶା କରୁ। ୟୁକ୍ରେନ୍ ଭାରତର ଏକ ଭରସାଯୋଗ୍ୟ ସହଯୋଗୀ। କିନ୍ତୁ ନୂଆଦିଲ୍ଲୀ ରୁଷିଆରୁ ତୈଳ କ୍ରୟ କରି ରୁଷିଆର ଯୁଦ୍ଧ ଇଞ୍ଜିନ୍‌କୁ ଇନ୍ଧନ ଯୋଗାଉଛି ବୋଲି କୁଲେବା କହିଛନ୍ତି।

**ମୁଣ୍ଡଳୀରେ ରେକର୍ଡ ଭାଙ୍ଗିଲା ବନ୍ୟାଜଳ ଧାରା**

# ୫ ଜିଲା ପାଇଁ ବିପଦ ଆଶଙ୍କା

**କଟକ ଅଫିସ, ୧୭।୮**

ରାଜ୍ୟରେ ମହାନଦୀ ଅବବାହିକାରେ ଥିବା ୧୦ ଜିଲାରେ ବନ୍ୟାସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ବିଶେଷକରି କଟକ ଜିଲାର ୭ଟି ବ୍ଲକରେ ବନ୍ୟାସ୍ଥିତି ଉଦ୍‌ବେଗଜନକ ରହିଛି। ବନ୍ୟା ମୁକାବିଲା କରିବାରେ ଉଭୟ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦିନରାତି ଏକ କରି ବନ୍ୟା ବିପନ୍ନଙ୍କୁ ଉଦ୍ଧାର ଜାରି ରଖିଛନ୍ତି। ଅନ୍ୟପକ୍ଷରେ ମୁଣ୍ଡଳୀ ବ୍ୟାରେଜର ରେକର୍ଡ ଅନୁସାରେ ମହାନଦୀର ପ୍ରବାହିତ ବନ୍ୟାଜଳ ୫ଟି ଜିଲା (କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା)କୁ ଆଗକୁ ଅଧିକ ବିପଦ ଆଶଙ୍କା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ହେଉ କିମ୍ବା ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟରେ ଅଧିକ ଚେକ୍‌ଡ୍ୟାମ ନିର୍ମାଣ କିମ୍ବା ରାଜ୍ୟରେ ମହାନଦୀ ଜଳ ପରିଚାଳନାରେ ତ୍ରୁଟି ଏଭଳି ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ସମୟକ୍ରମେ ବନ୍ୟା ମୁକାବିଲା ପାଇଁ ବୈଷୟିକ ଜ୍ଞାନ ବୃଦ୍ଧି ପାଇଥିଲେ ହେଁ ପ୍ରାକୃତିକ ବିପର୍ଯ୍ୟୟବେଳେ ସମସ୍ତ ଜ୍ଞାନକୌଶଳ ଫେଲ୍ ମାରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ମିଳିଥିବା ସୂଚନା ଅନୁସାରେ, ଚଳିତ ବର୍ଷ ମୁଣ୍ଡଳୀଠାରେ ସର୍ବାଧିକ ୧୨ ଲକ୍ଷ ୧ ହଜାର ୪୨୬ କ୍ୟୁସେକ୍ ବନ୍ୟାଜଳ ମଙ୍ଗଳବାର ପ୍ରବାହିତ ହୋଇଥିବା ରେକର୍ଡ କରାଯାଇଛି। ଏହାଦ୍ୱାରା ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାରୁ ପ୍ରାୟ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତବର୍ଷର ବନ୍ୟାଜଳ ପ୍ରବାହ ଗତ ୧୦ ବର୍ଷର ରେକର୍ଡ ଭାଙ୍ଗିଥିବାବେଳେ ପୂର୍ବବର୍ଷର ରେକର୍ଡ ଅନୁଯାୟୀ ମହାନଦୀରେ ବନ୍ୟାଜଳ ପ୍ରବାହ ଏବେ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏହାର ପ୍ରତିକାର ଦିଗରେ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ। ମହାନଦୀରେ ବନ୍ୟାଜଳ ପ୍ରବାହ ଧାରା ଏପରି ଜାରି ରହିଲେ ଆଗାମୀ



ଦିନରେ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାକୁ ବଡ଼ ବିପଦ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି କରିଛି। ୨୦୧୫ ସେପ୍ଟେମ୍ବର ୨୩ରେ ମୁଣ୍ଡଳୀଠାରେ ସର୍ବାଧିକ ୪ ଲକ୍ଷ ୯୧ ହଜାର ୮୮୭ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିବାବେଳେ ୨୦୧୬ ଅଗଷ୍ଟ ୯ରେ ସର୍ବାଧିକ ୫ଲକ୍ଷ ୪୮ ହଜାର ୪୧୫ କ୍ୟୁସେକ୍ ଜଳ ପ୍ରବାହିତ ହୋଇଥିଲା। ସେହିପରି ୨୦୧୭ ଜୁଲାଇ ୨୨ରେ ସର୍ବାଧିକ ୨ ଲକ୍ଷ ୯୬ ହଜାର ୧୩୭ କ୍ୟୁସେକ୍ ଜଳ, ୨୦୧୮ ଜୁଲାଇ ୨୩ରେ ସର୍ବାଧିକ ୭ଲକ୍ଷ ୩୦ ହଜାର ୮୭୭ କ୍ୟୁସେକ୍, ୨୦୧୯ ଅଗଷ୍ଟ ୧୫ରେ ସର୍ବାଧିକ ୯ଲକ୍ଷ ୨୫ ହଜାର ୯୪୨ କ୍ୟୁସେକ୍ , ୨୦୨୦ ଅଗଷ୍ଟ ୩୧ରେ ସର୍ବାଧିକ ୧୦ ଲକ୍ଷ ୨୬ ହଜାର ୨୧୮ କ୍ୟୁସେକ ଏବଂ ୨୦୨୧ ସେପ୍ଟେମ୍ବର ୧୬ରେ ୫ଲକ୍ଷ ୮୨ ହଜାର ୮୬୫ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିବା ରେକର୍ଡ କରାଯାଇଛି। ଧୀରେ ଧୀରେ ମୁଣ୍ଡଳୀରେ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଏହାର ଅବବାହିକାରେ ଥିବା ଅଞ୍ଚଳଗୁଡ଼ିକପାଇଁ ବିପଦ ସୃଷ୍ଟି କରୁଛି। ଏନେଇ ମୁଣ୍ଡଳୀ ବ୍ୟାରେଜ ମୁଖ୍ୟଯନ୍ତ୍ରୀ ହେମନ୍ତ ଶତପଥୀଙ୍କ କହିବା ହେଲା, ହୀରାକୁଦ ଡ୍ୟାମ୍‌ର ବୈଷୟିକ ପରିଚାଳନା ଟିମ୍ ମହାନଦୀର ବନ୍ୟାଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ନଦୀରେ କେଉଁ ସମୟରେ କେତେ ଜଳ ପ୍ରବାହ ହେବ ତାହା ସେଠାରେ ନିଷ୍ପତ୍ତି ନିଆଯାଉଛି। ଅନ୍ୟପକ୍ଷରେ ମହାନଦୀର ତଳମୁଣ୍ଡରେ ଅଧିକ ରିଂ ବନ୍ଧ ଏବଂ ବନ୍ଧବାଡ଼ ନିର୍ମାଣ କରିବା ଜରୁରି ହୋଇପଡ଼ିଛି। ୧୯୮୨ରେ ମହାନଦୀରେ ଆବଶ୍ୟକ ବନ୍ଧବାଡ଼ ନ ଥିବାରୁ ୧୫.୯୮ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବା ସହ ବ୍ୟାପକ କ୍ଷୟକ୍ଷତି କରାଇଥିଲା।

## ବନ୍ୟାଜଳରେ ଭାସି ବୃଦ୍ଧ ନିଖୋଜ

ବାଙ୍କୀ,୧୭।୮(ସ୍ୱ.ପ୍ର.): କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଭାଗୀପୁର ପଞ୍ଚାୟତ ଗୟଲବାଙ୍କ ଗାଁର ଜଣେ ବୃଦ୍ଧ ଗାଧୋଇବା ପାଇଁ ମହାନଦୀକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ବୁଧବାର ସକାଳେ ଭାସି ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ଅମର ଦାଶ (୭୦)। ସକାଳେ ସବୁଦିନ ପରି ଅମର ମହାନଦୀର ଦେବୀଦ୍ୱାର ତୁଠକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ତୁଠରେ ଖସି ଯାଇଥିଲା। ଫଳରେ ମହାନଦୀର ପ୍ରଖର ବନ୍ୟା ସ୍ରୋତରେ ସେ ଭାସି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟମାନେ ଏହା ଦେଖୁଥିବା ବେଳେ ବନ୍ୟା ପାଣିରେ ପଶି ତାଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ବୋଟ ମାଧମରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ।

## କଂଗ୍ରେସର ରାଜ୍ୟସ୍ତରୀୟ ବନ୍ୟା ରିଲିଫ୍ କମିଟି ଗଠିତ

ଭୁବନେଶ୍ୱର,୧୭।୮(ବ୍ୟୁରୋ): ରାଜ୍ୟରେ ବନ୍ୟା ପରିସ୍ଥିତି ଉଗ୍ରରୂପ ଧାରଣ କରିଛି। ବହୁ ସ୍ଥାନରେ ନଦୀଗୁଡ଼ିକରେ ଘାଇ ସୃଷ୍ଟି ହେବା ଫଳରେ ଜନସାଧାରଣ, ଗୃହପାଳିତ ପ୍ରାଣୀ ବିପନ୍ନ ଅବସ୍ଥାରେ ରହିଛନ୍ତି। ବହୁ ହଜାର ଏକର ଚାଷଜମି, ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଦୁର୍ଗତ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏକ 'ରାଜ୍ୟସ୍ତରୀୟ ବନ୍ୟା ରିଲିଫ୍ କମିଟି' ଗଠନ କରାଯାଇଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଅଧକ୍ଷ ରହିଥିବାବେଳେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟପ୍ରସାଦ ବେଉରା, ବରିଷ୍ଠ କଂଗ୍ରେସ ନେତା ବିଭୂତି ମିଶ୍ର, ସନତ ଦାସ, ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ ଓ ମନୋଜ ସାହୁ ସଦସ୍ୟ ରହିଛନ୍ତି। କମିଟି ପକ୍ଷରୁ ଜିଲା କଂଗ୍ରେସ ସଭାପତିମାନଙ୍କ ସହିତ ସମନ୍ୱୟ ରକ୍ଷାକରି ରିଲିଫ୍ ସାମଗ୍ରୀର ସୁଚାରୁ ବଣ୍ଟନ ଦାୟିତ୍ୱର ତଦାରଖ କରାଯିବ ବୋଲି ପିସିସି ପକ୍ଷରୁ କୁହାଯାଇଛି।



ବର୍ଷା ଓ ବନ୍ୟା ଯୋଗୁ ପରିବା ଦର ବଢୁଥିବାବେଳେ ବୁଧବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରର ରସୁଲଗଡ଼ ମାର୍କେଟରେ ଗ୍ରାହକଙ୍କ ଭିଡ଼।

**ବନ୍ୟାପ୍ଲାବିତ ଉପକୂଳ**



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ୍ ଯୋଗୀମଠ ନିକଟରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।



ମାର୍ଶାଘାଇ ବ୍ଲକ୍ ମଣିକୁଣ୍ଡାରେ ଥିବା ଜଗନ୍ନାଥ ମନ୍ଦିର ବନ୍ୟାଜଳରେ ବୁଡ଼ିରହିଛି।



ଗରଦପୁର ବ୍ଲକ୍ ବଟିରା ଗ୍ରାମ ନିକଟରେ ପାଇକା ନଦୀ ବନ୍ଧରେ ହୋଇଥିବା ଘଳିଆ ମରାମତି କରାଯାଉଛି।

# ୫ଦିନ ଧରି ଫସିଥିବା ବାପପୁଅ ଉଦ୍ଧାର

**ମହାନଦୀରେ ବନ୍ୟା ଆସିବା ପୂର୍ବରୁ ଅମଙ୍ଗେଇ କୁଦକୁ ଛେଳି ଚରାଇବାକୁ ଯାଇଥିଲେ**

**ଆଠଗଡ,୧୭।୮(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ ବ୍ଲକ କନ୍ଦରପୁର-ମହାନଦୀ ମଝିରେ ଅମଙ୍ଗେଇ କୁଦ ରହିଛି। ସେଠାରେ ୫ ଦିନ ହେଲା ଫସିଥିବା ବାପ ଓ ପୁଅଙ୍କୁ ବୁଧବାର ଓଡ୍ରାଫ୍ ଟିମ୍ ବୋଟରେ ଯାଇ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ, କନ୍ଦରପୁର ଗ୍ରାମର ଧୈର୍ଯ୍ୟଧର ଦଳେଇ ଓ ତାଙ୍କ ପୁଅ ଟିକି ସେଠାରେ ଦୀର୍ଘଦିନ ହେଲା ଗୁହାଳ କରି ୫୦ରୁ ଊର୍ଦ୍ଧ୍ୱ ଛେଳି ପାଳୁଛନ୍ତି। ଗତ ୧୨ ତାରିଖରେ ଗୋଟିଏ ହୁଲି ଡଙ୍ଗାରେ ବାପପୁଅ ଅଳ୍ପ କିଛି ଖାଦ୍ୟ ଓ ପୋଷାକ ନେଇ ଅମଙ୍ଗେଇ କୁଦକୁ ଯାଇଥିଲେ। ଏହି ସମୟ ମଧ୍ୟରେ ମହାନଦୀରେ ବନ୍ୟା ପାଣି ଆସିଯିବାରୁ ହୁଲି ଡଙ୍ଗାରେ ଫେରିବାକୁ ସେମାନେ ସାହସ ଜୁଟାଇ ପାରି ନ ଥିଲେ। ସେଠାରେ ବାପପୁଅ ଘରକୁ



ଉଦ୍ଧାର ବାପା ଧୈର୍ଯ୍ୟଧର ଦଳେଇ, ପୁଅ ଟିକି

ଫେରି ନ ପାରି ୫ ଦିନ ଧରି ଫସି ରହିଥିଲେ। ଇତି ମଧ୍ୟରେ ପାଖରୁ ଖାଦ୍ୟ ସରିଯିବା ସହ ମୋବାଇଲରୁ ଚାର୍ଜ ସରି ଯାଇଥିଲା। ଫଳରେ ନଦୀ ଏ ପାଖକୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ଏ ସମ୍ପର୍କରେ ପରିବାର ଲୋକ ଚିନ୍ତାରେ ପଡିବା ସହ ସେମାନଙ୍କୁ ଉଦ୍ଧାର କରିବାକୁ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଙ୍ଗଳବାର ରାତିରେ ଜଣାଇଥିଲେ। ବାପପୁଅଙ୍କୁ ଉଦ୍ଧାର କରିବାକୁ ମନ୍ତ୍ରୀ ସ୍ୱାଇଁ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ବୁଧବାର ଓଡ୍ରାଫ ଟିମ୍‌ର ସହାୟତା ନିଆଯାଇଥିଲା। ଓଡ୍ରାଫ ଟିମ୍ ପହଞ୍ଚି ଭରା ମହାନଦୀରେ ବୋଟ ସାହାଯ୍ୟରେ ଅମଙ୍ଗେଇ କୁଦକୁ ଯାଇଥିଲେ। ସେଠାରୁ ବାପପୁଅଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେମାନଙ୍କ ସହ କୁଦରେ ଫସି ରହିଥିବା ଗୋଟିଏ କୁକୁରକୁ ମଧ ଉଦ୍ଧାର କରାଯାଇଥିଲା। କୂଳରେ ସେମାନେ ପହଞ୍ଚିବା ପରେ ଉପସ୍ଥିତ ମନ୍ତ୍ରୀ ସ୍ୱାଇଁ ବାପପୁଅଙ୍କୁ ଓଆରଏସ୍ ପିଇବାକୁ ଦେଇଥିଲେ। ସେଠାରେ ଆରକ୍ଷୀ ଉପାଧକ୍ଷ ବିଜୟ କୁମାର ବିଶି ପୋଲିସ ଟିମ୍ ସହ ଉପସ୍ଥିତ ଥିଲେ। ଡାକ୍ତର ସୁବାସ ପାତ୍ର, ଫାର୍ମାସିଷ୍ଟ ଜୟଦେବ ପାତ୍ର ଏବଂ ତାଙ୍କ ଟିମ୍ ବାପପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନେ ସୁସ୍ଥ ଥିବା ଡାକ୍ତର ପାତ୍ର ସୂଚନା ଦେଇଛନ୍ତି। ଓଡ୍ରାଫ ଟିମ୍‌ର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।






# ସରକାର ସଜାଗ ଅଛନ୍ତି: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ବର୍ତ୍ତମାନର ବନ୍ୟା ପରିସ୍ଥିତି ସମ୍ପର୍କରେ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ସମୀକ୍ଷା କରିଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର ଓ ଅନ୍ୟ ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ନଦୀର ଜଳସ୍ତର, ଆଗାମୀ ଲଘୁଚାପ ଓ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା ହେବା ସହ ଘାଇ ଓ ଘଳିଆଗୁଡ଼ିକର ତୁରନ୍ତ ମରାମତି, ବନ୍ୟାପ୍ଲାବିତ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନାନ୍ତରଣ ଓ ରହିବା, ଖାଇବା, ପାନୀୟ ଜଳ ଓ ପରିମଳ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଲେ ଯେ, ବର୍ତ୍ତମାନ ସମୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି ।



ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ।

ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ପଠାଯାଇଛି। ସେଠାରେ ରନ୍ଧାଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଜିଲାପାଳମାନେ ଆବଶ୍ୟକସ୍ଥଳେ ସ୍କୁଲ, କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୂଲ୍ୟବାନ ଉକ୍ତି 'ପ୍ରତିଟି ଜୀବନ ମୂଲ୍ୟବାନ'କୁ ଆଧାର କରି କାର୍ଯ୍ୟ କରାଯାଉଛି। ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଘାଇ ଓ ଘଳିଆଗୁଡିକୁ ତୁରନ୍ତ ମରାମତି କରାଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ଔଷଧ ମହଜୁଦ ରଖିବା ସହ ଗୋଖାଦ୍ୟ ବଣ୍ଟନର ମଧ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର କହିଛନ୍ତି, କୁଶଭଦ୍ରାରେ ଖଣ୍ଡିଆକୁଦ ଓ ମହାନଦୀ ତେରମାଣପୁରଠାରେ ଘେରିବନ୍ଧରେ ଘାଇ ହୋଇଛି । ଏଠାରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ସହଯୋଗରେ ଘାଇ ମରାମତି ହୋଇଛି। ମୁଣ୍ଡଳିଠାରେ ସକାଳ ୬ଟା ପରଠାରୁ ଜଳସ୍ତର ହ୍ରାସ ପାଇଛି। ହୀରାକୁଦରେ ଏବେ ୪୦ଟି ଗେଟ୍ ଖୋଲା ରହିଛି। ୧୮ରୁ ୨୦ ତାରିଖରେ ହେବାକୁ ଥିବା ଲଘୁଚାପରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ଅନୁମାନ କରୁଛି। ଏହି ବର୍ଷାକୁ ଆଖିରେ ରଖି ହୀରାକୁଦର ଗେଟ୍ ପରିଚାଳନା କରାଯିବ। ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିସ୍ନେକ ଭେନମ ରଖିବାର ବ୍ୟବସ୍ଥା କରିଛି। ଏହା ସହ ଅନ୍ୟାନ୍ୟ ଆବଶ୍ୟକ ଔଷଧ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୪ଟି ଭ୍ରାମ୍ୟମାଣ ଆରଓ ୱାଟର ପ୍ଲାଣ୍ଟକୁ ବନ୍ୟା ପ୍ଳାବିତ ଅଞ୍ଚଳକୁ ପଠାଯାଇଛି। ସେହିପରି ଆବଶ୍ୟକ ସ୍ଥାନରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଫାୟାର ସର୍ଭିସର ଟିମ୍‌ଗୁଡିକୁ ମୁତୟନ କରାଯାଇଛି ।

## ବର୍ଷା, ବନ୍ୟାରେ ୪.୯୧ ଲକ୍ଷ ଲୋକ ପ୍ରଭାବିତ

**■ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କୁ ଜଗତ୍‌ସିଂହପୁର, ଜି.ରେଘୁଙ୍କୁ କେନ୍ଦ୍ରାପଡ଼ା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ**

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ଚଳିତ ବନ୍ୟା ଓ ଲଘୁଚାପଜନିତ ବର୍ଷାରେ ରାଜ୍ୟର ୧୮ ଜିଲାର ୧୦୭ ବ୍ଲକର ୨୧୧୦ ଗ୍ରାମ ପ୍ରଭାବିତ ହୋଇଛି। ୧୮ ପୌରାଞ୍ଚଳର ୭୮ଟି ୱାର୍ଡରେ ବନ୍ୟାପାଣି ପଶିଥିବାବେଳେ ୪ ଲକ୍ଷ ୯୧ ହଜାର ୧୪୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାପାଣି ଘେରରେ ୪୨୫ ଗ୍ରାମର ୫୮,୫୪୬ ଜଣ ରହିଥିବା ବେଳେ ୨୪୫୮ ଘର ନଷ୍ଟ ଓ ୩୪୭୬୧.୬୪ ହେକ୍ଟର ଜମି ବନ୍ୟାପାଣିରେ ବୁଡି ରହିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ଆରସି କହିଛନ୍ତି ଯେ, ବନ୍ୟା ସ୍ଥିତି ସମୀକ୍ଷା ପାଇଁ ୨ ବରିଷ୍ଠ ଆଇଏଏସ ଅଫିସର ସତ୍ୟବ୍ରତ ସାହୁଙ୍କୁ ଜଗତ୍‌ସିଂହପୁର ଏବଂ ଜି. ରେଘୁଙ୍କୁ କେନ୍ଦ୍ରାପଡ଼ା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ଆରସି କହିଛନ୍ତି।



**ଆଜିର ମନ୍ତବ୍ୟ**

"ବିଶ୍ୱରେ ବ୍ୟବହୃତ ମୋଟ ଭାକ୍ସିନର ପ୍ରାୟ ୬୦% ଭାରତରେ ଉତ୍ପାଦିତ। ବୈଶ୍ୱିକ ଟିକାକରଣ କ୍ଷେତ୍ରରେ ଭାରତର ଅବଦାନ ଉଲ୍ଲେଖନୀୟ। **-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: .............................



ବୈଷ୍ଣବୀ
ପରିବାରବର୍ଗ



ସୋନାଲିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଯା, ଗୟା ଯା**
**କର୍ମ ଘେନି ବୁଲୁ ଥା।**

କର୍ମ ହିଁ ସବୁ। କର୍ମ ବିନା ଜୀବନ ତୁଚ୍ଛ ଓ ଅସାର। ବିନା କର୍ମରେ ଭଗବାନ ଆରାଧନାର କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗାଈ ନ ବୋବାଏ ଖାଉନ୍ଦ ଚିହ୍ନି**
**ଖାଉନ୍ଦ ଧାଇଁଛି ଛନ୍ଦଣି ଘେନି।**

ଯେଉଁଠି ଆନ୍ତରିକତା ନ ଥାଏ ସେଠି ସମ୍ପର୍କ ଯୋଡିବାରେ କିଛି ମୂଲ୍ୟ ମିଳି ନ ଥାଏ। ବଳେ ପଶିବା କଥା। ଗାଈ ନିଜ ମାଲିକକୁ ଚିହ୍ନି ପାରୁ ନ ଥିବା ସ୍ଥଳେ ଦୁହିଁବାକୁ ତା' ପଛେ ପଛେ ଧାଇଁବାର ମାନେ କିଛି ରହି ନ ଥାଏ। ଯେଉଁଠି ଆତ୍ମୀୟତା ନାହିଁ, ନିଜର ବୋଲି ଭାବ ନାହିଁ କି ପାଖରେ ପୂରଉନାହିଁ, ସେଠି ନିଜର ପରିଚୟ ସୃଷ୍ଟି କରିବା ମୂର୍ଖାମିର ପରିଚୟ ହୋଇଥାଏ। ବିନା ଅଭ୍ୟର୍ଥନାରେ ବା ଆଦରରେ ଅନ୍ୟର ପ୍ରାର୍ଥୀ ନ ହେବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦିଲ୍ଲୀ ପୋଲିସରେ ହାଜର ହେବେ ବର୍ଷା

**କଟକ ଅଫିସ, ୧୭।୮**

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ କର୍ମଚାରୀ ସୁଜିତ ଦଳେଇଙ୍କ ପ୍ରତି ଜାତିଆଣ ଆକ୍ଷେପ ମାମଲାରେ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଦିଲ୍ଲୀ ପୋଲିସ ନିକଟରେ ହାଜର ହେବେ। ଆସନ୍ତା ୧୫ ଦିନ ମଧ୍ୟରେ ବର୍ଷା ହାଜର ହୋଇ ନିଜର ଉତ୍ତର ରଖିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷାଙ୍କ ଅନ୍ତରୀଣ ସୁରକ୍ଷା ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏମ୍‌ପି ଅନୁଭବଙ୍କ କର୍ମଚାରୀ ସୁଜିତଙ୍କ ପ୍ରତି ବର୍ଷା ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ



ବର୍ଷା ପ୍ରିୟଦର୍ଶିନୀ

ଦିଲ୍ଲୀ ପୋଲିସ ଗତ ଜୁଲାଇ ୨୨ରେ ଏସ୍‌ସି-ଏସ୍‌ଟି ଆକ୍ଟରେ ମାମଲା ରୁଜୁ କରିଥିଲା। ଦିଲ୍ଲୀ ପୋଲିସ ଓଡ଼ିଶା ଆସି ପୁରୀଘାଟ ଥାନା ପୋଲିସ ଜରିଆରେ ବର୍ଷାଙ୍କ ନିକଟରେ ପହଞ୍ଚିବାର ପ୍ରୟାସ କରିଥିଲେ ବି ସଫଳ ହୋଇ ନ ଥିଲା। ଫଳରେ ଦିଲ୍ଲୀ ପୋଲିସ ବର୍ଷାଙ୍କ ଉଦ୍ଦେଶ୍ୟରେ ପୁରୀଘାଟ ଥାନାରେ ନୋଟିସ ଦେଇ ଫେରି ଯାଇଥିଲା। ପୁରୀଘାଟ ଥାନା ପକ୍ଷରୁ ଦିଲ୍ଲୀରେ ହାଜର ହେବାକୁ ବର୍ଷାଙ୍କୁ ନୋଟିସ ଜାରି କରାଯାଇଥିଲା। ଦିଲ୍ଲୀ ପୋଲିସ ଫେରିଯିବା ପରେ ବର୍ଷା ନିଜ ବଡ଼ ଭଉଣୀଙ୍କ ସହ ପୁରୀଘାଟ ଥାନାକୁ ଆସି ଉକ୍ତ ନୋଟିସକୁ ଗ୍ରହଣ କରିଥିଲେ। ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ଭୟରେ ହାଇକୋର୍ଟରୁ ଜାମିନ ପାଇବା ନିମନ୍ତେ ବର୍ଷା ନିଜ ମା'ଙ୍କ ବୟସାଧିକ୍ୟକୁ କାରଣ ଦର୍ଶାଇ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୪୦୦ ଡିଏଲ୍ ରଦ୍ଦ, ୭୭ ଗାଡ଼ି ଜବତ

**କଟକ ଅଫିସ,୧୭।୮**

ରାଜ୍ୟ ରାଜପଥରେ ଅଗଷ୍ଟ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁଇଚକିଆ ଗାଡ଼ିରେ ହେଲ୍‌ମେଟ୍ ଯାଞ୍ଚର ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ପ୍ରଥମ ଦିନରେ ୨୦୭୩ଟି ଚାଲାଣ କଟାଯାଇଥିବାବେଳେ ୪୦୦ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ରଦ୍ଦ ଓ ବିନା ଲାଇସେନ୍ସରେ ଚଳାଉଥିବା ୭୭ଟି ଗାଡ଼ିକୁ ଜବତ କରାଯାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ବିଭିନ୍ନ ସ୍ଥାନରେ ଏହି ଯାଞ୍ଚ କରାଯାଇ ମୋଟ୍ ୪,୩୦,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ପରିବହନ ଓ ସଡ଼କ ସୁରକ୍ଷାର ଯୁଗ୍ମ ଆୟୁକ୍ତ ସଞ୍ଜୟ ବିଶ୍ୱାଳ କହିଛନ୍ତି, ଗାଡି ଚାଳକଙ୍କ ମଧ୍ୟରେ ସଚେତନତା ଓ ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଏହି ଡ୍ରାଇଭର ମୁଖ୍ୟ ଲକ୍ଷ୍ୟ। ବିଶେଷକରି ରାଜପଥରେ ଦୁଇଚକିଆ ଗାଡ଼ି ବେଶି ମାତ୍ରାରେ ଦୁର୍ଘଟଣାଗ୍ରସ୍ତ ହେଉଛି। ବାରମ୍ବାର ଏଭଳି ଯାଞ୍ଚ ଫଳରେ ସ୍ଥିତିରେ ନିଶ୍ଚିତ ଭାବେ ସୁଧାର ଆସିପାରିବ। ନିରାପତ୍ତା ଦୃଷ୍ଟିରୁ ଦୁଇଚକିଆ ଗାଡି ଚାଳକ ଓ ଆରୋହୀଙ୍କୁ ଟ୍ରାଫିକ୍ ନିୟମ ମାନିବା ସହ ହେଲ୍‌ମେଟ୍ ପିନ୍ଧିବାକୁ ବିଶ୍ୱାଳ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ରେ ବିଭିନ୍ନ ସଡ଼କ ଦୁର୍ଘଟଣାରେ ୮୬୮ ଜଣ ଚାଳକ ଓ ୪୪୦ ଜଣ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ହେଲ୍‌ମେଟ୍ ପିନ୍ଧି ନ ଥିବା କାରଣରୁ ମୃତ୍ୟୁ ଘଟିଥିବା ଜଣାପଡିଛି। ସେହିପରି ୧୨୮୦ ଜଣ ଗୁରୁତର ଓ ୭୪୭ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।

**ପ୍ରଥମ ପୃଷ୍ଠାରୁ...**

## ରୋହିଙ୍ଗ୍ୟାଙ୍କୁ ଫ୍ଲାଟ୍, ...

ସଂଶୋଧନ ଆଇନ (ସିଏଏ)କୁ ଭାରତର ଶରଣାର୍ଥୀ ନୀତି ସହ ଯୋଡ଼ି ଗୁଜବ ବିସ୍ତାରକୁ ପେସା କରିଥିବା ଲୋକେ ନିରାଶ ହେବେ। ଭାରତ ଜାତିସଂଘର ଶରଣାର୍ଥୀ ସନ୍ଧି ୧୯୫୧କୁ ସମ୍ମାନ ଦିଏ ଓ ଅନୁସରଣ କରିଥାଏ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆଶ୍ରୟ ଦେଇଥାଏ ବୋଲି ଅନ୍ୟ ଏକ ଟୁଇଟ୍‌ରେ ପୁରୀ ଉଲ୍ଲେଖ କରିଥିଲେ। ଭାରତରେ ରୋହିଙ୍ଗ୍ୟା ପ୍ରସଙ୍ଗ ଧ୍ରୁବୀକରଣର ଏକ ଅସ୍ତ୍ର ପାଲଟିଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ଉଭୟ ଭାଜପା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ସୋସିଆଲ ମିଡିଆରେ ମଧ୍ୟ ୟୁଜର୍ସ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ନାନା ସମାଲୋଚନା କରିଛନ୍ତି। ଟୁଇଟ୍ ବିବାଦୀୟ ହେବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୁହାଯାଇଛି, ରୋହିଙ୍ଗ୍ୟାଙ୍କ ଉପରେ କୌଣସି ଘୋଷଣା କରାଯାଇ ନାହିଁ। କୌଣସି ଅବୈଧ ଶରଣାର୍ଥୀଙ୍କୁ ଫ୍ଲାଟ୍ ପ୍ରଦାନ ନେଇ ନିର୍ଦ୍ଦେଶ ଦିଆଯାଇ ନାହିଁ। ଆଇନାନୁସାରେ ଅବୈଧ ଶରଣାର୍ଥୀଙ୍କୁ ପ୍ରତ୍ୟର୍ପଣ ପର୍ଯ୍ୟନ୍ତ ଡେଷ୍ଟିନେଶନ୍ ସେଣ୍ଟରରେ ରଖାଯିବ। ଦିଲ୍ଲୀ ସରକାର ସେମାନଙ୍କ ବର୍ତ୍ତମାନର ଅବସ୍ଥିତିକୁ ହିଁ ଡେଷ୍ଟିନେଶନ ସେଣ୍ଟର ଘୋଷଣା କରନ୍ତୁ। ରୋହିଙ୍ଗ୍ୟାମାନେ ଏବେ ଯେଉଁଠି ଅଛନ୍ତି, ସେଠାରୁ ଯେପରି ଅନ୍ୟତ୍ର ସ୍ଥାନାନ୍ତର ନ ହେବେ ତାହା ଦିଲ୍ଲୀ ସରକାର ସୁନିଶ୍ଚିତ କରିବେ। ପ୍ରକାଶ ଯେ, ଦିଲ୍ଲୀର ଅରବିନ୍ଦ କେଜ୍‌ରିୱାଲ ସରକାର ରୋହିଙ୍ଗ୍ୟାମାନଙ୍କୁ ଅନ୍ୟତ୍ର ଶିଫ୍ଟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରୋହିଙ୍ଗ୍ୟାଙ୍କୁ ପ୍ରତ୍ୟର୍ପଣ ପାଇଁ ମ୍ୟାନ୍‌ମାର ସହ ଆଲୋଚନା କରୁଛି। ସେମାନଙ୍କ ପ୍ରତ୍ୟର୍ପଣ ଶେଷ ହେବା ପର୍ଯ୍ୟନ୍ତ ରୋହିଙ୍ଗ୍ୟାଙ୍କୁ ଯଥାସ୍ଥାନରେ ରହିବାକୁ ଦିଆଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିବୃତିରେ ଉଲ୍ଲେଖ କରାଯାଇଛି। ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ରୋହିଙ୍ଗ୍ୟାମାନଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବାକୁ ଉଦ୍ୟମ କରିଥିଲେ। ଏପରି କି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ରୋହିଙ୍ଗ୍ୟାମାନଙ୍କୁ ବେଆଇନ ଅନୁପ୍ରବେଶକାରୀ କହି ଦେଶରୁ ଘଉଡ଼ାଇବା ପାଇଁ ଅଣ୍ଟା ଭିଡ଼ିଥିଲେ। ବାଂଲାଦେଶ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ରୋହିଙ୍ଗ୍ୟାଙ୍କୁ ଆଶ୍ରୟ ଦେଇଥିବାବେଳେ ଭାରତରେ ୧୭,୦୦୦ ରୋହିଙ୍ଗ୍ୟା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦୦ କେବଳ ଦିଲ୍ଲୀରେ ରହୁଛନ୍ତି। ଚଳିତ ବର୍ଷ ପ୍ରାୟ ୨,୦୦୦ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶକୁ ଫେରାଇ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ପୁରୀଙ୍କ ମନ୍ତବ୍ୟ ପରେ ଅବଶିଷ୍ଟ ରୋହିଙ୍ଗ୍ୟାଙ୍କୁ ତୁରନ୍ତ ପ୍ରତ୍ୟର୍ପଣ ପାଇଁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଦାବି କରିଛି। ଅନ୍ୟପକ୍ଷେ ବାରମ୍ବାର ଟାର୍ଗେଟ କିଲିଂର ଶିକାର ହେଉଥିବା କଶ୍ମୀରୀ ପଣ୍ଡିତମାନେ ପୋଲିସ ସୁରକ୍ଷା ଦାବିରେ ଜମ୍ମୁର ବିକ୍ରମ ଛକରେ ବିକ୍ଷୋଭ କରିଛନ୍ତି। ଯଦି ରୋହିଙ୍ଗ୍ୟାମାନଙ୍କୁ ପୋଲିସ ସୁରକ୍ଷା ମିଳିବ ତେବେ ଆମକୁ କାହିଁକି ଦିଆଯିବ ନାହିଁ ବୋଲି ଜଣେ ପଣ୍ଡିତ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ ଟ୍ରାଫିକ୍ ଜାମ୍ ହୋଇ ନାହିଁ ନ ଥିବା ଅସୁବିଧା ଦେଖାଦେଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ବିଜ୍ଞାନ, ବାଣିଜ୍ୟରେ ...

ଥିବାବେଳେ ଏସ୍‌ସି ୩୮,୮୪୭ ଓ ଏସ୍‌ଟିରେ ୩୮,୬୨୩ଜଣ ରହିଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ଅନ୍ୟ ୪ ବର୍ଗରୁ ରହିଛନ୍ତି। ୨,୦୩,୮୪୫ଜଣ ଛାତ୍ରୀ ଓ ୨,୦୦,୫୨୩ଜଣ ଛାତ୍ର ଏବଂ ୩୨ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ତେବେ କଳାରେ ୨,୭୭,୨୧୮ଜଣ ଆବେଦନ କରିଥିବାବେଳେ ୨,୪୯,୭୧୩ ଜଣ ଇଣ୍ଟିମେଶନ ପାଇଛନ୍ତି। ବିଜ୍ଞାନରେ ୧,୬୧,୫୮୦ଜଣ ଆବେଦନ କରିଥିବାବେଳେ ୧,୧୭,୬୫୩ ଜଣ ଇଣ୍ଟିମେସନ ପାଇଛନ୍ତି। ବାଣିଜ୍ୟରେ ୪୫,୩୩୨ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୨୫,୦୦୫ଜଣ ଇଣ୍ଟିମେଶନ ପାଇଛନ୍ତି। ସେହିଭଳି ସଂସ୍କୃତରେ ୧୩,୨୬୮ ଓ ଧନ୍ଦାମୂଳକରେ ୧୦,୨୩୨ ଜଣଙ୍କୁ ଇଣ୍ଟିମେଶନ ମିଳିଛି। ଆସନ୍ତା ୧୯ ତାରିଖରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୫ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନାମଲେଖାଇ ପାରିବେ। ତେବେ ବନ୍ୟା ସ୍ଥିତିକୁ ଦେଖି ନାମଲେଖା ଅବଧି ବଢ଼ିପାରେ। ଏଥିପାଇଁ ସରକାରଙ୍କ ଅନୁମତି ଲୋଡ଼ାଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ସେପ୍ଟେମ୍ବର ୫ ରୁ ୭ ତାରିଖ ମଧ୍ୟରେ ନାମଲେଖା ହେବ। ୧୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ।

## ନିଦ ହଜାଇଛି ...

୨ଟି ଘାଇ ହୋଇଥିବାବେଳେ ବୁଧବାର ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ କୁଜଙ୍ଗ ବ୍ଲକରେ ଆଉ ୨ଟି ଘାଇ ସୃଷ୍ଟି ହୋଇଛି। ସେଥିମଧ୍ୟରେ ମହାନଦୀର ରାହାମା ନିକଟ ତେରମାଣପୁର ଘେରିବନ୍ଧରେ ଏବଂ ପାଇକା ନଦୀର କାଠକୋଟ ଗାଁ ନିକଟରେ ଘାଇ ସୃଷ୍ଟି ହୋଇଥିବାବେଳେ ପାଇକା ନଦୀର କାଠକୋଟ ଗାଁ ନିକଟରେ ମଧ୍ୟ ପ୍ରାୟ ୩୦ ଫୁଟର ଘାଇ ହୋଇଛି। ଏଥିଯୋଗୁ ୧୨ଟି ପଞ୍ଚାୟତରେ ବନ୍ୟାପାଣି ପ୍ରବେଶ କରିଛି। ତିର୍ତ୍ତୋଲ ବ୍ଲକର ୯ ଓ କୁଜଙ୍ଗ ବ୍ଲକର ୩ ପଞ୍ଚାୟତ ଜଳମଗ୍ନ ହୋଇଥିବା ସୂଚନା ମିଳିଛି।

### କୁଶଭଦ୍ରାରେ ଘାଇ

ବନ୍ୟା ଯୋଗୁ ପୁରୀ ଜିଲାର ନିମାପଡ଼ା, ଗୋପ, ଡେଲାଙ୍ଗ, ପିପିଲି ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଗୋପ ବେଦପୁର ପଞ୍ଚାୟତ ଖଣ୍ଡିଆକୁଦଠାରେ କୁଶଭଦ୍ରା ନଦୀରେ ୨୫ ଫୁଟର ଘାଇ ହୋଇଛି। ଫଳରେ ସ୍ଥାନୀୟ ଗଣେଶ୍ୱରପୁର, ନାଗପୁର, ବେଦପୁର, ଅଣ୍ଡରା, ରାହାଁଗୋରଡ଼ା, ଉଭାର ନୂଆଖୋଲମରା ପଞ୍ଚାୟତର ଶତାଧିକ ଗାଁ ପ୍ରଭାବିତ ହୋଇଛି। ଜିଲାପାଳଙ୍କ ସମେତ ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ନିମାପଡ଼ା-ଭୁବନେଶ୍ୱର ରାସ୍ତାରେ ୨ ଫୁଟର ପାଣି

ଧନୁଆ ନଦୀ ବନ୍ୟା ଜଳ ନିମାପଡ଼ା-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଗରପଦାଠାରେ ଦୁଇ ଫୁଟ ଉଚ୍ଚରେ ଚାଲୁଛି। ନିମାପଡ଼ା-ବଳଙ୍ଗା ରାସ୍ତାର ଧନୁଆ ଛକ ମୁଖ୍ୟରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଉଭୟ ପଟୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

### ରାଜୁଆ ନଦୀରେ ଘାଇ

ପିପିଲି ଅନ୍ତର୍ଗତ ରାଜୁଆ ନଦୀର ଗଡ଼ସାନପୁରୁର ପଞ୍ଚାୟତର ଲୋକାପାଳ, ହଳଦିଆପଡ଼ା ଓ ତିରୁମଲ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଛି। ସେହିପରି ଡେଲାଙ୍ଗ ଏବଂ କଣାସ ବ୍ଲକର ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। କଣାସ ବ୍ଲକର ମକରା ଏବଂ ରାଜୁଆ ନଦୀର ଦୁଇଟି ସ୍ଥାନରେ ଘାଇ ହେବା ଫଳରେ ଲୋକମାନେ ଜଳବନ୍ଦୀ ହୋଇ ରହିଛନ୍ତି। ସେପଟେ ପିପିଲିରେ ମାଧିପୁର ଏବଂ କଣ୍ଟି ଯୋର ବନ୍ୟାଜଳ ଯୋଗୁ ଭାରତୀପୁର ପଞ୍ଚାୟତର ଜମ୍ବିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ରାସ୍ତା ଉପରେ ୩ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି।

### ୨୪ ଘଣ୍ଟାରେ ମହାନଦୀର ଜଳସ୍ତର ଖସିବ

ବୁଧବାର ବନ୍ୟା ସ୍ଥିତି ସମୀକ୍ଷା କରିବା ପରେ ଏସ୍‌ଆର୍‌ସି ପ୍ରଦୀପ ଜେନା କହିଛନ୍ତି, ୪ଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ଯେଉଁ ସ୍ଥାନରେ ଘାଇ କଥା କୁହାଯାଉଛି, ତାହା ଘାଇ ନୁହେଁ, ବ୍ୟାକ୍ ୱାଟର। ବୁଧବାର ସ୍ଥିତିକୁ ଦୃଷ୍ଟିରେ ରଖି କଟକରେ ୫୫୦ ସ୍କୁଲ ପିଲାଙ୍କ ସମେତ ୭୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ଆଠଗଡ଼ରେ ଛେଳି ଚରାଇବାକୁ ଯାଇ ନଦୀ ମଝିରେ ଫସିଯାଇଥିବା ବାପ-ପୁଅଙ୍କୁ ଉଦ୍ଧାର କରାଯାଇଛି। ୨୦୧୧ ପରେ ଛଡ଼ାଯାଇଥିବା ବନ୍ୟା ପାଣିଠାରୁ ଚଳିତ ବର୍ଷ ଅଧିକ ପାଣି ନଦୀଗୁଡିକରେ ଛଡ଼ାଯାଇଛି। ୨୦୧୧ ପରେ ମହାନଦୀରେ ସର୍ବାଧିକ ୯ ଲକ୍ଷ କ୍ୟୁସେକ୍ ପାଣି ଛଡ଼ା ଯାଇଥିବାବେଳେ ଚଳିତବର୍ଷ ୧୨ ଲକ୍ଷ କ୍ୟୁସେକ୍ ପାଣି ଛଡ଼ାଯାଇଛି। ପାଣି ଅଧିକ ଛଡ଼ା ଯାଉଥିବାରୁ ଘଳିଆ ଉପରେ ସତର୍କ ନଜର ରଖି ଆବଶ୍ୟକ ମରାମତି କରିବାକୁ ଜଳସମ୍ପଦ ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ମୁଣ୍ଡଳିରେ ବୁଧବାର ସକାଳ ପର୍ଯ୍ୟନ୍ତ ୧୨ ଲକ୍ଷ କ୍ୟୁସେକରୁ ଅଧିକ ପାଣି ଛଡ଼ା ଯାଇଥିଲା। ଗୁରୁବାର ସକାଳ ସୁଦ୍ଧା ଏହି ପାଣି ଖଲାସ ହୋଇଯିବା ସମ୍ଭାବନା ରହିଛି। ଏହି ପାଣି ଯିବା ପାଇଁ ୯ ଘଣ୍ଟା ସ୍ଥାନରେ ୧୨ ଘଣ୍ଟା ସମୟ ନେଉଛି। ପୂର୍ବାହ୍ନ ୧୦ଟା ପରେ ମୁଣ୍ଡଳିଠାରେ ବନ୍ୟା ପାଣି ସ୍ତର ୧୭ ହଜାର କ୍ୟୁସେକ୍ କମିଛି। ଏହା ୨୫ ହଜାର କ୍ୟୁସେକ୍‌କୁ ଖସିଯିବ। ଏବେ ହୀରାକୁଦରୁ ୬ ଲକ୍ଷ ୭୯ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ତେଲ ନଦୀର ପାଣି ୨ ଲକ୍ଷ କ୍ୟୁସେକ୍ ତଳକୁ ଖସି ଆସିବ ବୋଲି ଆଶା ଥିଲା। ହେଲେ ଏହା ହେଲା ନାହିଁ। ଏହା ବର୍ତ୍ତମାନ ୧.୮୫ କ୍ୟୁସେକକୁ ଖସି ଆସିଛି। ତେବେ ଖଇରାମାଳ ଦେଇ ବନ୍ୟାର ମୁଖ୍ୟ ସ୍ରୋତ ପାଣି ବହି ଯାଇଛି। ଆଗକୁ ମହାନଦୀର ପାଣି କମିବ। ୨୪ ଘଣ୍ଟା ପରେ କଟକ ମୁଣ୍ଡଳିଠାରେ ମଧ୍ୟ ପାଣି ଖସିବ ବୋଲି ଏସ୍‌ଆରସି କହିଛନ୍ତି।

### ହୀରାକୁଦ ଡ୍ୟାମ୍: ଜଳସ୍ତର ୬୨୫.୯୫ ଫୁଟ୍

ସମ୍ବଲପୁର,୧୭।୮ (ବ୍ୟୁରୋ)- ହୀରାକୁଦ ଜଳଭଣ୍ଡାର ଜଳସ୍ତର ବୁଧବାର ରାତ୍ର ୯ଟା ସୁଦ୍ଧା ୬୨୫.୯୫ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ଲକ୍ଷ ୩୬ ହଜାର ୭୬୧ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୪୦ ସ୍ଲୁଇସ୍ ଗେଟ୍, ପାୱାର ଚାନେଲ, ଚାଷ, ଶିଳ୍ପ ଆଦି କ୍ଷେତ୍ରକୁ ୬ଲକ୍ଷ ୭୬ହଜାର ୫୨୮ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ତଳମୁଣ୍ଡ ବେଲଗାଁରେ ୩୯ ହଜାର ୪ଶହ କ୍ୟୁସେକ, ପର୍ଥଲାରେ ୧ଲକ୍ଷ ୩୦ହଜାର ୩୯୭, ଖଇରମାଳରେ ୯ଲକ୍ଷ ୩୦ ହଜାର, ବରମୁଳାରେ ୯ଲକ୍ଷ ୨୭ହଜାର, ମୁଣ୍ଡଳୀରେ ୧୦ଲକ୍ଷ ୪୧ହଜାର ୯୧୧ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ପୁରୀ ଜିଲାରେ ୨ଦିନ ସ୍କୁଲ ଛୁଟି

ପୁରୀ ଅଫିସ,୧୭।୮: ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲାରେ ୨ଦିନ ପାଇଁ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ୧୭ ଓ ୧୮ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ବିଜ୍ଞପ୍ତି ସମ୍ପର୍କରେ ସୂଚନା ପାଇବାରେ ବିଳମ୍ବ ଯୋଗୁ ବୁଧବାର କେତେକ ବିଦ୍ୟାଳୟ ଖୋଲା ରହିଥିଲା। ଜିଲା ଶିକ୍ଷାଧିକାରୀ ଛୁଟି ସମ୍ପର୍କରେ ଜଣାଇବା ପରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଜିଲା ପ୍ରଶାସନର ଏଭଳି ବ୍ୟବସ୍ଥାକୁ ଅଭିଭାବକ ଓ ଶିକ୍ଷାବିତ୍ ନାପସନ୍ଦ କରିଛନ୍ତି। ଆଗୁଆ କାହିଁକି ଛୁଟି ସମ୍ପର୍କରେ ସୂଚନା ଦିଆଗଲା ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ସମ୍ପର୍କରେ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଡିଓ, ତହସିଲଦାର, ଜିଲା ପରିଷଦ ସଭାପତି ଏବଂ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

## ଜଳବନ୍ଦୀଙ୍କୁ ସାପ ...

ଗାଁ, ଗହୀର ବା ସହର ତଳି ଅଞ୍ଚଳରେ ପାଣି ପଶିବା ଦ୍ୱାରା ସାପମାନେ ଜୀବନ ବଞ୍ଚାଇବା ପାଇଁ ଜନବସତି ଆଡ଼କୁ ଉଠିଆସନ୍ତି। ଫଳରେ ସେଠାରେ ସାପମାନଙ୍କର ପ୍ରାଦୁର୍ଭାବ ମଧ୍ୟ ବଢ଼ି ଯାଇଥାଏ। ଏପଟେ ରାସ୍ତାରେ ବନ୍ୟା ପାଣି ଚାଲିବା, ଘାଇ ବା ଅନ୍ୟ କୌଣସି କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। କାହାକୁ ସାପ କାମୁଡ଼ିଲେ, ତୁରନ୍ତ ହସ୍ପିଟାଲ ନେବା ସମ୍ଭବ ହୋଇ ନ ଥାଏ। ଫଳରେ ରୋଗୀର ମୃତ୍ୟୁ ହେବା ଆଶଙ୍କା ଅଧିକ ରୁହେ। ଅନ୍ୟ ଏକ ଗୁରୁତର ସମସ୍ୟା ହେଲା, ସାପ କାମୁଡାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ କ୍ଷତିପୂରଣ ଦିଆଯାଇଥାଏ। ମାତ୍ର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ୨୦୧୫ ଜୁନ ୧ରେ ଜାରି ନିର୍ଦ୍ଦେଶନାମା ଅନୁସାରେ, ମାତ୍ର ବନ୍ୟାପ୍ଲାବିତ ଅଞ୍ଚଳ ବା ବନ୍ୟାବେଳେ ସାପ କାମୁଡାରେ ମୃତ୍ୟୁ ଘଟିଲେ ଏହି ସହାୟତା ମିଳି ନ ଥାଏ। ସେହିପରି ଅନୁକମ୍ପାମୂଳକ କ୍ଷତିପୂରଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟ ବାଧ୍ୟତାମୂଳକ। କିନ୍ତୁ ବନ୍ୟାପ୍ଲାବିତ ଅଞ୍ଚଳରେ ସାପ କାମୁଡାରେ ମୃତ୍ୟୁ ହେଲେ ପରିବାର ଲୋକେ ଡାକ୍ତରଖାନା ନେଇ ବ୍ୟବଚ୍ଛେଦ କରାଇବା ସମ୍ଭବପର ହୋଇ ନ ଥାଏ। ଏନେଇ ସ୍ନେକ ହେଲ୍ପ ଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସରକାର ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବା ପାଇଁ ଆଉଟିକେ ଅନୁକମ୍ପା ଦେଖାଇବା ଉଚିତ। କାରଣ ବନ୍ୟା ପାଇଁ ବା ସାପ କାମୁଡା ପାଇଁ ମୃତ ବ୍ୟକ୍ତିଜଣକ ଦାୟୀ ନୁହନ୍ତି। ତାହା ପ୍ରାକୃତିକ ଥିଲା। ତେଣୁ ସରକାର ରିଲିଫ କୋଡ୍‌ରେ ଆବଶ୍ୟକ ସଂଶୋଧନ କରି ବନ୍ୟା ସମୟରେ ଘଟୁଥିବା ସର୍ପାଘାତ ମୃତ୍ୟୁ କ୍ଷେତ୍ରରେ ସମାନ ଅନୁକମ୍ପା ରାଶି ଦେବା ପାଇଁ କେନ୍ଦ୍ରକୁ ଲେଖିବା ଉଚିତ। ସତର୍କତା ଉପରେ ଗୁରୁତ୍ୱ ଦେଇ ଶୁଭେନ୍ଦୁ କୁହନ୍ତି, ବନ୍ୟାପ୍ଲାବିତ ଜଳବନ୍ଦୀ ଅଞ୍ଚଳରେ ଘରକୁ ସାପ ନ ପଶିବା ପାଇଁ ଉପାୟ କିଛି ନାହିଁ। ଫିନାଇଲ, ବ୍ଲିଚିଂ ପାଉଡର ବା ଏସିଡ୍ ଆଦି କେମିକାଲ ପାଣିରେ କିଛି କାମ କରେନାହିଁ। ତେବେ ଘରକୁ ସୁରକ୍ଷା ଦେବା ପାଇଁ ନିହାତି ଆବଶ୍ୟକ ହେଲେ, ମାଛ ଜାଲ ବ୍ୟବହାର କରାଯାଇପାରିବ। ଜାଲ ଘେରେଇଦେଲେ ସାପମାନେ ଯିବାବେଳେ ଜାଲରେ ଛନ୍ଦି ହୋଇ ଆଉ ଘରକୁ ଯାଇ ପାରିବେ ନାହିଁ। ସେହିପରି ବାଡି ବଗିଚା ସଫା ରଖନ୍ତୁ। ସାପ ଯଦିବା ପାଣିରୁ ଉଠିଆସିବେ, ଲୁଚିବା ପାଇଁ ଜାଗା ନ ପାଇଲେ ପୁଣି ଫେରିଯିବେ। ସହରାଞ୍ଚଳରେ ମଧ୍ୟ ଜାଲ ବ୍ୟବହାର କଲେ ସୁଫଳ ମିଳିବ। ଜାଲରେ ଯଦି ସାପଟିଏ ଫସିଯାଏ, ତେବେ ପ୍ରଶିକ୍ଷିତ ସାପ ଉଦ୍ଧାରକାରୀଙ୍କ ସାହାଯ୍ୟ ନିଅନ୍ତୁ। ଏ ନେଇ ଭୁବନେଶ୍ୱର ଏମ୍ସ ଫୋରେନସିକ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରାଧ୍ୟାପକ ଡା. ସୁଦୀପ୍ତ ରଞ୍ଜନ ସିଂହ କହିଛନ୍ତି, ବନ୍ୟା ସମୟରେ ଯଥାସମ୍ଭବ ସାପଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ପାଣିରେ ନିହାତି ଯିବାକୁ ହେଲେ, ବାଡ଼ି ଧରି ଯାଆନ୍ତୁ। ଦଳ କିମ୍ବା ଆବର୍ଜନାକୁ ହାତରେ ନ କାଢ଼ି ବାଡ଼ିରେ କାଢନ୍ତୁ। ବିଷଧର ସାପ କାମୁଡ଼ି ଦେଲେ, ଘାଇ ବା ପାଣି ଭିତରେ ପହଁରି ଅତିକ୍ରମ କରନ୍ତୁ ନାହିଁ। ପହଁରିଲେ ଦେହରେ ରକ୍ତ ସଞ୍ଚାଳନ ବଢ଼ିଥାଏ, ବିଷ ମଧ୍ୟ ଶୀଘ୍ର ସଞ୍ଚରିଯାଏ। ଆକ୍ରାନ୍ତ ଲୋକଙ୍କୁ ଭେଳା ବା ଡଙ୍ଗା ଜରିଆରେ ପାଣି ପାର କରାନ୍ତୁ। ନିକଟରେ ଥିବା ଓଡ୍ରାଫ ବା ଅଗ୍ନିଶମ ବାହିନୀ ଯବାନଙ୍କ ସହାୟତା ନେଇପାରିବେ ବୋଲି ଡା. ସିଂହ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। ଦ୍ୱିଜା ନକ୍ଷତ୍ର ପ୍ରତୀକ୍ଷିତ ସ୍ଥାନରୁ ଶୁଭ ଖବର ପାଇ ଉଲ୍ଲସିତ ହେବେ।

**ବୃଷ** - ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କେହି ବୁଝିବେ ନାହିଁ। କାମର ବାହାନା ଦେଖାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରୋହିଣୀ ନକ୍ଷତ୍ର ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** - ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାମାନ୍ୟ ବିଳମ୍ବରେ ଅଭିଳଷିତ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଆରଦ୍ରା ନକ୍ଷତ୍ର ମାଲିମକଦ୍ଦମା କ୍ଷେତ୍ରରେ ବାଇଦା ପଡ଼ିପାରେ।

**କର୍କଟ** - ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତ ରହିବେ। ପୁନର୍ବସୁ ନକ୍ଷତ୍ରର କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯିବ।

**ସିଂହ** - ଗୃହରେ ଉନ୍ନତ ଚିନ୍ତା ମାନସିକ ସ୍ଥିରତା ପ୍ରଦାନରେ ସହାୟକ ହେବ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ।

**କନ୍ୟା** - ଅନ୍ୟମାନଙ୍କ ଦୃଷ୍ଟିକୋଣର ଭିନ୍ନତା ଓ ଅସଙ୍ଗତ ବିଚାରଧାରା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। କଠିନ ପରିଶ୍ରମ ଜନିତ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁମିଳନ ଆମୋଦପ୍ରମୋଦର ସୁଅ ଛୁଟିବ।

**ତୁଳା** - କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହେବେ। ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଚାକିରି କ୍ଷେତ୍ରରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି । ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** - ମନ ବୁଝିଲାଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସେବାର ସୁଯୋଗ ଲାଭ କରିବେ ଓ କେତେକାଂଶରେ ଆତ୍ମତୃପ୍ତି ଲାଭ କରିବେ। ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନୁରାଧା ନକ୍ଷତ୍ର ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମ୍ନା କରିବାକୁ ପଡ଼ିବ।

**ଧନୁ** - କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ । ସତ୍‌ସଙ୍ଗ ପ୍ରତି ମନ ବଳିବ ଓ ସାଧନା କ୍ଷେତ୍ରରେ ଅଗ୍ରଗତି କରିବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଳା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** - ଦିନର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ଯାହାକି କାମ ପାଇଁ ମନୋବଳ ସୃଷ୍ଟି ହେବ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଧନିଷ୍ଠା ନକ୍ଷତ୍ରର ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ** - ପରୋପକାର ମନୋବୃତ୍ତି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଜନିତ ଅନ୍ୟମନସ୍କହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁ ବିଚଳିତ ବୋଧ କରିପାରନ୍ତି। ବ୍ୟବସାୟିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ମୀନ** - ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ମଧ୍ୟ ଭଲ ରହିବ ନାହିଁ। ଅସଫଳ କାମଗୁଡ଼ିକର ସମୀକ୍ଷା କରିବେ ଓ ଅସଂଗତି ଦୂର କରିବାର ପ୍ରୟତ୍ନ କରିବେ। ବିଭିନ୍ନ ବିଷୟକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ କ୍ଷେତ୍ରରେ ଆଦୃତ ହେବେ।

## ଆଜି ରାତିରୁ ...

ବଲାଙ୍ଗୀର, ସୋନପୁର ଓ ବୌଦ୍ଧ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ତାରିଖରେ ନୂଆପଡ଼ା, ବଲାଙ୍ଗୀର,ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ସୋନପୁର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ୪୫ରୁ ୫୫ କି.ମି. ଓ ବେଳେବେଳେ ୬୫ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୯ ଓ ୨୦ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

classifieds Everyday 0674-2580101, 2549302

real estate

**SALE**

Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

construction

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

healthcare

Newly open full body massage 1099 free massage one. Mo: 9583808247. D-1164

Relax, Refresh your body, Mind at Saikrupa Spa with best therapies. 8984068077. D-1248

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

Fullbody relax massage refresh your body with trend therapist. 7008773793. D-73635

**AFFIDAVIT**

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଣାସଙ୍କ ପାଖରେ ଶପଥ କରୁଅଛି କି ମୁଁ ମିନତୀ ଦେବୀ, ସ୍ୱା.- କେଦାର ବଳିଆରସିଂହ, ଗ୍ରା.- ବୀରତୋଇ, ପୋ.- ଗଡ଼ଖାରଦ, ଥା.- ଗଡ଼ିଶାଗୋଦା, ଜି.- ପୁରୀ ମୋ ଆଗ ନାମକୁ ବଦଳେଇ ମିନି ବଳିଆରସିଂହ କରୁଅଛି । ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ । ଧ-୧୨୭୮

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୭୩,୭୭,୦୦୩ | ୬୪,୬୦,୫୫୦ | ୫୭,୧୪,୮୦,୨୬୩ |
| ଭାରତ | ୪,୪୨,୮୬,୨୫୬ | ୫,୨୭,୧୩୪ | ୪,୩୬,୫୪,୦୬୪ |
| ଓଡ଼ିଶା | ୧୩,୨୩,୫୮୭ | ୯୧୫୯(+୫୩) | ୧୩,୧୧,୯୪୭ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଯୌନ ଉତ୍ପୀଡ଼ନ ମାମଲାରେ ବୃଦ୍ଧଙ୍କୁ ଜାମିନ

ଥିରୁଭାନନ୍ତପୁରମ୍, ୧୭।୮

ମହିଳା ଯୌନ ଉଦ୍ଦୀପକ ପୋଷାକ ପିନ୍ଧିଥିଲେ ସେ ଆଣୁଥିବା ଉତ୍ପୀଡ଼ନ ଅଭିଯୋଗରେ ମାମଲା ହେବ ନାହିଁ ବୋଲି କେରଳର କୋଝିକୋଡ଼ ଜିଲା ସେସନ୍ସ ଜଜ୍ ଏସ୍. କ୍ରିଷ୍ଣକୁମାର ଟିପ୍ପଣୀ ଦେଇଛନ୍ତି। ଏଥିସହ ଯୌନ ଉତ୍ପୀଡ଼ନ ମାମଲା ଥିବା ଜଣେ ଅଭିଯୁକ୍ତଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଚନ୍ଦ୍ରନ ନାମକ ଜଣେ ୭୪ ବର୍ଷୀୟ ଲେଖକ ଏକ ଯୌନ ଉତ୍ପୀଡ଼ନ ମାମଲାରେ ଜାମିନ ଆବେଦନ କରିଥିଲେ। ଗତ ୧୨ ତାରିଖରେ କୋଝିକୋଡ଼ ସେସନ୍ସ ଜଜ୍ ଏହାର ଶୁଣାଣି କରିଥିଲେ। ଅଭିଯୋଗକାରୀ ମହିଳାଙ୍କ କେତେକ ଫଟୋ ଚନ୍ଦ୍ରନ କୋର୍ଟରେ ଦାଖଲ କରିଥିଲେ। ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୮ରେ ଚନ୍ଦ୍ରନ ଓ ଅନ୍ୟମାନେ କୋଝିକୋଡ଼ର କୋୟିଲାଣ୍ଡିରେ ଏକ କ୍ୟାମ୍ପ ଆୟୋଜନ କରିଥିଲେ। ସେଠାକୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଅଭିଯୋଗକାରୀ ମହିଳା ଥିଲେ। ଚନ୍ଦ୍ରନ କ୍ୟାମ୍ପରେ ମହିଳାଙ୍କ ହାତ ଧରିବା ସହ ଜବରଦସ୍ତି ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଶୁଣାଣିବେଳେ କୋର୍ଟ କହିଥିଲେ, ଅଭିଯୁକ୍ତ ଦାଖଲ କରିଥିବା ଫଟୋରୁ ଜଣାପଡୁଛି ଯେ, ମହିଳା ଜଣକ ଅନ୍ୟର ଯୌନ ଉତ୍ତେଜନା ବଢ଼ାଇବା ଭଳି ପୋଷାକ ପିନ୍ଧିଥିଲେ। ଅଭିଯୁକ୍ତ ମହିଳାଙ୍କୁ ଶାରୀରିକ ଭାବେ ସ୍ପର୍ଶ କରିଥାଇପାରନ୍ତି। କିନ୍ତୁ ବୟସାଧିକ କାରଣ ଏବଂ ସେ ଜଣେ ଭିନ୍ନକ୍ଷମ ହୋଇଥିବାରୁ ମହିଳାଙ୍କୁ ଜବରଦସ୍ତି ଅନ୍ୟତ୍ର ଟେକି ନେବା ଅସମ୍ଭବ ମନେହେଉଛି। ଏହା ବ୍ୟତୀତ ଘଟଣା ଫେବୃୟାରୀ ମାସର ହୋଇଥିବାବେଳେ ଶିକ୍ଷିତା ମହିଳା ଜଣକ ଜୁଲାଇ ୨୯ରେ ଅଭିଯୋଗ ଆଣିଥିଲେ। ଏହା ପଛର କାରଣ ମଧ ସେ ବର୍ଣ୍ଣନା କରିପାରିନାହାନ୍ତି। ତେଣୁ ଏହି ଆଧାରରେ ଅଭିଯୁକ୍ତଙ୍କୁ ଜାମିନ ଦେବା ଯଥାର୍ଥ ବୋଲି କୋର୍ଟ କହିଛନ୍ତି।

**ମହିଳା ଯୌନ ଉଦ୍ଦୀପକ ପୋଷାକ ପିନ୍ଧିଥିଲେ ମାମଲା ହେବନାହିଁ: କୋଝିକୋଡ଼ କୋର୍ଟ**



## ମାଓବାଦୀ ନାର୍କୋମଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୭।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଜତ ନାଗଙ୍କ ନିକଟରେ ବୁଧବାର ଜଣେ ହାର୍ଡକୋର ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପୁନା ନର୍କୋମ। ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। କୋଣ୍ଟା ଏରିଆ ମାଓବାଦୀ କମିଟି ପ୍ଲାଟୁନ୍ ନଂ.୪ର ସଦସ୍ୟ ରୂପେ ନର୍କୋମ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଥିଲେ। ତେବେ ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ଆତ୍ମସମର୍ପଣ କରିଥିବା ନର୍କୋମ କହିଛନ୍ତି। ତାଙ୍କ ନିଜ ଗ୍ରାମ ଛତିଶଗଡର ଦୁଧିମାତାରେ ବୋଲି ଜଣାପଡିଛି।

## ପୋଲିସ ଗୁଳିରେ ମାଓବାଦୀ ନିହତ

ମାଲକାନଗିରି,୧୭।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜଲାର ଭେଜି ଅଞ୍ଚଳରେ ଯବାନଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ହଡମା ବୋଲି ଜଣାପଡିଛି। ତାଙ୍କ ନାମରେ ପୂର୍ବରୁ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେ ଡିଭିସିଏମ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଏଥିରେ ଅନେକ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ସେହିପରି ଛତିଶଗଡର ନାରାୟଣପୁରରୁ ୧୫ ବର୍ଷ ଧରି ଫେରାର ଥିବା ଜଣେ ମାଓବାଦୀ ଗିରଫ ହୋଇଛନ୍ତି। ତାଙ୍କ ନାମ ସୁଦରାମ ସଲାମ। ସେ ମାଓବାଦୀ ସଙ୍ଗଠନରେ ୨୦ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ୧୫ ବର୍ଷ ତଳେ ସେ ଗିରଫ ହୋଇଥିଲେ। ତେବେ କୌଶଳକ୍ରମେ ପୋଲିସ କବଳରୁ ଖସି ଯାଇଥିଲେ। ବୁଧବାର ସଲାମ ନିଜ ଗ୍ରାମ କରମାରିରେ ଥିବା ସୂଚନା ପାଇ ନାରାୟଣପୁର ପୋଲିସର ଏକ ଟିମ ଚଢାଉ କରିଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର, ୧୭।୮(ବ୍ୟୁରୋ)

**କଳା ପାସ୍ ହାର ୮୬%, ବିଜ୍ଞାନ ୯୧%, ବାଣିଜ୍ୟ ୮୨%**

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜଗୁଡ଼ିକର ଯୁକ୍ତ୩ ଶେଷବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। କଳାରେ ସାମଗ୍ରିକ ପାସ୍ ହାର ୮୬% ରହିଥିବାବେଳେ ବିଜ୍ଞାନ ୯୧% ଓ ବାଣିଜ୍ୟରେ ୮୨% ରହିଛି। ଶେଷ ବା ଷଷ୍ଠ ସେମିଷ୍ଟରରେ କଳାରେ ୯୫.୯୯%, ବିଜ୍ଞାନ ୯୮% ଏବଂ ବାଣିଜ୍ୟରେ ୯୪.୩୭% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ବିଜ୍ଞାନରେ ଷ୍ଟିୱାର୍ଟ ସାଇନ୍ସ କଲେଜର ଶୁଭଜ୍ୟୋତି (ରସାୟନ ବିଜ୍ଞାନ ସମ୍ମାନ) ଏବଂ ଶୁଭସ୍ମିତା ହାତୀ (ଭୂବିଜ୍ଞାନ)ରେ ୯.୭୩ ସିଜିପିଏ ସହ ଯୁଗ୍ମ ଟପ୍ପର ହୋଇଛନ୍ତି। କଳାରେ ଭୂଗୋଳ ସମ୍ମାନରେ ପୁରୀ ଜିଲା କଣାସ ବ୍ଲକର ଦୟାବିହାର ଡିଗ୍ରୀ କଲେଜର ଛାତ୍ରୀ ପ୍ରଗତି ଶ୍ରୀଚନ୍ଦନ ୯.୫୪ ସିଜିପିଏ ସହ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ ଚୌଦ୍ୱାର ଡିଗ୍ରୀ କଲେଜର ପୂଜାରିଣୀ ବେଜ ୯.୩୯ ସିଜିପିଏ ରଖି ଟପ୍ପର ହୋଇଛନ୍ତି। କଳାରେ ମୋଟ ୨୬,୮୮୨ ପରୀକ୍ଷା ଦେଇଥିବାବେଳେ ୨୨,୩୪୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ମୋଟ ୧୪,୫୬୯ଜଣ ପରୀକ୍ଷା ଦେଇଥିବାବେଳେ ୧୨,୯୭୦ଜଣ ପାସ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୪,୨୦୨ଜଣ ପରୀକ୍ଷା ଦେଇଥିବାବେଳେ ୩,୨୨୪ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

# ସେପ୍ଟେମ୍ବର ୧୩ରୁ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର, ୧୭।୮(ବ୍ୟୁରୋ)

**୨୨ରୁ ଆବେଦନ**

ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଇନ୍‌ଷ୍ଟାଣ୍ଟ ପରୀକ୍ଷା ସେପ୍ଟେମ୍ବର ୧୩ରୁ ହେବ। ଏଥିପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ସୂଚନାନୁସାରେ, ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଯେଉଁ ଛାତ୍ରୀଛାତ୍ର ପାସ୍ ମାର୍କ ରଖି କେବଳ ଗୋଟିଏ ବିଷୟରେ ଫେଲ ହୋଇଛନ୍ତି, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଆବେଦନ ପ୍ରକ୍ରିୟା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ ଓ ୨୬ ତାରିଖରେ ପରୀକ୍ଷା ଫି' ପୈଠ କରାଯିବ। ପ୍ରାକ୍ଟିକାଲ ନ ଥିବା ବିଷୟ ଲାଗି ୫୨୦ଟଙ୍କା ଓ ପ୍ରାକ୍ଟିକାଲ ଥିଲେ ୫୬୦ ଟଙ୍କା ଦେବାକୁ ପଡ଼ିବ। ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଷୟ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ ହୋଇଛି। ତେବେ ସେପ୍ଟେମ୍ବର ୧୩ ଓ ୧୪ରେ ପରୀକ୍ଷା ହେବ। ୧୩ ତାରିଖରେ ଥିଓରୀ ଓ ୧୪ରେ କେବଳ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। କେବଳ ବାୟୋଲୋଜି ପାଇଁ ଅତିରିକ୍ତ ୨୦ ମିନିଟ୍ ଦିଆଯିବ। ଚଳିତବର୍ଷ ଏହି ପରୀକ୍ଷା ପାଇଁ ରେଗୁଲାର ଓ ଏକ୍ସରେଗୁଲାର ପରିକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୧,୬୦୦ ମଧ୍ୟରେ ରହିଛି। ସେପ୍ଟେମ୍ବର ୨୫ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ବାଣ ଫୁଟି ବାଳକଙ୍କ ଜୀବନ ଗଲା

ଭୋଗରାଇ, ୧୭।୮(ଡି.ଏନ.ଏ.):

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ କାଁଥିଭଉଁରୀ ଗ୍ରାମରେ ବୁଧବାର ଏକ ବାଣ ଫୁଟି ୧୧ବର୍ଷର ଜଣେ ବାଳକଙ୍କ ଜୀବନ ଯାଇଛି। ମୃତ ବାଳକ ହେଲେ ଦେବେନ୍ଦ୍ର ପାତ୍ରଙ୍କ ପୁଅ ନିମାଇଁ। ସେ ସ୍ଥାନୀୟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ମଙ୍ଗଳବାର ରାତିରେ ଉକ୍ତ ଗ୍ରାମରେ ପଡ଼ୋଶୀଙ୍କ ଘରେ ବିବାହ ଶୋଭାଯାତ୍ରା ବେଳେ ବାଣ ଫୁଟାଯାଇଥିଲା। ବୁଧବାର ସକାଳେ ଏକ ଅଫୁଟା ବାଣ ପଡ଼ିଥିବା ଦେଖି ବାଳକଜଣକ ଗୋଟାଇ ଫୁଟାଉଥିଲେ। ହେଲେ ତାହା ହଠାତ୍ ଫାଟିଯିବାରୁ ବାଳକଙ୍କ ଶରୀର ଅଧିକାଂଶ ଅଂଶ ପୋଡ଼ିଯିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ବାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

# ଆଲମଣ୍ଡା ଲାମ୍ପ୍ସ ଏମ୍‌ଡିଙ୍କୁ ଗିରଫ କଲା ଭିଜିଲାନ୍ସ

କୋରାପୁଟ /ନାରାୟଣପାଟଣା/ ଜୟପୁର,୧୭।୮(ସ୍ୱ.ପ୍ର. /ଡି.ଏନ.ଏ.)

**ଚାଷୀଙ୍କଠାରୁ ୩୫ ହଜାର ଲାଞ୍ଚ ନେଉଥିଲେ**



ଆର୍.ରାମକୃଷ୍ଣ

ଭିଜିଲାନ୍ସ ଜାଲରେ ପଡିଛନ୍ତି କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ଆଲମଣ୍ଡା ଲାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଆର୍.ରାମକୃଷ୍ଣ। ସେ ଜଣେ ଚାଷୀଙ୍କଠାରୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ବିଭାଗ ତାଙ୍କୁ କାବୁକରି ଗିରଫ କରିଛି। ତାଙ୍କ ନିକଟରୁ କେମିକାଲ ବୋଳା ୩୫ ହଜାର ଟଙ୍କା ଜବତ ହୋଇଛି। ଖବରରୁ ଜଣାପଡିଛି, ରାମକୃଷ୍ଣ ନିଲାବାଡି ଗ୍ରାମର ଚାଷୀଙ୍କଠାରୁ ଗତ ମଣ୍ଡିରେ ଧାନ ବିକ୍ରି ବାବଦକୁ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନଚେତ୍ ଆଗାମୀ ମଣ୍ଡିରେ ନାମ ପଞ୍ଜୀକରଣ ନ କରିବା ପାଇଁ ଧମକ ଦେଇ ଆସୁଥିଲେ। ତେବେ ଚାଷୀ ଜଣକ ଏହାକୁ ବିରୋଧ କରିବା ସହ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ମାତ୍ର ଟଙ୍କା ନ ଦେଲେ ଆଗାମୀ ଧାନମଣ୍ଡି ପାଇଁ ସେ ନାମ ପଞ୍ଜୀକରଣ କରି ପାରିବେ ନାହିଁ ବୋଲି ରାମକୃଷ୍ଣ ରୋକ୍‌ଠୋକ୍ ମନା କରିଦେଇଥିଲେ। ଶେଷରେ ବାଧ ହୋଇ ଚାଷୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗର ପୂର୍ବ ଯୋଜନା ମୁତାବକ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଆଲମଣ୍ଡା ଲାମ୍ପ୍ସ କାର୍ଯ୍ୟାଳୟକୁ ଯାଇ ଆଗାମୀ ମଣ୍ଡି ପାଇଁ ନାମ ପଞ୍ଜୀକରଣ ବାବଦକୁ ରାମକୃଷ୍ଣଙ୍କୁ ୩୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ରାମକୃଷ୍ଣଙ୍କୁ ଧରିଥିଲେ। ଏଥିସହିତ ଭିଜିଲାନ୍ସର ଏକ ଟିମ୍ ଏମ୍‌ଡିଙ୍କ ଆଲମଣ୍ଡାସ୍ଥିତ ତାଙ୍କ ଘରେ ଚଢ଼ାଉ କରିଛି।

## ଦଶମନ୍ତପୁରରେ ପୁଣି ଝାଡ଼ାବାନ୍ତି

ଦଶମନ୍ତପୁର, ୧୭।୮ (ଡି.ଏନ.ଏ.):

**୨ମୃତ, ୭ ଆକ୍ରାନ୍ତ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକକୁ ଛାଡୁନି ଝାଡାବାନ୍ତି। ଗତ କିଛିଦିନ ତଳେ ଝାଡ଼ା ବାନ୍ତି ଦେଖାଦେଇ ଦୂର ହୋଇଥିବା ବେଳେ ଏବେ ପୁଣି ଏ. ମାଲକାନଗିରି ପଞ୍ଚାୟତର କେ. ଚଣ୍ଡାଲଗୁଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ୭ଜଣ ଆକ୍ରାନ୍ତ ହୋଇଛନ୍ତି। ଜଣେ ଚିକିତ୍ସିତ ହେଉଥିବା ବେଳେ ସ୍ଥିତି ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସମ୍ପୃକ୍ତ ଗ୍ରାମରେ ପହଞ୍ଚିଛନ୍ତି। ୨ ମୃତକ ହେଲେ ଗ୍ରାମର ଗୁରୁନାଥ ଗୋଲରୀଙ୍କ ସ୍ତ୍ରୀ ମଇନା ଏବଂ ନୀଳକଣ୍ଠ ଖିଲ। ଖବରରୁ ଜଣାପଡିଛି, କେ. ଚଣ୍ଡାଲଗୁଡା ଗ୍ରାମର ମଇନା ତାଙ୍କ ଝିଅ ଘରକୁ ଯାଇଥିବା ବେଳେ ସେଠାରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଇନାଙ୍କ ମୃତ୍ୟୁ ହୋଇଥିଲା। ଝାଡାବାନ୍ତିରେ ଆକ୍ରାନ୍ତ ପରେ ନୀଳକଣ୍ଠଙ୍କ ଗ୍ରାମରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଆକ୍ରାନ୍ତ ୭ ଜଣଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଏହି ଝାଡ଼ାବାନ୍ତି ବ୍ୟାପିବା ଖବର ପାଇବା ପରେ ଦଶମନ୍ତପୁର ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀରାମ ପରିଡ଼ା ଏକ ୫ ଜଣିଆ ଟିମ ସହ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ଘରପାର୍ଶ୍ୱରେ ପଡି ରହୁଥିବା ଗୋବର ସଫା କରିବା, ଫୁଟା ପାଣି ପିଇବା, ନଦୀ ଜଳ ବ୍ୟବହାର ନ କରିବା ଏବଂ ପରିବେଶକୁ ସଫା ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବ୍ଲିଚିଙ୍ଗ ପାଉଡର ଛିଞ୍ଚନ କରାଯାଇଛି। ସୂଚନାଯୋଗ୍ୟ ଏହି ଝାଡାବାନ୍ତିରେ ପୂର୍ବରୁ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୭୦ ଜଣ ଆକ୍ରାନ୍ତ ହୋଇଥିଲେ।


**ODISHA PUBLIC SERVICE COMMISSION CUTTACK**

**NOTICE**

**No7560/P.S.C., Dt.17.8.22**
**PF-1E-11-2021/22 (DR-III)**

**No.D-137:** It is for information of all concerned that, 131 (One hundred Thirty-one) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in COMMERCE for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| DATE | TIME | PPSAN Nos. of Candidates |
|---|---|---|
| 24.08.2022 | 10.30 A.M. | 00124655, 00114008, 00122369, 00088187, 00119809, 00119565, 00117856, 00115430, 00099825, 00117694, 00123740, 00099992, 00093223, 00114428 & 00120821 **= 15 candidates** |
| | 2.30 - P.M. | 00116532, 00092347, 00122989, 00113584, 00077450, 00116800, 00099990, 00090735, 00114719, 00082475, 00125667 & 00119370 **= 12 candidates** |
| 25.08.2022 | 10.30 A.M. | 00086897, 00118639, 00113827, 00120105, 00126781, 00088562, 00068595, 00078523, 00054785, 00077301, 00122076, 00114027, 00090520, 00076770, 00117410 **= 15 candidates** |
| | 2.30 P.M. | 00118034, 00115472, 00121685, 00018884, 00120771, 00130670, 00019946, 00048637, 00114395, 00088107, 00095747 & 00118083 **= 12 candidates** |
| 26.08.2022 | 10.30 A.M. | 00115557, 00028919, 00117979, 00114005, 00122456, 00113697, 00121837, 00125633, 00038162, 00097265, 00114910, 00086965, 00039098, 00027020 & 00020344 **= 15 candidates** |
| | 2.30 P.M. | 00090380, 00113585, 00098808, 00119660, 00119789, 00036449, 00115611, 00132808, 00095040, 00081503, 00093635 & 00130923 **= 12 candidates** |
| 29.08.2022 | 10.30 A.M. | 00039914, 00124962, 00095090, 00027996, 00086016, 00123700, 00099142, 00116527, 00114271, 00115633, 00037142, 00133472, 00120376, 00125390 & 00095207 **= 15 candidates** |
| | 2.30 P.M. | 00096308, 00122721, 00132868, 00115962, 00065288, 00120637, 00022735, 00122473, 00064343, 00079965, 00132506 & 00120128 **= 12 candidates** |
| 30.08.2022 | 10.30 A.M. | 00123849, 00034912, 00132699, 00114519, 00032406, 00100425, 00055078, 00132481, 00064824, 00113810, 00114080, 00129993, 00123219, 00125815 & 00130905 **= 15 candidates** |
| | 2.30 P.M. | 00095479, 00133133, 00120769, 00060974, 00069212, 00126109, 00117062 & 00032830 **= 08 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed., certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks if any, issued by the concerned Board/Council/ University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/ she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports, Odisha;
14. Any proof of Identity.

**NOTE** - It is also made clear that the candidature of these candidates for the recruitment is purely provisional.The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0137/2223** **Sd./- Secretary**



**ODISHA STAFF SELECTION COMMISSION**
**Unit-II, Bhubaneswar-751001**

**No.: IIE/125/2021-5321/OSSC;** **Date: 17.08.2022**

**NOTICE**

**No.T-131:** Pursuant to Commission's Advertisement No.4301/ OSSC; dated 23.12.2021. for Combined Graduate Level Recruitment Examination-2021 it is for information of all concerned that the Written Examination (Paper-I & Paper-II) shall be conducted across the state from 11.10.2022 to 17.10.2022 through Computer Based Recruitment Examination(CBRE) mode.
The detail programme will be published shortly. Candidates are advised to be in regular touch with the website www.ossc.gov.in to know further updates in this regard.

*By order of the Commission,*
**OIPR-09005/11/0125/2223** **Sd./- Secretary**



**RADHANATH ELEMENTARY TEACHER EDUCATION INSTITUTION, CUTTACK**

No. n-41: Candidates seeking admission into the Government Commercial Class attached to this Institution during the session 2021-2022 are required to apply in the prescribed form of application which can be obtained from our website **(scertodisha.nic.in/eteirnstscuttack)** or from the Office of the Government Commercial Class during the office hours 8 A.M. to 12 Noon from 22.08.2022 on the working days only (except Sundays and Public Holidays).

| Subjects | Minimum Qualification Required | Last Date of receiving the Application |
|---|---|---|
| 1. Shorthand<br>2. Typewriting & Drafting<br>3. Book-keeping | Passed Matriculation or its equivalent | 08.09.2022 |

**Sd./- Principal**
**Radhanath E.T.E.I., Cuttack**
**OIPR-11032/11/0002/2223**



**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ସମ୍ପୃକ୍ତ ସେକ୍ସନ ନିମନ୍ତେ ଦର୍ଶାଯାଇଥିବା ତାରିଖରେ କିମ୍ବା ତା' ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୱାୟାର୍ ଏବଂ ସ୍ୱିଚିଂ ଷ୍ଟେଶନ (ରାଣିତାଲ/ଏସ୍‌ପି) ସମେତ ଏହାର ଫିଡର୍ ଲାଇନ୍‌ରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ । ସେହି ତାରିଖ ଦିନ ଏବଂ ତା' ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନକୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ ।

**ସେକ୍ସନ/ସ୍ଥାପନାର ନାମ:** (୧) ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଣିତାଲ ୟାର୍ଡ ସମେତ ରାଣିତାଲରୁ ରାଣିତାଲ ଜଂ. ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ । **ଅବସ୍ଥିତି:** କିମି ୨୮୩/୯ଏ (କିମି ସିଏଚ୍ ନଂ. ୨୮୩/୩୪୧.୫୦)ରୁ ୨୮୮/୨୧ବି (କିମି ସିଏଚ୍ ନଂ. ୨୮୮/୬୬୮.୦୦)। (୨) ରାଣିତାଲ/ଏସ୍‌ପି : **ଅବସ୍ଥିତି:** କିମି ୨୮୬/୩୧ଏ (କିମି ସିଏଚ୍ ନଂ.୨୮୬/୯୦୪.୦୦) – ୩୩ଏ (କିମି ସିଏଚ୍ ନଂ. ୨୮୬/୯୬୭.୦୦) । (୩) ଫିଡର୍ ଲାଇନ୍ । **ଅବସ୍ଥିତି:** କିମି ୨୮୬/୨୯ଏ (କିମି ସିଏଚ୍ ନଂ.୨୮୬/୮୪୧.୦୦) – ୩୩ଏ (କିମି ସିଏଚ୍ ନଂ. ୨୮୬/୯୬୭.୦୦) । **ବିଦ୍ୟୁତ୍ ସରବରାହ ଆରମ୍ଭର ତାରିଖ:** ପ୍ରତ୍ୟେକ ପାଇଁ ୩୦।୦୯।୨୦୨୨

**୨୫ କେଭି ଏସି ଟ୍ରାକ୍ସନ୍‌ର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ"**

ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଣିତାଲ ୟାର୍ଡ ସମେତ ରାଣିତାଲ (ଅନ୍ତର୍ଭୁକ୍ତ)ରୁ ରାଣିତାଲ ଜଙ୍କସନ କ୍ୟାବିନ୍ (ବହିର୍ଭୂତ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ ସେକ୍ସନରେ ୨୫ କେଭି ଏସି ବିଦ୍ୟୁତ୍ ଟ୍ରାକ୍ସନ୍‌ର ପ୍ରଚଳନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କ ସୂଚନା ପାଇଁ ଅଧିସୂଚିତ କରାଯାଉଛି ଯେ, ସମସ୍ତ ଲେଭଲ କ୍ରସିଂରେ ରାସ୍ତା ସ୍ତରରୁ **୪.୬୮ ମିଟର ସ୍ପଷ୍ଟ ଅଧିକତମ ଉଚ୍ଚତାର ହାଇଟ୍ ଗେଜ୍** ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓ୍ୱାୟାର)**, ଯାହାର ଉଚ୍ଚତା ଲେଭଲ୍ କ୍ରସିଂଗୁଡ଼ିକରେ ରେଳ ସ୍ତରରୁ **ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ,** ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ ହାଇଟ୍ ଗେଜ୍‌ଗୁଡ଼ିକୁ ଯେପରି ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ । ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:

(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ତତ୍-ପରବର୍ତ୍ତୀ ରାସ୍ତା ଏବଂ ରେଳପଥର ଅବରୋଧ । (ii) ପରିବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ସମ୍ପୃକ୍ତ ଯାନ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନ ପ୍ରତି ବିପଦ ।

**(PR-480)** ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ଖଡ୍ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ



**ADMISSION NOTICE-2022-23**
**GANGADHAR MEHER UNIVERSITY, AMRUTA VIHAR, SAMBALPUR - 768004**

**Invites applications for admission into the following Self Financing Programs**

| COURSE | DURATION | ANNUAL FEE | ELIGIBILITY |
|---|---|---|---|
| MBA* (Subject to availability of seats after OJEE Admission) | 2 Years | Rs.45, 000/- | OJEE/CAT/MAT/XAT/ATMA,Candidates having score card with minimum 50% marks in aggregate at the degree level. |
| MBA-FM* (Financial management) (Subject to availability of seats after CPET Admission) | 2 Years | Rs.30, 000/- | For the vacant seats (if any) after completion of CPET Admission procedure, the cases of interested candidates having score cards of OJEE/CAT/MAT/XAT/ ATMA/CPET (Guidelines of CPET will be followed) and applied directly to the university may be considered. |
| BBA | 3 Years | Rs.25, 000/- | For eligibility criteria and other details please visit www.gmuniversity.ac.in |
| B. Sc.IST (Information Science & Telecommunication) | 3 Years | Rs.30, 000/- | |
| Int. B.Ed. (Arts & Science) | 4 Years | BA B.ED. Rs.35, 000/- & B. Sc. B.Ed. Rs.40, 000/- | |

- For above mentioned programs, candidates can download the application form from the University Website. Visit www.gmuniversity.ac.in. Other modes of applications will not be considered.
- The filled in application form along with the required documents and Bank Draft (application fee) must reach the university receiving counter on or **before 30.08.2022, by Speed post or by hand to "THE REGISTRAR, GANGADHAR MEHER UNIVERSITY, AMRUTA VIHAR, SAMBALPUR, 768004"**
- Candidates must mention the name of the course he/she has applied on the top of the envelope.
- The application fee (For UG Rs.350/- & MBA, MBA-FM: Rs.500/-) is to be paid only through Bank draft drawn in favor of **"Comptroller of Finance, Gangadhar Meher University, Sambalpur", Payable at Sambalpur.**
- * Subject to availability of seats after OJEE admission & CPET Admission.

**For admission related queries contact- 9861283124, 8984161471,7538931926 & 9853132904** Sd./- Registrar

# ଦେଖଣାହାରି ସାଜନାହିଁ



ପିଟର ସିଙ୍ଗର

ମାର୍ଚ୍ଚ ୧୯୬୪ରେ ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ଯେ, କିଟି ଜେନୋଭେସେ ନାମ୍ନୀ ଜଣେ ମହିଳାଙ୍କ ଉପରେ ଅତି ନୃଶଂସ ଓ ଘାତକ ଆକ୍ରମଣର ୩୮ ଜଣ ପ୍ରତ୍ୟକ୍ଷଦର୍ଶୀ ଥିଲେ। କିନ୍ତୁ ତାଙ୍କୁ ସାହାଯ୍ୟ କରିବା ଲାଗି କେହି କିଛି କଲେ ନାହିଁ କି ପୋଲିସ ଡାକିଲେ ଗଲେ ନାହିଁ। ପରେ ଏହି ଘଟଣାର ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିଲେ ବି ଦେଖଣାହାରିଙ୍କ ପ୍ରତିକ୍ରିୟା ବା ପ୍ରଭାବର ବାସ୍ତବତା ଜଣାପଡ଼ିଲା। ଅନେକ ମନସ୍ତାତ୍ତ୍ୱିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅନ୍ୟଙ୍କୁ ସହାୟତା କରିପାରିବା ଭଳି କ୍ଷମତା ଥିବା ଲୋକମାନେ ଯଦି ତାହା ନ କରନ୍ତି,ତେବେ ଅନ୍ୟ ଜଣେ ଏହଭଳି ସାହାଯ୍ୟ କରିବା ଲାଗି ଆଗେଇ ଆସିବାର ସମ୍ଭାବନା କମ୍। ଗତ ମାସରେ ଇଟାଲୀର ସିବିଟାନୋଭା ମାର୍କି ସହରର ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦ୍ୱିପ୍ରହରରେ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ନାଇଜେରିଆର ଆଲିକା ଓଗୋରଚୁକୁଙ୍କୁ ଆକ୍ରମଣ କରାଯାଇଥିଲା। ଜଣେ ବ୍ୟକ୍ତିଙ୍କ ମୁଥମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସକୁ କଲ୍ କରାଯାଇଥିଲା ଏବଂ ଏହି ଘଟଣାର ଦୃଶ୍ୟକୁ ଜଣେ ଭିଡିଓ କରିଥିଲେ ବି କେହି ଏଥିରେ ହସ୍ତକ୍ଷେପ କଲେ ନାହିଁ। ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଇଟାଲୀର ଖବରକାଗଜ ଲା ଷ୍ଟାମ୍ପାର ସମ୍ପାଦକୀୟରେ ଏହି ଘଟଣା ସମ୍ପର୍କରେ ପ୍ରକାଶ ପାଇଥିଲା । ଆମେ ସଭ୍ୟତାର ସାୟଂବେଳା ବା ନୈତିକ ଅଧୋଗତିର ଦ୍ୱାରଦେଶରେ ରହିଥିବା ଏହା ସଙ୍କେତ ଦେଇଛି। ଯଦି ତୁମେ ସେଠାରେ ଥାଆନ୍ତ, ତେବେ ଓଗୋରଚୁକୁଙ୍କୁ ସାହାଯ୍ୟ କରିଥାଆନ୍ତ କି? ତେବେ ସାହାଯ୍ୟ କରିବ କି ନାହିଁ ସେ ସମ୍ପର୍କରେ ଉତ୍ତର ଦେବା ଆଗରୁ ବିଚାର କରିବ ଯେ,ଏଥିରେ ହସ୍ତକ୍ଷେପ କଲେ ନିଜ ଉପରେ ବିପଦ ରହିଛି କି ନାହିଁ। ସେଠାରେ ଉପସ୍ଥିତ ରହି ତୁମକୁ ଯାହା ଭଲ ଲାଗିଲା ତାହା କଲ। ଏବେ ଦେଖଣାହାରିଙ୍କ ପ୍ରଭାବ ଭିନ୍ନ ରୂପେ ଭିନ୍ନ କ୍ଷେତ୍ରରେ ପ୍ରକାଶ ପାଉଛି। ଉକ୍ତ ଘଟଣାରେ କୌଣସି ବିପଦ ନ ଥାଇ ଅନ୍ୟର ଜୀବନ ବଞ୍ଚାଇବା ଲାଗି ସହଯୋଗ କରାଯାଇପାରିଥାନ୍ତା। କିନ୍ତୁ ତାହା ହେଲା ନାହିଁ। ଦେଖଣାହାରି ସାଜିଲେ କ'ଣ ପ୍ରଭାବ ପଡ଼େ ତାହା ନାଇଜେରୀୟଙ୍କ କ୍ଷେତ୍ରରେ ସ୍ପଷ୍ଟ ହୋଇଛି।

ନିକଟରେ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ଜାରି କରାଯାଇଥିବା ରିପୋର୍ଟ ସତର୍କ କରିଦେଇଛି ଯେ, ଏବେଠାରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଭିକ୍ଷ ବା ଅନାହାର ୪୬ ଦେଶର ୪୯ ମିଲିୟନ ଲୋକଙ୍କୁ ପ୍ରଭାବିତ କରିବ। ଯେଉଁ ଦେଶଗୁଡ଼ିକ ଉପରେ ଅଧିକ ବିପଦ ରହିଛି .ସେଗୁଡ଼ିକ ହେଲା ଆଫଗାନିସ୍ତାନ, ଇଥିଓପିଆ, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ ଓ ୟେମେନ। ଏହିସବୁ ଦେଶର ବିଭିନ୍ନ ଅଞ୍ଚଳରେ ନାଗରିକମାନଙ୍କ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଅନାହାର ପାଇଁ ଏକ ମୁଖ୍ୟ ତଥା ବିପଜ୍ଜନକ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଉକ୍ତ ରିପୋର୍ଟ ଝଡ଼, ମରୁଡ଼ି ଓ ବନ୍ୟା ଭଳି ଜଳବାୟୁଜନିତ ଚରମ ପ୍ରଭାବକୁ ଦର୍ଶାଇଛି ଏବଂ ୟୁକ୍ରେନ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ଖାଦ୍ୟ ଓ ଶକ୍ତି ଦର ମଧ୍ୟ ବୃଦ୍ଧି ପାଉଥିବା କହିଛି। ତଥାପି ଏବେ ବିଶ୍ୱରେ ଏକ ଅବ୍ୟବସ୍ଥିତ ଧାରା ପରିଦୃଶ୍ୟ ହୋଇଛି। ଧନୀଦେଶର ସରକାରଗୁଡ଼ିକ କମ୍ ବିଦେଶୀ ସହାୟତା ଦେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ୟୁନାଇଟେଡ କିଙ୍ଗଡମ(ୟୁକେ) ବା ଇଂଲଣ୍ଡ। ଏହା ଏଭଳି ଏକ ଦେଶ ଯାହା ଦ୍ୱିପାକ୍ଷିକ ଚୁକ୍ତିରେ ଧୀରେ ଧୀରେ ଜାତିସଂଘର ବିଦେଶୀ ସହାୟତା ଲକ୍ଷ୍ୟ ଯାହା ମୋଟ ଜାତୀୟ ଆୟର ୦.୭% ରେ ପହଞ୍ଚିବା ଲାଗି ପୂରାଦମରେ କାମ କରିଥିଲା । ୨୦୧୩ରେ ଏହି ଲକ୍ଷ୍ୟରେ ପହଞ୍ଚିଲା ଓ ୨୦୨୦ ପର୍ଯ୍ୟନ୍ତ ତାହାକୁ ପୂରଣ କରିଚାଲିଲା। କିନ୍ତୁ ୨୦୨୧ରେ ୟୁକେର ବିଦେଶୀ ସହାୟତା ବଜେଟ ମୋଟ ଜାତୀୟ ଆୟର ୦.୫%କୁ ହ୍ରାସ ପାଇଲା। ୨୦୨୨ରେ ମଧ୍ୟ ସେମିତି ରହିବାର ଅଧିକ ସମ୍ଭାବନା ରହିଛି।



ୟୁକେ ଡିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟର ପୂର୍ବତନ ସଚିବ ମାର୍କ ଲୌକକ୍ ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ତାଙ୍କ ଦେଶ ତା ସହାୟତା କାର୍ଯ୍ୟକ୍ରମରେ ଚରମ ଦାରିଦ୍ର୍ୟକୁ ସମ୍ପୂର୍ଣ୍ଣ ପ୍ରାଥମିକତା ଦେବାରେ ବିଶ୍ୱରେ ଅଗ୍ରଣୀ ହୋଇ ଆସୁଥିବାବେଳେ ଏବେ ଅତି ଗରିବ ଓ ଦୁର୍ବଳ ଦେଶଗୁଡ଼ିକୁ ସାହାଯ୍ୟ କରିବାକୁ ଗୁରୁତ୍ୱ ଦେଉନାହିଁ। ଏଭଳି ସ୍ଥିତିରେ ସହାୟତା ପାଉଥିବା ୟେମେନ୍, ଦକ୍ଷିଣ ସୁଦାନ ଏବଂ ସୋମାଲିଆ ବାଦ୍ ପଡ଼ିଛନ୍ତି। ମାନବୀୟ ବିପର୍ଯ୍ୟୟର କାରଣଗୁଡ଼ିକ ଯୋଗୁ ଏଠାରେ ବହୁ ଜୀବନ ଯାଉଛି ଓ ଏହି ସଂଖ୍ୟା ବଢିଚାଲିଛି। ଏହାବାଦ୍ ଲୌକକ୍ କହିଛନ୍ତି ଯେ, ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ସହାୟତା ଯାଉଛି, ଯେଉଁଠି ଲୋକଙ୍କ ଜୀବନ ଉପରେ ଏହାର ପ୍ରଭାବ ଏତେ ବଡ଼ ନୁହେଁ ଯେତିକି ବିଶ୍ୱ ବ୍ୟାଙ୍କର ଅତି ଗରିବ ଶ୍ରେଣୀଭୁକ୍ତ ଦେଶ ତଥା ଦୈନିକ ୧.୯୦ ଡଲାରରେ ବଞ୍ଚୁଥିବା ଲୋକମାନଙ୍କ ଜୀବନ ଉପରେ ପଡୁଛି।

ଦେଖଣାହାରି ନ ସାଜି ପ୍ରୟାସ କଲେ ବିଶ୍ୱରେ ଆଗକୁ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁକୁ ରକ୍ଷା କରାଯାଇପାରିବ। ଏଭଳି ବିପର୍ଯ୍ୟୟକୁ ତୁମେ ଦୂରେଇ ଦେଇ ପାରିବ। ଏହା କରିବାକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାୟ ଆପଣାଇଲେ ଆଉ ଦେଖଣାହାରି ହେବ ନାହିଁ। ପ୍ରଥମରେ, ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋ-ଅପରେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ(ଓଇସିଡି)ର ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ, ୨୦୨୧ରେ କେବଳ ଲୁସେମବର୍ଗ, ନରୱେ, ସୁଇଡେନ, ଜର୍ମାନୀ ଏବଂ ଡେନମାର୍କ ବିଦେଶୀ ସହାୟତା ପାଇଁ ମୋଟ ଜାତୀୟ ଆୟର ୦.୭% ଲକ୍ଷ୍ୟ ହାସଲ କରିଛନ୍ତି କିମ୍ବା ତାହାକୁ ଟପି ଯାଇଛନ୍ତି। ଦାନ ଦେଉଥିବା ଦେଶଗୁଡ଼ିକର ତାଲିକାରେ ଆମେରିକା ଏଯାବତ ସବା ତଳେ ରହିଛି। ଏହା ତାହାର ମୋଟ ଜାତୀୟ ଆୟର ୦.୧୮% ସହାୟତା ଦେଉଛି। ହେଲେ ଅଷ୍ଟ୍ରେଲିଆ ଦେଉଛି ୦.୨୨%, ଯାହା ଆମେରିକାଠାରୁ ବହୁତ ଭଲ। ୦.୭% ଲକ୍ଷ୍ୟ ପୂରଣ କରୁ ନ ଥିବା ଏକ ଧନୀ ଦେଶରେ ତୁମେ ଯଦି ରହିବ, ତେବେ ସେଠାକାର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଯୋଗାଯୋଗ କର ଏବଂ ସେମାନଙ୍କୁ କୁହ ଯେ, ସମସ୍ତେ ମୌଳିକ ଆବଶ୍ୟକତା ପୂରଣ କରିପାରୁଥିବା ଏକ ବିଶ୍ୱ ଗଠନ କରିବାକୁ ଅଂଶଧନ ଦେବାରେ ବିଫଳତା ଯୋଗୁ ତୁମେମାନେ ଅପମାନିତ ହେଉଛ। ସେମାନଙ୍କୁ ଏହା ମଧ୍ୟ କୁହ, ଅଧିକ ଓ ଉତ୍ତମ ବିଦେଶୀ ସହାୟତା ପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ଅନ୍ୟମାନଙ୍କ ସହ ଯୋଗ ଦିଅନ୍ତୁ।

ଦ୍ୱିତୀୟରେ ତୁମେ ଏହା କରିବା ପରେ ଚୁପ୍ ହୋଇ ଏଠିସେଠି ବସି ଯାଅନାହିଁ କି ତୁମ ସରକାର ଯେ ଠିକ୍ କରିବ ସେଥିଲାଗି ଅପେକ୍ଷା କରନାହିଁ। ତୁମେ ନିଜେ ଏହା କର। ଯଦି ତୁମେ ଅଧିକ ଧନୀ କାଫେକୁ ଯାଉଛ ଓ କଫି ଲାଗି ଅର୍ଡର ଦେଇ ଅଧିକ ଖର୍ଚ୍ଚ କରିପାରୁଛ, ତେବେ ଏହି ପୃଥିବୀରେ ୧୦ ଜଣରେ ପାଖାପାଖି ଜଣେ ପୂରା ଦିନ ଯେତିକି ଖର୍ଚ୍ଚରେ ବଞ୍ଚିବାକୁ ପଡୁଛି ତାଠାରୁ ତୁମେ ଅଧିକ ବ୍ୟୟ କରୁଛ ବୋଲି ଜାଣ। ତୁମେ ଯାହା ଦେବାକୁ କିମ୍ବା ସାହାଯ୍ୟ କରିବାକୁ ସକ୍ଷମ ତାହାର ମୂଲ୍ୟ କିଭଳି ପାଇବ ତାହା ଯଦି ଜାଣିନାହଁ, ତେବେ ଅନଲାଇନରୁ ଜାଣିପାରିବ। www.thelifeyoucansave.org or www.givewell.orgକୁ ଯାଇ ଦାନ କରୁଥିବା ତାଲିକାଭୁକ୍ତ ସଂସ୍ଥା ବା ସଂଗଠନଗୁଡ଼ିକ ମଧ୍ୟରୁ ଗୋଟିକୁ ଚୟନ କର। ଏହି ସବୁ ସଂସ୍ଥା ଖୁବ୍ ପ୍ରଭାବୀ ଓ ସ୍ୱତନ୍ତ୍ର ଭାବେ ଏସବୁର ମୂଲ୍ୟାୟନ ବି କରାଯାଇଛି। ଦେଖିବ, ତୁମେ ଆଉ ଦେଖଣାହାରି ହୋଇ ରହିବ ନାହିଁ କି ଓଗୋରଚୁକୁ ଅକାରଣରେ ମରିବେ ନାହିଁ।

**ପ୍ରଫେସର, ବାୟୋଏଥିକ୍ସ, ପ୍ରିନଷ୍ଟନ ୟୁନିଭର୍ସିଟି**

## ଏଇ ଭାରତରେ

ମାଓବାଦୀଙ୍କ ସହିତ ଲଢ଼ିବାକୁ ଏବେ କିନ୍ନରମାନେ ପ୍ରସ୍ତୁତ। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ବସ୍ତର ଜିଲାରେ ପୋଲିସର ନୂତନ ସ୍ୱତନ୍ତ୍ର ୟୁନିଟ୍ ବସ୍ତର ଫାଇଟର୍ସରେ ୯ ଜଣ କିନ୍ନରଙ୍କୁ ପ୍ରଥମ ଥର ପାଇଁ ପୋଲିସ ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି। ନିଯୁକ୍ତ କିନ୍ନରମାନେ ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳରେ ପୋଲିସ ବ୍ୟବସ୍ଥାରେ ଏକ ନୂତନ ଦିଗ ଯୋଡ଼ିବେ। ୯ ଜଣ କିନ୍ନରଙ୍କ ମଧ୍ୟରୁ ୮ ଜଣ କାଙ୍କେରର ଏବଂ ଜଣେ ବସ୍ତର ଜିଲାର। ଏହି କିନ୍ନରମାନେ ହେଉଛନ୍ତି ଦିବ୍ୟା ନିଶାଦ, ଦାମିନୀ, ସନ୍ଧ୍ୟା, ସାନୁ, ରାନୀ, ହିମାଂଶୀ, ରିୟା, ସୀମା ଏବଂ ବରଖା। ପୋଲିସ ନିଯୁକ୍ତି ନେଇ କିନ୍ନରମାନେ ଏକ ବାର୍ତ୍ତା ଦେଇଛନ୍ତି ଯେ, ଯଦି ସେମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତି, ତେବେ ପୁରୁଷ ଓ ମହିଳାଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଚାଲିପାରିବେ ଏବଂ ସେମାନେ ମଧ୍ୟ ଏକ ସମ୍ମାନଜନକ ଜୀବନ ପାଇବାକୁ ଯୋଗ୍ୟ। ପୋଲିସ ଆଇଜି ସୁନ୍ଦରରାଜ ପି. କହିଛନ୍ତି ଶାରୀରିକ ଦକ୍ଷତା, ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାର ପରେ ଏହି ଚୟନ ତାଲିକା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୧୦୦ ପଦବୀ ମଧ୍ୟରୁ ୯ଟି କିନ୍ନରଙ୍କ ପାଇଁ ସଂରକ୍ଷିତ ଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୭

- ପେରୁରେ ମାଓବାଦୀ ଗେରିଲାମାନେ ୨୯ ଜଣ ତୈଳ କର୍ମଚାରୀଙ୍କୁ ଅପହରଣ କରିନେଇଛନ୍ତି।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସିଂହଳୀ ସୈନ୍ୟ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୭ ଗେରିଲାଙ୍କ ସମେତ ୧୧ ନିହତ।
- ଏକାଧିକ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ପଶୁପାଳନ ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଏସ୍.ବି. ସିହ୍ନା ଏବଂ କାଶୀନାଥ ସିଂଙ୍କ ସମେତ ୯ ଜଣଙ୍କ ବିରୁଦ୍ଧରେ ସିବିଆଇ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି।
- ରାଜ୍ୟରେ ବିଦ୍ୟୁତ୍ ବଣ୍ଟନକୁ ଘରୋଇକରଣ କରିବା ଲାଗି ଗ୍ରୀଡ୍‌କୋର ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | | | 8 | | 7 | |
| | 3 | | | | | | | |
| | 8 | | | | 2 | | | 4 |
| | | 8 | | | 6 | | | 3 |
| | | | | 3 | 9 | 7 | | |
| 1 | | | 2 | | 4 | 5 | | 8 |
| | | | | | | | 2 | |
| | | 5 | | | | 1 | | |
| | 9 | | | 1 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 8 | 5 | 2 | 7 | 6 | 3 |
| 3 | 7 | 5 | 9 | 4 | 6 | 1 | 8 | 2 |
| 8 | 2 | 6 | 7 | 1 | 3 | 4 | 9 | 5 |
| 7 | 4 | 9 | 5 | 2 | 8 | 3 | 1 | 6 |
| 6 | 5 | 3 | 1 | 9 | 7 | 2 | 4 | 8 |
| 2 | 8 | 1 | 3 | 6 | 4 | 5 | 7 | 9 |
| 1 | 9 | 8 | 2 | 7 | 5 | 6 | 3 | 4 |
| 5 | 6 | 7 | 4 | 3 | 9 | 8 | 2 | 1 |
| 4 | 3 | 2 | 6 | 8 | 1 | 9 | 5 | 7 |

ଗତକାଲିର ଉତ୍ତର

# ଦୁର୍ନୀତି ଓ ଦୁର୍ଗତି



ଉପେନ୍ଦ୍ର ବିଶ୍ୱାଳ

"ଗୋଟେ ଦେଶକୁ ଧ୍ୱଂସ କରିବା ପାଇଁ ସର୍ବଦା ପରମାଣୁ ବୋମା ଜରୁରୀ ନୁହଁ। କାରଣ ଦେଶର ଭ୍ରଷ୍ଟ ରାଜନେତାମାନଙ୍କ ଦ୍ୱାରା ସେ କାମ ହୋଇଥାଏ।" ସତେଯେମିତି ଭାରତକୁ ଲକ୍ଷ୍ୟ ରଖି ଏକଥା ସେଦିନ କହିଥିଲେ ପ୍ରେରଣାଦାୟୀ ଲେଖକ ଇଶ୍ରାଏଲମର ଆଇଭର (ଘାନା)। ଆଜି ପ୍ରତିଟି କ୍ଷେତ୍ରରେ ଦୃଶ୍ୟମାନ ହୁଏ ଦୁର୍ନୀତିଜନିତ ଦେଶ ଦୁର୍ଗତିର ଦୟନୀୟ ଦୃଶ୍ୟ। ଖବରକାଗଜ ଖୋଲିଲା କ୍ଷଣି ଦେଖିବାକୁ ମିଳେ କିଏ ରାଜ୍ୟ ଭିଜିଲାନ୍ସ ଦ୍ୱାରା ବନ୍ଧା ହେଲାଣି ତ ଆଉ କିଏ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା। ଏମାନଙ୍କ କଳା କାରନାମାସବୁ ଦେଖିଲେ ମନେହୁଏ, ସତେଯେମିତି ଏହି ସରକାରୀ କର୍ମଚାରୀ ତଥା ନେତା-ମନ୍ତ୍ରୀମାନେ ପଣ କରିଛନ୍ତି ଏ ଦେଶଟାକୁ ଧ୍ୱଂସ କରିଦେବା ପାଇଁ। ନହେଲେ ଏମାନେ କ'ଣ ଏମିତି ପାପକାମ କରୁଥା'ନ୍ତେ ନା ଦାଣ୍ଡିଯାତ୍ରା ଭଳି ଜେଲଯାତ୍ରାକୁ ଗୌରବଯାତ୍ରା ବୋଲି ବିଚାରୁଥା'ନ୍ତେ ? ସତରେ କି ନିର୍ଲଜ ଏମାନେ ? କେଉଁଠି ଜଣେ ମାଆ(ଆର୍‌ଆଇ) ସାମାନ୍ୟଟିକେ ଦୟାଧର୍ମ ନ ଦେଖେଇ, ଆଉ ଜଣେ ଦୁଃଖିନୀ ମାଆଠାରୁ ମୃତ୍ୟୁ ପ୍ରମାଣପତ୍ର ବାବଦକୁ ଲାଞ୍ଚ ନେଇ ଜେଲ ଗଲାଣି ତ ଆଉ କେଉଁଠି ଜଣେ ମହିଳା ଭିଜିଲାନ୍ସ ଇନ୍ସପେକ୍ଟର ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିଲା ବେଳେ ବନ୍ଧାହୋଇ ଜେଲ ଗଲାଣି। ଭାରତର ନେତା-ମନ୍ତ୍ରୀମାନେ ଦୁର୍ନୀତିରେ ବିଶ୍ୱକୀର୍ତ୍ତି ସ୍ଥାପନ କରିବାରେ ମଗ୍ନ, ଯାହାକି ଜଳଜଳ କରି ଦେଖାଯାଏ ନିମ୍ନୋକ୍ତ କେତୋଟି ନମୁନାରୁ।

ଚିଦାମ୍ବରମ୍‌ଙ୍କ କଥା ଆଗ ଧରାଯାଉ। ତାଙ୍କ ପରିବାର ଗୋଟେଇଥିବା ସମ୍ପତ୍ତିକୁ ଦେଖିଲେ ଆଖି ବିସ୍ଫାରିତ ହୋଇଯାଏ। କେବଳ ଗଣମାଧ୍ୟମରେ ଚର୍ଚ୍ଚା ଧରିଥିବା ସମ୍ପତ୍ତି ମଧ୍ୟରେ ଅଛି ଚେନ୍ନାଇରେ ୧୨ଟି ଅଟ୍ଟାଳିକା ସମେତ ୪୦ଟି 'ମଲ୍' ଓ ୧୬ଟି ସିନେମାହଲ। ତାମିଲନାଡୁରେ କେବଳ ୩୦୦ ଏକରର ଜମି, ଇଂଲଣ୍ଡରେ ୮୦ ଏକରର ଜାଗା, ଥାଇଲାଣ୍ଡର ୧୬ଟି ବିଭିନ୍ନ ସ୍ଥାନରେ ମୂଲ୍ୟବାନ୍ ଜମି, ଶ୍ରୀଲଙ୍କାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ୩ଟି ଦାମିକା ରିସର୍ଟ। ତାଲିକା ଏତିକିରେ ଅଟକି ଯାଇନି। ସିଙ୍ଗାପୁର, ମାଲେସିଆରେ ଥିବା ଅଜସ୍ର ସମ୍ପତ୍ତି, ଫ୍ରାନ୍ସ ଓ ଦୁବାଇର ବିଭିନ୍ନ ସଂସ୍ଥାରେ ବିନିଯୋଗ କରିଥିବା କୋଟି କୋଟି ଟଙ୍କାର ସମ୍ପତ୍ତି, ଗ୍ରୀସ୍, ଫିଲିପାଇନ୍ସ, ଆମେରିକା ସମେତ ଆଉ କେତେକ ଦେଶରେ ପୁଞ୍ଜି ବିନିଯୋଗ ସମେତ ବ୍ରିଟେନ୍ ଓ ମାଲେସିଆରେ ତାଙ୍କର ଚାଲିଛି ବ୍ୟବସାୟ ସାମ୍ରାଜ୍ୟ। ସେଇଥିପାଇଁ ତ ଗିରଫଦାରିକୁ ଏଡ଼ାଇବାକୁ ଯାଇ ୨୦୧୯ ରେ ୩୦ରୁ ଅଧିକଥର ଆଗୁଆ ଜାମିନ ଆବେଦନ କରି ଚାଲିଥିଲେ ଏହି ଓକିଲ ଜଣଙ୍କ। ମାତ୍ର ଜାମିନ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବାରୁ ବାପ-ପୁଅଙ୍କୁ ବାଧହୋଇ ଜେଲ ଯିବାକୁ ପଡ଼ିଥିଲା। ଏବେ ଏବେ ଖୁବ୍ ଚର୍ଚ୍ଚାରେ ଥିବା ୧ ହଜାର କୋଟି ଟଙ୍କାର ହେରାଲ୍ଡ ଦୁର୍ନୀତି ମାମଲା। ହଜାରେ କୋଟି ଟଙ୍କାର ଜମି ଦୁର୍ନୀତିରେ ଗିରଫ ହୋଇଥିବା ଶିବସେନା ସାଂସଦ ସଞ୍ଜୟ ରାଉତ, ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବେଆଇନ ଭାବେ ଗୋଟେଇଥିବା ଟିଏମ୍‌ସିର ବିତାଡ଼ିତ ମନ୍ତ୍ରୀ ପାର୍ଥ-ଅର୍ପିତା ଯୋଡ଼ିଙ୍କ ସମ୍ବନ୍ଧେ ଅଧିକ ଆଲୋଚନା ନ କରି ଟିକିଏ ଫେରିଚାହିଁବା ମହାଦୁର୍ନୀତିର ଏକ କଳାଦଶନ୍ଧିକୁ, ଯେଉଁ ସମୟରେ ଲୁଟ୍ ହୋଇଛି ଦେଶର ଅଜସ୍ର ସମ୍ପତ୍ତି। ବହୁଚର୍ଚ୍ଚିତ ସ୍କାମ୍‌ଗୁଡ଼ିକ ହେଲା ପ୍ରାୟ ୧ ଲକ୍ଷ ୮୬ ହଜାର କୋଟି ଟଙ୍କାର କୋଲ୍‌ଗେଟ ସ୍କାମ, ୧ ଲକ୍ଷ ୭୬ ହଜାର କୋଟି ଟଙ୍କାର ଟେଲିକମ୍ ସ୍କାମ, ୩ ହଜାର ୬୦୦ କୋଟି ଟଙ୍କାର ହେଲିକପ୍ଟର କିଣା ଦୁର୍ନୀତି, ୩୦ ହଜାର କୋଟି ଟଙ୍କାର କମନ୍ ୱେଲ୍‌ଥ ଗେମ୍ ଦୁର୍ନୀତି, ୧ଲକ୍ଷ ୬୦ ହଜାର କୋଟି ଟଙ୍କାର ତେଲ୍‌ଗି ସ୍କାମ,୧୪ ହଜାର ୧୬୨ କୋଟି ଟଙ୍କାର ସତ୍ୟମ୍ ସ୍କାମ, ୫ ହଜାର କୋଟି ଟଙ୍କାର ସେନା ରାଶନ ଚୋରି ଭ୍ରଷ୍ଟାଚାର ଆଦି ଅନେକ ଅନେକ।



ବିଡ଼ମ୍ବନାର ବିଷୟ ହେଉଛି ଯେ, ଦୁର୍ନୀତିକୁ ପ୍ରଚ୍ଛନ୍ନଭାବେ ପ୍ରୋତ୍ସାହିତ କରାଯାଉଥିଲା ଉପା ଶାସନ ସମୟରେ। କୋଟି କୋଟି ଟଙ୍କା ଲୁଟିନେଇ ବିଦେଶରେ ଆଜି ଲୁଚିଥିବା କୁଖ୍ୟାତ ମଦ ବ୍ୟବସାୟୀ, ପଳାତକ ବିଜୟ ମାଲ୍ୟାଙ୍କୁ ମନୋନୀତ କରି ପଠାଯାଇଥିଲା ରାଜ୍ୟ ସଭାକୁ। କୋଟି କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ଅଭିଯୁକ୍ତ ଚନ୍ଦା କୋଚରଙ୍କୁ ପଦ୍ମଭୂଷଣ ଏବଂ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ଖିଲାପକାରୀ ଶିଳ୍ପପତି ରାଘବେନ୍ଦ୍ର ରାଓ ଓ ଦୀପକ ପୁରୀଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ଚୟନ କରିବା ଆଦି ଭ୍ରଷ୍ଟାଚାରୀ ଗୁଣକୁ ପ୍ରଦର୍ଶିତ କରୁନାହିଁ କି? ଦେଶର ପ୍ରତି କ୍ଷେତ୍ରରେ ଦୁର୍ନୀତିର ମଇଳା ଏମିତି ଛାଇଯାଇଛି ଯେ, ଝାଡୁଧରି ତାକୁ ସଫା କରିବାକୁ ଯେତେ ଚେଷ୍ଟା କଲେ ବି 'ସ୍ୱଚ୍ଛ ଭାରତ'ଟିଏ ପାଇବା ଖୁବ୍ କଷ୍ଟକର ମନେହୁଏ। ଦେଶର ରାଜକୋଷକୁ ଅକ୍ଟୋବର ୨୦୨୧ ସୁଦ୍ଧା ମାତ୍ର ୭ ବର୍ଷ ଭିତରେ ୫ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଜବତ ହୋଇ ଆସିଥିବାର ଜଣାଯାଏ। ଏହାସତ୍ତ୍ୱେ ଦୁର୍ନୀତି ବିରୋଧରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବି ପଛେଇ ନ ଥିଲେ। ଏ ସଂକ୍ରାନ୍ତରେ ଜୁଲାଇ ୨୭ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ବେଶ୍ ପ୍ରଣିଧାନଯୋଗ୍ୟ- "ଆତଙ୍କବାଦ ପରି ଦୁର୍ନୀତି ଖୁବ୍ ଭୟଙ୍କର। ଦେଶର ମଙ୍ଗଳ ପାଇଁ ଦୁର୍ନୀତି ପ୍ରତି ସାମାନ୍ୟତମ ସହାନୁଭୂତି ବି ଆଦୌ ଗ୍ରହଣୀୟ ନୁହେଁ।" କିଛି ବର୍ଷତଳେ ଦୁର୍ନୀତିର ବ୍ୟାପକତାକୁ ଦେଖି କଂଗ୍ରେସ ନେତୃତ୍ୱାଧୀନ ତତ୍କାଳୀନ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରି ସେଇ ନ୍ୟାୟାଳୟ ବି କହିଥିଲେ- ଦୁର୍ନୀତିକୁ ନୀତିରେ ପରିଣତ କରିଦେଲେ କେମିତି ହୁଅନ୍ତା ?

ଦୁର୍ନୀତି ହେଉଛି ଏକପ୍ରକାର କର୍କଟ ରୋଗ ଜୀବାଣୁପରି, ଯାହାକି ଧୀରେ ଧୀରେ କାୟା ବିସ୍ତାର କରି ଦେଶ ଦୁନିଆକୁ ଖାଇଖାଇ ଯାଏ। ଦରଦାମ୍ ବୃଦ୍ଧି, ବେକାରି ବୃଦ୍ଧି ଆଦି ଦେଶର ସମସ୍ତ ଅର୍ଥନୈତିକ ଅବ୍ୟବସ୍ଥାର ମୂଳ ହେଉଛି ଦୁର୍ନୀତି। ଯେଉଁଠି ଦୁର୍ନୀତି, ସେଇଠି ଦୁଃଖ-ଦୁର୍ଦ୍ଦିନ-ଦୁର୍ଗତି। ବିଲେଇ ହାତେ ମାଛଗୋଦାମର ସୁରକ୍ଷା ଯାହା, ଭ୍ରଷ୍ଟାଚାରୀଙ୍କ ହାତେ କ୍ଷମତା ହେଉଛି ତାହା। ଜଣେ ଦୁର୍ନୀତିଖୋର ନେତା ନିର୍ବାଚିତ ହୋଇ ଆସୁଛି ମାନେ ବୁଝିବାକୁ ହେବ ଯେ, ସେଠାରେ ତତୋଽଧିକ ଦୁର୍ନୀତିଖୋର ଲୋକେ ଅଛନ୍ତି, ଯେଉଁମାନେ ତାଙ୍କୁ ନିର୍ବାଚିତ କରୁଛନ୍ତି। ଦୁର୍ନୀତି ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଜନସାଧାରଣଙ୍କ ଉଦାସୀନତା। ଦେଶ ଦୁର୍ଗତିର ପ୍ରମୁଖ କାରଣ, ଦୁର୍ନୀତିକୁ ପ୍ରତିଟି କ୍ଷେତ୍ରରେ ବିରୋଧ କରିବା ନିହାତି ଆବଶ୍ୟକ, ଯାହାକି ଦେଶ ପ୍ରୀତିର ନିଦର୍ଶନ। ଆଉ ଗୋଟେ କଥା, ଭ୍ରଷ୍ଟାଚାର ପ୍ରାଧାନ୍ୟ ପାଇଲେ ସଚ୍ଚୋଟ ବ୍ୟକ୍ତିଙ୍କ ଜୀବନ ବି ବିପନ୍ନ ହୁଏ। ସେଇଥିପାଇଁ କୁହାଯାଇଛି, ଯଦି କୌଣସି ଦେଶରେ ଦୁର୍ନୀତି ଅତି ବ୍ୟାପକ ମାତ୍ରାରେ କାୟାବିସ୍ତାର କରି ସାରିଲାଣି, ତୁରନ୍ତ ସେ ଦେଶର ସଚ୍ଚୋଟ ବ୍ୟକ୍ତି/ ନେତୃତ୍ୱକୁ ସୁରକ୍ଷିତ କରି ରଖିବା ହେଉଛି ଦେଶବାସୀଙ୍କ ଗୁରୁଦାୟିତ୍ୱ। ଅନ୍ୟଥା ସଚ୍ଚୋଟ ବ୍ୟକ୍ତିଙ୍କ ଜୀବନ ଯିବା ସହିତ ଦେଶ ବି ଅଚିରେ ବୁଡ଼ିଯିବ।

**ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

# ଶ୍ରୀକୃଷ୍ଣାବତାର



ଇଂ. ରୌଶନ୍ ଖାନ

ପ୍ରଭୁଙ୍କ ଲୀଳା ଅପାର। ମର୍ତ୍ତ୍ୟରେ ତାଙ୍କ ମାନବରୂପୀ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜନ୍ମ ରହସ୍ୟରେ ଅତି ଚମତ୍କାର ଭାବରେ ପ୍ରଦର୍ଶିତ ହୋଇଛି। ଯେଉଁ ଅଦୃଶ୍ୟ ଶକ୍ତି ନିସ୍ତବ୍ଧ ରାତିରେ କାରାଗାରର ଶୃଙ୍ଖଳରୁ ମୁକ୍ତକରି କୃଷ୍ଣଙ୍କୁ ଗୋପପୁରରେ ନେଇ ବଢ଼ାଇଥିଲା, ତାଙ୍କରି ଲୀଳା ଯୋଗୁ କଂସ ଦରବାରରେ ଦର୍ଶନ ମାତ୍ରକେ ମଞ୍ଚରୁ ପଡ଼ି ମାମୁ ମଲା। ନନ୍ଦରାଣୀ ଯଶୋଦାଙ୍କ ବାତ୍ସଲ୍ୟ ମମତା ତାଙ୍କୁ 'ନନ୍ଦ ସୁତ କଳା କହ୍ନାଇ'ର ପରିଚୟ ଦେଲା। ମହାପ୍ରତାପୀ କଂସ ଯେ କି ନିଜ ପିତାଙ୍କୁ ରାଜ ସିଂହାସନରୁ ବିତାଡ଼ିତ କରି ବନ୍ଦୀ କରି ରଖିଥିଲା, ତା'ର ଦୌରାତ୍ମ୍ୟରୁ ପ୍ରଜାମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଯୁବାବସ୍ଥାରେ ତାକୁ ବଧ କରି 'ବିନାଶାୟ ଚ ଦୁଷ୍କୃତାମ୍'ର ନିଦର୍ଶନ ଦେଖାଇଲେ।

ଜନ୍ମାଷ୍ଟମୀ ଦିନ ଶ୍ରୀକୃଷ୍ଣଙ୍କ ଜନ୍ମର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜା ଅର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। କିନ୍ତୁ ଏହି ବାହ୍ୟ ଉପଚାର ସହିତ ମନରେ ପ୍ରକୃତ କୃଷ୍ଣପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧ୍ୟାତ୍ମିକ ଜୀବନ ଚରିତକୁ ବୁଝିବାକୁ ହେଲେ ପୌରାଣିକ କଥାବସ୍ତୁରେ ପ୍ରୟୋଗ ହୋଇଥିବା ସାଙ୍କେତିକ ଭାଷାକୁ ମଧ୍ୟ ବୁଝିବା ଆବଶ୍ୟକ।

କୁହାଯାଇଛି, ଶ୍ରୀକୃଷ୍ଣ ବଂଶୀ ବଜାଉଥିଲେ, ଯାହା ତାଙ୍କ ପ୍ରକାଶ୍ୟ ଲୀଳା ମଧ୍ୟରୁ ଗୋଟିଏ। ଏହାର ତାତ୍ପର୍ଯ୍ୟ ହେଉଛି, ତାଙ୍କ ଶ୍ରୀମୁଖ ଅଧରରୁ ଉଚ୍ଚାରିତ ବାକ୍ୟ ବଂଶୀ ସ୍ୱନ ପରି ଏତେ ମଧୁର ଥିଲା ଯେ ସେ ଯୁଆଡ଼େ ଯାଉଥିଲେ ଦିବ୍ୟବାଣୀ ଦ୍ୱାରା ସବୁରି ମନକୁ ମୋହି ନେଉଥିଲେ, ଯାହା ବଂଶୀକୁ ଫୁଙ୍କିଲା ପରି ହୃଦୟ ମଧ୍ୟରୁ ଝଙ୍କୃତ ହୁଏ। ଶ୍ରୀକୃଷ୍ଣ ଜନ୍ମର ଉଦ୍ଦେଶ୍ୟ ମଧ୍ୟ ତାଙ୍କ ନାମରେ ଲୁଚି ରହିଛି, ଯେପରି 'ଚିର୍କିର୍ଷୟା'। ଅର୍ଥାତ ସେ ଭକ୍ତମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିଲେ ତାଙ୍କ ଅମୃତ ବାଣୀରେ ଓ ନିଜର ଶ୍ୟାମଳ ସୁଦର୍ଶନ ରୂପ ଲାବଣ୍ୟରେ। ଏହା ହିଁ ମୁରଲୀଧର ଶ୍ରୀକୃଷ୍ଣଙ୍କ ଗୁଣାତ୍ମକ ମହିମା। ପୁଣି ତାଙ୍କୁ ଲବଣି ଚୋର କୁହାଯାଏ। ବାଲ୍ୟକାଳରେ ସେ କାଳେ ଘରେ ପଶି ଦହିହାଣ୍ଡି ଭାଙ୍ଗି ଦେଉଥିଲେ ଓ ଲବଣି ଚୋରି କରି ଖାଇ ଦେଉଥିଲେ। କିନ୍ତୁ ଏହି ଉପମାରେ ଲବଣି ପରି ଦୁନିଆର ସବୁଠାରୁ କୋମଳ ବସ୍ତୁ କୁହାଯାଉଥିବା ମନ ଓ ହୃଦୟକୁ ଚୋରିକରି କୌଶଳକଳାରେ ବିଭୂଷିତ ଶ୍ରୀକୃଷ୍ଣ ନିଜର ମିଷ୍ଟ, ଅମାୟିକ ସ୍ୱଭାବ ଦ୍ୱାରା ସବୁରି ପ୍ରିୟଭାଜନ ହୋଇଥିଲେ। ତେଣୁ ତାଙ୍କୁ ଯଥାର୍ଥରେ 'ଚିତ୍ତଚୋର' ମଧ୍ୟ କୁହାଯାଏ।

ଯିଏ ଧ୍ୟାନ କରେ ନିଜ ଆରାଧ୍ୟ ଦେବତାଙ୍କୁ, ସେ ହେଉଛନ୍ତି ରାଧା। ଏହି ଶବ୍ଦ 'ଆରାଧନା'ରୁ ଆନୀତ, ଯାହା କୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି। କୃଷ୍ଣ ନାମ ଜପ କରିବାରେ ତାଙ୍କର ପ୍ରଭାବିତ ବ୍ୟକ୍ତିତ୍ୱ ଏପରି ଉଦ୍‌ଭାସିତ ହେଉଥିଲା ଯେ ଯୁଗେ ଯୁଗେ କୃଷ୍ଣଙ୍କ ବିନା ରାଧା ଅଧୀର ଓ ବ୍ୟାକୁଳ। ଶ୍ରୀଚୈତନ୍ୟ କୃଷ୍ଣଙ୍କ ନିକଟରେ ରାଧା ଭାବରେ ନିଜକୁ ସମର୍ପଣ କରି କୃଷ୍ଣ ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଭକ୍ତମାନଙ୍କୁ ଉପଦେଶ ଦେଇଥିଲେ। କାରଣ ଭକ୍ତିପୂର୍ଣ୍ଣ ନିବେଦନ ରୂପକ ରାଧାଙ୍କ ଦ୍ୱାରା ଈଶ୍ୱର ପ୍ରାପ୍ତି ସମ୍ଭବ ବୋଲି ସେ କହୁଥିଲେ। 'ରାଧା' ଶବ୍ଦର ବ୍ୟାଖ୍ୟା କରି ପଣ୍ଡିତମାନେ କହିଛନ୍ତି, 'ରାସେ ସମ୍ଭୂୟ ଗୋଲୋକେ ଧା ଦଧାବ ହରେଃ ପୁରଃ।' ଅର୍ଥାତ୍ 'ରା ଉଚ୍ଚାରଣ କରି ଭକ୍ତମାନେ ଗୋଲକ ଭୁବନକୁ ଦର୍ଶନ କରନ୍ତି ଏବଂ ଧା ଉଚ୍ଚାରଣ ମାତ୍ରେ ଗୋଲୋକ ଅଭିମୁଖେ ଗମନ କରନ୍ତି ।' ତେଣୁ ଶ୍ରୀକୃଷ୍ଣଙ୍କ ସର୍ବୋତ୍କୃଷ୍ଟ ଚରିତ୍ର ହେଉଛି ରାଧା।

ଶ୍ରୀକୃଷ୍ଣ ଜନ୍ମର ଉତ୍ସବ କେବଳ ହିନ୍ଦୁଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ମୁସଲମାନ ସମ୍ପ୍ରଦାୟ ଲାଗି ମଧ୍ୟ କରୁଣାର ଉତ୍ସ। ପଞ୍ଚମ ଶତାବ୍ଦୀ ହିଜ୍ରିରେ ଜନ୍ମଗ୍ରହଣ କରିଥିବା ଦାଇଲାମୀ ନାମକ ଜଣେ ହଦିସ୍ ଲେଖକ ହଜରତ ମୁହମ୍ମଦଙ୍କ ମହାନ୍ ଉକ୍ତିକୁ ପ୍ରସିଦ୍ଧ ଭାଷ୍ୟକାର ଇବ୍ନ ଆରବୀଙ୍କଠାରୁ ଉଦ୍ଧାର କରି ନିଜ ପୁସ୍ତକ 'ଫିର୍‌ଦସୁଲ୍ ଅକ୍‌ବର'ରେ ଏହିପରି ଉଲ୍ଲେଖ କରିଛନ୍ତି,'କା'ନା ଫିଲ୍ ହିନ୍ଦେ ନବୀୟନ୍ ଅସ୍‌ୱଦହୁଲ୍ ଲୌନା ଇସ୍‌ମହୁ କାହିନ୍'। ଅର୍ଥାତ୍ ହିନ୍ଦୁସ୍ତାନରେ ଜଣେ ମହାନ୍ ଅବତାର ଆବିର୍ଭୂତ ହୋଇଥିଲେ, ଯାହାଙ୍କ ଦେହର ବର୍ଣ୍ଣ ଶ୍ୟାମଳ ଏବଂ ତାହାଙ୍କ ନାମ 'କାହିନ୍' ଅର୍ଥାତ 'କହ୍ନେୟା' ବା 'କୃଷ୍ଣ' ଥିଲା । ବିଗତ ୮୦୦ ବର୍ଷ ପୂର୍ବେ ଶ୍ରୀକୃଷ୍ଣଙ୍କ ପାଇଁ ମୁସଲମାନଙ୍କ ମଧ୍ୟରେ ଯେଉଁ ଭାବଧାରା ଉଜ୍ଜୀବିତ ହୋଇଥିଲା, ତାହା ଦାଇଲାମୀଙ୍କୁ ଏହି ପ୍ରସିଦ୍ଧ ହଦିସରେ ଲିପିବଦ୍ଧ କରିବା ପାଇଁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା।

ଦ୍ୱାରିକାଧିପତି ଶ୍ରୀକୃଷ୍ଣ ଗୀତାର ଅଷ୍ଟାଦଶ ଅଧ୍ୟାୟରେ କହିଛନ୍ତି: 'ଈଶ୍ୱର ସର୍ବ ଭୂତାନାମ୍ ହୃଦ୍ଦେଶେଽର୍ଜୁନ ତିଷ୍ଠତି'। ପୁଣି 'ମାମେକଂ ଶରଣଂ ବ୍ରଜ' ଅର୍ଥାତ ଈଶ୍ୱର ସର୍ବବ୍ୟାପକ, ସେ ତୁମ ହୃଦୟରେ ବିରାଜିତ। ତାଙ୍କୁ ପାଇବାକୁ ହେଲେ ମୋହରି ଶରଣ ପଶ। 'ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।' ତା'ହେଲେ ଯାଇ ମୁଁ ତୋତେ ସମସ୍ତ ପାପରୁ ଉଦ୍ଧାର କରି ମୋକ୍ଷ ପ୍ରଦାନ କରିବି। (ଅଧ୍ୟାୟ ୧୮, ଶ୍ଳୋକ ୬୧-୬୬)

**ସହକାରୀ ନିର୍ବାହୀ ଯନ୍ତ୍ରୀ, କେରଙ୍ଗ (ଖୋର୍ଦ୍ଧା)**
**ମୋ: ୯୪୩୭୬୮୪୮୫୯**

## ପାଠକ ଶ୍ରେଷ୍ଠ ବିଚାରକ

### ଜନ ବିସ୍ଫୋରଣ ଏକ ଆହ୍ୱାନ

ମହାଶୟ,

କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଜନସଂଖ୍ୟା ଦ୍ରୁତ ହାରରେ ବଢ଼ିବାରେ ଲାଗିଛି। ଏହାକୁ ଅର୍ଥନୀତିରେ ଜନ ବିସ୍ଫୋରଣର ଆଖ୍ୟା ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ରୁ ୨୦୧୧ ମଧ୍ୟରେ ଜଣକ ପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି। ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରି ସମସ୍ୟା ସୃଷ୍ଟି ହୋଇଛି। ଏସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ। ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ମଧ୍ୟରେ। 'ଅର୍ଥନୈତିକ ଯୋଜନା ଦୀର୍ଘ ଛଅ ଦଶନ୍ଧିରୁ ଅଧିକ ବର୍ଷ ହେଲା ଚାଲୁ ରହିଥିଲେ ମଧ୍ୟ ଦେଶର ଜନସଂଖ୍ୟାର ବାର୍ଷିକ ଅଭିବୃଦ୍ଧି ହାର ୧.୬୪ ପ୍ରତିଶତ (୨୦୧୧) ବୋଲି ଆକଳନ କରାଯାଇଛି। ଯାହାକି ଚାଇନା ତଥା ଅନ୍ୟାନ୍ୟ ଉନ୍ନତ ଦେଶଗୁଡ଼ିକଠାରୁ ଯଥେଷ୍ଟ ଅଧିକ। ମୋଟ ଜନସଂଖ୍ୟାର ବିରାଟ ଆକାର ଓ ଦ୍ରୁତ ଜନସଂଖ୍ୟା ବୃଦ୍ଧିର ହାରକୁ ଲକ୍ଷ୍ୟ ରଖି ଅର୍ଥଶାସ୍ତ୍ରୀମାନେ ଭାରତରେ ଜନ ବିସ୍ଫୋରଣ ଘଟିଛି ବୋଲି ସତର୍କବାଣୀ ଶୁଣାଇ ଆସିଛନ୍ତି। ଜନ ବିସ୍ଫୋରଣର କେବଳ ଭାରତ ସମେତ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଳ
ସବୁ କବିତାର ଛନ୍ଦ ତହିଁରେ ଠୁଳ !
ପାଦରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲୋ !

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


କଙ୍ଗନା ରାଣାଓ୍ୱତ

# କଙ୍ଗନାଙ୍କୁ ଡେଙ୍ଗୁ

**ମୁମ୍ବାଇ:** ବଲିଉଡ୍‌ର କୁଇନ୍ ବୋଲାଉଥିବା କଙ୍ଗନା ରାଣାଓ୍ୱତଙ୍କୁ ଡେଙ୍ଗୁ। ମୁମ୍ବାଇରେ ଡେଙ୍ଗୁ ଆକାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଏଥିରୁ ବର୍ତ୍ତିନାହାନ୍ତି ନାୟିକା କଙ୍ଗନା। ଦେହ ଭଲ ନ ଥିଲେ ସୁଦ୍ଧା ତାଙ୍କୁ କାମରୁ ମିଳିନି ଛୁଟି। ନିଜର ଅପ୍‌କମିଂ ଫିଲ୍ମ 'ଏମର୍ଜେନ୍ସି'ର ଶୁଟିଂରେ ସେ ଏବେ ବ୍ୟସ୍ତ ଅଛନ୍ତି। ଦେହ ଖରାପରେ ମଧ୍ୟ ଶୁଟିଂରୁ କଙ୍ଗନାଙ୍କୁ ଛୁଟି ମିଳିନାହିଁ। ଏମର୍ଜେନ୍ସିର ଅଭିନୟ କରିବା ସହ କଙ୍ଗନା ନିଜେ ଫିଲ୍ମର ପ୍ରଯୋଜିକା ସାଜିଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକା ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ କଙ୍ଗନାଙ୍କୁ ଦେଖିବାକୁ ମିଳିବ। ନିକଟରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ 'ଧକଡ୍' ରିଲିଜ୍ ହୋଇଥିବାବେଳେ ଏହା ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏହାପରେ ଏବେ କଙ୍ଗନା ନିଜ ଆଗାମୀ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି। ଏମର୍ଜେନ୍ସିର ଫାଷ୍ଟଲୁକ୍ ଜୁଲାଇ ୧୪ରେ କଙ୍ଗନା ସୋସିଆଲ ମିଡିଆରେ ଶେୟାର କରିଥିଲେ। ଫିଲ୍ମର ଶୁଟିଂ ଜୋରସୋର ଭାବେ ଆଗେଇ ଥିବାବେଳେ ଆସନ୍ତା ବର୍ଷ ଏହା ମୁକ୍ତିଲାଭ କରିବ।

# ଦେଖାଯିବେ ବିଲୁପ୍ତ ଟାସ୍ମାନିଆନ୍ ବାଘ



**ୱାଶିଂଟନ:** ବିଲୁପ୍ତ ହୋଇଯାଇଥିବା ଟାସ୍‌ମାନିଆନ୍ ବାଘ ପୁଣିଥରେ ଦେଖିବାକୁ ମିଳିବେ। ଏ ନେଇ ବୈଜ୍ଞାନିକମାନଙ୍କ ପାଖରେ ଲକ୍ଷାଧିକ ପ୍ରୋଜେକ୍ଟ ଜମା ହୋଇଥିବାବେଳେ ପ୍ରଜାତିକୁ ପୁନର୍ଜୀବିତ କରିବା ପାଇଁ ଗବେଷଣା ଆରମ୍ଭ ହୋଇଯାଇଛି। ତେବେ ଏହାକୁ ସଫଳ କରିବା ପାଇଁ ଆମେରିକା ବୈଜ୍ଞାନିକ ଆଶା ପ୍ରକଟ କରିଛନ୍ତି। ତେବେ ଜେନେଟିକ୍ ଇଞ୍ଜିନିୟରିଂ ଜରିଆରେ ଏହା ସଫଳ ହୋଇପାରିବ। ଟାସମାନିଆ ବାଘ ଜରିଆରେ ଅଷ୍ଟ୍ରେଲିଆର ବିଗିଡ଼ିଯାଇଥିବା ଜୈବ ବିବିଧତା ନିୟନ୍ତ୍ରଣକୁ ଆସିପାରିବ। ପ୍ରକାଶିତ ଖବର ମୁତାବକ ୧୯୩୬ରେ ଶେଷ ଟାସମାନିଆ ବାଘର ମୃତ୍ୟୁ ହୋଇଥିଲା। ତେବେ ଏହି ବିରଳ ପ୍ରଜାତିର ବାଘ ବଂଶ ଲୋପ କରିବାରେ ସ୍ଥାନୀୟ ପ୍ରଶାସନର ମୁଖ୍ୟ ଭୂମିକା ଥିବା କୁହାଯାଉଛି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ କାରଣରୁ ଏ ପ୍ରଶାସନ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିଲା। ଲାବ୍‌ରେ ଥାଇଲାସିନ୍ ଇଣ୍ଟିଗ୍ରେଟେଡ୍ ଜେନେଟିକ୍ ରିଷ୍ଟୋରେଶନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବା ମେଲବର୍ନ ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି।

# ଟପ୍ ୧୦ରେ ଦିଲ୍ଲୀ, କୋଲକାତା

## ୧୮ ସହରରେ ବଢୁଛି ବାୟୁ ପ୍ରଦୂଷଣ



**ୱାଶିଂଟନ୍:** ଭାରତର ୨୦ ସହର ମଧ୍ୟରୁ ୧୮ ସହରରେ ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ପ୍ରଭାବିତ ସହରାଞ୍ଚଳ ବାୟୁରେ ଫାଇନ୍ ପାର୍ଟିକଲ ପଲ୍ୟୁଟାଣ୍ଟ (ପିଏମ୍‌୨.୫)ର ପରିମାଣ ବୃଦ୍ଧି ପାଇଥିବା ରିପୋର୍ଟ ଦର୍ଶାଯାଇଛି। ଆମେରିକାର ରିସର୍ଚ୍ଚ ଅର୍ଗାନାଇଜେଶନ୍ ହେଲ୍‌ଥ ଇଫେକ୍ଟସ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ୭୦୦ ସହରର ବାୟୁ ପ୍ରଦୂଷଣ ବାବଦରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜଧାନୀ ଦିଲ୍ଲୀର ବାୟୁରେ ମାତ୍ରାଧିକ ପିଏମ୍ ୨.୫ ପାର୍ଟିକଲ୍ ଥିବା ଏଥିରେ କୁହାଯାଇଛି। ୨୦୧୦ରୁ ୨୦୧୯ ପର୍ଯ୍ୟନ୍ତ ସହରର ବାୟୁ ପ୍ରଦୂଷଣ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ବାୟୁରେ ପିଏମ୍ ୨.୫ ପାର୍ଟିକଲ୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍‌ର ପରିମାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ୨୦୧୯ରେ ବିଶ୍ୱବ୍ୟାପୀ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁ ପଛର କାରଣ ପିଏମ୍ ୨.୫ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ୭,୨୩୯ ସହରକୁ ନେଇ ଏହି ଅଧ୍ୟୟନ କରାଯାଇଥିବାବେଳେ ଏସିଆ, ଆଫ୍ରିକା, ପୂର୍ବ ଏବଂ ମଧ୍ୟ ୟୁରୋପରେ ବାୟୁ ପ୍ରଦୂଷଣର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ବିଶ୍ୱର ପ୍ରଦୂଷିତ ସହର ତାଲିକାରେ ଶୀର୍ଷ ୧୦ ସହର ମଧ୍ୟରେ ଦିଲ୍ଲୀ ଓ କୋଲକାତା ରହିଛି। ୨୦୧୯ ସୁଦ୍ଧା ଏହି ଦୁଇ ସହରର ବାୟୁରେ ପିଏମ୍ ୨.୫ର ମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସେହିପରି ପ୍ରକାଶିତ ରିପୋର୍ଟର ଟପ୍ ୨୦ ତାଲିକାରେ ଭାରତ, ନାଇଜେରିଆ, ପେରୁ, ବାଂଲାଦେଶ ସହରଗୁଡ଼ିକର ନାମ ଅନ୍ତର୍ଭୁକ୍ତ। ଭାରତ ଏବଂ ଇଣ୍ଡୋନେସିଆରେ କ୍ରମାଗତ ଭାବେ ପିଏମ୍ ୨.୫ର ମାତ୍ରା ବଢୁଥିବା ରିପୋର୍ଟରେ ଦର୍ଶାଯାଇଛି। ସହର ବାୟୁରେ ହାନିକାରକ କଣିକାର ମାତ୍ରା ବୃଦ୍ଧି ପାଇଥିବାବେଳେ ଚାଇନାର ୨୦ ସହରରେ ପିଏମ୍ ୨.୫ର ମାତ୍ରା କ୍ରମାଗତ ଭାବେ କମିଥିବା ରିପୋର୍ଟରେ କୁହାଯାଇଛି। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି ରିପୋର୍ଟ ମୁତାବକ ବିଶ୍ୱର ୧୧୭ ଦେଶର ବାୟୁରେ ପିଏମ୍ ୨.୫ ହାନିକାରକ କଣିକାର ମାତ୍ରା କମାଇବା ପାଇଁ ବିଭିନ୍ନ ଦିଗରେ କାମ କରୁଥିବାବେଳେ ୭୪ ଦେଶ ବାୟୁରେ ନାଇଟ୍ରୋଜେନ୍ ଅକ୍ସାଇଡ୍‌ର ପରିମାଣ କମାଇବା ଉଦ୍ଦେଶ୍ୟରେ ଚେଷ୍ଟା ଚଳାଛନ୍ତି। ବିଶ୍ୱରେ ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁର କାରଣ ବାୟୁ ପ୍ରଦୂଷଣ। ୨୦୧୯ ସୁଦ୍ଧା ୬.୭ ମିଲିୟନ୍ ଲୋକଙ୍କ ମୃତ୍ୟୁ ଏହି କାରଣରୁ ହୋଇଛି। ବାୟୁ ପ୍ରଦୂଷଣର ପ୍ରଭାବ ଯୁବପିଢ଼ି, ବୟସ୍କଙ୍କଠାରେ ଅଧିକମାତ୍ରାରେ ପଡୁଥିବାବେଳେ ଏ ନେଇ ଶ୍ୱାସକ୍ରିୟା ଜନିତ ସମସ୍ୟା ଓ ହୃଦ୍‌ରୋଗ ବୃଦ୍ଧି ପାଇଛି।


## QUOTATION CALL NOTICE

On behalf of Kurujanga & Jaleswarpada Panchayat Stariya Sangha invites quotation for purchase of 1 No. Tractor, Rotavator, Triller, Trailer from manufactures firm & authorized dealers. Engine Cylinder type - 4 Nos. This is an official quotation, which only official quotation will be accepted.
The quotation should be deposited offline in speed post, registered post or inland mode in shape of sealed envelope. Please quote the rate in Indian rupees only specification.
**Tractor-** • Engine HP 42-50 • Power take off (PTO) • Engine Aspiration System • Engine cooling • Schedule date sheet: Quotation document sale date :17.8.22. Quotation submit date: 26.8.22. Quotation opening : 29.8.22.
The quotation should be submitted at President, Jaleswarpada Panchayat Stariya Sangha, Jaleswarpada, Kakatpur & President Kurujanga Panchayat Stariya Sangha, Kurujanga, Kakatpur on or before quotation submission end date & time positively by post. Otherwise quotation will not be entertained.

**Sd./- President** Jaleswarpada Mahila Mahasangha
**Sd./- President** Kurujanga Mahila Mahasangha

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER, KORAPUT FOREST DIVISION

E-mail Id- dfo.koraput@odisha.gov.in.

**Bid Identification No. DFO,KPT- 1F/2021-22**
**No.100, Date:16.08.2022**

**No.MM-121:**1.The Bid documents, specifications, the schedule of quantities and the set of terms & Conditons of contract and other necessary Documents can be seen in the website www.tenderodisha.gov.in and www.nic.in from 22.08.2022 to 05.09.2022.

| SL. No. | Name of the Work | Area of the Work | Con-cerned T.I.A. | Approximate value of Amount (in Rs.) | Cost of Bid papers (in Rs.) | Cost of Bid doc-ument (in Rs.) | Class of Bidders | Period of Completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Forest Guard Quarter at Janiguda in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs. | Koraput Forest Division | 14,41,086/- | 6,000/- | 0 | C Class | 31.12.2022 |
| 2 | Construction of Forest Guard Quarter at Deoghati in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,37,268/- | 6,000/- | 0 | C Class | 31.12.2022 |
| 3 | Construction of Forest Guard Quarter at Kaliajholla in Laxmipur Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14.37.268/- | 6,000/- | 0 | C Class | 31.12.2022 |
| 4 | Construction of Forest Guard Quarter at Range office campus in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,437/- | 6,000/- | 0 | C Class | 31.12.2022 |
| 5 | Construction of Forest Guard Quarter at Almonda beat in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,35,535/- | 6.000/- | 0 | C Class | 31.12.2022 |
| 6 | Construction of Forest Guard Quarter at Garligabeda beat in Semiliguda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,40,166/- | 6,000/- | 0 | C Class | 31.12.2022 |
| 7 | Construction of Forest Guard Quarter at Kosandi beat in Semiliguda Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,293/- | 6,000/- | 0 | C Class | 31.12.2022 |
| 8 | Construction of Forest Guard Quarter at Balda beat in Balda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,147/- | 6,000/- | 0 | C Class | 31.12.2022 |
| 9 | Construction of Forest Guard Quarter at Machkund beat in Lamtaput Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,129/- | 6,000/- | 0 | C Class | 31.12.2022 |

OIPR-08067/11/0007/2223 **Sd./- Divisional Forest Officer, Koraput Forest Division**


# ଏମର୍ଜେନ୍ସି ନମ୍ବର ଡାଏଲ କଲା ମାଙ୍କଡ଼



**ସାକ୍ରାମେଣ୍ଟୋ:** ମାଙ୍କଡ଼ମାନଙ୍କ ପ୍ରଜାତି ଭିତରୁ କାପୁଚିନ୍ ମାଙ୍କଡ଼ ପ୍ରଜାତିଙ୍କ ମସ୍ତିଷ୍କ ଉନ୍ନତମାନର ହୋଇଥାଏ। ସେମାନଙ୍କ କାମ ମଣିଷଙ୍କ କାମ ଭଳି ହୋଇଥିବାବେଳେ ଅନେକ ସମୟରେ ଏଥିଲାଗି ଲୋକଙ୍କୁ ବହୁ ହଇରାଣ ହେବାକୁ ପଡ଼ିଥାଏ। କାଲିଫର୍ନିଆର ଏକ ପଶୁ ଉଦ୍ୟାନରେ ଏକ କାପୁଚିନ୍ ମାଙ୍କଡ଼ 'ଜୁ' କାର୍ଯ୍ୟାଳୟରେ ଥିବା ଫୋନ୍‌ରୁ ଏମର୍ଜେନ୍ସି ନମ୍ବର ଡାଏଲ କରିଛି। ୯୧୧କୁ ମାଙ୍କଡ଼ଟି କଲ୍ କରିବା ପରେ ତୁରନ୍ତ ଫୋନ୍‌ଟି କଟିଯାଇଥିଲା। କୌଣସି ଜରୁରୀ ଆବଶ୍ୟକତା ଥିବା ମନେ କରି ବିଭାଗ ପକ୍ଷରୁ 'ଜୁ' ନମ୍ବରରେ କଲ୍ କରିଥିଲେ ହେଁ କେହି ଉତ୍ତର ଦେଇ ନ ଥିଲେ। ତେବେ ଲୋକେଶନ୍ ଟ୍ରାକ୍ କରି ଏମର୍ଜେନ୍ସି ସର୍ଭିସ୍ ଟିମ୍ ପ୍ରାଣୀ ଉଦ୍ୟାନରେ ପହଞ୍ଚିଥିଲେ। ରାତିରେ ଉଦ୍ୟାନ ବନ୍ଦ ଥିବାବେଳେ ଟିମ୍ ସେଠାରୁ ଚାଲିଆସିଥିଲେ। ସାନ୍ ଲୁଇସ୍ ଓବିସ୍ପୋ କାଉଣ୍ଟି ଶେରିଫ କାର୍ଯ୍ୟାଳୟ ପକ୍ଷରୁ ଫେସ୍‌ବୁକ୍ ଯୋଗେ ଏହି ସୂଚନା ଦିଆଯାଇଛି। ଆଶ୍ଚର୍ଯ୍ୟର କଥା ଫୋନ୍‌ଟି ଲକ୍ ଥାଇ ସୁଦ୍ଧା ମାଙ୍କଡ଼ ତାକୁ ଖୋଲି ନମ୍ବର ଡାଏଲ୍ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପଟେ ଏମର୍ଜେନ୍ସି ନମ୍ବର ମାଙ୍କଡ଼ ଜାଣିଲା କିପରି ତାହା ଏବେ ବଡ଼ ପ୍ରଶ୍ନବାଚୀ ପାଲଟିଛି। ୪୦ ଏକର ପରିମିତ ଜାଗାରେ ତିଆରି ହୋଇଥିବା ଏହି ପଶୁ ଉଦ୍ୟାନରେ ମାତ୍ରାଧିକ ଭାବେ କାପୁଚିନ୍ ମାଙ୍କଡ଼ ବାସ କରୁଛନ୍ତି। ବିଭିନ୍ନ ସମୟରେ ଏହି ମାଙ୍କଡ଼ ଉଦ୍ୟାନ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିବା ସହ ଜିନିଷପତ୍ର ନେଇଯାଉଥିବା କର୍ତ୍ତୃପକ୍ଷ କହିଛନ୍ତି।

# ବିଦେଶରେ ଭଗବତ ଗୀତା ପ୍ରୀତି

**ୱାଶିଂଟନ୍:** ଟେକ୍ସାସ୍‌ରେ ୧୫୦୦ କଲେଜ ଛାତ୍ରୀଛାତ୍ର ଭଗବତ ଗୀତା ଶ୍ଳୋକ ଉଚ୍ଚାରଣ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ବିଦେଶରେ ହିନ୍ଦୁ ସମ୍ପ୍ରଦାୟର ଆଦର ଏଥିରୁ ବାରି ହୋଇ ପଡୁଛି। ଏ ନେଇ ଛାତ୍ରୀଛାତ୍ରମାନେ ୧୨ ମାସ ଧରି ଅଭ୍ୟାସ କରୁଥିବା କୁହାଯାଉଛି। ତେବେ ୭୦୦ ଟ୍ରେଣ୍ଡ୍ ଫ୍ଲୁଏଣ୍ଟ ରିଡର (ଗୀତାକୁ ମୁଖସ୍ଥ କରିଥିବା ବ୍ୟକ୍ତି)ଙ୍କ ସହ ଛାତ୍ରୀଛାତ୍ରମାନେ ଶ୍ଳୋକ ପାଠ କରିଥିଲେ। ଅଗଷ୍ଟ ୧୩ରେ 'ଗୀତା ସହସ୍ରଗାଲା ଦିବସ' ଉପଲକ୍ଷେ ଡଲ୍ଲାସରେ ଅଭଦୂତ ଦତ୍ତ ପୀଠମ୍ ପକ୍ଷରୁ ଆୟୋଜିତ 'ଗୀତା ସହସ୍ରଗାଲା' କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରମାନେ ଗୀତା ପାଠ କରିଥିଲେ। ଏହାପୂର୍ବରୁ ୯ ବର୍ଷର ବାଳକ ଗୀତା ଶ୍ଳୋକ ପାଠ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି।


## ZILLA SWASTHYA SAMITI, MAYURBHANJ
### DISTRICT PROGRAMME MANAGEMENT UNIT
### NATIONAL HEALTH MISSION

**Advt.No.05/NHM** **Walk-In-Interview** **Date:17.08.2022**

**No.E-397:**Walk-in-Interview will be conducted on dt 25.08.2022 at 11 AM in the office of the undersigned for engagement in the following post under NUHM, Mayurbhanj with monthly remuneration as noted below as per the norms & conditions under ZSS, Mayurbhanj.

| Sl. No. | Name and Type of the Post | No. of Post | Place of Posting | Age as on dtd. 01.08.2022 | Remuneration (in Rs.) | Eligibility Criteria & Preference |
|---|---|---|---|---|---|---|
| 1 | Medical Officer (Contractual) | 04 | UPHC, Rairangpur & HWC Rairangpur, Karanjia, Baripada | Upto 70 years | Base remuneration Rs.58,344/- PI maximum 25% of the base remuneration | MBBS Degree recognised by Medical Council of India & with valid registration from the OCMR. Preference will be given to the candidate having post qualification experience. |
| 2 | Specialist O & G (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in O & G and valid registration from OCMR. Preference will be given to the candidates having post qualification experience. |
| 3 | Specialist in Paediatrics (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Paediatrics and valid registration from OCMR. Preference will be given to the Candidates having post qualification experience. |
| 4 | Specialist in Medicine (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Medicine and valid registration from OCMR. Preference will be given to the Candidates having post qualification experience. |
| 5 | Dentist (Part Time) | 02 | UPHC Tulasichoura, Murgabadi | Upto 70 years | Rs.1250/- per session (Maximum two session per day) | Bachelor of Dental Surgery with valid registration from OSDC. Preference will be given to the Candidates having post qualification experience. |
| 6 | Physiotherapist (Part Time) | 06 | UPHC Tulasichoura/ Murgabadi/ Rairangpur & HWCs Rairangpur/ Karanjia/Baripada | Upto 50 years | Rs.600/- per session (Maximum two session per day) | Bachelor's Degree in Physiotherapy (BPT) from recognised Institution. Preference will be given to the Candidates having post qualification experience. |

The eligible candidates should come prepared on dt.25.08.2022 at 11 AM for Walk-in-Interview with the filled in Application form. 2 Passport size photographs, Original certificates for verification & self attested photocopies of all the certificates & proof of age. The details of the TOR, application form can be downloaded from the website www.mayurbhanj.nic.in. The undersigned reserves the right to cancel the advertisement without assigning any reason thereof.

OIPR-10020/11/0011/2223 Sd./- (Dr. Rupabhanu Mishra), Chief District Medical & PHO, Mayurbhanj

## DIRECTORATE OF MEDICAL EDUCATION & TRAINING,ODISHA

**NO 9892// BBSR, Date-17.08.2022**

### NOTICE

### ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23

**No.KK-118:**Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in** **dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
**OIPR-10016/11/0018/2223**

## କେନ୍ଦ୍ରୀୟ ଭୂତଳ ଜଳ ପ୍ରାଧିକରଣ
## ଜଳଶକ୍ତି ମନ୍ତ୍ରଣାଳୟ
## ଭାରତ ସରକାର

### ସର୍ବସାଧାରଣ ବିଜ୍ଞପ୍ତି ନଂ. ୬/୨୦୨୨

**ଦୟାକରି ଧ୍ୟାନଦିଅନ୍ତୁ: ସମସ୍ତ ଭୂତଳ ଜଳ ଉପଭୋକ୍ତା ଯାହା ମଧ୍ୟରେ ଆବାସିକ ଆପାର୍ଟମେଣ୍ଟସ୍/ଗ୍ରୁପ୍ ହାଉସିଂ ସୋସାଇଟିଜ୍/ ସହରାଞ୍ଚଳ ସରକାରୀ ଜଳ ଯୋଗାଣ ଏଜେନ୍ସି/ବୃହତ୍ ଜଳ ଯୋଗାଣକାରୀ/ ଶିଳ୍ପୀୟ/ଭିତ୍ତିଭୂମି/ଖଣି ପ୍ରକଳ୍ପ/ସୁଇମିଂ ପୁଲ୍/ ସ୍ପୋର୍ଟସ୍ କମ୍ପ୍ଲେକ୍ସ/ ସରକାରୀ କାର୍ଯ୍ୟାଳୟ ଭବନ ଅନ୍ତର୍ଭୁକ୍ତ ।**

ଉପରୋକ୍ତ ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡ, ଲଦାଖ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ରାଜସ୍ଥାନ, ସିକ୍କିମ, ତ୍ରିପୁରା, ଉତ୍ତରାଖଣ୍ଡ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଦାଦ୍ରା ଏବଂ ନଗର ହାବେଲୀ ତଥା ଡାମନ ଓ ଡିଉର ସମସ୍ତ ବିଦ୍ୟମାନ ତଥା ନୂଆ ଭୂତଳ ଜଳ ଉପଭୋକ୍ତାଙ୍କୁ **ଭୂତଳ ଜଳ ଉଠାଣ ପାଇଁ ସିଜିଡବ୍ଲ୍ୟୁଏଠାରୁ ଅନୁମତି ନେବା ଆବଶ୍ୟକ ।** ସିଜିଡବ୍ଲ୍ୟୁଏ ଏ ସଂକ୍ରାନ୍ତରେ ୨୦୧୫ଠାରୁ ବିଭିନ୍ନ ସର୍ବସାଧାରଣ ନୋଟିସ ଜାରି କରିଛି । **ଶେଷ ସୁଯୋଗ ଭାବେ,** ଏନ୍‌ଓସି ପାଇଁ ସମ୍ପୂର୍ଣ୍ଣ ଦରଖାସ୍ତ **ଦାଖଲର ଶେଷ ତାରିଖକୁ ତା୩୦।୦୬।୨୦୨୨ରୁ ୩୦।୦୯।୨୦୨୨ରିଖ ପର୍ଯ୍ୟନ୍ତ** ବୃଦ୍ଧି କରାଯାଉଛି, ଯାହା ମଧ୍ୟରେ ଭୂତଳ ଜଳ କାଢ଼ିବା/ପୁନରୁଦ୍ଧାର କରିବାର ଶୁଳ୍କ ଏବଂ ଜରିମାନା ଅନ୍ତର୍ଭୁକ୍ତ । ଏଥିରେ ବିଫଳ ହେଲେ ଜଳ ଉଠାଣକୁ ବେଆଇନ ବିବେଚନା କରାଯିବ ଏବଂ ଦୋଷୀଙ୍କ ବିରୁଦ୍ଧରେ ପରିବେଶ (ସୁରକ୍ଷା) ଅଧିନିୟମ ଅଧୀନରେ କଠୋର ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ । ଅଧିକ ବିବରଣୀ ପାଇଁ ଦୟାକରି https://cgwa-noc.gov.in ପରିଦର୍ଶନ କରନ୍ତୁ ।

CBC 45103/12/0009/2223 **ଅଧ୍ୟକ୍ଷ**

# ଭୁବନେଶ୍ୱରରେ ବନ୍ୟା





ଦୟାନଦୀ ବନ୍ୟାପାଣି ମାଡ଼ି ଆସିବାରୁ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା ଅଞ୍ଚଳରେ ଥିବା ଘରଗୁଡ଼ିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।



ରାସ୍ତାରେ ବନ୍ୟାପାଣିରେ ପଶି ଲୋକମାନେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ଲୋକଙ୍କୁ ଉଦ୍ଧାର କରୁଛନ୍ତି।



ଘରେ ପାଣି ପଶିଯିବା ପରେ ମା' ଓ ପୁଅ ଅନ୍ୟତ୍ର ଚାଲିଯାଉଛନ୍ତି।



ବାଲିଅନ୍ତା ଅଞ୍ଚଳରେ ଏକ ଘର ଅଧା ବୁଡ଼ି ଯାଇଛି।



କୁଆଖାଇ ନଦୀରେ ପ୍ରବାହିତ ବନ୍ୟାଜଳ।



ସୁନ୍ଦରପଦା ହାଇଟେକ୍ ଆପାର୍ଟମେଣ୍ଟ ପରିସରରେ ପ୍ରବେଶ କରିଥିବା ବନ୍ୟା ଜଳ।

## ରାସ୍ତାରେ ଆଶ୍ରୟ ନେଲେ ୧୬ ପରିବାର



ବାଲିଅନ୍ତା,୧୭।୮(ଡି.ଏନ୍.ଏ.)

କୁଆଖାଇ ନଦୀର ବନ୍ୟାଜଳ ରାତି ଅଧରେ ମାଡି ଯିବାରୁ ରାଜଧାନୀ ଉପଖଣ୍ଡ ନହରକଣ୍ଠା ଗ୍ରାମ ନିକଟ ହଂସପାଳ ଛକ ପାର୍ଶ୍ୱରେ ବସବାସ କରୁଥିବା ୧୬ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଘରେ ପାଣି ପ୍ରବେଶ କରିବାରୁ ଉକ୍ତ ପରିବାର ଏବେ ରାସ୍ତା କଡରେ ଆଶ୍ରୟ ନେଇଛନ୍ତି। ଖବରପାଇ ବୁଧବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏବଂ ମେୟର ସୁଲୋଚନା ଦାସ ଉକ୍ତ ସ୍ଥାନକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରଙ୍କୁ ଜରି ଓ ରନ୍ଧାଖାଦ୍ୟ ଯୋଗାଯାଇଛି। କୁଆଖାଇ ନଦୀବନ୍ଧ ତଳେ ଘର କରି ରହୁଥିବା ଏହି ପରିବାର ମଙ୍ଗଳବାର ରାତିରେ

### ଘରେ ପଶିଲା ବନ୍ୟାପାଣି

ଶୋଇଥିବାବେଳେ ବିଳମ୍ବିତ ରାତିରେ ହଠାତ୍ ବନ୍ୟାପାଣି ମାଡି ଆସିଥିଲା। ସମସ୍ତ ପରିବାର ଲୋକେ ଘର ଭିତରୁ ବାହାରି ଆସିଥିଲେ। ବିପନ୍ନ ଏମ୍ ରତନା ବେହେରା ଏବଂ ଏମ୍ ଖଲି ବେହେରା କହିଛନ୍ତି, ଶୋଇଥିବା ଅବସ୍ଥାରେ ପାଣି ମାଡି ଆସିଲା। ସମସ୍ତେ ପିଲାଛୁଆ ଧରି ଘରୁ ବାହାରି ଆସିଲୁ। ଘରେ ଥିବା ଚାଉଳ, ଲୁଗାପଟା ଓ ଆସବାବପତ୍ର ବାହାରକୁ କାଢି ପାରିଲୁ ନାହିଁ। ପାଣି ପଶି ସମସ୍ତ ଜିନିଷ ନଷ୍ଟ ହୋଇଯାଇଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ।

## ଖୋର୍ଦ୍ଧା ଜିଲା: ବନ୍ୟାଘେରରେ ୫୪ ଗାଁ

- ୧୯୨୨୮ ଗ୍ରାମବାସୀ ପ୍ରଭାବିତ
- ୧୫ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି ୩୩୦୩

ଖୋର୍ଦ୍ଧା ଅଫିସ,୧୭।୮

ଉଛୁଳୁଛି ହୀରାକୁଦ, ଫୁଲୁଛି ମହାନଦୀ। ଏହାର ପ୍ରଭାବରେ ମହାନଦୀର ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ଜିଲା ବାଲିଅନ୍ତା, ବାଲିପାଟଣା, ଜଟଣୀ, ବେଗୁନିଆ, ବୋଲଗଡ଼ ଏବଂ ଖୋର୍ଦ୍ଧା ବ୍ଲକ ଅଧୀନ ୧୯ଟି ପଞ୍ଚାୟତର ୫୪ଟି ଗ୍ରାମ ପାଣିଘେରରେ ରହିଥିବା ବେଳେ ୧୯୨୨୮ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩୦୩ଙ୍କୁ ସୁରକ୍ଷିତ ଭାବେ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଥିବା ଖୋର୍ଦ୍ଧା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୫ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି। ୧୦୪୩ ଗୋରୁ ପ୍ରଭାବିତ ହୋଇଛନ୍ତି। ବାଲିଅନ୍ତା ବ୍ଲକର ୨୦୨୯ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବନ୍ୟାପ୍ଳାବିତ ଅଞ୍ଚଳରେ ୯ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ୪ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କେନ୍ଦ୍ର କରାଯାଇଛି। ଏଥିସହ ବାଲିପାଟଣା ବ୍ଲକରେ ୨ଟି ଏସ୍ଆର୍ସି ପାୱାର ବୋଟ ଏବଂ ଗୋଟିଏ ଏନ୍ଡିଆର୍ଏଫ୍ ଟିମ୍ ମୁତୟନ ରହିଛି। ସେହିପରି ବାଲିଅନ୍ତା ଓ ଖୋର୍ଦ୍ଧା ବ୍ଲକରେ ୨ଟି ଲେଖାଏ ଏସ୍ଆର୍ସି ପାୱାର ବୋଟ ଏବଂ ଗୋଟିଏ ଓଡ୍ରାଫ ଟିମ ମୁତୟନ ରହିଥିବା ବୁଧବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ବନ୍ୟାଜଳ ପ୍ରବାହିତ ଯୋଗୁ ଗ୍ରାମବାସୀ ଟ୍ୟୁବ୍ ସହାୟତାରେ ଯାଉଛନ୍ତି।



ବନ୍ୟା ଜଳ ଘେରରେ ଜଟଣୀ ବୁଢ଼ାପଡା ସୋମନାଥ ମନ୍ଦିର।



ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ବାଲିଅନ୍ତା ଅଞ୍ଚଳରେ ବନ୍ୟାସ୍ଥିତି ବୁଲି ଦେଖିବା ପରେ ବିପନ୍ନଙ୍କ ସହ ଆଲୋଚନ କରୁଛନ୍ତି।

## ସାଇଡ୍ ନ ଦେବାରୁ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,(ବ୍ୟୁରୋ)୧୭।୮: ସାଇଡ୍ ନ ଦେବାରୁ ଜଣେ ବ୍ୟକ୍ତିଙ୍କୁ ଲୁହା ରଡରେ ଆକ୍ରମଣ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ସାଇନ୍ସ ପାର୍କ ବସ୍ତିରେ ରହୁଥିବା ମୟୂରଭଞ୍ଜର ବାବୁଲି ଓରଫ ଜନ୍ମଜୟ ନାୟକ (୨୫) । ଏନେଇ ପୋଲିସ ମାମଲା (ନଂ. ୩୮୫/୨୨) ରୁଜୁ କରି ଅଭିଯୁକ୍ତ ବାବୁଲିଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବାବୁଲି କୁକୁଡା ନେଇ ଘରକୁ ଫେରୁଥିବାବେଳେ ସାଇନ୍ସ ପାର୍କ ବସ୍ତି ନିକଟରେ ସାଇଡ୍ ଦେବାକୁ ନେଇ ବିକାଶ ମଲ୍ଲିକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା।

# ସଂକ୍ଷେପରେ

## ବସ୍-ବାଇକ୍ ମୁହାଁମୁହିଁ ଧକ୍କା, ୩ ଯୁବକ ଆହତ

ବାରଙ୍ଗ,୧୭।୮(ଡି.ଏନ୍.ଏ.): ଗୋଡ଼ିସାହି ଫାଣ୍ଡି ନିକଟସ୍ଥ ନେତଲ ଗ୍ରାମ ନିକଟ ବାରଙ୍ଗ- ବାଙ୍କୀ ମୁଖ୍ୟ ରାସ୍ତାରେ ବୁଧବାର ଅପରାହ୍ନ ୩ଟା ସମୟରେ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ତେବେ ଏଥିରେ କାହାର କିଛି ବିଶେଷ କ୍ଷତି ହୋଇ ନ ଥିବାବେଳେ ୩ ଜଣ ଯୁବକ ଆହତ ହୋଇଛନ୍ତି। ସୂଚନା ମୁତାବକ, କଟକ ବାରବାଟୀ ଅଞ୍ଚଳର ୩ ଯୁବକ ଏକ ବାଇକ୍ ଯୋଗେ ମୁଣ୍ଡଳୀରୁ ଫେରୁଥିଲେ। ସେହି ସମୟରେ ଭୁବନେଶ୍ୱରରୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ବସ୍ ସେମାନଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଫାଣ୍ଡି ପୋଲିସ ପହଞ୍ଚି ଉଭୟ ଗାଡ଼ି ଜବତ କରିବା ସହ ୩ଜଣ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଟ୍ରକ୍‌ରୁ ଚୋରି କରି ଯୁବକ ଗିରଫ

ବାରଙ୍ଗ,୧୭।୮(ଡି.ଏନ୍.ଏ.): ଟ୍ରକ୍‌ରୁ ଚୋରି କରି ଫେରାର ହୋଇଯାଇଥିବା ଜଣେ ଯୁବକଙ୍କୁ ବାରଙ୍ଗ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମଧୁବନ ଗ୍ରାମର ଅମରେନ୍ଦ୍ର ପରିଡ଼ା ଓରଫ ଚିକୁନ୍(୨୨)। ଏନେଇ ବାରଙ୍ଗ ପୋଲିସ ଏକ ମାମଲା (ନଂ. ୧୯୪/୨୨) ରୁଜୁ କରିଛି। ସୂଚନା ମୁତାବକ, ଫୁଲପୋଖରୀ ଗ୍ରାମର ହେମନ୍ତ ସାହୁଙ୍କ ଟ୍ରକ୍‌କୁ ତାଙ୍କ ଡ୍ରାଇଭର ମଙ୍ଗଳବାର ରାତି ୯ଟା ସମୟରେ ତ୍ରିଶୁଳିଆ- ବାରଙ୍ଗ ମୁଖ୍ୟ ରାସ୍ତା କଡ଼ରେ ରଖି ମାଲିକଙ୍କ ଘରକୁ ଯାଇଥିଲେ। କିଛି ସମୟ ପରେ ସେ ଫେରି ଟ୍ରକ୍ କ୍ୟାବିନ୍ କାଚ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଟ୍ରକ୍‌ରୁ ଏକ ହାଇଡ୍ରୋଲିକ୍ ଜଗ୍,ଏକ କଳା ରଙ୍ଗର ବ୍ୟାଗ୍‌ରେ ଥିବା ୨ ହଜାର ଟଙ୍କା ଚୋରି ହୋଇଥିବା ସେ ମାଲିକଙ୍କୁ ଅବଗତ କରିଥିଲେ। ଏନେଇ ଗାଡ଼ି ମାଲିକ ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସକାଳେ ଚିକୁନ୍ ଚୋରି ସାମଗ୍ରୀକୁ ସୀତାରାମ ବଜାରସ୍ଥିତ ଏକ କବାଡିଆ ଦୋକାନରେ ବିକ୍ରି କରିବାକୁ ଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସମସ୍ତ ଚୋରି ସାମଗ୍ରୀ ଜବତ କରିଥିଲା।

### ୨୨ ଗ୍ରାମ ବ୍ରାଉନସୁଗାର ଜବତ

## ସ୍ୱାମୀ ଗିରଫ,ସ୍ତ୍ରୀ ଫେରାର

ଭୁବନେଶ୍ୱର,(ବ୍ୟୁରୋ)୧୭।୮: ବ୍ରାଉନସୁଗାର ବେପାର କରୁଥିଲେ ସ୍ୱାମୀ ଓ ସ୍ତ୍ରୀ। ବୁଧବାର ବେପାର କରିବାକୁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଏୟାରଫିଲ୍ଡ ଥାନା ପୋଲିସ ଚଢ଼ାଉ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ବଳଭଦ୍ର ବେହେରା ଓରଫ ଟିକି (୪୦)। ତାଙ୍କଠାରୁ ୨୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ସେହିପରି ତାଙ୍କ ସ୍ତ୍ରୀ ଘଟଣାସ୍ଥଳରୁ ଟଙ୍କା ଧରି ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ ୨୦୮/୨୨) ରୁଜୁ କରି ଅଭିଯୁକ୍ତ ଟିକିଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ସଂପୃକ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଉକ୍ତ ଥାନାରେ ୨ ଏନ୍‌ଡିପିଏସ୍ ମାମଲା ରହିଥିବା ତଦନ୍ତାବେଳେ ଜଣାପଡିଛି ।

## ଘାଇ ଭିଡିଓ ଭାଇରାଲ, ଲୋକେ ଆତଙ୍କିତ

ପୁରୁଣା ଭୁବନେଶ୍ୱର,୧୭।୮(ଡି.ଏନ୍.ଏ.) - ପୁରୀ ଜିଲାର ବିଭିନ୍ନ ନଦୀ ଜଳସ୍ତର ବୃଦ୍ଧି ପାଇବା ନେଇ ଭାର୍ଗବୀ ନଦୀର ବିଭିନ୍ନ ସ୍ଥାନରେ ଘଳିଆ ପଡ଼ିଛି। ଫଳରେ ବନ୍ୟାଜଳ ଗ୍ରାମରେ ମାଡ଼ିଯାଇଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମୟରେ ପିପିଲି ବ୍ଲକର ଫୁଲପାଳି ନିକଟ ନବାଟିଆ ଅଞ୍ଚଳରେ ଘାଇ ପଡ଼ିଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ପରେ ତାହା ଏକ ପୁରୁଣା ଭିଡିଓ ବୋଲି ଜଣାପଡ଼ିବାରୁ ଲୋକ ଆଶ୍ୱସ୍ତି ଅନୁଭବ କରିଥିଲେ। ସୂଚନାଯୋଗ୍ୟ, ଫୁଲପାଳରେ ୨୦୦୮ରେ ଏକ ଘାଇ ପଡ଼ିଥିଲା। ସେତେବେଳର ଦୁଃଖ ଏବେକାର ବନ୍ୟାଜଳ ଦେଖି ଲୋକଙ୍କ ମନେପଡ଼ି ଯାଉଥିବା ବେଳେ ବୁଧବାର ଜଣେ ଯୁବକଙ୍କ ମୋବାଇଲରେ ନବାଟିଆ ଅଞ୍ଚଳରେ ଘାଇ ପଡ଼ିଥିବା ନେଇ ଲୋକେ ଦେଖିଥିଲେ। କିଛି ସମୟ ମଧରେ ଏହି ଭିଡିଓଟି ଭାଇରାଲ ହୋଇଯାଇଥିଲା। ଏହାଦେଖି ଲୋକେ ଛାନିଆ ହୋଇଯାଇଥିଲେ। ପରେ ଘଟଣାସ୍ଥଳକୁ ଯାଇ ଲୋକେ ଦେଖିବାବେଳେ ସେଠାରେ କିଛି ହୋଇ ନ ଥିଲା।

# ଚକରାଙ୍କ ସହଯୋଗୀ ପ୍ରକାଶ ଗିରଫ

- ୨ ବନ୍ଧୁକ, ଗୋଟିଏ ଗୁଳି, ୪ ସୁନାମୁଦି, ଚୋରା ବାଇକ ଜବତ
- ପାରୋଲରେ ଆସି ଅପରାଧ ରଚିଥିଲେ, ଚକରାଙ୍କୁ ଏନ୍‌କାଉଣ୍ଟର ବେଳେ ଖସିଯାଇଥିଲେ
- ଢେଙ୍କାନାଳ ବିଜେଡି ଯୁବ ସଭାପତିଙ୍କୁ ଗୁଳି କରି ହତ୍ୟା କରିଥିଲେ
- ପୂର୍ବରୁ ଗିରଫ ହୋଇଛନ୍ତି ଗ୍ୟାଙ୍ଗ୍‌ର ୮ ସଦସ୍ୟ


ପ୍ରକାଶ ନାୟକ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ବିଭିନ୍ନ ଥାନା ଅଞ୍ଚଳରେ ଅପରାଧ କରି ଆତଙ୍କ ରଚିଥିବା ଚକରା ଗ୍ୟାଙ୍ଗ୍‌ର ଆଉ ଜଣେ ସଦସ୍ୟ ଧରାପଡ଼ିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲ ବେଗୁନିଆ ଥାନା ଅଞ୍ଚଳର ପ୍ରକାଶ ନାୟକ (୨୭)। ନୟାପଲ୍ଲୀ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ ବୁଧବାର ଖୋର୍ଦ୍ଧା ସହରସ୍ଥିତ ଏକ ଭଡ଼ା ଘରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପ୍ରକାଶଙ୍କ ଠାରୁ ଗୋଟିଏ ଚୋରା ବାଇକ, ୨ଟି ବନ୍ଧୁକ, ଗୋଟିଏ ଅଫୁଟା ଗୁଳି, ୪ ସୁନାମୁଦି ଜବତ ହୋଇଛି। ଗିରଫ ପ୍ରକାଶଙ୍କୁ ନୟାପଲ୍ଲୀ ଥାନା ମାମଲା(ନଂ.୩୧୯/୨୦୨୨)ରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗ୍‌ର ଚକରାଙ୍କ ସମେତ ୮ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଛି। ତେବେ ରାଜଧାନୀର ବିଭିନ୍ନ ଥାନାରେ ପ୍ରକାଶଙ୍କ ନାମରେ ଲୁଟ୍, ଡକାୟତି ଆଦି ୨୨ଟି ମାମଲା ରହିଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ଦୁର୍ଦ୍ଦାନ୍ତ ଅପରାଧୀ ରବି ରାଓଙ୍କ ସହଯୋଗୀ। ସେମାନେ ୨୦୧୮ ମାର୍ଚ୍ଚ ୨୬ରେ ଢେଙ୍କାନାଳ ଜିଲାର ପୂର୍ବତନ ବିଜେଡି ଯୁବ ସଭାପତି ଯଶୋବନ୍ତ ପରିଡ଼ାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ମାମଲାରେ ପ୍ରକାଶଙ୍କ ସମେତ ୧୦ ଜଣଙ୍କୁ ଢେଙ୍କାନାଳ ପୋଲିସ ଗିରଫ କରିଥିଲା। ହେଲେ ମାମଲା ବିଚାରାଧୀନ ଥିବାବେଳେ ପ୍ରକାଶ ଜେଲରୁ ପାରୋଲରେ ଆସି ଚକରା ଗ୍ୟାଙ୍ଗରେ ମିଶି ରାଜଧାନୀ ଓ ଅନ୍ୟ ସ୍ଥାନରେ ପୁଣି ଅପରାଧ ରଚିଥିଲେ। ଗତ ୩ମାସ ତଳେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଝାଁଳା, ଲିଙ୍ଗରାଜ ଥାନା ସାମନ୍ତରାପୁର, ଖଣ୍ଡଗିରି ଥାନା ସୌଭାଗ୍ୟନଗର ସୁନା ଦୋକାନୀଙ୍କୁ ଲୁଟ କରିଥିଲେ। ଏଥିସହ ଗ୍ୟାଙ୍ଗର ସଦସ୍ୟମାନେ ଗତ ମେ’ ୧୦ତାରିଖରେ ଜୟଦେବ ବିହାରରେ ଏକ ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ମଧ ଲୁଟ୍ କରିଥିଲେ। ଏଭଳି ବିଭିନ୍ନ ସ୍ଥାନରେ ଏହି ଗ୍ୟାଙ୍ଗ ଲୁଟ୍, ଡକାୟତି ଆଦି ଅପରାଧ କରି ଆତଙ୍କ ଖେଳାଇଥିଲା। ଗତ ମେ ୧୧ତାରିଖ ବିଳମ୍ବିତ ରାତିରେ ବରମୁଣ୍ଡା ଖେଳପଡ଼ିଆରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ କମିଶନରେଟ ପୋଲିସ ଚଢ଼ାଉ କରିଥିଲା। ସଦସ୍ୟମାନେ ବୋମା ଏବଂ ଗୁଳି ମାଡ଼ କରିବାରୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଫଳରେ ଚକରା ଆହତ ହୋଇ କାବୁ ହୋଇଥିବାବେଳେ ଅନ୍ୟମାନେ ଖସି ପଳାଇଲେ। ପରବର୍ତ୍ତୀ ସମୟରେ ରାଜେଶ ମହାପାତ୍ର, ରବିନ ଶତପଥୀ ଆଦି ଗିରଫ ହୋଇଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସାଂସ୍କୃତିକ ଅନୁଷ୍ଠାନ ନୁପୁରର ୪୦ତମ ବାର୍ଷିକ ଉତ୍ସବ ‘ମହ୍ଲାର’ର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ସୁଶ୍ରୀ ଦ୍ରିଷ୍ଟିଦିବ୍ୟାନୀ ଦେହୁରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ୫ ମୋବାଇଲ ଫୋନ୍ ଜବତ, ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୭।୮

ମୋବାଇଲ୍ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଓ ଧଉଳି ଥାନା ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୫ ଦାମୀ ମୋବାଇଲ୍ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ମଡେଲ୍ ଥାନା ଅର୍ନ୍ତଗତ ମକୁନ୍ଦପ୍ରସାଦର ନନ୍ଦା ଓରଫ୍ ତାହିର ଖାଁ(୨୨) ଓ ଧଉଳି ଥାନା ଅଞ୍ଚଳର ମୁନା ଓରଫ୍ ଅଶୋକ କୁମାର ମିଶ୍ର(୩୦)। ଏନେଇ ପୋଲିସ ପୃଥକ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ପଚରାଉଚରା ସମୟରେ ଫୋନ୍‌ଗୁଡିକୁ ବିକ୍ରିପାଇଁ ଗ୍ରାହକ ସନ୍ଧାନରେ ଥିବା ସ୍ୱୀକାର କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୃତୀ ଛାତ୍ରୀ



ଭୁବନେଶ୍ୱର,୧୭।୮(ବ୍ୟୁରୋ)

ମଦର ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ସିବିଏସ୍‌ଇ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରୀମାନେ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଦଶମ ଶ୍ରେଣୀର ଶ୍ରେୟା ପଟ୍ଟନାୟକ, ସ୍ୱୟଂଶ୍ରୀ ଗହନ ଏବଂ ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଶ୍ରେୟା ଦଶମ ଶ୍ରେଣୀରେ ଶତ ପ୍ରତିଶତ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିବା ବେଳେ ସ୍ୱୟଂଶ୍ରୀ ୯୯.୬ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା ୯୭ ପ୍ରତିଶତ ନମ୍ବର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ଶ୍ରେୟା ପଟ୍ଟନାୟକ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଇଚ୍ଛା ରଖିଥିବା ବେଳେ ସ୍ୱୟଂଶ୍ରୀ ଜଣେ ବୈଜ୍ଞାନିକ ହେବାକୁ ଚାହାଁନ୍ତି ବୋଲି କହିଥିଲେ । ସେହିପରି ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ଲକ୍ଷ୍ୟ ରହିଥିବା କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ସହ ସ୍କୁଲର ପ୍ରିନ୍‌ସିପାଲ ଓ ଭାଇସ-ପ୍ରିନ୍‌ସିପାଲ ଉପସ୍ଥିତ ଥିଲେ।

## ଇସ୍କନ ମନ୍ଦିରରେ ୩ଦିନିଆ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଜନ୍ମାଷ୍ଟମୀ ପାଇଁ ଇସ୍କନ ମନ୍ଦିରରେ ଆୟୋଜିତ ହୋଇଛି ୩ଦିନିଆ କାର୍ଯ୍ୟକ୍ରମ। ଠାକୁରଙ୍କ ପୂଜାନୀତି ସହ ଭକ୍ତଙ୍କ ସୁବିଧା ଦର୍ଶନ ସହ ପ୍ରସାଦ ବଣ୍ଟନ ଆଦି ବ୍ୟବସ୍ଥା ହୋଇଛି। ଗୁରୁବାର ସକାଳ ୭ଟା ୩୦ରେ ଦର୍ଶନ ଆଳତି ଓ ଗୁରୁ ପୂଜା ରହିଛି। ସକାଳ ୮ରୁ ୨ଟା ଏବଂ ଅପରାହ୍ନ ୩ଟାରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ଜନସାଧାରଣଙ୍କ ଦର୍ଶନ ସହ ଭଜନ କୀର୍ତ୍ତନର ଆୟୋଜନ କରାଯାଇଛି। ସକାଳ ୯ରୁ ମଧ୍ୟାହ୍ନ ୧୨ ଯାଏ ପିଲାମାନଙ୍କ ପାଇଁ ଶ୍ରୀ କୃଷ୍ଣଙ୍କର ବେଶ ପ୍ରତିଯୋଗୀତା ସହ ଚିତ୍ରକଳା, ଅପରାହ୍ନ ୨ରୁ ସନ୍ଧ୍ୟା ୬ ମଧ୍ୟରେ ସଙ୍ଗୀତ ଓ ଶ୍ରୀ କୃଷ୍ଣଙ୍କ ଭ୍ୟାଲୁ ଏମ୍ପାୱାରମେଣ୍ଟ ପ୍ରତିଯୋଗିତା ରହିଛି। ୬ଟା ୩୦ରେ ସନ୍ଧ୍ୟା ଆଳତି କରାଯିବ। ସେହିପରି ଶୁକ୍ରବାର ସକାଳ ୭ଟା ୩୦ରେ ଦର୍ଶନ ଆଳତି ଓ ଗୁରୁ ପୂଜା ହେବ। ସକାଳ ୯ରୁ ରାତି ୯ଟା ଯାଏ ଭଜନ ଓ କୀର୍ତ୍ତନ କରାଯିବ। ୬ଟା ୩୦ରେ ସନ୍ଧ୍ୟା ଆଳତି ପରେ ରାତି ୯ଟା ୩୦ରୁ ୧୧ଟା ୫୫ ପର୍ଯ୍ୟନ୍ତ ଶ୍ରୀ କୃଷ୍ଣଙ୍କ ନୈତିକତା ଉପରେ ବାଣୀ ପ୍ରଦାନ କରାଯିବ। ରାତି ୧୨ଟାରେ କୃଷ୍ଣଙ୍କ ମହା ଅଭିଷେକ କରାଯାଇ ରାତି ୧ରେ ମହା ଆଳତି ହେବ। ତୃତୀୟ ଦିନ ଶନିବାର ସକାଳ ୭ଟା ୪୫ରେ ଦର୍ଶନ ଆଳତି ସହ ଗୁରୁ ପୂଜା କରାଯିବ। ସକାଳ ୮ଟା ୩୦ରେ ଶ୍ରୀଲା ପ୍ରଭୁପାଦଙ୍କ ଜୀବନୀ ଓ ଇସ୍କନ ସମ୍ପର୍କରେ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯିବାର ଆୟୋଜନ ରହିଛି। ସନ୍ଧ୍ୟା ୬ଟା ୩୦ରେ ଆଳତି ସରିବା ପରେ ରାତି ୭ଟା ୩୦ରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ।

# ବଜ୍ରକାପ୍ତା ପାଇଁ ବନ୍ଦ ହେଉ ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର, ୧୭।୮(ବ୍ୟୁରୋ)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆଦିମାତା କଲୋନୀସ୍ଥିତ ‘ମୋ ବସ’ ଡିପୋରେ ଚାଲିଥିବା ନିର୍ମାଣ କାମକୁ ବନ୍ଦ କରି ବଜ୍ରକାପ୍ତାଙ୍କୁ ସୁରକ୍ଷା ଦିଆଯାଉ ବୋଲି ପ୍ରାଣୀ ବିଶେଷଜ୍ଞମାନେ ଦାବି ଜଣାଇଛନ୍ତି। ଏନେଇ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା ପକ୍ଷରୁ ରାଜ୍ୟରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିଠି ଲେଖିଛନ୍ତି ବନ୍ୟ ପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି। ମୋ ବସ୍ ଡିପୋରେ ପାଣି ଜମୁ ଥିବାରୁ ତାହାର ଉଚ୍ଚତା ବୃଦ୍ଧି ପାଇଁ ବାଲି ଫିଲିଂ କରାଯାଉଛି। ସେହି ଅଞ୍ଚଳରୁ ଗତ ୬ ତାରିଖରେ ବନ ବିଭାଗ ପକ୍ଷରୁ ଏକ ବଜ୍ରକାପ୍ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେହିଦିନ ଆଦିମାତା କଲୋନୀ ପଟେ ନିର୍ମାଣ ହେଉଥିବା ଡ୍ରେନ ଭିତରେ କାଦୁଅ ସ୍ତର ଉପରେ ଏକାଧିକ ବଜ୍ରକାପ୍ତାଙ୍କ ଛୋଟ ଓ ବଡ଼ ଅସଂଖ୍ୟ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଥିଲା। ନିକଟରେ କାମ କରୁଥିବା ଶ୍ରମିକମାନେ ମଧ ରାତିରେ ଅନେକଥର ଛୋଟବଡ଼ ୩ଟି ବଜ୍ରକାପ୍ତାଙ୍କୁ ଦେଖିଥିବା କହିଥିଲେ। ତେଣୁ ସେଠାରେ ଏକାଧିକ ବଜ୍ରକାପ୍ତା ରହିଥିବା ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ବଜ୍ରକାପ୍ତାଙ୍କ ଗତିବିଧି ଠାବ କରିବାକୁ ନନ୍ଦନକାନନର ବିଶେଷଜ୍ଞ ଟିମ୍ ଆସି ୪ଟି କ୍ୟାମେରା ଟ୍ରାପ ମଧ ଲଗାଇଛନ୍ତି। ଭୁବନେଶ୍ୱର ରେଞ୍ଜ୍ କର୍ମଚାରୀମାନେ ପାଳି କରି ୨୪ଘଣ୍ଟା ପହରା ମଧ ଦେଉଛନ୍ତି। ଯେହେତୁ ଏକାଧିକ ସଂଖ୍ୟକ ବଜ୍ରକାପ୍ତା ସେଇ ସ୍ଥାନରେ ଚଳପ୍ରଚଳ କରିବାର ପ୍ରମାଣ ମିଳିଛି, ସେମାନଙ୍କୁ ସେଇ ଅସୁରକ୍ଷିତ ସ୍ଥାନରୁ ଧରି ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ସେଠାରେ ନିର୍ମାଣ କାମ ବନ୍ଦ ହେବା ନିହାତି ଆବଶ୍ୟକ ବୋଲି ବିଶ୍ୱଜିତ କହିଛନ୍ତି।

### ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିଠି

# ଘରୁ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ୍

ଭୁବନେଶ୍ୱର,(ବ୍ୟୁରୋ)୧୭।୮

ରାଜଧାନୀରେ ଛିନ୍‌ତାଇ ,ଲୁଟ୍ ,ଡକାୟତି ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରଥମେ ରେକି କରୁଛନ୍ତି ପରେ ସୁଯୋଗ ଦେଖି ଏହାର ଫାଇଦ ଉଠାଇ ଘର ଭିତରୁ ଟଙ୍କା ସୁନା ଗହଣା ନେଇ ଛୁ ମାରୁଛନ୍ତି । ନୟାପଲ୍ଲୀ ଥାନା ନୀଳକଣ୍ଠ ନଗରରେ ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଘର ଭିତରୁ ୧୨ ରୁ ୧୫ ଲକ୍ଷ ଟଙ୍କାର ସୁନା ଗହଣା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଲିଲିପ ଜେନାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି । ଲିଲିପ ଏତଲାରେ ଡ୍ରାଇଭର ଓ ଅଫିସ ପିଅନ ଉପରେ ସନ୍ଦେହ ଥିବା ଦର୍ଶାଇଛନ୍ତି। ତେଣୁ ଉଭୟଙ୍କୁ ତଦନ୍ତ ପରିସରକୁ ଆଣିବାକୁ ସେ ନିବେଦନ କରିଛନ୍ତି । ଅଭିଯୋଗ ଅନୁସାରେ ଗତ ୨୯ ତାରିଖରେ ଲିଲିପଙ୍କ ପୁଅ ଦେହ ଖରାପ ହେବାରୁ ଚିକିତ୍ସା ଲାଗି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏହାପରେ ଘରକୁ ଫେରି କୌଣସି କାମରେ ସୁନା ଥଳି ଆବଶ୍ୟକ ପଡିବାରୁ ଆଲମିରାରେ ଖୋଲି ଆଣିବାକୁ ଯାଇଥିଲେ। ହେଲେ ଉକ୍ତ ଆଲମିରାରେ ସୁନା ଥଳି ସହ ଗହଣା ନଥିବା ଜାଣିବାକୁ ପାଇଥିଲେ।

## କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,(ବ୍ୟୁରୋ)୧୭।୮

ରାଜଧାନୀରେ ପୁଣି ମାତିଲେ ଡକାୟତ ଗ୍ୟାଙ୍ଗ । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଡକାୟତ ରବୀନ୍ଦ୍ର ପଲାଇଙ୍କ ଘରୁ ନଗଦ ୧.୭୫ ଲକ୍ଷ ଟଙ୍କା, ସୁନା ଗହଣା ନେଇ ଚମ୍ପଟ ମାରିଛନ୍ତି। ଏନେଇ ରବୀନ୍ଦ୍ର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି । ସୂଚନାନୁସାରେ ରବୀନ୍ଦ୍ର ଓ ତାଙ୍କ ପରିବାର ମଙ୍ଗଳବାର ରାତିରେ ଖାଇ ସାରିଲା ପରେ ଶୋଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ପାଚେରୀ ପଟେ ଚଢ଼ି ଘର ଭିତରକୁ ବାଲ୍‌କୋନି ଦେଇ ପ୍ରବେଶ କରିଥିଲେ । ଏହାପରେ ଘର ଭିତରୁ ସୁନା ଗହଣା, ନଗଦ ୧.୭୫ ଲକ୍ଷ ଟଙ୍କା ନେଇ ପଳାଇଯାଇଥିଲେ । ରବୀନ୍ଦ୍ର ସକାଳେ ଉଠି ଦେଖିଲା ବେଳକୁ ଘରେ ଟଙ୍କା କି ସୁନା ନଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ।

## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ, ମେୟର



ପୁରୁଣା ଭୁବନେଶ୍ୱର,୧ ୭।୮(ଡି.ଏନ୍.ଏ.)

ଦୟା ନଦୀବନ୍ଧ ପାର୍ଶ୍ୱ ନୂଆଗାଁଠାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ବୁଧବାର ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ପଣ୍ଡା ଟିକରପଡା ପଞ୍ଚାୟତର ବସନ୍ତପୁରଠାରେ ଏବଂ ଗଙ୍ଗୁଆ ବନ୍ଧର ଜଳସ୍ତର ବୃଦ୍ଧି ହୋଇଥିବା ସ୍ଥାନରେ ବାଲିବସ୍ତା ଦ୍ୱାରା ରୋକା ଯାଇଥିବା ସ୍ଥାନ ବୁଲି ଦେଖିଥିଲେ। ସେହିଭଳି ଧଉଳି ପଞ୍ଚାୟତର ଦେଉଳି ବାଙ୍କ ନିକଟରେ ୫ଟି ଘଳିଆ ହୋଇଯାଇଛି। ସେଗୁଡ଼ିକୁ ମନ୍ତ୍ରୀ, ମେୟର ପରିଦର୍ଶନ କରିବା ସହ ତୁରନ୍ତ ବାଲିବସ୍ତା ଦ୍ୱାରା ବନ୍ଧା ଯାଇ ସମସ୍ତ ବନ୍ଧ ଉପରେ ନଜର ରଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ବସୁଆଘାଇ ପଞ୍ଚାୟତର ଦୁର୍ଗାପୁର ପାଟଣା ନଦୀବନ୍ଧ ବୁଲି ଦେଖିଥିଲେ। ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ, ମନ୍ତ୍ରୀଙ୍କ ଜିଲା ପରିଷଦ ପ୍ରତିନିଧି, ବ୍ଲକ ପ୍ରତିନିଧି, ୬ ପଞ୍ଚାୟତର ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଓଏସ୍‌ଡିଏର ଅଟୋଡେସ୍କ, ମାଇକ୍ରୋସଫ୍ଟ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୧୭।୮(ବ୍ୟୁରୋ)



ସ୍କିଲିଂ ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ନବ ଦିଗନ୍ତ ପ୍ରଦାନ କରିବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ବୁଧବାର ବିଶ୍ୱର ଦୁଇଟି ଅଗ୍ରଣୀ ବୈଷୟିକ ସଂସ୍ଥା ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଥ୍ରୀଡି ଡିଜାଇନ, ଇଞ୍ଜିନିୟରିଂ ଏବଂ ମନୋରଞ୍ଜନ ସଫ୍ଟୱେର ବିକାଶରେ ବିଶେଷଜ୍ଞ ଥିବା ‘ଅଟୋଡେସ୍କ’ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଓଡ଼ିଶାର ଯାନ୍ତ୍ରିକ ମହାବିଦ୍ୟାଳୟ, ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଧନ୍ଦାମୂଳକ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ପାଇଁ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଷୟଗୁଡ଼ିକ ଉପଲବ୍ଧ ହେବ। ବିଶେଷତଃ ଏହା ଦ୍ୱାରା ୭୦ହଜାର ଛାତ୍ରୀଛାତ୍ର ଅଟୋଡେସ୍କ ଫ୍ୟୁଜନ ଏବଂ ଜେନେରେଟିଭ ଡିଜାଇନ ଟେକ୍ନୋଲୋଜିକୁ ବ୍ୟବହାର କରିପାରିବେ। ଏହା ନିର୍ମାଣ କ୍ଷେତ୍ରରେ କୌଶଳ ବ୍ୟବଧାନକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଭବିଷ୍ୟତରେ କାର୍ଯ୍ୟଶୈଳୀ ନିମନ୍ତେ କୌଶଳ ଏବଂ ଉତ୍ସ ଯୋଗାଇବ। ଓଏସ୍‌ଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରେଘୁ ଜି ଏବଂ ଆପାକର ନିର୍ଦ୍ଦେଶକ କନ୍‌ୱେ ଗୋ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

ସେହିପରି ମାଇକ୍ରୋସଫ୍ଟ ସହିତ ଆଉ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଯେଉଁଥିରେ ଯୁବଗୋଷ୍ଠୀ ପ୍ରଯୁକ୍ତି କ୍ଷେତ୍ରରେ ବୃତ୍ତି ଆପଣେଇବାର ସୁଯୋଗ ପାଇବେ। ରାଜ୍ୟର ୫୦ହଜାରରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ଡିଜିଟାଲ ସ୍କିଲିଂ କ୍ଷେତ୍ରରେ ପ୍ରଶିକ୍ଷଣ ସହ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଓଏସ୍‌ଡିଏ, ମାଇକ୍ରୋସଫ୍ଟ ଓ ଏହାର ଅଣଲାଭକାରୀ ସହଯୋଗୀଙ୍କ ସହ ତିନୋଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ମାଇକ୍ରୋସଫ୍ଟ ଏବଂ ଏହାର ଅଂଶୀଦାରମାନେ ମୌଳିକ ଭିତ୍ତିଭୂମି ଏବଂ ଉନ୍ନତ ଡିଜିଟାଲ ସ୍କିଲିଂକୁ ସମାଜର ପଛୁଆବର୍ଗର ଯୁବତୀଯୁବକ ଏବଂ ନିଯୁକ୍ତି ଆଶାୟୀଙ୍କ ପାଇଁ ଉପଲବ୍ଧ କରାଇବେ। ଡିଜିଟାଲ ସ୍କିଲିଂ ମାଧ୍ୟମରେ ଏହା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ଡିଜିଟାଲ ରୂପାନ୍ତର ପ୍ରକଳ୍ପ ବ୍ୟତୀତ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହେବାରେ ସରକାରଙ୍କୁ ସହଯୋଗ କରିବ। ଓଏସ୍‌ଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରେଘୁ ଜି ଏବଂ ମାଇକ୍ରୋସଫ୍ଟର ନିର୍ଦ୍ଦେଶକ ସୁମିତ ମୁଖାର୍ଜୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଓଏସ୍‌ଡିଏ ଅଧକ୍ଷ ସୁବ୍ରତ ବାଗ୍‌ଚୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଜିଟାଲ, ଦକ୍ଷତା ଓ ନିଯୁକ୍ତି ସୂଚନା ବ୍ୟବସ୍ଥା ଏବଂ ପିଆଇଏ ପେମେଣ୍ଟ ଅଟୋମେଶନ ଭଳି ତିନୋଟି ପୋର୍ଟାଲ ଲୋକାର୍ପିତ ହୋଇଛି। ଡିଜିଟାଲ ପୋର୍ଟାଲ ମାଧ୍ୟମରେ ସ୍କିଲ ପ୍ରଦାନକାରୀ ସଂସ୍ଥା ପ୍ରଶିକ୍ଷାର୍ଥୀଙ୍କ ସହ ସଂଯୁକ୍ତ ହୋଇପାରିବେ। ଏହା ଓକାକ୍ ଏବଂ ଏହାର ସହଯୋଗୀ ସିଏସ୍‌ଏମ୍ ଟେକ୍ନୋଲୋଜି ସହାୟତାରେ କାର୍ଯ୍ୟକାରୀ ହେଉଛି।

### ୩ ପୋର୍ଟାଲ ଲୋକାର୍ପିତ

# ମୁହାଣରୁ ମିଳୁଛି ଔଷଧୀୟ ନୀଳହରିତ ଶୈବାଳ

## ରୋଗ ପ୍ରତିରୋଧକ ଔଷଧ ବିକାଶ ପାଇଁ ଚାଲିଛି ଗବେଷଣା

ପୁରୀ ଅଫିସ,୧୭।୮

କୋଭିଡ୍ ସଂକ୍ରମଣ ସମୟରେ ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ଅବକ୍ଷୟ ପ୍ରମୁଖ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇଛି। ସମ୍ପ୍ରତି ସଂକ୍ରମଣ ପୂର୍ବ ଭଳି ଶୀର୍ଷରେ ନ ଥିଲେ ମଧ୍ୟ କରୋନାର ନୂଆ ଭାରିଆଣ୍ଟ ପୁଣି ଥରେ ରୋଗ ପ୍ରତିରୋଧ କ୍ଷମତାକୁ ପ୍ରଭାବିତ କରିବା ନେଇ ଆଶଙ୍କା ଉପୁଜିଛି। ଏଭଳି ସ୍ଥିତିରେ ପୁରୀ ଜିଲାର ଚିଲିକା ଓ ବାଲିହରଚଣ୍ଡୀ ସମୁଦ୍ର ମୁହାଣରେ ମିଳୁଥିବା ନୀଳହରିତ ଶୈବାଳ ଉପରେ ଗବେଷଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାକାର ନୀଳହରିତ ଶୈବାଳକୁ ଷ୍ଟ୍ରେନ୍ ବର୍ଦ୍ଧିତ ରୋଗ ପ୍ରତିରୋଧକ ଶକ୍ତିର ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରଫେସର ରବୀନ୍ଦ୍ରନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗବେଷକ ଡ. ଚିତ୍ତରଞ୍ଜନ ସାହୁ ଚିଲିକା, ବାଲିହରଚଣ୍ଡୀ ସମୁଦ୍ର ମୁହାଣ ଏବଂ ଭାବକୁଣ୍ଡଳେଶ୍ୱର ନିକଟସ୍ଥ ସ୍ଥାନରେ ଏହି



ବାଲିହରଚଣ୍ଡୀ ମୁହାଣ ସ୍ଥଳ।

ସ୍ୱତନ୍ତ୍ର ଶ୍ରେଣୀର ଔଷଧୀୟ ନୀଳହରିତ ଶୈବାଳ ସନ୍ଧାନରେ ଲାଗିଛନ୍ତି। ଓଡ଼ିଶା ଏକ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ। ଏହାର ଉପକୂଳବର୍ତ୍ତୀ ଅଞ୍ଚଳ ଔଷଧୀୟ ନୀଳହରିତ ଶୈବାଳର ଗନ୍ତାଘର। ସମ୍ପ୍ରତି ପୁରୀରୁ ମିଳିଥିବା ଶୈବାଳ କ୍ରୋକୋକସ୍ ମିନ୍ୟୁଟ୍‌ସ ପ୍ରଜାତିର। ସଂକ୍ରମଣର ବାହକ ଜୀବାଣୁଙ୍କୁ ନିୟନ୍ତ୍ରଣ କରିବାରେ ଏହି ପ୍ରଜାତି ଶୈବାଳଗୁଡ଼ିକର ଯଥେଷ୍ଟ କାର୍ଯ୍ୟକ୍ଷମତା ରହିଛି। ଡ. ସାହୁ କହିଛନ୍ତି, ମନେକରନ୍ତୁ ଜଣେ ବ୍ୟକ୍ତି ମାତ୍ରାଧିକ ଜୀବାଣୁ ସଂକ୍ରମଣର ଶିକାର ହୋଇଛନ୍ତି। ତାଙ୍କଠାରେ ବ୍ୟବହାର କରାଯାଇଥିବା ଆଣ୍ଟିବାୟୋଟିକ୍ ପ୍ରଭାବଶୂନ୍ୟ ହୋଇସାରିଛି। ଏଭଳି ସ୍ଥିତିରେ ସଂକ୍ରମିତ ରକ୍ତ କିମ୍ବା ପରିସ୍ରାକୁ ନମୁନା ଭାବେ ସଂଗ୍ରହ କରାଯାଇ ଜୀବାଣୁକୁ ଚିହ୍ନଟ କରାଯିବ। ଏହାପରେ ଭିନ୍ନ ଭିନ୍ନ ନୀଳହରିତ ଶୈବାଳକୁ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯିବ। ନୀଳହରିତ ଶୈବାଳଗୁଡ଼ିକ ଭିନ୍ନ ଭିନ୍ନ ପ୍ରକାର ଲକ୍ଷଣ ଦେଖାଇବ। ଯେଉଁ କିଛି ନୀଳହରିତ ଶୈବାଳ ଜୀବାଣୁକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ, ସେଗୁଡ଼ିକର ଅନୁସନ୍ଧାନ ପରବର୍ତ୍ତୀ ପର୍ଯ୍ୟାୟରେ ଜାରି ରହିବ। ସେହିଭଳି ସଂକ୍ରମଣର ନୂଆ ନୂଆ ଷ୍ଟ୍ରେନ ମାନବ ସମାଜ ନିକଟରେ ପହଞ୍ଚୁଛି। ଏଭଳି କ୍ଷେତ୍ରରେ ନୀଳହରିତ ଶୈବାଳକୁ ବ୍ୟବହାର କରି ବର୍ଦ୍ଧିତ ରୋଗ ପ୍ରତିରୋଧକ ଶକ୍ତି ଥିବା ଔଷଧ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆମେ କାର୍ଯ୍ୟ କରୁଛୁ। ଅନୁସନ୍ଧାନ ଠିକ ଦିଶାରେ ରହିଛି ଓ ଆମେ ପ୍ରଥମ ପର୍ଯ୍ୟାୟରେ ଏହି ଔଷଧୀୟ ନୀଳହରିତ ଶୈବାଳର କାର୍ଯ୍ୟଦକ୍ଷତାକୁ ନେଇ ସନ୍ତୁଷ୍ଟ। ଏହି ଗବେଷଣା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଓ ପ୍ରକାଶିତ ହୋଇ ସାରିଛି ବୋଲି ଡ. ସାହୁ କହିଛନ୍ତି।

ଏ ସମ୍ପର୍କରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, କରୋନା ସମୟରେ ହଜାର ହଜାର ଲୋକ ସଂକ୍ରମଣର ଶିକାର ହୋଇଥିଲେ। ରୋଗ ପ୍ରତିରୋଧକ ଶକ୍ତି କ୍ରମାଗତ ଭାବେ କମିବା କାରଣରୁ ରୋଗୀ ମୃତ୍ୟୁମୁଖରେ ପଡୁଥିଲେ। ତେଣୁ ଜୀବାଣୁ ବିରୋଧରେ ଉତ୍ତମ ନିୟନ୍ତ୍ରଣ ରଖିପାରୁଥିବା ଔଷଧର ବିକାଶ ହେବା ଦରକାର। ଧୀରେ ଧୀରେ ଆମେ ନୂଆ ନୂଆ ପ୍ରକାର ଜୀବାଣୁ ସଂସ୍ପର୍ଶରେ ଆସୁଛନ୍ତି। ଏଭଳି ସ୍ଥିତିରେ ଔଷଧୀୟ ବିଜ୍ଞାନର ଅନୁସନ୍ଧାନ ଅପରିହାର୍ଯ୍ୟ। ସେହିପରି ପରିବେଶବିତ୍ ଅଜୁ ମିଶ୍ର କହିଛନ୍ତି, ପୁରୀ ଉପକୂଳୀୟ ଜଳବାୟୁରେ ଏଭଳି ଏକକୋଷୀ ଜୀବଙ୍କ ଅନୁସନ୍ଧାନ କରାଯିବା ପାଇଁ ସରକାରୀ ସହଯୋଗିତାର ଆବଶ୍ୟକତା ରହିଛି। ବିଶେଷ ଭାବେ ରାଜ୍ୟରେ ଏଭଳି ଅନୁସନ୍ଧାନକୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ଏଣୁ ଔଷଧୀୟ ବିଜ୍ଞାନ ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ରମାନେ ଅଧିକାଂଶ ସମୟରେ ହତୋତ୍ସାହିତ ହେଉଛନ୍ତି। ଅନୁସନ୍ଧାନ ପାଇଁ ସବୁ ପ୍ରକାର ସହଯୋଗ ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଯୋଗାଇଦେବା ଦରକାର।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ହ୍ୟାଣ୍ଡଲୁମ୍ ଏକ୍ସପୋ, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଚିନ୍ତା ଓ ଚେତନାର ୪୪ତମ ବର୍ଷା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ, ନିକୁଞ୍ଜ ବିହାରୀ ମନ୍ଦିର, ପୂର୍ବାହ୍ନ ୭ଟା, ପାରିବାସୁଦେଇପୁର, ନୃସିଂହନାଥ ପୀଠ, ପୂର୍ବାହ୍ନ ୮ଟା।

**କଟକ**

- କଟକ ଜିଲା ଯାଦବ ମହାସଭା ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ରାଧାମୋହନଜୀଉ ମନ୍ଦିର, ପୋତାପୋଖରୀ, ସକାଳ ୮ଟା।
- ପୁସ୍ତକ 'ଦେବୀ ଦିବ୍ୟାଞ୍ଜଳି'ର ଲୋକାର୍ପଣ ଉତ୍ସବ, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା ।



୪୪ତମ ରାଷ୍ଟ୍ରୀୟ ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ବାଦ୍ୟ ସଙ୍ଗୀତ।

# ନୃତ୍ୟରେ ବର୍ଷା, ବିରହ

## ରାଷ୍ଟ୍ରୀୟ ବର୍ଷା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୪ତମ ରାଷ୍ଟ୍ରୀୟ ବର୍ଷା ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଉତ୍ସର୍ଗ କରାଯାଇଥିଲା। ଅତିଥି ଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଧାୟକ ଶଶୀଭୂଷଣ ବେହେରା, ଅନ୍ତରାଷ୍ଟ୍ରୀୟ ସଂସ୍କୃତି ସଂଯୋଜିକା ବିଜୟା ମିଶ୍ର, ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ ଓ ସଚିବ ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜୁ ବାବୁ ଓ ଓଡ଼ିଶାର ସଂସ୍କୃତି ସମ୍ପର୍କରେ କହିଥିଲେ। ପରେ ସନ୍ଧ୍ୟାର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନାଦରେ ବର୍ଷା ବରଣ ଗୁରୁ ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ବର୍ଷା ନାଦର ଧ୍ୱନି ସହ ନୃତ୍ୟାଙ୍ଗନାଙ୍କ ତାଳରେ ଦର୍ଶକ ଅନୁଭବ କରିଥିଲେ ବର୍ଷାରାଣୀକୁ। ପରବର୍ତ୍ତୀ କାର୍ଯ୍ୟକ୍ରମ ଇଲିଆନା ଚିତାରିଷ୍ଟ ଓ ସାଥୀଙ୍କ ଦ୍ୱାରା ମେଘଦୂତମ୍ ନୃତ୍ୟ ପରିବେଷଣ କରାଯାଇଥିଲା। ଯେଉଁଥିରେ ବର୍ଷା ନ ଆସିଲେ କିଭଳି ବିରହ ସୃଷ୍ଟି ହୋଇଥାଏ, ତାହା ଦେଖିବାକୁ ମିଳିଥିଲା। ପରେ ଗୁରୁ ପ୍ରଭାତ କୁମାର ସ୍ୱାଇଁ ଷଡରିପୁ ଓ ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ବନ୍ଦେ ମାତରଂ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଆଜି ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ



- ସନ୍ଧ୍ୟା ୭ରୁ ରାତି ୧୧ ଯାଏ ଦର୍ଶନ ବନ୍ଦ
- ସରିଲା ଯେଉଟ ଭୋଗ, ଗର୍ଭଉଦକ ବନ୍ଦାପନା

ପୁରୀ ଅଫିସ, ୧୭।୮

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଗୁରୁବାର ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ନୀତି ହେବ। ଜନ୍ମନୀତି ଗୁପ୍ତ ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଗୁରୁବାର ସନ୍ଧ୍ୟା ୭ରୁ ରାତି ୧୧ଟା ପର୍ଯ୍ୟନ୍ତ ୪ଘଣ୍ଟା ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ଓ ସୂଚନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜନ୍ମାଷ୍ଟମୀ ନୀତି ପୂର୍ବରୁ ବୁଧବାର ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗିହେବା ସହ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ପାଣି ପଡ଼ି ଧୋପଖାଳ ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଟେରା ବନ୍ଧାଯାଇଥିଲା। ଯେଉଟ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ପ୍ରଭୃତି) ଅଣାଯାଇ ଅଣସର ପିଣ୍ଡିରେ ରଖାଯାଇ ଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ପୂଜା କରିବା ସହ ଭୋଗଲାଗି କରିଥିଲେ। ତିନିବାଡ଼ରେ ବନ୍ଦାପନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା ହୋଇଥିଲା। ଏହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ପରେ ଅନ୍ୟ ନୀତି ବଢ଼ିଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ ଅନୁଯାୟୀ, ଗର୍ଭବତୀ ନାରୀମାନେ ସୁଖ ପ୍ରସବ ଲାଗି ଯେଉଟ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଯେଉଟ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ମହାପ୍ରଭୁଙ୍କର ଏହା ଆଲୌକିକ ଲୀଳା।

# ଚଳଚ୍ଚିତ୍ର 'ବତାସୀ ଝଡ଼'ର ସ୍ମୃତି ଉତ୍ସବ

ଭୁବନେଶ୍ୱର, ୧୭।୮(ବ୍ୟୁରୋ): ଷ୍ଟାର୍ ଫିଲ୍ମସ୍ ପକ୍ଷରୁ ବୁଧବାର ଗୀତଗୋବିନ୍ଦ ସଦନରେ ୧୯୮୧ ମସିହାରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଜ୍ୟୋତି ମିଶ୍ର, ପିଙ୍କି ପ୍ରଧାନ, ଚଳଚ୍ଚିତ୍ର ପ୍ରଯୋଜକ ଆରତୀ ମହାନ୍ତି, ସମାଜସେବୀ ନମ୍ରତା ଚା, ସିନେ ସମ୍ପାଦିକ ସୂର୍ଯ୍ୟ ଦେଓ, ଆଇନଜୀବୀ ମୃଣାଳିନୀ ପାଧୀ, ପୂର୍ବତନ ସାଂସଦ ସିଦ୍ଧାର୍ଥ ଶେଖର ସିଂହ, କାନ୍ତା ମହାନ୍ତି, ବିଭୂତିଭୂଷଣ ସିଂହ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ରର ସଂଗୀତ 'ମମତାର ବାଲିଘର...'କୁ ବୃତ୍ତଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଚଳଚ୍ଚିତ୍ରଟି ୨୫ବର୍ଷ ହେବ ପ୍ରଦର୍ଶିତ ହୋଇନାହିଁ। ଏହାର ପ୍ରିଣ୍ଟ ନଷ୍ଟ ହୋଇଯାଇଥିବାବେଳେ ନେଗେଟିଭ୍ ମଧ୍ୟ ଉପଲବ୍ଧ ନାହିଁ। ତେବେ ଏକ ଭିଏଚ୍‌ଏସ୍ କ୍ୟାସେଟ୍‌କୁ ଷ୍ଟାର୍ ଫିଲ୍ମ ପକ୍ଷରୁ ପୁନଃ ଉଦ୍ଧାର ପାଇଁ ଉଦ୍ୟମ କରାଯାଉଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ କେବଳ ଟାଇଟଲ୍ ଗୀତଟି ଉଦ୍ଧାର ହୋଇପାରିଛି। ପୁନଃ ଉଦ୍ଧାର ଟାଇଟଲ୍ କାର୍ଡ ଓ ଚଳଚ୍ଚିତ୍ର ବିବରଣୀ ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଚଳଚ୍ଚିତ୍ର ସହ ଜଡ଼ିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଶ୍ରୟ, ରିଲିଫ୍ ପାଇଁ ବ୍ୟବହାର ହେବ ସ୍କୁଲ କୋଠା

## ମୁଖ୍ୟାଳୟ ନ ଛାଡ଼ିବାକୁ ଡିଇଓ, ଡିପିସି, ବିଇଓଙ୍କୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୯ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରବଳ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଜିଲାରେ ଥିବା ସମସ୍ତ ବିଦ୍ୟାଳୟ କୋଠା ଜିଲା ପ୍ରଶାସନର ଆବଶ୍ୟକତା ଅନୁସାରେ ଉପଲବ୍ଧ କରିବାକୁ କୁହାଯାଇଛି। ଆବଶ୍ୟକ ହେଲେ ଜିଲା ପ୍ରଶାସନ ଦ୍ୱାରା ମଧ୍ୟାହ୍ନଭୋଜନ ଖାଦ୍ୟଶସ୍ୟ ବ୍ୟବହାର ନିମନ୍ତେ ପ୍ରଧାନଶିକ୍ଷକ ଅନୁମତି ଦେଇପାରିବେ। ଏଥିସହ ବିଦ୍ୟାଳୟ କୋଠାକୁ ଆଶ୍ରୟ ଓ ରିଲିଫ ବଣ୍ଟନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଏଥିନିମନ୍ତେ କୌଣସି ସହାୟତାର ଆବଶ୍ୟକତା ଥିଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଏସ୍‌ଏନ୍‌ଓ, ଏମ୍‌ଡିଏମ୍‌ଙ୍କ ସହ ପ୍ରଧାନଶିକ୍ଷକ ଯୋଗାଯୋଗ କରିପାରିବେ। ପ୍ରବଳ ବର୍ଷା ଯୋଗୁ ଯେପରି କୌଣସି ସରକାରୀ କାଗଜପତ୍ର ଏବଂ ଦସ୍ତାବିଜ ନଷ୍ଟ ନ ହୁଏ, ସେଥିପ୍ରତି ଡିଇଓ, ଡିପିସି, ବିଇଓ ସୁନିଶ୍ଚିତ କରିବା ସହ କ୍ଷୟକ୍ଷତି ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିବେ। ଏଗୁଡ଼ିକୁ ଏକତ୍ରିତ କରି ଡିଇଓ ଏହାକୁ ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବେ। ବିଭାଗୀୟ କାର୍ଯ୍ୟ ପାଇଁ ଜିଲରେ ଡିଇଓ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସେମାନେ ଜିଲା ପ୍ରଶାସନ ସହ ସମନ୍ୱୟ ରଖି ଆବଶ୍ୟକ ସହଯୋଗ ଯୋଗାଇ ଦେବେ। ଜିଲାପାଳଙ୍କ ବିନା ଅନୁମତିରେ ଡିଇଓ, ଡିପିସି ଏବଂ ବିଇଓ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀନବନ୍ଧୁ



@ ପ୍ରସାଦ



@ ଚନ୍ଦନ



@ ମାନସ



@ ଧନେଶ୍ୱର

# ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ସହ ବିସିକେଆଇସିର ଚୁକ୍ତି

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ବିଜ୍ଞାନ ଓ କାରିଗରି କାର୍ଯ୍ୟକ୍ରମ ତଥା ଅଭିନବ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରି ପରିଷଦ ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର(ବିସିକେଆଇସି) ଫାଉଣ୍ଡେଶନ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୁଝାମଣାପତ୍ର ଅନୁସାରେ, ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ବିସିକେଆଇସି ସହଯୋଗୀ ଭାବେ କାର୍ଯ୍ୟ କରିବ। ରାଜ୍ୟର ବିଜ୍ଞାନ ଓ କାରିଗରି ନୀତି ପ୍ରଣୟନ, ବିଭିନ୍ନ ବିଜ୍ଞାନଭିତ୍ତିକ କୌଶଳର ହସ୍ତାନ୍ତରଣ, ଶିକ୍ଷା-ସ୍ୱାସ୍ଥ୍ୟ-ପରିମଳ-ପରିବେଶ ଓ ଯୋଗାଯୋଗ କ୍ଷେତ୍ରରେ ଅଧିକ ଜ୍ଞାନ ବିନିମୟ, ତାଲିମ ଓ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ତଥା ବୁଦ୍ଧିଜୀବୀଙ୍କ ମିଳିତ ଉଦ୍ୟମ ନିମନ୍ତେ ପ୍ରୋତ୍ସାହନ ଏବଂ ବିଦ୍ୟାଳୟ ସ୍ତରରୁ ପରୀକ୍ଷାମୂଳକ ଶିକ୍ଷଣ ନିମନ୍ତେ କାର୍ଯ୍ୟକ୍ରମ ରୂପାୟନ ଆଦି କ୍ଷେତ୍ରରେ ଉଭୟ ବିଭାଗ ଓ ବିସିକେଆଇସି ମିଳିତ ଭାବେ କାର୍ଯ୍ୟ କରିବେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଜ୍ଞାନ ଶିକ୍ଷା, ଗବେଷଣା, ଯୋଗାଯୋଗ ଓ ନୂତନ ଉଦ୍ଭାବନ ଇତ୍ୟାଦିକୁ ପ୍ରୋତ୍ସାହନ ଦେବାରେ ଏପରି ବୁଝାମଣା ଲାଭଦାୟକ ହେବ। ବିଭାଗୀୟ କମିଶନର ସୁରେଶ କୁମାର ବଶିଷ୍ଠ କହିଛନ୍ତି, ରାଜ୍ୟରେ ବିଜ୍ଞାନ ଓ କାରିଗରି ପରିବେଶର ଦୃଢ଼ୀକରଣକୁ ପ୍ରାଥମିକତା ଦେଇ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନାଗରିକଙ୍କ ମଧ୍ୟରେ ମତାମତ ଆଦାନପ୍ରଦାନ ମାଧ୍ୟମରେ ବିଜ୍ଞାନ ଶିକ୍ଷା ତଥା ଗବେଷଣା କାର୍ଯ୍ୟକୁ ସମ୍ପ୍ରସାରିତ କରିବାକୁ ପ୍ରୟାସ କରାଯିବ। ବିଭାଗ ପକ୍ଷରୁ ପରିଷଦର ସମ୍ପାଦକ ପୂଜା ମିଶ୍ର ଓ ବିସିକେଆଇସି ପକ୍ଷରୁ ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ବୁଧବାର ଅନୁଷ୍ଠିତ ୧୯୮୧ର ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ସ୍ମୃତି ଉତ୍ସବରେ ଅତିଥିମାନେ ପୁନଃ ଉଦ୍ଧାର ହୋଇଥିବା ଚଳଚ୍ଚିତ୍ରର ଟାଇଟଲ୍ କାର୍ଡ ପ୍ରଦର୍ଶନ ସହ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।




ବିଜ୍ଞାନ ଓ କାରିଗରୀ କାର୍ଯ୍ୟକ୍ରମ ତଥା ଅଭିନବ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗର ପରିଷଦ ଏବଂ ବିସିକେଆଇସି ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

## କୋର୍ଟ ବାହାରେ ହତ୍ୟା ଅଭିଯୁକ୍ତଙ୍କୁ ଗୁଳି

ମିରଟ: ଉତ୍ତରପ୍ରଦେଶର ଫରିଦାବାଦ ଜେଲରେ ବନ୍ଦୀ ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ହରିୟାଣା ପୋଲିସ ତାଙ୍କୁ ଏକ ଭ୍ୟାନ୍‌ରେ ହାପୁର ଜିଲା କୋର୍ଟରେ ହାଜର ପାଇଁ ନେଇଥିବାବେଳେ ୩ ବାଇକ ଆରୋହୀ ଗୁଳି କରି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଲାଖନ୍ ସିଂଙ୍କ ଉପରେ ଅନ୍ୟୂନ ୨୦ ରାଉଣ୍ଡ ଗୁଳି କରାଯାଇଥିବା ପୋଲିସ କହିଛି। ୟୁପିର ହାପୁର ସ୍ଥିତ ଧଉଲାନା ଗ୍ରାମରେ ୨୦୧୧ରେ ଘଟିଥିବା ଏକ ହତ୍ୟାକାଣ୍ଡ ଅଭିଯୁକ୍ତ ଲାଖନ୍ଙ୍କ ଘର ଫରିଦାବାଦ ଅନ୍ତର୍ଗତ ଅନାଗପୁର। ପୋକ୍ସୋ ଆଇନ ବଳରେ ଏକ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୭ରୁ ତାଙ୍କୁ ଫରିଦାବାଦ ଜେଲରେ ରଖାଯାଇଥିଲା।

## ଜଙ୍ଗଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ

ଗୋଲାମୁଣ୍ଡା,୧୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଘୋଟିଆ ଜଙ୍ଗଲରୁ ବୁଧବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଛାତ୍ରୀ ହେଲେ ନିକଟ ଘୋଟିଆ ଗ୍ରାମର କନକ ନିଆଲ। ସେ ଟିଠିଆ ବାଳିକା ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢ଼ୁଥିଲେ। ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ନ୍ୟାୟ ଦାବିରେ ଅପରାହ୍ନରେ ପରିବାରବର୍ଗ ଘୋଟିଆ ଛକ ନିକଟରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାର, ଗୋଲାମୁଣ୍ଡା ଥାନା ଆଇଆଇସି ଯୁଗଳ ଶବର, ତହସିଲଦାର ଗୋବିନ୍ଦ ଜାଲ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଆସନ୍ତା ୫ ଦିନ ମଧ୍ୟରେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ ଯେ ମଙ୍ଗଳବାର ଛାତ୍ରୀ ବିଦ୍ୟାଳୟ ଯାଇ ଘରକୁ ଫେରି ନ ଥିଲେ। ତାଙ୍କ ନିଖୋଜ ସମ୍ପର୍କରେ ପରିବାରବର୍ଗ ଥାନାରେ ଅଭିଯୋଗ କରିଥିଲେ।

## କନ୍ଧମାଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଫୁଲବାଣୀ ଅଫିସ, ୧୭।୮: କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ଗୁରୁବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ଦିବସ ଏବଂ ଜନ୍ମାଷ୍ଟମୀ ପାଳନ କରାଯିବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। କୌଣସି ସମୟରେ କିଛି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି। ସ୍ୱାମୀଜୀଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଜନ୍ମାଷ୍ଟମୀ ପାଇଁ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ଜନ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି। ଏସ୍‌ପି ଭିନୀତ ଅଗ୍ରୱାଲ କହିଛନ୍ତି ଯେ, ଜିଲାରେ ବର୍ତ୍ତମାନ ସାମ୍ବାବ୍ୟ ପରିସ୍ଥିତି ଉପରେ ନଜର ରଖାଯାଇଛି। ସମସ୍ତ ଥାନା ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଛି। ଜିଲାରେ ଥିବା ଫୋର୍ସ ସହ ଅଧିକ ୧୨ ପ୍ଲାଟୁନ ଫୋର୍ସ ରାଜ୍ୟରୁ ଅଣାଯାଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି। ସେହିପରି ୧୪ଜଣ ଇନ୍ସପେକ୍ଟର, ୮ଜଣ ଡିଏସପି ଓ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ନିୟୋଜିତ କରାଯାଇଛି। ଏହା ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ରହିବ। ରାତି ପାଟ୍ରୋଲିଂକୁ କଡାକଡି କରାଯିବା ସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଗାଡିମୋଟର ଯାଞ୍ଚ କରାଯାଉଛି। ଜଲେଶପଟା ଓ ଚକାପାଦ ଆଶ୍ରମରେ ସ୍ୱତନ୍ତ୍ର ଫୋର୍ସ ରହିବେ। ସେଠାରେ ବରିଷ୍ଠ ପୋଲିସ ଅଧିକାରୀ କ୍ୟାମ୍ପ କରିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ତାରିଖ ସନ୍ଧ୍ୟାରେ ଜଲେଶପଟା ଆଶ୍ରମରେ ସ୍ୱାମୀଜୀ ଅନ୍ତେବାସୀଙ୍କ ସହ ଜନ୍ମାଷ୍ଟମୀ ପାଳନ କରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ଆସି ସ୍ୱାମୀଜୀଙ୍କ ସହ ତାଙ୍କ ସହଯୋଗୀଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଥିଲେ।

**ଆଜି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ**

## ଏନ୍‌ଏସ୍‌ଏଙ୍କ ସୁରକ୍ଷାରେ ତ୍ରୁଟି: ୩ କମାଣ୍ଡୋ ବହିଷ୍କୃତ

ନୂଆଦିଲ୍ଲୀ,୧୭।୮: ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ସୁରକ୍ଷାରେ ତ୍ରୁଟି ପାଇଁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ର ୩ କମାଣ୍ଡୋଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଡୋଭାଲଙ୍କୁ କେନ୍ଦ୍ରୀୟ ଭିଆଇପି ସିକ୍ୟୁରିଟି ତାଲିକାରେ ଥିବା 'ଜେଡ୍ ପ୍ଲସ୍' ବର୍ଗର ସୁରକ୍ଷା ମିଳିଛି, ଯାହାକି ସିଆଇଏସ୍‌ଏଫ୍‌ର ଏସ୍‌ଏସ୍‌ଜି ୟୁନିଟ୍ ପ୍ରଦାନ କରିଥାଏ। ଗତ ଫେବୃୟାରୀ ୧୬ ପୂର୍ବାହ୍ନ ୭ଟା ୩୦ରେ ବେଙ୍ଗାଲୁରୁର ଜଣେ ବ୍ୟକ୍ତି ଡୋଭାଲଙ୍କ କେନ୍ଦ୍ରୀୟ ଦିଲ୍ଲୀ ବାସଭବନରେ ତାଙ୍କ କାର୍ ଚଳାଇବାକୁ ଉଦ୍ୟମ କରିଥିଲେ। ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

---

## MO SCHOOL ABHIYAN PARICHALANA SANGATHAN

Toshali Bhawan, A1-Block, 6th Floor, Satya Nagar, Bhubaneswar - 751007, Odisha, India, e-mail: reachout@moschool.in

### EXPRESSION OF INTEREST

No. 2059/MSA/22 — Date: 17.08.2022

No. n-42: EOI are invited from the interested agencies/organization to provide support (Implementing the sift components) to selected 300 Nos. of High Schools across 30 districts of Odisha on or before 30.08.2022 by 5 P.M. For more details please visit **www.moschool.in**.

By Order of SPD, OSEPA & Member Secretary
Mo School Abhiyan Parichalana Sangathan

**Sd./- Officer on Special Duty**
**Mo School Abhiyan Parichalan Sangathan**

OIPR-27045/11/0023/2223

---

## SHORT QUOTATION CALL NOTICE

**No. 3102** — **Dt.08.08.2022**

No. C-1009: The Executive Officer, Jatni Municipality on behalf of Municipal Council invites quotation in plain paper is invited from the intending Artists/Individuals for wall painting on Swachh Survekshan 2022 at prominent places of Jatni Municipality areas as per the requirements.

The last date of receipt of the quotation is **Dt.19.08.2022 upto 12.00 P.M.** and will be **opened on Dt.19.08.2022 at 4 P.M.**

The detailed documents can also be downloaded from the official website of Khordha district **(www.khordha.nic.in)** upto **5.00 P.M. of 17.08.2022.**

**Sd./- Executive Officer**
**Jatni Municipality**

OIPR-13041/11/0026/2223

---

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

OPTCL Lifeline of Odisha

No. CAD-1520

### TENDER ALERT

1) **Tender Call Notice No.01/2022-23:** Supply of Diesel run commercial registered light vehicle (Swift Dzire-AC or equivalent) for official use under Telecommunication Division, Cuttack.
2) **Tender Call Notice No.04/2022-23:** Supply of Sodium Bentonite compound in powder form to be used for earth mat work in switch yard at 220/132/33kV Grid S/S, Kesinga & 132/33kV Grid S/S, Saintala under EHT O&M Division, Kesinga.
3) **Tender Call Notice No.07/2022-23:** Carry out the work of PCC and Re-Metalling of 132kV GIL Bay at 132/33kV Grid S/S, Ganjam under EHT O&M Division, Chatrapur.
4) **Tender Call Notice No.15/2022-23:** Renovation of bathrooms & fabrication of shed at roof of Division office Joda under EHT O&M Division, Joda.
5) **Tender Call Notice No.16/2022-23:** Construction of culvert, guard wall & repairing of drain at Grid S/S Joda under EHT O&M Division, Joda.

For more details please visit OPTCL's website: **www.optcl.co.in.**

OIPR-04011/11/0077/2223 — FIPR-33/2022-23

---

## PANCHAYAT SAMITI OFFICE, KEONJHAR SADAR

Phone: 06766-255494, E-Mail: ori-bkeonjhar@nic.in

**Letter No. 3295** — **Date: 17.08.2022**

No. F-200

### Corrigendum to BID IDENTIFICATION No. 03/Sadar/2022-23

01. The TCN Sl. No. 04. Name of the Project "Construction of DMF Gram Udyan at Gumura under Mandua G.P." has been modified as "Construction of DMF Gram Udyan at Tikargumura, under Mandua G.P."

All the term and condition in respect of the work invited vide above Tender Call Notice remain unaltered.

02. All other details can be seen in the bidding documents which is available in the official website **http//:www.kendujhar.nic.in**.
03. Authority reserve the right to reject any or all the tender without assigning any reason thereof.

**Sd./- Block Development Officer**
**Sadar Block, Keonjhar**

OIPR-19123/11/0010/2223

---

## ZILLA SWASTHYA SAMITI, SUBARNAPUR
## OFFICE OF THE CDM & PHO, SUBARNAPUR
## DPMU, NATIONAL HEALTH MISSION

E-mail: nhm.subarnapur@gmail.com

**No. 731/DPMU/NHM/22** — **Date: 16.08.2022**

### NOTICE

No. E-399: In continuation to Advertisement No. 610/DPMU/NHM/2022 Dated 02.08.2022 regarding contractual appointment of different post under NHM a corrigendum notice has been published in the district website **www.subarnapur.nic** regarding modification/addition of different criteria. So the candidates may visit the website for necessary updates.

**Sd./- Chief District Medical & Public Health Officer-cum-District Mission Director, NHM, Subarnapur**

OIPR-10118/11/0016/2223

---

## CORRIGENDUM

No. CAD-1523: Please refer to this Office RFP No. 003/SUDA/Dtd.12.08.2022 published in the daily Odia DHARITRI on 13.08.2022 at Page - 17 in which Bids were invited to select & engage Resource Organisations for Capacity Building for Mission Shakti Groups & Slum dwellers Associations under MUKTA. In the second Para, the proposal submission date may be read as **3rd September' 2022** instead of 25th August' 2022. Other context will remain unchanged.

**Sd./- Administrative Officer, SUDA - Odisha**

OIPR-13036/11/0010/2223

---

## OFFICE OF THE MUNICIPAL COUNCIL, SUNDARGARH

**Notice No. 6990** — **Date: 10.08.2022**

### TENDER CALL NOTICE

No. C-1004: Sealed tenders are invited from the intending persons/agencies for auction of different Sairats under Sundargarh Municipality. The detail tender documents will be available in the district website of Sundargarh i.e. **www.sundargarh.nic.in** from Dt.18.08.2022 to Dt.30.08.2022. The tender document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post only. The bidder should subscribe **"Tender for Auction of Different Sairats of Sundargarh Municipality"** on the top of the envelope.

Last date of receipt of quotation 30.08.2022 upto 2.00 P.M.
Date of Opening 03.09.2022 at 4.30 P.M.

**Sd./- Executive Officer**
**Sundargarh Municipality**

OIPR-13130/11/0014/2223

---

## OFFICE OF THE ROURKELA MUNICIPAL CORPORATION, ROURKELA

### INVITATION FOR BID

**No. 10494** — **Dated: 17.08.2022**

**Bid Identification No. MC/RMC/67/2022**

No. C-1006: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/67/2022 for 03 Nos. Civil work with value of Rs.6.94 lakh to Rs.35.60 lakh.

1. Bid documents will be available in website **www.tendersorissa.gov.in** from 17.08.2022.
2. Bids must be submitted on "Online" on or before 26.08.2022 by 17.00 hours.
3. Bids shall be opened at 11.00 hours on 29.08.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0082/2223

---

## Zilla Swasthya Samiti, Bargarh

Dept. of Health & Family Welfare, Govt. of Odisha
District Head Quarter Hospital, Bargarh-768028
Phone/Fax: 06646-231763

Corrigendum Notice No.45/2022 — Date:16.08.2022

### CORRIGENDUM NOTICE

**No.E-400:** Corrigendum to the tender call notice no: 42// NHM, Bargarh published on dtd. 19.07.2022 in "New Indian Express" & "Dharitri" for "Hiring of commercial light diesel vehicles on a monthly & daily basis", "supply of Ambulance", "supply of Micro cellular Rubber footwear", "Techno managerial Manpower" and "Pest Control & Anti-termite Measures" and corrigendum notice no: 43/NHM. Bargarh published on dtd. 31.07.2022 in "New Indian Express" & "Dharitri" for "supply of Micro cellular Rubber footwear" & "Outsourcing of Techno Managerial Manpower". The revised date of opening of bid is dt 23.08.2022 at 10.30 A.M. at DTU NHM, Bargarh. The other terms & conditions of the aforesaid tender remain unchanged.

**Sd./- CDM & PHO, Bargarh**

OIPR-10124/11/0012/2223

---

## REVENUE OFFICERS' TRAINING INSTITUTE (ROTI), BHUBANESWAR

Tender No. LE-II-25/22 - 1145 / Date: 12.08.2022

### TENDER CALL NOTICE

No. F-199: Sealed tenders are invited under two bid systems from reputed, experienced registered Travel Agencies/Tour Operators for following outsourcing service at "ROTI, Gothapatna, Bhubaneswar - 751029".

| Name of the Outsourcing Services | Tender Paper Cost (In Rs.) | EMD (In Rs.) |
|---|---|---|
| Hiring of Vehicle Services at ROTI | 500/- | 5,000/- |

The detailed information of the tender has been provided in Tender Documents individually which may be downloaded from the website **https://rotiodisha.nic.in**. The downloaded document should be accompanied with a Demand Draft as applicable towards tender paper cost along with the Bid. The EMD of requisite amount should also be paid by Demand Draft in favour of the Director, Revenue Officers' Training Institute, Gothapatana payable at Bhubaneswar along with the Technical Bid. The last date, time and place for submission of tender are **02.09.2022 by 5.00 P.M.** The tender will be opened at ROTI on **03.09.2022 at 11 A.M.**

Any corrigendum(s) shall be communicated through the tender section of ROTI website.

**Sd./- Director, ROTI**

OIPR-24164/11/0004/2223

---

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)
**Plot No.N-17/2, Nayapalli, Bhubaneswar-751012**
**Phone No.: (0674) 2390195 (Off), Fax No. (0674) 2395844,**
**Email ID: olicltd123@bsnl.in, olicltd@ymail.com**
**www.olic.in**

### NATIONAL COMPETITIVE BIDDING THROUGH e-Procurement

**No. IT-100/2021-7965/OLIC, Dated: 17.08.2022**

**No.CAD-1528:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

- A. **Brief description of Work:** Installation, electrification, energisation and commissioning of Borewell in Balsore & Sundargarh Districts (02 Packages).
- B. **Estimated cost of works:** Varies from Rs.110.97 Lakhs to Rs.411.90 Lakhs
- C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
- D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
- E. **Last date of seeking clarification:** Dt.02.09.2022 upto 17.00 hours.
- F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- MANAGING DIRECTOR, OLIC LTD, BHUBANESWAR**

OIPR-32432/11/0020/2223

---

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)
**Plot No.N-17/2, Nayapalli, Bhubaneswar-751012**
**Phone No.: (0674) 2390195 (Off), Fax No. (0674) 2395844,**
**Email ID: olicltd123@bsnl.in, olicltd@ymail.com**
**www.olic.in**

### NATIONAL COMPETITIVE BIDDING THROUGH e-Procurement

**No. IT-66/2021-7937/OLIC, Dated: 17.08.2022**

**No.CAD-1519:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

- A. **Brief description of Work:** Installation, electrification, energisation and commissioning of Borewell in Cuttack District Pkg-01.
- B. **Estimated cost of works:** Rs.319.12 Lakhs
- C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
- D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
- E. **Last date of seeking clarification:** Dt.02.09.2022 upto 17.00 hours.
- F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- MANAGING DIRECTOR, OLIC LTD, BHUBANESWAR**

OIPR-32432/11/0018/2223

---

## NOTICE

No. D-136: OPSC follows a robust transparent and merit-based process in all recruitments. Any assurance for selection by unserupulous elements should not only be ignored but be brought to our notice for remedial measures.

Please inform to the following numbers.

**0671-2301107, 0671-2304090**
**opsc@nic.in**

### ବିଜ୍ଞପ୍ତି

ଓଡ଼ିଶା ଲୋକସେବା ଆୟୋଗ ସମସ୍ତ ନିଯୁକ୍ତିରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ଯୋଗ୍ୟତାଭିତ୍ତିକ ପ୍ରକ୍ରିୟା ଅନୁସରଣ କରେ। ଚୟନ ପାଇଁ କୌଣସି ଅସାଧୁ ବ୍ୟକ୍ତିଙ୍କର ପ୍ରତିଶ୍ରୁତିରେ ପ୍ରଭାବିତ ହୁଅନ୍ତୁ ନାହିଁ ଏବଂ ତତ୍‌କ୍ଷଣାତ ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ଆୟୋଗର ଦୃଷ୍ଟି ଆକର୍ଷଣ କରନ୍ତୁ।
ଦୟାକରି ନିମ୍ନଲିଖିତ ନମ୍ବର କିମ୍ବା ଇ-ମେଲ୍‌ରେ ଯୋଗାଯୋଗ କରନ୍ତୁ।

**୦୬୭୧-୨୩୦୧୧୦୭, ୦୬୭୧-୨୩୦୪୦୯୦**
**opsc@nic.in**

ଆୟୋଗଙ୍କ ଆଦେଶ ଅନୁସାରେ
ସ୍ୱା./- ସଚିବ
ଓଡ଼ିଶା ଲୋକସେବା ଆୟୋଗ

OIPR-12002/11/0136/2223

---

## ROURKELA MUNICIPAL CORPORATION

UDITNAGAR, ROURKELA, ODISHA, PIN - 769012
E-mail ID: rourkelamunicipality@gmail.com, Tel.: 0661-2500388

**RFP No. 10458** — **Date: 17.08.2022**

### REQUEST FOR PROPOSAL

No. C-1003: Rourkela Municipal Corporation invites Request for Proposal (RFP) in Double Covers from reputed NGOs/CBOs/Agencies/Joint Ventures for providing Sanitation Services in the Designated Zones under Rourkela Municipal Corporation (RMC).

The sealed RFP document supported by relevant details and proof of their eligibility is to be submitted in closed covers addressed to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN - 769012 on or before 1.00 P.M. 08.09.2022 through Speed Post/Registered Post/Courier only. The complete RFP document can be downloaded from the RMC website **(www.rmc.nic.in)** from 18.08.2022 onwards.

Any changes/correction/corrigendum in respect the above shall be placed on RMC website only. All bidders are requested to go through the website before submission of proposal.

RMC reserves the right to reject any or all the RFP without assigning any reason thereof.

**Sd./- Commissioner**
**Rourkela Municipal Corporation**
**Date: 17.08.2022**

OIPR-13131/11/0084/2223

---

## GOVT. OF ODISHA
No. A-454

## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, DRAINAGE CIRCLE

UNIT - 8, BHUBANESWAR - 751012

### E-PROCUREMENT NOTICE No. ACEDC-BBSR-04/2022-23

email Id: sedrainagebbsr12@gmail.com

| | | | |
|---|---|---|---|
| 1. | Name of Works | : | 3 Nos. of Works |
| 2. | Total Number of Packages | : | 3 Nos. Individual Packages |
| 3. | Estimated Cost | : | Cost varies from Rs.111 lakhs to Rs.499 lakhs |
| 4. | Bid Identification No. | : | 1) ACEDC-BBSR/DD-PURI-07/2022-23<br>2) ACEDC-BBSR/DD-PURI-08/2022-23<br>3) ACEDC-BBSR/DD-PURI-09/2022-23 |
| 5. | Period of Completion | : | As per DTCN |
| 6. | Availability of Tender Online | : | 19.08.2022, 11.00 hours to 02.09.2022, 17.00 hours. |
| 7. | Date of Opening of Technical Bid | : | 03.09.2022 at 11.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar |
| 8. | Date of Opening of Financial Bid | : | 07.09.2022 at 11.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar. |
| 9. | Date of Lottery (if required) | : | 09.09.2022 at 12.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar. |
| 10. | Bid Security | : | Bid Security Declaration |
| 11. | Cost of Tender Paper | : | Rs.10,000/- |
| 12. | Procurement Officer | : | Additional Chief Engineer, Drainage Circle, Unit - 8, Bhubaneswar - 751012 |

Further details can be seen from the Govt. website **www.tendersorissa.gov.in**. Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in**.

**Sd./- Additional Chief Engineer**
**Drainage Circle, Bhubaneswar**

OIPR-32375/11/0002/2223

---

ସ୍ୱଚ୍ଛ ଭାରତ — एक कदम स्वच्छता की ओर

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
## OFFICE OF THE NOTIFIED AREA COUNCIL, BIJEPUR

AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No.06685-274153, Email ID:- bijepurnac2018@gmail.com, Website: bijepurnac.in

**Letter No. 1434/NACB** — **Date: 17.08.2022**

### Quotation Call Notice

**No.C-1012:-** Sealed quotations are invited from registered firms / Agency with Valid Registration Certificate, PAN card, GST Registration Certificate & Latest GST Return up to March 2022, EPF registration certificate, ESI registration certificate, ISO 9001 certification, I.T. refund for Three Financial Year. i.e., 2019-20 , 2020-21 & 2021-22 labour license consisting of minimum 60 or above Nos. of labour, proof of establishment, financial turnover for last 3 Years working within the jurisdiction of Odisha, having eligibility criteria as **"Sanitation Man Power Service Provider"**. Bid documents should be submitted through **Regd. Post /Speed post/ NAC Office Drop Box**, super-scribing **"Bid documents for Sanitation Man Power Services"** and addressed to **Executive Officer, Bijepur NAC, Dist: Bargarh, Odisha, PIN: 768032.** The sale of bid document shall start from **dt. 19.08.2022** in office hour and close by 2.00 P.M. on **26.08.2022** and same day i.e. 26.08.2022 opening at 3.30 PM. The bidders shall have to deposit the cost of tender paper of Rs.10,000/- (Ten thousand) only (non-refundable) & EMD Rs. 60,000/- (Sixty thousand) only in shape of Demand Draft/Money Receipt in favour of Executive Officer, Bijepur NAC, payable at Bijepur. The bidder must have minimum 3 years' experience on municipal solid waste management/ sanitation work and other Govt, Sector with a minimum financial turnover of Rupees 1.00 Crore (One Crore) on Municipal Solid Waste Management! sanitation work in any calendar year of last three financial years. The authority reserves the right to reject any or all the bid without assigning any reason thereof.

**Sd./- Executive Officer, Bijepur NAC**

OIPR-13123/11/0013/2223

---

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)
**Plot No.N-17/2, Nayapalli, Bhubaneswar-751012**
**Phone No.: (0674) 2390195 (Off), Fax No. (0674) 2395844,**
**Email ID: olicltd123@bsnl.in, olicltd@ymail.com**
**www.olic.in**

### NATIONAL COMPETITIVE BIDDING THROUGH e-Procurement

**No. IT-94/2021- /OLIC, Dated:**

**No.CAD-1516:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

- A. **Brief description of Work:** Installation, electrification, energisation and commissioning of Borewell in Nabarangapur & Nuapada Districts (03 Packages).
- B. **Estimated cost of works:** Varies from Rs.968.78 Lakhs to Rs.1371.30 Lakhs
- C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
- D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
- E. **Last date of seeking clarification:** Dt.02.09.2022 upto 17.00 hours.
- F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- MANAGING DIRECTOR, OLIC LTD, BHUBANESWAR**

OIPR-32432/11/0013/2223

---

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)
**Plot No.N-17/2, Nayapalli, Bhubaneswar-751012**
**Phone No.: (0674) 2390195 (Off), Fax No. (0674) 2395844,**
**Email ID: olicltd123@bsnl.in, olicltd@ymail.com**
**www.odishalift.co.in**

### NATIONAL COMPETITIVE BIDDING THROUGH e-Procurement

**No. IT-86/2021-7885/OLIC, Dated: 16.08.2022**

**No.CAD-1513:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

- A. **Brief description of Work:** Installation, electrification, energisation and commissioning of Borewell in Bargarh District (02 Packages).
- B. **Estimated cost of works:** Rs.1328.99 Lakhs for Each Package.
- C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
- D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
- E. **Last date of seeking clarification:** Dt.02.09.2022 upto 17.00 hours.
- F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- MANAGING DIRECTOR, OLIC LTD, BHUBANESWAR**

OIPR-32432/11/0014/2223

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୭ମ ଦିନ ଲାଗି ଷ୍ଟକ୍ ବଜାରର କାରବାର ଭଲ ରହିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ଉପର ତଳ ହେଉଥିଲେ ମଧ୍ୟ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ କାରବାରରେ ସୁଧାର ଦେଖିବାକୁ ମିଳିଛି। ବୁଧବାର ସେନ୍‌ସେକ୍ସ ୪୧୮ (୪୧୭.୯୨) ପଏଣ୍ଟ ବଢ଼ି ୬୦,୨୬୦ (୬୦,୨୬୦.୧୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୧୯ (୧୧୯.୦୦) ପଏଣ୍ଟ ବୃଦ୍ଧି ଘଟି ୧୭,୯୪୪ (୧୭,୯୪୪.୨୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# କୃଷିଋଣ ଉପରେ ବାର୍ଷିକ ୧.୫% ସୁଧ ରିହାତି

ନୂଆଦିଲ୍ଲୀ,୧୭।୮ (ପିଆଇବି)



ଦେଶର ସମସ୍ତ ଚାଷୀଙ୍କ ସୁବିଧା ଲାଗି ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧିର କୃଷି ଋଣ ଉପରେ ବାର୍ଷିକ ୧.୫% ସୁଧ ରିହାତି କେନ୍ଦ୍ର ସରକାର ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ଏପରିକି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରେ ସବୁ ଋଣ ଲଗାଣକାରୀ ସଂସ୍ଥା ପାଇଁ ୧.୫% ସୁଧ ରିହାତି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ତେଣୁ ସବୁ ଋଣ ଲଗାଣକାରୀ ଆର୍ଥିକ ସଂସ୍ଥା ଯେ ପରିକି ସରକାରୀ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ସହ ସିଧାସଳଖ ଯୋଡ଼ି ହୋଇଥିବା କମ୍ପ୍ୟୁଟରୀକୃତ ପ୍ରାଥମିକ କୃଷି ସମିତିଗୁଡ଼ିକ ବାର୍ଷିକ ଦେଢ ପ୍ରତିଶତ ସୁଧ ରିହାତି ମିଳିବ। ଆର୍ଥିକ ଋଣ ଲଗାଣକାରୀ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଦେଢ ପ୍ରତିଶତ ସୁଧ ରିହାତି ସୁବିଧା ଚାଷୀମାନଙ୍କୁ ଯୋଗାଇଦେବେ। ୨୦୨୨–୨୩ ଆର୍ଥିକ ବର୍ଷଠାରୁ ୨୦୨୪–୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି ବିଶିଷ୍ଟ କୃଷି ଋଣ ଉପରେ ଏହି ରିହାତି ସୁବିଧା ମିଳିବ। ସୁଧ ଛାଡ଼ ସୁବିଧା ନିମନ୍ତେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୨୦୨୨–୨୩ ଆର୍ଥିକ ବର୍ଷଠାରୁ ୨୦୨୪–୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩୪ ହଜାର ୮୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଅତିରିକ୍ତ ବଜେଟ ବ୍ୟବସ୍ଥା କରାଯାଇଛି। ଫଳରେ କୃଷକଙ୍କୁ ଅନେକ ଲାଭ ମିଳିବ ବୋଲି ଆକଳନ କରାଯାଇଛି। ସୁଧ ରିହାତିରେ ବୃଦ୍ଧି କାରଣରୁ କୃଷିଋଣ ଯୋଗାଣରେ ସ୍ଥିରତା ସୁନିଶ୍ଚିତ ହେବ। ଋଣ ପ୍ରଦାନକାରୀ ସଂସ୍ଥା ବିଶେଷକରି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିରେ ସୁଧାର ଆସିବ ଏବଂ ଅଧିକ ଋଣ ଦେବାକୁ ସେମାନେ ସକ୍ଷମ ହୋଇପାରିବେ। ଏହା ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଯଥେଷ୍ଟ କୃଷିଋଣ ଉପଲବ୍ଧ କରାଇବ। ପାଣ୍ଠି ବାବଦ ଖର୍ଚ୍ଚରେ ବୃଦ୍ଧିକୁ ସହ୍ୟ କରିବାରେ ବ୍ୟାଙ୍କଗୁଡ଼ିକ ସକ୍ଷମ ହେବେ ଏବଂ କୃଷକମାନଙ୍କୁ ସେମାନଙ୍କର କୃଷି ଆବଶ୍ୟକତା ପାଇଁ ଋଣ ପ୍ରଦାନ କରିପାରିବେ। ଏହାଦ୍ୱାରା ଅଧିକରୁ ଅଧିକ ଚାଷୀ ଋଣର ଲାଭ ପାଇପାରିବେ। ଏହାବ୍ୟତୀତ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟତା ମିଳିବ। କାରଣ ସ୍ୱଳ୍ପ ଅବଧି କୃଷିଋଣ ପଶୁପାଳନ, କୁକ୍କୁଟ ପାଳନ, ମତ୍ସ୍ୟ ପାଳନ ସମେତ ସବୁ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ସହାୟତା ପାଇଁ ପ୍ରଦାନ କରାଯାଇଥାଏ। ଚାଷୀମାନେ ବାର୍ଷିକ ୪% ସୁଧ ହାରରେ ସ୍ୱଳ୍ପକାଳୀନ କୃଷିଋଣ ନେବା ଜାରି ରଖିପାରିବେ ଏବଂ ଠିକ୍ ସମୟରେ ଋଣ ପରିଶୋଧ ନିମନ୍ତେ ସକ୍ଷମ ହେବେ।

## ୮୩୧୨ କୋଟି ଟଙ୍କା ପୈଠକଲା ଏୟାରଟେଲ୍

**ନୂଆଦିଲ୍ଲୀ,୧୭।୮:** ଘରୋଇ ଟେଲିକମ୍ କମ୍ପାନୀ ଏୟାରଟେଲ୍ ୫ଜି ସ୍ପେକ୍ଟ୍ରମ ଦେୟ ବାବଦରେ ବୁଧବାର ଟେଲିକମ୍ ବିଭାଗକୁ ୮୩୧୨.୪ କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ମିଳିଛି। ନିକଟରେ ହୋଇଥିବା ୫ଜି ନିଲାମରେ ହାସଲ କରିଥିବା ସ୍ପେକ୍ଟ୍ରମ ଦେୟ ବାବଦକୁ ଉପରୋକ୍ତ ଅର୍ଥରାଶି ପୈଠ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ସ୍ପେକ୍ଟ୍ରମର ୪ବର୍ଷର ଅଗ୍ରିମ ଦେୟ ପ୍ରଦାନ କରିଛି। ଏହି ଅଗ୍ରିମ ଦେୟ ସହ ଆସନ୍ତା ୪ବର୍ଷ ପାଇଁ ସ୍ପେକ୍ଟ୍ରମ ଦେୟ ଏବଂ ଏଜିଆର୍ ସମ୍ବନ୍ଧିତ ପେମେଣ୍ଟଗୁଡ଼ିକ ଉପରେ ରୋକ ରହିବ। ଫଳରେ ଏହା ଭବିଷ୍ୟତ ନଗଦ ପ୍ରବାହକୁ ମୁକ୍ତ କରିବ ଏବଂ ଏୟାରଟେଲକୁ କେବଳ ୫ଜି ଆଣିବା ଉପରେ ଧ୍ୟାନକେନ୍ଦ୍ରିତ କରିବା ଦିଗରେ ସମ୍ବଳ ଉତ୍ସର୍ଗ କରିବାକୁ ଅନୁମତି ଦେବ। ଗତ ଏକ ବର୍ଷ ମଧ୍ୟରେ ଏୟାରଟେଲ ମଧ୍ୟ ଧାର୍ଯ୍ୟ ସମୟସୀମାଠାରୁ ବହୁ ପୂର୍ବରୁ ଏହାର ବିଳମ୍ବିତ ସ୍ପେକ୍ଟ୍ରମ ଦାୟିତ୍ୱର ୨୪,୩୩୩.୭କୋଟି ଟଙ୍କା ପରିଶୋଧ କରିଛି।

## ୟୁବିଆଇ ପକ୍ଷରୁ ଦେଶ ବିଭାଜନ ସ୍ମରଣ ଦିବସ



ଭୁବନେଶ୍ୱର,୧୭।୮

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏକ ୫ ଦିନିଆ ଦେଶ ବିଭାଜନ ସ୍ମରଣ ଦିବସ ସାରା ଦେଶରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କେତେକ ଶାଖାରେ ଦେଶ ବିଭାଜନ ସ୍ମରଣ ଦିବସ ପାଳିତ ହୋଇଯାଇଛି। ବିଶେଷକରି ଅର୍ଥ ବିଭାଗ ଦ୍ୱାରା ଚୟନ ହୋଇଥିବା ସ୍ଥାନୀୟ ଚନ୍ଦ୍ରଶେଖରପୁର–୨ ଡମଣା ସ୍କୋୟାରସ୍ଥିତ ଶାଖା ପରିସରରେ ମଧ୍ୟ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୋଭନ୍ ସେନ୍‌ଗୁପ୍ତା, ଭୁବନେଶ୍ୱର କ୍ଷେତ୍ରର ଉପ–କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




୧୩ତମ କଟନ୍ ଫାବ୍ ପ୍ରଦର୍ଶନୀର ୬ଷ୍ଠ ସପ୍ତାହ (ରବିବାର) ର ଲଟେରି ଉଠାଣ କାର୍ଯ୍ୟକ୍ରମରେ ୩ ଜଣ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ବିଜେତା ବିନୋଦ କୁମାର ମେହେଟା ମେଳାର ମ୍ୟାନେଜର ଜାଭେଦ ଖାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ଆଭାର'

ମୁମ୍ବାଇ,୧୭।୮



**'ରିଶ୍ତୋଁ କି ଡୋର୍,ନୟେ କଲ୍ କି ଔର' କ୍ୟାମ୍ପେନ ସହ ୧୫ ତମ ଆନିଭର୍ସାରି ମହୋତ୍ସବ**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ଚଳିତ ବର୍ଷ ତା'ର ୧୫ତମ ଆନିଭର୍ସାରି ମହୋତ୍ସବ ପାଳନ କରୁଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆନିଭର୍ସାରିରେ କିଛି ନୂତନ ଡିଜାଇନ୍ ସହ ଆକର୍ଷଣୀୟ ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ନୂତନ ସଂଗ୍ରହ ସହ ଆଧୁନିକ ଜିଓ ମେଟ୍ରିକ୍ ଓ ଏକଲେକଟିକ୍ ଅନୁପ୍ରେରିତ ଅପ୍‌ଟିକାଲ ଇଲ୍ୟୁଜନ ଭଳି ବ୍ୟବସ୍ଥା, ଯାହାକି ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ ଆପଣଙ୍କୁ ପ୍ରେରଣା ଯୋଗାଇଥାଏ। ସେହିପରି ରିଶ୍ତୋଁ କି ଡୋର୍, ନୟେ କଲ୍ କି ଔର ଅଭିଯାନ ସହ ଆକର୍ଷଣୀୟ ଡିଜାଇନ୍ ଦ୍ୱାରା ଏକ ସୁନ୍ଦର ନୂତନ ଭବିଷ୍ୟତ ନିମନ୍ତେ ଅନୁପ୍ରେରିତ କରିଥାଏ। ଏହି କଲେକ୍ସନ ଉଭୟ ସୁନା ଓ ଡାଏମଣ୍ଡ ବିକଳ୍ପରେ ୩୦୦+ ରିଲାଏନ୍ସ ଜୁଏଲ୍ ଶୋ'ରୁମ୍ ଓ ସାରା ଭାରତରେ ଥିବା ୧୫୦+ ସହରରେ ଶପ୍–ଇନ୍–ଶପ୍‌ରେ ମଧ୍ୟ ଉପଲବ୍ଧ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ପ୍ରତି ବର୍ଷ ଆମର ଆନିଭର୍ସାରିରେ ଆଭାର କଲେକ୍ସନର ଶୁଭାରମ୍ଭ କରାଯାଇଥାଏ। ଲକ୍ଷ୍ୟ ହେଉଛି ଆମର ଗ୍ରାହକମାନଙ୍କ ପାଇଁ କୃତଜ୍ଞତା ସ୍ୱରୂପ ବ୍ରାଣ୍ଡର ଲୟାଲିଟି ଓ ଭଲ ପାଇବାର ଏକ ନିଦର୍ଶନ ସ୍ୱରୂପ ସବୁଠାରୁ ଆକର୍ଷଣୀୟ ଡିଜାଇନ୍ ପ୍ରସ୍ତୁତ କରିବା। ଏହା ମଧ୍ୟ ସେମାନଙ୍କୁ ସେମାନଙ୍କର କୃତଜ୍ଞତାକୁ ନିଜର ପ୍ରିୟଜନଙ୍କ ନିକଟରେ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ରିଲାଏନ୍ସ ଜୁଏଲ୍ସ ତା'ର ଗ୍ରାହକମାନଙ୍କ ଜୀବନରେ ଅନେକ ଖୁସିର ସମୟକୁ ପାଳନ କରିବା ସହ ପର୍ବପର୍ବାଣି ଅବସରରେ ନୂତନ କଲେକ୍ସନ ଓ ଅଫର ନେଇ ଆସିଥାଏ। ଏପରିକି ରିଲାଏନ୍ସ ଜୁଏଲ୍ସର ସମଗ୍ର କଲେକ୍ସନରେ ୨୫% ରିହାତି ଗ୍ରାହକଙ୍କୁ ଦିଆଯାଉଛି।

## ଓଏମ୍‌ସି ପକ୍ଷରୁ ସ୍ୱାଧୀନତା ଦିବସ




ଭୁବନେଶ୍ୱର,୧୭।୮

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପରିସରରେ ୭୬ ତମ ସ୍ୱାଧୀନତା ଦିବସ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଏମ୍‌ସିର ଅଧ୍ୟକ୍ଷ ଡି.କେ. ସିଂହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଓଏମ୍‌ସିର ଏମ୍‌ଡି ବଲୱନ୍ତ ସିଂହଙ୍କ ସମେତ ସମସ୍ତ ନିର୍ଦ୍ଦେଶକ, ନିଗମର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଟିଏସ୍‌ଜି ଗୁରୁକୁଳରେ ପତାକା ଉତ୍ତୋଳନ

ଭୁବନେଶ୍ୱର,୧୭।୮

ରାଜ୍ୟ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଟାଇଗ୍ସ ସ୍କଲାର୍ସ ଗୁରୁକୁଳ ପରିସରରେ ୭୬ ତମ ସ୍ୱାଧୀନତା ଦିବସ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସାମାଜିକ କର୍ମୀ ଶାନ୍ତିଲତା ଦେବୀ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସାରଦା ମିଶ୍ର ଅମୃତ ମହୋତ୍ସବ ବାବଦରେ ବିସ୍ତୃତ ଆଲୋକପାତ କରିବା ସହ ଦେଶମାତୃକାର ସେବାରେ ସମସ୍ତେ ସମର୍ପିତ ହେବା ଲାଗି ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ରଞ୍ଜିତା ମହାପାତ୍ର, ଅଧ୍ୟକ୍ଷ (ପ୍ରିନ୍ସିପାଲ) ବିକାଶ କୁମାର ମହାନ୍ତିଙ୍କ ସମେତ ବିଦିବାଳା ଆଚାର୍ଯ୍ୟ ଓ ଗୋବର୍ଦ୍ଧନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଜାତୀୟ ଚେତନାର ବିଭିନ୍ନ ଦିଗ ବାବଦରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଉପସ୍ଥିତ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ଆତିଥ୍ୟ, ଆନୁଷଙ୍ଗିକ କ୍ଷେତ୍ରକୁ ମିଳିବ ପ୍ରୋତ୍ସାହନ

ନୂଆଦିଲ୍ଲୀ,୧୭।୮ (ପିଆଇବି)



**କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ**

ଦେଶର ଅର୍ଥନୀତିକୁ ସବଳ କରିବା ପାଇଁ ପ୍ରମୁଖ କ୍ଷେତ୍ର ପ୍ରତି ସରକାର ବିଶେଷ ଦୃଷ୍ଟିଦେବା ସହ ଆବଶ୍ୟକ ସହଯୋଗ ଓ ସହାୟତା ଯୋଗାଇଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। କାରଣ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ସ୍ୱୀକାର୍ଯ୍ୟ ଗ୍ୟାରେଣ୍ଟି ସୀମା ବୃଦ୍ଧି ପାଇଁ ଜରୁରିକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ଯୋଜନା (ଇସିଏଲ୍‌ଜିଏସ୍)ର ପାଣ୍ଠି ବା କର୍ପସ୍ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଇସିଏଲ୍‌ଜିଏସ୍‌ର ସୀମାରେ ୫୦,୦୦୦କୋଟି ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଏହା ୪.୫ ଲକ୍ଷ କୋଟି ଟଙ୍କାରୁ ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅତିରିକ୍ତ ପରିମାଣର ପାଣ୍ଠିକୁ କେବଳ ଆତିଥ୍ୟ ଏବଂ ତତ୍‌ସଂକ୍ରାନ୍ତୀୟ କ୍ଷେତ୍ର ପାଇଁ ଆବଣ୍ଟନ କରାଯାଇଛି। କୋଭିଡ୍ ମହାମାରୀ କାରଣରୁ ଆତିଥ୍ୟ ବା ହସ୍ପିଟାଲିଟି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଇସିଏଲ୍‌ଜିଏସ୍ ସୀମାରେ ବୃଦ୍ଧି ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହାର କାର୍ଯ୍ୟକାରିତା ଅନୁସୂଚୀ ଅନୁସାରେ ଇସିଏଲ୍‌ଜିଏସ୍ ଯୋଜନା ବର୍ତ୍ତମାନ ମଧ୍ୟ ଜାରି ରହିଛି। ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହି ଯୋଜନାର ଅବଧି ରହିଛି। ଫଳରେ ସେହି ପର୍ଯ୍ୟନ୍ତ ଆତିଥ୍ୟ ଏବଂ ତତ୍‌ସଂକ୍ରାନ୍ତୀୟ ଉଦ୍ୟୋଗ ପାଇଁ ଏହି ଅତିରିକ୍ତ ୫୦ହଜାର କୋଟି ଟଙ୍କା ବିନିଯୋଗ ହେବ। ଏହାର ପ୍ରଭାବ ବିଶେଷକରି ହୋଟେଲ ଶିଳ୍ପ ଉପରେ ଦେଖିବାକୁ ମିଳିବ। ଇସିଏଲ୍‌ଜିଏସ୍ ଯୋଜନା ଏବେ ବି କାର୍ଯ୍ୟକାରୀ ହେଉଛି ଏବଂ କୋଭିଡ୍ ମହାମାରୀ କାରଣରୁ ଆତିଥ୍ୟ ବା ହସ୍ପିଟାଲିଟି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହୋଇଥିବାରୁ ଏହିସବୁ କ୍ଷେତ୍ରର ଉଦ୍ୟୋଗ ପାଇଁ ଅତିରିକ୍ତ ୫୦ ହଜାର କୋଟି ଟଙ୍କାର ଅର୍ଥ ଆବଣ୍ଟନ କରାଯାଇଛି। କମ୍ ଖର୍ଚ୍ଚରେ ଏହି ଅତିରିକ୍ତ ପରିମାଣର ଅର୍ଥ ଋଣ ଆକାରରେ ଏସବୁ କ୍ଷେତ୍ରକୁ ଯୋଗାଇ ଦିଆଯିବ। ଫଳରେ ଏହି କ୍ଷେତ୍ରରେ ଅତି ଆବଶ୍ୟକ ସହାୟତା ପାଇପାରିବେ। ଏହାଦ୍ୱାରା ଏସବୁ ବ୍ୟବସାୟିକ ଉଦ୍ୟୋଗ ସେମାନଙ୍କର ଅତିରିକ୍ତ ଦେୟ ପୂରଣ କରିପାରିବେ ଏବଂ ସେମାନଙ୍କ ବ୍ୟବସାୟ ଜାରି ରଖିବାକୁ ସକ୍ଷମ ହେବେ। ୫ ଅଗଷ୍ଟ ୨୦୨୨ ସୁଦ୍ଧା ଇସିଏଲ୍‌ଜିଏସ୍ ଯୋଜନା ଅଧୀନରେ ୩.୬୭ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇସାରିଛି।



ବିଓବିର କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପତାକା ଉତ୍ତୋଳନ କରୁଛନ୍ତି।

## ବିଓବି ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୧୭।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ୭୬ ତମ ସ୍ୱାଧୀନତା ଦିବସ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାଟଣା ଜୋନ୍ ଅନ୍ତର୍ଗତ ନେଟ୍‌ୱର୍କ–୧ର ଉପମହାପ୍ରବନ୍ଧକ ଡ. ଆର୍.କେ.ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଆମର ସ୍ୱାଧୀନତା ସଂଗ୍ରାମୀ ଓ ଦେଶର ଅର୍ଥନୀତିର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମହାନ୍ତି ବିସ୍ତୃତ ଆଲୋଚନ କରିଥିଲେ। ଏହି ଅବସରରେ ଭୁବନେଶ୍ୱରର ଉପ–କ୍ଷେତ୍ରୀୟ ମୁଖ୍ୟ ଡି.କେ. ଝା, କଟକ ରୋଡ୍ ଶାଖାର ଶାଖା ମୁଖ୍ୟ ଜ୍ୟୋତିର୍ମୟୀ ଜେନା ଦେଶର ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କ ପ୍ରତି ବ୍ୟାଙ୍କ କର୍ମଚାରୀମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୟୁକୋ ବ୍ୟାଙ୍କର ଋଣ ଜମା ଅନୁପାତ ବୃଦ୍ଧି




ଭୁବନେଶ୍ୱର,୧୭।୮

ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମା ଶଙ୍କର ପ୍ରସାଦ ନିକଟରେ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ତାଙ୍କର ଗସ୍ତ ସମୟରେ ସେ ବ୍ୟାଙ୍କର ବଛା ବଛା ଶାଖାର କାର୍ଯ୍ୟଦକ୍ଷତା ସମୀକ୍ଷା କରିଥିଲେ। ସେହିଭଳି ପ୍ରସାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ସହ କୋଭିଡ୍ ମହାମାରୀର ପ୍ରଭାବ ସତ୍ତ୍ୱେ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ପରିଚାଳିତ ବ୍ୟାଙ୍କଗୁଡ଼ିକର ଋଣ ଜମା ଅନୁପାତ ୬୨ରୁ ୭୨ % କୁ ବୃଦ୍ଧି ପାଇଥିବା ବିଷୟରେ ପ୍ରସାଦ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ଗ୍ରାମୀଣ ଅଣବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାଖା ଖୋଲିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏପରିକି ପୁରୀ ଓ ସାଲେପୁରଠାରେ ଖୋଲିବାକୁ ଥିବା ବ୍ୟାଙ୍କର ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍‌ର ବ୍ୟବସ୍ଥାକୁ ସେ ପରିଦର୍ଶନ କରିଥିଲେ। ଅପରପକ୍ଷରେ ସେ କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ଏକ ଅଣବ୍ୟାଙ୍କିଙ୍ଗ୍ ଗ୍ରାମୀଣ କେନ୍ଦ୍ର ରାଣୀଓଳାଠାରେ ଏକ ନୂତନ ଶାଖାକୁ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ସହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ନିଆଳି ବ୍ଲକ୍ ଚେୟାରମ୍ୟାନ୍ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ସୌଦାମିନୀ ମହାପାତ୍ର, ନିଆଳି ବିଡିଓ ଅଶୋକ କୁମାର ଲେଙ୍କା, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତିଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମର 'ପଞ୍ଚପ୍ରାଣ' ପ୍ରତିଶ୍ରୁତି

ଭୁବନେଶ୍ୱର,୧୭।୮

୭୬ତମ ସ୍ୱାଧୀନତା ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ନୂତନ ସଙ୍କଳ୍ପ 'ପଞ୍ଚପ୍ରାଣ'ର ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ଓଡ଼ିଶା ଓ ଛତିଶଗଡ଼ କର୍ମ ପରିସରରେ ନିୟୋଜିତ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଗୋଷ୍ଠୀ ସଦସ୍ୟ ଓ ସେମାନଙ୍କ ପରିବାରଙ୍କ ମଧ୍ୟରେ 'ପଞ୍ଚପ୍ରାଣ'ର ଆଭିମୁଖ୍ୟ ସହ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିଛି। ଏପରିକି ଆରମ୍ଭରୁ ବେଦାନ୍ତ ଆଲୁମିନିୟମ ଜାତୀୟ ଅଭିବୃଦ୍ଧି ଓ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇ ଭାରତକୁ ବିଶ୍ୱ ମାନଚିତ୍ରରେ ଆଲୁମିନିୟମର ଏକ ଦ୍ରୁତ ଉଦୀୟମାନ ଶକ୍ତି ସଂସ୍ଥା ଭାବେ ମାନ୍ୟତା ପାଇପାରିଛି। ଭାରତରେ ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ ଅଟୋମୋବାଇଲ, ନିର୍ମାଣ, ବୈଦ୍ୟୁତିକ, ଉପଭୋକ୍ତା ସାମଗ୍ରୀ, ବୈଦ୍ୟୁତିକ ଯାନ ଏବଂ ସୌର–ଅକ୍ଷୟ ଶକ୍ତି ସହ ହାଇଟେକ ଉଦ୍ୟୋଗ ଯଥା ଏରୋସ୍ପେସ୍ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ କରୁଛି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ପଞ୍ଚପ୍ରାଣ ଆଭିମୁଖ୍ୟକୁ ପ୍ରତିପାଦିତ କରିବାକୁ କମ୍ପାନୀ ଆଶାବାଦୀ ରହିଛି। ବିଶେଷକରି ଜାତୀୟ ବିକାଶ, ସେବାୟତଙ୍କଠାରୁ ମୁକ୍ତି, ଐତିହ୍ୟ ଓ ଉତ୍ତରାଧିକାରରେ ଗୌରବ ବହନ, ଏକତା ମଧ୍ୟରେ ଶକ୍ତି ଏବଂ ନାଗରିକ ଭାବେ କର୍ତ୍ତବ୍ୟ ଆଦି ସାମିଲ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ଆମ ଦେଶ, ଗୋଷ୍ଠୀ ଓ ଗ୍ରାହକମାନଙ୍କ ପାଇଁ ଏକ ନିରନ୍ତର ଲକ୍ଷ୍ୟ ପଥରେ ରହିଛୁ।

# ମାଈ ହାତୀର ମୃତଦେହ ଠାବ


ହାତୀର ମୃତଦେହ।

ବଣାଇ, ୧୭।୮(ସ୍ୱ.ପ୍ର.)
ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ତାମଡା ରେଞ୍ଜ କୁସୁମଡ଼ିହି ସେକ୍ସନର କେନ୍ଦୁଡ଼ିହି ନିକଟ ନାଳ ପାଖରେ ବୁଧବାର ସକାଳେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ହାତୀଟି ଗତ କିଛି ଦିନ ଧରି ଅସୁସ୍ଥ ହୋଇ ଜଙ୍ଗଲରେ ବୁଲୁଥିଲା। ବନବିଭାଗ ତା'ର ଗତିବିଧି ଉପରେ ନଜର ରଖିଥିଲା। ତେବେ ସକାଳେ ହାତୀଟି ମରିପଡ଼ିଥିବା ଖବରପାଇ ତାମଡା ରେଞ୍ଜର ଅକ୍ଷୟ ଛତ୍ରିଆ, ସହକାରୀ ବନସଂରକ୍ଷକ ସମୀର ତିର୍କୀ ପ୍ରମୁଖ ବନ ଅଧିକାରୀ ପ୍ରାଣୀ ଚିକିତ୍ସକଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବାର୍ଦ୍ଧକ୍ୟ ଓ ଲଗାଣ ବର୍ଷା ଯୋଗୁ ନିମୋନିଆରେ ଆକ୍ରାନ୍ତ ହୋଇ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଛତ୍ରିଆ କହିଛନ୍ତି। ରାଜ୍ୟରେ ଏବେ ହାତୀ ମୃତ୍ୟୁକୁ ନେଇ ହଟଚମଟ ସୃଷ୍ଟି ହୋଇଥିବାରୁ ଘଟଣାସ୍ଥଳରେ ଗଣମାଧ୍ୟମ ପହଞ୍ଚିବା ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ସରିଥିଲା। ପ୍ରକାଶ ଯେ, ଚଳିତବର୍ଷ ବଣାଇ ବନଖଣ୍ଡ ଅଞ୍ଚଳରେ ପାଞ୍ଚରୁ ଊର୍ଦ୍ଧ୍ୱ ହାତୀ ମୃତ୍ୟୁବରଣ କରିଥିବାରୁ ହାତୀବଂଶ ଲୋପ ପାଇଯିବା ଆଶଙ୍କା କରାଯାଉଛି।

**ଜନ୍ମଦିନ ଶୁଭେଚ୍ଛା**

**ବି.ଏନ. ପଦ୍ମନାଭ ପାତ୍ର**
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ତୃତୀୟ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଆଗାମୀ ଜୀବନ ପ୍ରଫୁଲ୍ଲିତ ଏବଂ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ବାପା-ନୃସିଂହ ପାତ୍ର, ବିଷ୍ଣୁପ୍ରିୟା ସାହୁ ମାମା, ସିପୁନ, ସାଇ, ଆଶିଷ ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୫୩

**ଜନ୍ମଦିନ ଶୁଭେଚ୍ଛା**

**ବି.ଏନ. ସୁବର୍ଣ୍ଣା ପାତ୍ର**
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ତୃତୀୟ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଆଗାମୀ ଜୀବନ ପ୍ରଫୁଲ୍ଲିତ ଏବଂ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ବାପା- ନୃସିଂହ ପାତ୍ର, ବିଷ୍ଣୁପ୍ରିୟା ସାହୁ ମାମା, ସିପୁନ, ସାଇ, ଆଶିଷ ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୫୨

**ଦ୍ୱାଦଶ ଜନ୍ମଦିନ ଶୁଭେଚ୍ଛା**

**ବୈଭବୀ ଐଶ୍ୱର୍ଯ୍ୟା ପ୍ରଧାନ**
ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କଠାରେ ପ୍ରାର୍ଥନା ତୋ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା: ଦାଦା, ମାମା, ଅଜା, ଆଈ, ବଡ଼ମା, ବଡବାପା, ନାନାମାମା, ମାମୁ, ମାଈଁ, ବାବା, ମାଆ।
ଧ-୧୨୮୩

# ସମ୍ବଲପୁରୀ ବସ୍ତ୍ରାଳୟର ସ୍ୱତନ୍ତ୍ର ହସ୍ତତନ୍ତ ମେଳା

ଭୁବନେଶ୍ୱର,୧୭।୮(ବ୍ୟୁରୋ)
ଗଣେଶ ପୂଜା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଅନୁମୋଦିତ ବାର୍ଷିକ କାର୍ଯ୍ୟକ୍ରମ ଅନୁସାରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ବୁଧବାର ଏହି ମେଳାକୁ ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି। ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ବରଗଡ, କଟକ, ସୋନପୁର, ଆଠଗଡ, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନ ମଣ୍ଡଳର ୫୫ଟି ସମବାୟ ସମିତି/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସେମାନଙ୍କ ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରୁଛନ୍ତି। ସେମାନଙ୍କୁ ୫୫ଟି ଷ୍ଟଲ ଦେୟମୁକ୍ତ ଭାବେ ପ୍ରଦାନ କରାଯାଇଛି। ଗ୍ରାହକମାନେ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ଓ ୧୦% ସରକାରୀ ରିହାତିରେ କିଣାକିଣି କରିବାର ସୁଯୋଗ ନେବାକୁ ସମିତି ତରଫରୁ କୁହାଯାଇଛି। ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏସ୍‌ଏଚ୍‌ଜି ସହ ଜଡିତ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ଓ ସେମାନଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ POHI-୨୦୨୨-୨୩ ଯୋଜନାରେ ଏହି ମେଳା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ସଂପୂର୍ଣ୍ଣାନନ୍ଦ ପ୍ରଧାନ, ସମ୍ବଲପୁରୀ ବସ୍ତ୍ରାଳୟ ବରଗଡର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ପରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଏକ ଷ୍ଟଲ୍‌ରେ ସମ୍ବଲପୁରୀ ଶାଢ଼ି ଦେଖୁଛନ୍ତି।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ଲକ୍ଷ୍ମୀପୁର, ୧୭।୮(ସ୍ୱ.ପ୍ର.):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତର କେବିଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମ ପୋଖରୀ ନିକଟରେ ଖେଳୁଥିବା ବେଳେ ବୁଡିଯାଇ ୨ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି, ପୋଖରୀ ନିକଟରେ ୩ ଜଣ ଶିଶୁ ଖେଳୁଥିଲେ। ହଠାତ୍ ସେମାନେ ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ପାଟି ଶୁଣି ନିକଟସ୍ଥ ବିଲରେ କାମ କରୁଥିବା ଗ୍ରାମବାସୀ ଓ ଓ୍ୱାର୍ଡସଭ୍ୟ ଝୁଡୁଙ୍କୁ ନାଚିକା ବଗି ନାଚିକାଙ୍କ ପୁଅ ଆକାଶ ନାଚିକାଙ୍କୁ ଉଦ୍ଧାର କରିଥିଲେ। ଆକାଶ ସେମାନଙ୍କୁ ଆଉ ୨ଜଣ ପାଣିରେ ବୁଡ଼ି ଯାଇଥିବା କହିଥିଲେ। ଖୋଜାଖୋଜି କରିଥିଲେ ମଧ ଉଭୟଙ୍କୁ ପାଇ ନ ଥିଲେ। ଶିଶୁଦ୍ୱୟଙ୍କ ନିଖୋଜ ଏସମ୍ପର୍କରେ ଲକ୍ଷ୍ମୀପୁର ଅଗ୍ନିଶମବାହିନୀ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପୋଖରୀରୁ ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ୨ ଶିଶୁ ହେଲେ ଗ୍ରାମର ଦେବେନ୍ଦ୍ର ନାଚିକାଙ୍କ ପୁଅ ଜିତୁ (୫) ଓ ପାଲି ନାଚିକାଙ୍କ ଝିଅ ସନ୍ଧ୍ୟା(୧୨)। ଘଟଣା ସ୍ଥଳରୁ ଲକ୍ଷ୍ମୀପୁର ଏସ୍‌ଆଇ ମାନସ ପ୍ରଧାନ, ଏସଆଇ ବାସୁଦେବ ମାଝୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବୁଧବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଷ୍ଟ୍ରେଚରରେ ୨ କି.ମି. ବୁହାହେଲେ ଗର୍ଭବତୀ

ଭବାନୀପାଟଣା,୧୭।୮(ସ୍ୱ.ପ୍ର.)
କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ପ୍ରସବ ଯନ୍ତ୍ରଣାରେ ଛଟପଟ ଜଣେ ଅସହାୟ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ୨ କି.ମି. ବୋହି ନେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଜୟପାଟଣା ବ୍ଲକ ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ନାଗୁପଡା ଗାଁର ଏଭଳି ଏକ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର ଗ୍ରାମର ପ୍ରମିଳା ନାଏକଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବାକୁ ଘର ଲୋକେ ଉଦ୍ୟମ କରିଥିଲେ। କିନ୍ତୁ ଗାଁ ନିକଟ ଛଞ୍ଚାଣ ନାଳରେ ପ୍ରବଳ ବର୍ଷା ଯୋଗୁ ପ୍ରଖର ଜଳସ୍ରୋତ ବୋହୁଥିବାରୁ ଆମ୍ବୁଲାନ୍ସ ଆସି ନ ପାରି ୨ କି.ମି. ଦୂରରେ ରହିଥିଲା। ଘର ଲୋକେ, ଆଶାକର୍ମୀ ଓ ଗ୍ରାମବାସୀ ଷ୍ଟ୍ରେଚର ଯୋଗେ ପ୍ରମିଳାଙ୍କୁ ବୋହି ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ଆଣି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ନାଳରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି ନାଗୁପଡ଼ା ଗ୍ରାମବାସୀ। ଏଥିପାଇଁ ସେମାନେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଉକ୍ତ ନାଳରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏକ ପୋଲ ନିର୍ମାଣ ପାଇଁ ଅନୁମୋଦନ କରିଛନ୍ତି। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବ ବୋଲି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।



# ସତ୍ୟପାଠ ଦାଖଲକଲେ ପୁରୀ ଜିଲାପାଳ

**ଚିଲିକା, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗ**
**ଆର୍‌ଆଇ, ଏଆର୍‌ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ**

କଟକ ଅଫିସ,୧୭।୮
ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗରେ ପୁରୀ ଜିଲାପାଳ ହାଇକୋର୍ଟରେ ବୁଧବାର ସତ୍ୟପାଠ ଦାଖଲ କରିଛନ୍ତି। କୃଷ୍ଣପ୍ରସାଦ ତହସିଲ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୫କୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ପୁରୀ ଜିଲାର କୃଷ୍ଣପ୍ରସାଦ ଅଞ୍ଚଳରେ ତହସିଲଦାର ଓ ଆର୍‌ଆଇଙ୍କ ପ୍ରୋତ୍ସାହନରେ ବେଆଇନ ଚିଙ୍ଗୁଡ଼ି ଘେରି ହେଉଥିବା ଆମିକସ୍‌କ୍ୟୁରି ଅଦାଲତଙ୍କୁ ଅବଗତ କରିଥିଲେ। ତେଣୁ କୃଷ୍ଣପ୍ରସାଦ ତହସିଲଦାର ଓ ବଜ୍ରକୋଟ ଆର୍‌ଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରି ପୁରୀ ଜିଲାପାଳ ଅଗଷ୍ଟ ୧୭ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଚିଲିକା ଭିତରେ ଥିବା ଚିଙ୍ଗୁଡ଼ି ଘେରିକୁ ନଷ୍ଟ ଓ ଉଚ୍ଛେଦ କରିବା ସମୟରେ ଜିଲାପାଳ, ତହସିଲଦାର ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତଦନ୍ତ କରି ଆର୍‌ଆଇ ଏବଂ ଏଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା ରାଜନଗର ତହସିଲ ଅଞ୍ଚଳରେ ପ୍ରଶାସନ ଗୋଟିଏ ପାଖ ଚିଙ୍ଗୁଡ଼ି ଘେରି ଭାଙ୍ଗି ସମ୍ପୂର୍ଣ୍ଣ ଘେରି ଉଚ୍ଛେଦ ହୋଇଥିବା ହାଇକୋର୍ଟଙ୍କୁ ଆମିକସ୍‌କ୍ୟୁରି ଜଣାଇଥିଲେ। ଏଥିରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ସାଟେଲାଇଟ ଚିତ୍ର ଉତ୍ତୋଳନ କରିବାକୁ କହିଥିଲେ। ହେଲେ କେନ୍ଦ୍ରାପଡ଼ା ଜିଲାପାଳ ସତ୍ୟପାଠ ଦାଖଲ କରି ନ ଥିବା ଜଣାପଡ଼ିଛି। ମୁଖ୍ୟବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିବାବେଳେ ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଦେଶରେ ଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ନେଇ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏ ସମ୍ପର୍କିତ ମାମଲା ରୁଜୁକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ନିୟମିତ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନଗୁଡିକୁ ନିର୍ଦ୍ଦେଶ ଦେଉଛନ୍ତି।

# 'ବ୍ରିଜିଂ ସେଞ୍ଚୁରିଜ୍' ପୁସ୍ତକକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ


ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଚିତ୍ର ସଂଗ୍ରହ 'ବ୍ରିଜିଂ ସେଞ୍ଚୁରିଜ୍' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୭।୮(ବ୍ୟୁରୋ)
ବିଶିଷ୍ଟ ଚିତ୍ରକର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଚିତ୍ର ସଂଗ୍ରହ 'ବ୍ରିଜିଂ ସେଞ୍ଚୁରିଜ୍' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପଣ କରିଛନ୍ତି। ସମ୍ରାଟ ଖାରବେଳ ଓ କଳିଙ୍ଗ ସାମ୍ରାଜ୍ୟର ସ୍ଥିତିକୁ ନେଇ ଚିତ୍ରସବୁ ପୁସ୍ତକରେ ସ୍ଥାନ ପାଇଛି। ଉଦୟଗିରି ଗୁମ୍ଫାରେ ଥିବା ପ୍ରତିମର୍ତ୍ତି, ଶିଳାଲେଖ ଓ କାରୁକାର୍ଯ୍ୟକୁ ସେ ଉକ୍ତ ପୁସ୍ତକରେ ସ୍ଥାନ ଦେଇଛନ୍ତି, ଯାହାକୁ ଦେଖି ମୁଖ୍ୟମନ୍ତ୍ରୀ ଶ୍ୟାମସୁନ୍ଦରଙ୍କ ଭୂୟସୀ ପ୍ରଶଂସା କରିବା ସହିତ ଏହା ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିର ବାର୍ତ୍ତାବହ ହେବ ବୋଲି କହିଛନ୍ତି। ବହିଟିର ପ୍ରକାଶନୀ ଦାୟିତ୍ୱ ନେଇଛି ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ। ଏହି ସମୟରେ ଆଇପିସିଏର ଫାଉଣ୍ଡର ଟ୍ରଷ୍ଟି ପରମିତା ମହାପାତ୍ର ଉପସ୍ଥିତ ଥିଲେ।

## ଖେଳ ଖବର

# ଓଡ଼ିଶା ଏଫ୍‌ସିର ବୃହତ୍ ବିଜୟ

**ଡୁରାଣ୍ଡ କପ୍**

କୋଲକାତା,୧୭।୮(ପି.ଟି)
ଡୁରାଣ୍ଡ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ବୃହତ୍ ବିଜୟ ହାସଲ କରିଛି। ଅନ୍ୟତମ ଆଇଏସଏଲ୍ ଦଳ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ଏକପାଖିଆ ୬-୦ରେ ପରାସ୍ତ କରିଛି। ଚଳିତ ସିଜିନର ତୃତୀୟ ମୁକାବିଲାରେ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓଏଫ୍‌ସି। ଜେରି ମାୱିହିମିଙ୍ଗଥଙ୍ଗା ଡବଲ ଗୋଲ ସ୍କୋର କରିଥିବା ବେଳେ ଏନ୍ ସେକର, ଆଇଜାକ ରାଲଟେ, ଡିଏଗୋ ମରିସିଓ ଏବଂ ଥୋଇବା ସିଂ ମୋଇରାଙ୍ଗଥେମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ଆସାମର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଚଳିତ ସଂସ୍କରଣର ତୃତୀୟ ମୁକାବିଲାରେ ୧୫ ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ ଜେରି। ଏହାର ୧୧ ମିନିଟ ପରେ ନନ୍ଦକୁମାର ସେକର ଗୋଲ ସ୍କୋର କରିଥିଲେ। ଗୋଲ କିପର ଲାଲଥୁମ୍ମାୱିଆ ରାଲଟେଙ୍କ ଲମ୍ବା ପାସକୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇଥିଲେ ସେକର। ହାଫ୍‌ଟାଇମ୍ ପୂର୍ବରୁ ସେକରଙ୍କ କ୍ରସ୍‌କୁ ଗୋଲରେ ପରିଣତ କରି ଡବଲ ଗୋଲ ସ୍କୋର କରିଥିଲେ ଜେରି। ପ୍ରଥମ ହାଫ୍‌ରେ ଦୟନୀୟ ପ୍ରଦର୍ଶନ ପରେ ଦ୍ୱିତୀୟ ହାଫ୍‌ରେ ରକ୍ଷଣାତ୍ମକ ପ୍ରଦର୍ଶନ କରିଥିଲା ନର୍ଥଇଷ୍ଟ। ଦ୍ୱିତୀୟ ହାଫରେ ୪୦ ମିନିଟ ଯାଏ ଓଏଫ୍‌ସି ଆଉ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ଅନ୍ତିମ ୧୦ ମିନିଟରେ ବଦଳ ଖେଳାଳି ଭାବରେ ଆସିଥିବା ଆଇଜାକ ରାଲଟେ(୮୧ ମିନିଟ), ଡିଏଗୋ ମରିସିଓ(୮୮ ମିନିଟ) ଏବଂ ଥୋଇବା ସିଂ(୯୦ ମିନିଟ) ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ କରିବା ସହିତ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ଓଏଫ୍‌ସି। ସେହିପରି ଅନ୍ୟ ମ୍ୟାଚରେ ୨-୧ରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି ବେଙ୍ଗାଲୁରୁ।

# ଆଇଡିଏଲ୍: ଏସ୍‌ଏମ୍ ୱାରିୟର ଚାମ୍ପିୟନ

ଭୁବନେଶ୍ୱର, ୧୭।୮ (କ୍ରୀଡ଼ା ପ୍ରତିନିଧି)
ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ଇଣ୍ଡିପେଣ୍ଡେନ୍ସ ଡେ' ଲିଗ୍ (ଆଇଡିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ବେଙ୍ଗାଲୁରୁର ମରାଥାହାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଏସଏମ୍ ୱାରିୟର ଚାମ୍ପିୟନ ଏବଂ ଏସଆରସିସି (ସେନାଟେ ରୟାଲ କ୍ରିକେଟ କ୍ଲବ) ରନର୍ସଅପ୍ ହୋଇଛି। ଅନିଲ ଶେଟ୍ଟି, ଅନିଲ ନାୟକ, ଆତ୍ମାରାମ ଗଙ୍ଗାରାମ, ୟୁଥ୍ ଓଡ଼ିଶାର ସଭାପତି ଭରତ ମହାପାତ୍ର, ପରାମର୍ଶଦାତା ସୀତାଂଶୁ ମହାପାତ୍ର ସମ୍ପାଦକ ମନ୍ମଥ ରାୟ, ଉପସଭାପତି ନଚିକେତ ବୁଗୁଡ଼ି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ୟୁଥ୍‌ର କୋର ସଦସ୍ୟ ପ୍ରଶାନ୍ତ ଦାଶ, ପ୍ରଶାନ୍ତ ବଳ, ଗୋପୀନାଥ ବିଶ୍ୱାଳ, ସଞ୍ଜୀବ ଦାସ, ପରାଗ କେଶରୀ, ଦିଲୀପ ସାହୁ, ଦିଲୀପ ଚାନ୍ଦ, ଶଶାଙ୍କ ଶେଖର, ପରମେଶ୍ୱର, ବିଶ୍ୱନାଥ ସାହୁ, ବିନାୟକ ସ୍ୱାଇ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଲିଉଡ କଳାକାର ପପୁ ପମ୍ ପମ୍, ଦୀପ୍ତିରେଖା ପାଢ଼ୀ, ଅର୍ପିତା ଚୌଧାରୀ, ଗାୟକ ଅଭିଷେକ ପଣ୍ଡା, କ୍ରିଷ୍ଣା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଚାମ୍ପିୟନ ଏସ୍‌ଏମ୍ ୱାରିୟର ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଓଡ଼ିଶାରୁ ଜୟନ୍ତୀ, ରଶ୍ମି, ପ୍ରଫୁଲ୍ଲ ଭାଗନେବେ

**ଭୁବନେଶ୍ୱର, ୧୭।୮ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆ ଓପନ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ଜୟନ୍ତୀ ବେହେରା, ରଶ୍ମିରଞ୍ଜନ ମଲିକ ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତ ଭାଗନେବେ। ଜୟନ୍ତୀ ୧୦୦ମି, ୨୦୦ମି, ୪୦୦ମିରେ ଭାଗ ନେବାକୁ ଯାଉଥିବାବେଳେ ରଶ୍ମି ୧୦୦ମି, ୨୦୦ମି, ୪୦୦ମି ଏବଂ ପ୍ରଫୁଲ୍ଲ ଜାଭେଲିନ ଓ ଶଟ୍‌ପୁଟ୍‌ରେ ପ୍ରତିନିଧିତ୍ୱ କରିବେ।

# ଜିମ୍ନାଷ୍ଟ ସୃଷ୍ଟି ଲକ୍ଷ୍ୟରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ



ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟଙ୍କ ଗହଣରେ ଏକାଡେମୀ ପ୍ରତିଷ୍ଠାତା ମୀରାରାଣୀ ଦାସ।

**ଭୁବନେଶ୍ୱର, ୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ):** ତୃଣମୂଳ ସ୍ତରରୁ ଜିମ୍ନାଷ୍ଟିକ୍ କ୍ରୀଡ଼ାର ବିକାଶ ଲକ୍ଷ୍ୟ ନେଇ ଗଠିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୯ବର୍ଷ ପୂରିଛି। ମଞ୍ଚେଶ୍ୱର ସମେଇଗାଡ଼ିଆ ନିକଟରେ ଥିବା ଏକାଡେମୀରେ ୯ମ ପ୍ରତିଷ୍ଠା ଦିବସ ସହିତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, କୋଚ ମହାଦେବ ଶାହ ଏବଂ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଖେଳାଳି ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ନିକଟରେ ପ୍ରତିଯୋଗିତା ସହ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ କରିଆସୁଛି। ଗତ ଏପ୍ରିଲ ୯ ଓ ୧୦ ଦୁଇଦିନ ଧରି ସଫଳତାର ସହ ୪୨ତମ ରାଜ୍ୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଏଠାରେ ଆୟୋଜନ ହୋଇଥିଲା। ସେହିଭଳି ଜୁନ୍ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଓପନ ଆମନ୍ତ୍ରଣୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଆୟୋଜନ କରି ଏହି ଏକାଡେମୀ ପ୍ରଶଂସା ପାଇଥିଲା। ଜିମ୍ନାଷ୍ଟିକ୍ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଏବଂ କିଛି କରିବା ଲକ୍ଷ୍ୟ ନେଇ ଜାତୀୟ ଜିମ୍ନାଷ୍ଟିକ୍ ଜଜ୍ ମୀରାରାଣୀ ଦାସ ୨୦୧୩ ଅଗଷ୍ଟ ୧୪ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। କିଛି ପିଲାଙ୍କୁ ପ୍ରଶିକ୍ଷଣ ସହ ଏକାଡେମୀ ଏହାର କାର୍ଯ୍ୟ ଆରମ୍ଭ କରିଥିଲା। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏହି ଏକାଡେମୀ କାର୍ଯ୍ୟ କରିବା ପରେ ଶେଷରେ ୨୦୨୦ରେ ମଞ୍ଚେଶ୍ୱର ଚକେଇସିଆଣି ନିକଟ ସମେଇଗାଡ଼ିଆ ଠାରେ ଏକ ଜମିକୁ ଲିଜ୍ ନେଇ ଏକାଡେମୀ ନିର୍ମାଣ କରିଥିଲେ ଅଧ୍ୟକ୍ଷା ମୀରାରାଣୀ ଦାସ। ଏଠାରେ ଏକ ଇନ୍‌ଡୋର ହଲ ନିର୍ମାଣ ସହ ଅତ୍ୟାଧୁନିକ ଅଭ୍ୟାସ ପାଇଁ ଉପକରଣ ରହିଛି। ଅଧୁନା ଏକାଡେମୀରେ ୩ବର୍ଷରୁ ଊର୍ଦ୍ଧ୍ୱ ୪୦ଜଣ ବାଳିକା ବାଳକ ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷକ ମହାଦେବ ଶାହ ପିଲାମାନଙ୍କୁ ଜିମ୍ନାଷ୍ଟିକ୍ ଶିକ୍ଷା ପ୍ରଦାନ କରୁଛନ୍ତି। ଏକାଡେମୀ ଆରମ୍ଭ ହେବା ପରେ ଆବଶ୍ୟକ ଉପକରଣ ମହାରାଷ୍ଟ୍ର, ଗୋଆ, ଛତିଶଗଡ଼ ଆଦି ରାଜ୍ୟର ପ୍ରଶିକ୍ଷକଙ୍କ ସହାୟତାରେ ଅଣାଯାଇଛି। ରାଜ୍ୟର ପ୍ରଥମ ଜିମ୍ନାଷ୍ଟିକ୍ ଏକାଡେମୀ ଭାବେ ଏହା ଖେଳାଳି ଗଢ଼ିବାରେ ବିଶେଷ ସହାୟକ ହୋଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଗୋକୁଲମ୍ କେରଳର ଚିଠି

**ନୂଆଦିଲ୍ଲୀ, ୧୭।୮ (ପି.ଟି):** ଆଶା ଓ ଆଶଙ୍କା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛି ଗୋକୁଲମ୍ କେରଳ ମହିଳା ଦଳ। ଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍) ଉପରେ ଫିଫାର ବାସନ୍ଦାଦେଶ ଲାଗୁଥିବା ବେଳେ ପ୍ରଥମ ଭାରତୀୟ ଦଳ ଭାବରେ ଏଏଫସି ଚାମ୍ପିୟନ୍ସ ଲିଗ୍ ଖେଳିବା ପାଇଁ ତାସକେଣ୍ଟରେ ରହିଛି ଗୋକୁଲମ୍ କେରଳ। ଟିମ୍‌ର ସଭାପତି ରହିଥିବା ଭି. ସି. ପ୍ରବୀଣ କ୍ରୀଡା ମନ୍ତ୍ରଣାଳୟଠାରୁ ଆରମ୍ଭ କରିବ ସିଓଏ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିଠି ଲେଖିଛନ୍ତି। ତେବେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବା ପରେ ଗୋକୁଲମ୍ କେରଳ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖାଯାଇଛି।

ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯିବା ପରେ ଗୋକୁଲମ୍ କେରଳ ଆପେ ଆପେ ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ତେବେ ଦଳ ଓ ମ୍ୟାନେଜମେଣ୍ଟ ଆଶା ହରାଇବା ପରିବର୍ତ୍ତେ ତାସକେଣ୍ଟରେ ଅବସ୍ଥାନ କରିଛନ୍ତି। ଦଳର ସମସ୍ତ ଖେଳାଳି ମ୍ୟାନେଜରଙ୍କ ନେତୃତ୍ୱରେ ଦିଲ୍ଲୀ ଫୋନ୍ କରିଥିବା ବେଳେ ସଭାପତି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ୨୩ ତାରିଖରେ ଗୋକୁଲମ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଅନ୍ୟ ସମସ୍ତ ଦଳ ବର୍ତ୍ତମାନ କାର୍ଶିରେ ପହଞ୍ଚିଥିବା ବେଳେ ଭାରତୀୟ ଦଳ ଏବେ ବି ତାସକେଣ୍ଟରେ ଅଟକି ରହିଛି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏଏଫ୍‌ସି ସହିତ ସମ୍ପର୍କ ସ୍ଥାପନ କରାଯାଇଥିବା ବେଳେ ଏଆଇଏଫ୍‌ଏଫ୍ ବର୍ତ୍ତମାନ ଯାଏ ନୀରବଦ୍ରଷ୍ଟା ରହିଥିବା ସେ କହିଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ୬୦ ଦିନର କଡା ଅଭ୍ୟାସ ମଧ୍ୟ କରାଯାଇଥିବା ସେ କହିଛନ୍ତି।

**ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି**


ତାରିଖ- ୧୮।୦୮।୨୦୨୨
ଅବସରପ୍ରାପ୍ତ ଶିକ୍ଷକ
ଖଡ଼ିଆଳ, ନୂଆପଡ଼ା
ଆବିର୍ଭାବ- ୦୪।୦୧।୧୯୩୬
ତିରୋଧାନ- ୨୯।୦୮।୨୦୨୧
ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅପୂରଣୀୟ ଅନୁପସ୍ଥିତିକୁ ଅନୁଭବ କରି ଦୀର୍ଘ ଏକବର୍ଷ ବିତିଗଲା। ଆପଣଙ୍କ ପ୍ରେରଣା, କର୍ତ୍ତବ୍ୟପରାୟଣତା, ତ୍ୟାଗ, ସ୍ନେହ, ଶ୍ରଦ୍ଧା ଚିର ସ୍ମରଣୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା, ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୭୯

# ଶ୍ରୁତିଙ୍କ ଆକଳନ


ଶ୍ରୁତି

କମଲ ତନୟା ଶ୍ରୁତି ହାସନଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ ଅଭିନୟ କରିଥିବା ମଲ୍‌ଟି ଲାଙ୍ଗୁଏଜ ଫିଲ୍ମ 'ସଲାର୍' ସୁପରହିଟ୍ ହେବ ବୋଲି ଚାରିଆଡେ କହି ବୁଲୁଛନ୍ତି। ପୁଣି ଏହା ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ। ସେ ସିନା ଏଭଳି ଆକଳନ କରିଛନ୍ତି, ହେଲେ ବାସ୍ତବରେ କ'ଣ ଘଟୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ। ହେଲେ ଏହି ଫିଲ୍ମରେ ପ୍ରଭାସଙ୍କ ସହ କିଏ ସ୍କ୍ରିନ୍ ଶେୟାର କରିବ ସେ ନେଇ ପ୍ରଯୋଜକ ଅଡୁଆରେ ପଡ଼ିଥିଲେ। ପ୍ରଥମେ ଏଥିପାଇଁ ଅନୁଷ୍କା ସେଟ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହି ଅଫରଟିକୁ ହାତଛଡ଼ା କରିଥିଲେ। ପରେ କୀର୍ତ୍ତି ସୁରେଶଙ୍କୁ ସୁଯୋଗ ଦିଆଯାଇଥିଲା। ହେଲେ ଡେଟ୍ ପ୍ରୋବ୍ଲେମ ପାଇଁ ସେ ମଧ୍ୟ ମନା କରିଦେଇଥିଲେ। ଶେଷରେ ପ୍ରଯୋଜକ ଶ୍ରୁତିଙ୍କୁ ଯୋଗାଯୋଗ କରିଥିଲେ ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଏପରି ଅଫର ସମ୍ପର୍କରେ ଶ୍ରୁତି କହନ୍ତି, 'ଏହି ଫିଲ୍ମଟି ତେଲୁଗୁ, ତାମିଲ, ମାଲାୟାଲମ ଏପରି କି ହିନ୍ଦୀ ଭାଷାରେ ନିର୍ମିତ ହେବ। ତେଣୁ ଏପରି ଏକ ମଲ୍‌ଟି ଲାଙ୍ଗୁଏଜ୍ ଫିଲ୍ମରେ ଆକ୍ଟିଂ କରିବା ସୁଯୋଗକୁ ହାତଛଡ଼ା କରିବା ଠିକ୍ ନୁହେଁ ବୋଲି ଭାବିଥିଲି। ପୁଣି ଏହାର ମୁଖ୍ୟ ଭୂମିକାରେ ପ୍ରଭାସ ଅଭିନୟ କରିବେ। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।'

# ଏବେ ଖଳନାୟକ


ପୃଥ୍ୱୀରାଜ

ପ୍ରଥମେ ମଞ୍ଚ ନାଟକ ଏବଂ ପରେ ଓଡ଼ିଆ ଚଳଚ୍ଚିତ୍ର। ଏଗୁଡ଼ିକରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବା ପରେ ପୃଥ୍ୱୀରାଜ ଆଚାର୍ଯ୍ୟଙ୍କୁ ଏବେ ଛୋଟ ପରଦା ଅର୍ଥାତ୍ ମେଗା ଧାରାବାହିକରେ ଦେଖିବାକୁ ମିଳୁଛି। ଷ୍ଟାର କିରଣ ଚ୍ୟାନେଲରେ ପ୍ରସାରିତ ଧାରାବାହିକ 'ସୁହାଗ ସିନ୍ଦୂର'ରେ ତାଙ୍କର ଖଳନାୟକୀ ବେଶ୍ ଦର୍ଶକାଦୃତ ହୋଇଛି। ଏ ନେଇ ପୃଥ୍ୱୀରାଜ କହନ୍ତି, 'ଭୂମିକାଟି ଯେଉଁଭଳି ହେଉ ନା କାହିଁକି ତାହାକୁ ମୁଁ ସବୁବେଳେ ଗମ୍ଭୀରତାର ସହ ନେଇଥାଏ। ଏବେ ଧାରାବାହିକରେ ମୋତେ ପ୍ରଥମେ ସୁଯୋଗ ମିଳିଛି। ପୁଣି ଭୂମିକାଟି ନେଗେଟିଭ (ଶଶାଙ୍କ)। ଯାହାହେଉ ମୋର ଅଭିନୟ ଦର୍ଶକଙ୍କ ମନକୁ ଛୁଇଁପାରିଛି ତାହା ବଡ କଥା।' ଏହାପୂର୍ବରୁ ସେ ବେଶ୍ କେତୋଟି ଥିଏଟର ନାଟକ, ଓଡ଼ିଆ ସିନେମା 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ', 'ଅକ୍ସିଜେନ୍' ଏବଂ ସାଟେଲାଇଟ୍ ଫିଲ୍ମ 'ଅଧାଲେଖା ଗପ', 'ଯଥା ରାବଣସ୍ୟ ମନ୍ଦୋଦରୀ' ଅଭିନୟ କରିସାରିଛନ୍ତି।

# ଓମ୍ ସ୍ୱାହା

ପିଲାଟିକୁ ଜନ୍ମ କରିବା ପରେ ମା'ବାପା ତାହାର ଲାଳନପାଳନ କରିବା ସହ ସେ ଭବିଷ୍ୟତରେ କିପରି ଜଣେ ଭଲ ମଣିଷ ହୋଇପାରିବ ସେ ନେଇ ଚେଷ୍ଟା କରନ୍ତି। ପିଲାଟି ଯେତେବେଳେ ତାହାର ଲକ୍ଷ୍ୟ ହାସଲ କରେ, ସେତେବେଳେ ମା'ବାପାଙ୍କ ପ୍ରତି ତାହାର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। କିନ୍ତୁ କେତେକ ନିଜର ଲକ୍ଷ୍ୟପଥରେ ଅଗ୍ରସର ହେବା ସମୟରେ ମା'ବାପାଙ୍କୁ ଭୁଲିଯାଆନ୍ତି। ହେଲେ ଯେତେବେଳେ ସେମାନେ ନିଜ ଭୁଲ୍‌କୁ ବୁଝିପାରନ୍ତି ଆଉ ଅନୁତାପ କରି ମା'ବାପାଙ୍କ ସେବା କରିବାକୁ ଆଗଭର ହୁଅନ୍ତି, ସେମାନେ ସେଥିରେ ସଫଳ ହୁଅନ୍ତି ତ ? ଭାଙ୍ଗି ଯାଇଥିବା ସଂସାର ପୁଣି ଥରେ ଗଢ଼ିଉଠେ କି ? ବାପା-ପୁଅ ଏବଂ ଭାଇ-ଭଉଣୀର ଅନାବିଳ ସମ୍ପର୍କକୁ ନେଇ କାହାଣୀ ଗତିଶୀଳ, ଯାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଓମ୍ ସ୍ୱାହା'। ଅର୍ଚ୍ଚନା ମୁଭିଜ୍ ଏବଂ ସି.ଆର. ଏଣ୍ଟରଟେନମେଣ୍ଟ ବ୍ୟାନରରେ ବିଜୟ ଦ୍ୱିବେଦୀ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି। କେବଳ ସେତିକି ନୁହେଁ, ଏହି ସିନେମାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ସଂଳାପ ଦାୟିତ୍ୱରେ ଅଛନ୍ତି ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ହର ବାରିକ। ଅର୍ଚ୍ଚନା ଦ୍ୱିବେଦୀଙ୍କ ସହ ପ୍ରଯୋଜନାରେ ଡା. ନିର୍ମଳ ନାୟକ ଏବଂ ହର ବାରିକଙ୍କ ରଚିତ ଏଥିରେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ୍. ଦିଲୀପ ପଣ୍ଡା। ଫିଲ୍ମର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା, ସସ୍ମିତା, ରାଇମୋହନ, ପ୍ରତିଭା ସାହୁ, ଅସୀତ ପତି, ପ୍ରତିଭା ପଣ୍ଡା, କେକେ, ଜୀବନ ପଣ୍ଡା, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳଙ୍କୁ ଦେଖିବାକୁ ମିଳିବ।

ଅପେରା ହାଲ୍‌ଚାଲ୍

# ଦର୍ଶକ ମୋ ପାଇଁ ସବୁକିଛି


ମୁନ୍ନା

ପ୍ରଥମେ ସେ ଅପେରା ପାର୍ଟିରେ ଆର୍ଟ, ପୋଷ୍ଟର ପ୍ରସ୍ତୁତି କାମରେ ନିଜକୁ ନିୟୋଜିତ ରଖିଥିଲେ। କିନ୍ତୁ ଧୀରେ ଧୀରେ ଅଭିନୟର ମାୟାରେ ପଡ଼ିଯାଇଥିଲେ। ଗତ ପ୍ରାୟ ୩୦ ବର୍ଷ ଧରି ସେ ମଞ୍ଚ ଉପରେ ହାସ୍ୟରସ ପରିବେଷଣ କରି ସାଉଁଟିଛନ୍ତି ଅନେକ ସଫଳତା। ସେହି କମେଡିଆନ୍ ହେଉଛନ୍ତି ମୁନ୍ନା। ବର୍ତ୍ତମାନ କୋଣାର୍କ ଗଣନାଟ୍ୟରେ ସେ ନିଜର ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ପ୍ରଥମେ ଓଡ଼ିଶା ଅପେରା, ତା'ପରେ କଳିଙ୍ଗ ଗଣନାଟ୍ୟରେ ଯୋଗ ଦେବା ପରେ ପରଲୋକଗତ ପ୍ରଦୀପ ମହାରଥୀ ତାଙ୍କୁ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ଆଉ ତା'ପରେ ପଛକୁ ଫେରି ଚାହିଁ ନାହାନ୍ତି ସେ। ଏପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ତୁଳସୀ, ଓଁଶ୍ରୀ, ହରି ଓମ୍, ପାର୍ବତୀ, ଦର୍ଶକ ମହଲ ଏବଂ କୋଣାର୍କ ଗଣନାଟ୍ୟରେ ପ୍ରାୟ ୨୦୦ରୁ ଅଧିକ ନାଟକରେ ନିଜର ଅଭିନୟ ପରାକାଷ୍ଠା ଦେଖାଇ ସାରିଛନ୍ତି। 'ଧଉଳି ଗଣନାଟ୍ୟ ପରିବେଷିତ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଏ ଗଉରା କାଇଁ କାନ୍ଦୁଛୁ'ରେ କୁବେର ଚରିତ୍ର ମୋତେ ଜଣେ କମେଡିଆନ୍‌ର ମାନ୍ୟତା ଦେଇଥିଲା। ଦର୍ଶକ ମୋ ପାଇଁ ସବୁକିଛି ବୋଲି କହନ୍ତି ସେ।' ବାଲେଶ୍ୱର ଜିଲା ଜଳେଶ୍ୱରରେ ଜନ୍ମିତ ମୁନ୍ନାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି -ଫଟା କପାଳକୁ ଫିକା ସିନ୍ଦୂର, ଝଡ଼ ବତାସ, ଲକ୍ଷେ ଘୋଡ଼ାକୁ ଲକ୍ଷେ ହାତୀ ଏକା ଲଢ଼ିବ ମହାରଥୀ, ବଳାତ୍କାର, ରୁବି ତୋର ରୂପ ହଜାର, ଦଇତାରି ପଣ୍ଡା ବାହା ହେଉଛି, କେନ୍ଦ୍ରାପଡ଼ାର ବାବା ଆଦି ନାଟକ।

# ଗାପି ଚୁପି ଚାଲିବେ ତାରା


ତାରା

କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ସେ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାକୁ ନେଇ ମନଦୁଃଖ କରୁନାହାନ୍ତି। ସେ କିଏ ଜାଣନ୍ତି ? ତାରା ସୁଟାରିଆ। ଏପରି ଯୋଜନା ସମ୍ପର୍କରେ ସେ କହନ୍ତି, 'ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ଚକ୍କରରେ ମୁଁ ନାହିଁ। କାରଣ ସିନେମା ସଂଖ୍ୟା ବଢ଼ିବା ସହ ସେଗୁଡ଼ିକୁ ଦର୍ଶକ ଗ୍ରହଣ କରିବା ଦରକାର। ତେଣୁ ସେହି ଅନୁସାରେ ମୋତେ କାହାଣୀ ଏବଂ ଚରିତ୍ର ଚଏସ୍ କରିବାକୁ ପଡ଼ିବ। ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ରହିବାକୁ ପଡ଼ିଥାଏ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ତାରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ। ସେହି ବର୍ଷ ସେ ଅଭିନୟ କରିଥିବା 'ମରଜାଓ୍ୱା' ମଧ୍ୟ ରିଲିଜ ହୋଇଥିଲା। ତା'ପରେ ସେ 'ତଡପ', 'ହେରୋପନ୍ତୀ-୨' ଏବଂ 'ଏକ ଭିଲେନ୍ ରିଟର୍ନସ'ରେ ମଧ୍ୟ ଅଭିନୟ କରିଥିଲେ। ମାତ୍ର ଚାରି ବର୍ଷର ଆକ୍ଟିଂ କ୍ୟାରିୟରରେ ତାରା ବେଶ୍ ଖୁସ୍ ଅଛନ୍ତି। ଦିନ ଆସିବ ପ୍ରଯୋଜକମାନେ ତାଙ୍କୁ ସାଇନ୍ କରାଇବାକୁ ଧାଡ଼ି ଲଗାଇବେ ବୋଲି କହିଛନ୍ତି ସେ।

ନୂଆ ସିନେମା

# ମାୟାବୀ

ଅନୀସ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମାୟାବୀ'। ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ଗତିଶୀଳ। ତପନ କୁମାର ଦାଶ ଚିତ୍ରଟିର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଲାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ଭୂମିକା ଦାଶ। ଅନ୍ୟପକ୍ଷରେ ଚକ୍ରଧର ଜେନା, କୁନାଲ ପଟ୍ଟନାୟକ, ପ୍ରଶାନ୍ତ ପାତ୍ର, ଦିଲୀପ ଦାଶ, ଅରବିନ୍ଦ ଜେନା, ସ୍ନେହା, ରତନ ମେହେର, ଆଲିଭିୟାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା ଏହି ଫିଲ୍ମର ଏକ ବିଶେଷ ଭୂମିକାରେ ବିଶ୍ୱବିଖ୍ୟାତ ଯାଦୁଗର ପି.ସି. ସରକାରଙ୍କ ନାତୁଣୀ ମୌବନୀ ସରକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲିଟୁ ମହାନ୍ତି। 'ମାୟାବୀ'ର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାସ ଦେଇଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଜୟା ବିଶ୍ୱାସ।

# କେବଳ ଅପେକ୍ଷା


କ୍ରିତି

କ୍ରିତି ସାନନ୍‌ଙ୍କ ପ୍ରତି ଭାଗ୍ୟଦେବୀ ନିଶ୍ଚୟ ପ୍ରସନ୍ନ ହୋଇନ୍ତି। ଦେଖୁନାହାନ୍ତି ଚଳିତ ବର୍ଷ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ-ଏହି ଚାରି ମାସ ଭିତରେ ତାଙ୍କ ଅଭିନୀତ ଚାରୋଟି ଫିଲ୍ମ -'ବେଢ଼ିୟାଁ', 'ଗଣପଥ', 'ଆଦିପୁରୁଷ' ଏବଂ 'ଶେହେଜାଦେ' ରିଲିଜ ହେବାକୁ ଯାଉଛି। ଅମର କୌଶିକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବେଢ଼ିୟାଁ'ରେ କ୍ରିତିଙ୍କ ନାୟକ ସାଜିଛନ୍ତି ବରୁଣ ଧାୱନ ଏବଂ ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୨୫ରେ ମୁକ୍ତିଲାଭ କରିବ। ଅନ୍ୟପକ୍ଷରେ ଟାଇଗର ଶ୍ରଫଙ୍କୁ ନେଇ ନିର୍ମିତ ସିନେମା 'ଗଣପଥ' ହିଟ୍ ସାବ୍ୟସ୍ତ ହେବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୨ରେ ପରଦା ଉପରକୁ ଆସିବ। କ୍ରିତିଙ୍କ ଅଭିନୀତ ଅନ୍ୟତମ ଫିଲ୍ମ 'ଆଦିପୁରୁଷ'ରେ ସାଉଥ ଷ୍ଟାର ପ୍ରଭାସ ନାୟକ ସାଜିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ରିଲିଜ ହେବ। ଏହାବ୍ୟତୀତ କାର୍ତ୍ତିକ ଆର୍ଯ୍ୟନ ଏବଂ କ୍ରିତିଙ୍କୁ ନେଇ ନିର୍ମିତ 'ଶେହେଜାଦେ' ଆସନ୍ତା ବର୍ଷ ଫେବୃୟାରୀ ୧୦ରେ ମୁକ୍ତିଲାଭ କରିବ। ଏ ନେଇ କ୍ରିତି କହନ୍ତି, 'ଚଳିତ ମାସ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ ଭିତରେ ମୋର ଚାରୋଟି ଫିଲ୍ମ ରିଲିଜ ହେବ। ଏହି ଦିନଗୁଡ଼ିକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି। ଆଶା ରଖିଛି ସେହି ଫିଲ୍ମଗୁଡ଼ିକରେ ଦର୍ଶକ ମୋ ଅଭିନୟକୁ ପସନ୍ଦ କରିବେ। ତେବେ ସେ ନେଇ ଏବେଠାରୁ ଠିକ୍ ଭାବରେ କହିହେବ ନାହିଁ। ପରଦା ଉପରକୁ ଆସିବା ପରେ ଯାହା ଜଣାପଡ଼ିବ।'

# ସେହି ଦଶ ଦିନ

ଏହା ଭିତରେ ଦଶ ବର୍ଷ ବିତି ଗଲାଣି। ହେଲେ ସେହି ଦଶ ଦିନକୁ ଭୁଲି ପାରୁନାହାନ୍ତି କ୍ୟାଟ୍ରିନା। ସେତେବେଳେ ଏମିତି କ'ଣ ଘଟିଥିଲା କି ଯାହା ତାଙ୍କ ମାନସପଟରେ ଏବେ ମଧ୍ୟ ସତେଜ ହୋଇ ରହିଛି ? କଥା କ'ଣ କି ୨୦୧୨ରେ ପରଦା ଉପରକୁ ଆସିଥିଲା ଆକ୍ସନ ଥ୍ରୀଲର ହିନ୍ଦୀ ଫିଲ୍ମ 'ଅଗ୍ନିପଥ'। ଏଥିରେ ଗୋଟିଏ ଗୀତ ସେତେବେଳେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତାହା ତ ପ୍ରାୟ ସମସ୍ତେ ଜାଣନ୍ତି, ତଥାପି ସୂଚେଇ ଦେବା ଠିକ୍ ହେବ। ଗୀତଟି ଥିଲା 'ଚିକ୍‌ନି ଚମେଲି'। ଅମିତାଭ ଭଟ୍ଟାଚାର୍ଯ୍ୟ ଏହାକୁ ରଚନା କରିଥିଲେ ଏବଂ ତାହାକୁ ସ୍ୱର ଦେଇଥିଲେ ଅଜୟ-ଅତୁଲ। ଅନ୍ୟତମ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲ କଣ୍ଠଦାନ କରିଥିଲେ। କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ଏହି ହିଟ୍ ଗୀତଟିର କୋରିଓଗ୍ରାଫି କରିଥିଲେ ଗଣେଶ ଆଚାର୍ଯ୍ୟ। ଖାସ୍ କଥା ହେଲା ଉକ୍ତ ଗୀତଟିର ପିକ୍ଚରାଇଜେଶନ ପାଇଁ ୧୦ ଦିନ ଲାଗିଥିଲା। ଏ ନେଇ କ୍ୟାଟ୍ରିନା କହନ୍ତି, 'ଚିକ୍‌ନି ଚମେଲି' ଗୀତଟି ଯେତେବେଳେ କମ୍ପୋଜ ହେଲା ସେତେବେଳେ ମୁଁ ଅନୁମାନ କରିଥିଲି ଯେ, ଏହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ତା'ପରେ ଶ୍ରେୟା ଗୀତଟିକୁ ଗାଇ ତାହାକୁ ଏପରି ଲେବୁଲରେ ପହଞ୍ଚାଇ ଦେଇଥିଲେ ଯେ ଫିଲ୍ମ ରିଲିଜ ପୂର୍ବରୁ ତାହା ହିଟ୍ ହୋଇ ସାରିଥିଲା। ଏହାର ଶୁଟିଂ ପାଇଁ ଆମକୁ ୧୦ ଦିନ ଲାଗିଥିଲା। ସେହି ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ।' କରନ୍ ମାଲହୋତ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ କ୍ୟାଟ୍ରିନାଙ୍କ ବ୍ୟତୀତ ହ୍ରିତିକ ରୋଶନ, ସଞ୍ଜୟ ଦତ୍ତ, ପ୍ରିୟଙ୍କା ଚୋପ୍ରା ଏବଂ ରିଷି କପୁରଙ୍କୁ ଦେଖିବାକୁ ମିଳିଥିଲା।


କ୍ୟାଟ୍ରିନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୮/୨୦୨୨ Bhubaneswar, Thursday, August 18/ 2022

# ୩୮ ଟେଷ୍ଟ, ୪୨ ଦିନିକିଆ, ୬୧ ଟି୨୦ ଖେଳିବ ଟିମ୍ ଇଣ୍ଡିଆ

**ଆଇସିସି ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ ୨୦୨୩-୨୦୨୭**

■ ଭାରତ-ପାକିସ୍ତାନ ସିରିଜ ନାହିଁ

ନୂଆଦିଲ୍ଲୀ, ୧୭।୮ (ପି.ଟି.)

ଭାରତୀୟ ପୁରୁଷ କ୍ରିକେଟ ଦଳ ୨୦୨୩ରୁ ୨୦୨୭ ଆଗାମୀ ୫ ବର୍ଷର ଫ୍ୟୁଚର ଟୁର୍ ପ୍ରୋଗ୍ରାମ (ଏଫ୍‌ଟିପି)ରେ ୧୪୧ଟି ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଏହା ମଧ୍ୟରେ ୩୮ ଟେଷ୍ଟ, ୪୨ ଦିନିକିଆ ଓ ୬୧ଟି ଟି୨୦ ମ୍ୟାଚ ସାମିଲ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ପ୍ରକାଶ କରାଯାଇଛି। ତେଣୁ ଆଗାମୀ ୫ ବର୍ଷ ମଧ୍ୟରେ ସୀମିତ ଓଭର କ୍ରିକେଟ ଉପରେ ଗୁରୁତ୍ୱ ଦିଆ ଯାଉଥିବା ସ୍ପଷ୍ଟ ହୋଇଛି। ଦିନିକିଆ ଦ୍ୱିପାକ୍ଷିକ ସିରିଜ ହେବ, ମାତ୍ର ଏହା ୩ ମ୍ୟାଚ ମଧ୍ୟରେ ସୀମିତ ରହିବ। ଭାରତ ପାଇଁ ଆଗାମୀ ୫ ବର୍ଷ ବ୍ୟସ୍ତ କାର୍ଯ୍ୟସୂଚୀ ରହିଥିଲେ ହେଁ ରାଜନୈତିକ କାରଣ ଦୃଷ୍ଟିରୁ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ସିରିଜ ନାହିଁ।

ଆଇସିସିର ୧୨ ସଦସ୍ୟ ଦେଶ ମୋଟ ୭୭୭ ଅନ୍ତର୍ଜାତୀୟ ମ୍ୟାଚ ଖେଳିବେ। ଏହା ମଧ୍ୟରେ ୧୭୩ ଟେଷ୍ଟ, ୨୮୧ ଦିନିକିଆ ଓ ୩୨୩ ଟି୨୦ ମ୍ୟାଚ ରହିବ। ଚଳିତ ୫ ବର୍ଷର ଏଫ୍‌ଟିପିରେ ମୋଟ ୬୯୪ଟି ମ୍ୟାଚ ରହିଛି। ଏଫ୍‌ଟିପି ମଧ୍ୟରେ ଆଗାମୀ ୨ଟି ଆଇସିସି ପୁରୁଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍, ଏକାଧିକ ଆଇସିସି ଇଭେଣ୍ଟ, ଦ୍ୱିପାକ୍ଷିକ ଏବଂ ତ୍ରିରାଷ୍ଟ୍ରୀୟ ସିରିଜ ସାମିଲ ରହିବ। ଟିମ୍‌ଇଣ୍ଡିଆ କଥା କହିବାକୁ ଗଲେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ପାରମ୍ପରିକଭାବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ହୋଇଥାଏ। ମାତ୍ର ଏହା ଏବେ ୫ ଟେଷ୍ଟ ବିଶିଷ୍ଟ ହେବ। ଅଷ୍ଟ୍ରେଲିଆ ବ୍ୟତୀତ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହା ବ୍ୟତୀତ ବ୍ରଡକାଷ୍ଟରଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟି୨୦ ଆଦି ସୀମିତ ଓଭର ସିରିଜ ମଧ୍ୟ ସାମିଲ ରହିବ। ଆଗାମୀ ୫ ବର୍ଷିଆ ଏଫ୍‌ଟିପି ଚକ୍ରରେ ଭାରତ ୨୦୨୩ ଜୁଲାଇ-ଅଗଷ୍ଟରେ ୱେଷ୍ଟଇଣ୍ଡିଜ ଗସ୍ତକରି ୨ ଟେଷ୍ଟ, ୩ ଦିନିକିଆ ଓ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨୦୨୪ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଖେଳାଯିବ। ଚଳିତ ଏଫ୍‌ଟିପି ଚକ୍ର ଅନ୍ତର୍ଗତ କାର୍ଯ୍ୟସୂଚୀ ଅନୁସାରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବା ପାଇଁ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଆସି ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ମାତ୍ର ଭାରତ ଯେତେବେଳେ ୨୦୨୪-୨୫ ଡିସେମ୍ବର-ଜାନୁୟାରୀରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ ସେତେବେଳେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଖେଳିବ। ୧୯୯୧ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥରପାଇଁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ। ୨୦୨୪ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷରେ ଭାରତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ କରିବ।

**୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ୨୭ଟି ମ୍ୟାଚ**

ଆସନ୍ତା ବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ୨୦୨୩ ଦିନିକିଆ (୫୦ ଓଭର ବିଶିଷ୍ଟ) ବିଶ୍ୱକପ ପୂର୍ବରୁ ଭାରତ ମୋଟ ୨୭ଟି ଏକଦିବସୀୟ ମ୍ୟାଚ ଖେଳିବ। ଗୁରୁବାର ଜିମ୍ବାୱେ ବିପକ୍ଷ ସିରିଜରୁ ଏହା ଆରମ୍ଭ ହେବ। ଚଳିତ ଏଫ୍‌ଟିପି ମଧ୍ୟରେ ଜିମ୍ବାୱେ ସମେତ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଘରୋଇ ଏବଂ ଟି୨୦ ବିଶ୍ୱକପ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ବାହାର ଦିନିକିଆ ସିରିଜ ଖେଳିବ।

**ଅଷ୍ଟ୍ରେଲିଆ ୪୦, ଇଂଲଣ୍ଡ ୪୩ଟି ଟେଷ୍ଟ ଖେଳିବ**

ଆଗାମୀ ୫ ବର୍ଷର ଏଫ୍‌ଟିପି ମଧ୍ୟରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଯଥାକ୍ରମେ ୪୦ ଓ ୪୩ଟି ଟେଷ୍ଟ ଖେଳିବେ। ଯାହାକି ଭାରତଠାରୁ ଅଳ୍ପକିଛି ଅଧିକ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜେତା ନ୍ୟୁଜିଲାଣ୍ଡ ଏହି ସମୟ ମଧ୍ୟରେ ୩୨ଟି, ଦକ୍ଷିଣ ଆଫ୍ରିକା ୨୯, ପାକିସ୍ତାନ ୨୭ ଏବଂ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ୨୫ଟି ଲେଖାଏ ଟେଷ୍ଟ ଖେଳିବେ।

# ଅକ୍ଟୋବର ୯ ସୁଦ୍ଧା ହକି ଇଣ୍ଡିଆ ନିର୍ବାଚନ



ବୈଠକରେ ଏଫ୍‌ଆଇଏଚ୍ ଓ ହକି ଇଣ୍ଡିଆ ଅଧିକାରୀଙ୍କ ସହ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା।

ନୂଆଦିଲ୍ଲୀ, ୧୭।୮ (ପି.ଟି)

ହକି ଇଣ୍ଡିଆ ପକ୍ଷରୁ ଆସନ୍ତା ୯ ଅକ୍ଟୋବର ସୁଦ୍ଧା ଏହାର ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ। ବୁଧବାର କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ପକ୍ଷରୁ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ନିକଟରେ ନୂତନ ସମ୍ବିଧାନର ପ୍ରଥମ ଅନୁଚ୍ଛେଦ ଉତ୍ଥାପନ କରାଯିବା ପରେ ଏହା ସ୍ପଷ୍ଟ ହୋଇଛି। ଏହା ପରେ ଉଭୟ ଏଫ୍‌ଆଇଏଚ୍ ଏବଂ ସିଓଏ ପକ୍ଷରୁ ଏକ ମିଳିତ ବିବୃତ୍ତି ଜାରି କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ସିଓଏ ପକ୍ଷରୁ ସମ୍ପୂର୍ଣ୍ଣ ସମ୍ବିଧାନ ଲାଉସାନେସ୍ଥିତ ଏଫ୍‌ଆଇଏଚର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବା ନେଇ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହକି ଇଣ୍ଡିଆର ସଂଶୋଧିତ ସମ୍ବିଧାନ ଉଭୟ ଏଫ୍‌ଆଇଏଚ୍ ଏବଂ ସିଓଏଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହା ସହିତ ଉଭୟ ପକ୍ଷଙ୍କ ସହମତି କ୍ରମେ ଅକ୍ଟୋବର ୯ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଘୋଷଣା କରାଯାଇଥିଲା। ଏଫ୍‌ଆଇଏଚର ଦୁଇ ଜଣିଆ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରିବା ସହିତ ହକି ଇଣ୍ଡିଆ ଓ ସିଓଏ ସହିତ ଆଲୋଚନା କରିଥିଲେ। ତେବେ ହକି ଇଣ୍ଡିଆ ପାଇଁ ଖୁସି ଖବର ଏହା କି, ଏଫ୍‌ଆଇଏଚ୍ କୋର୍ଟଙ୍କୁ ତୃତୀୟ ପକ୍ଷ ଭାବରେ ବିଚାର କରୁନାହିଁ। ଏହା ସହିତ ଭୁବନେଶ୍ୱର ଏବଂ ରାଉରକେଲାରେ ହେବାକୁ ଥିବା ବିଶ୍ୱକପ୍‌କୁ ମାତ୍ର କିଛି ମାସ ବାକି ରହିଥିବା ବେଳେ ଏହା ପ୍ରଭାବିତ ହେବ ନାହିଁ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ ଓ ସିଇଓ ଥିଏରି ୱେଲ ଏଫ୍‌ଆଇଏଚ୍ ପକ୍ଷରୁ ସିଓଏଙ୍କ ସହିତ ଆଲୋଚନା କରିଥିଲେ। ଜଷ୍ଟିସ୍ ଅନିଲ୍ ଆର୍ ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଏବଂ ପୂର୍ବତନ ଅଲିମ୍ପିଆନ୍ ଜାଫର ଇକବାଲଙ୍କୁ ନେଇ ଏହି ସିଓଏ ଗଠନ କରିଥିଲେ ଦିଲ୍ଲୀ ହାଇକୋର୍ଟ। ଆଇନ ବ୍ୟବସ୍ଥାକୁ ଆମେ ତୃତୀୟ ପକ୍ଷ ଭାବରେ ବିଚାର କରି ନ ଥାଉ। କ୍ରୀଡାକୁ ଶୃଙ୍ଖଳାରେ ରଖିବା ପାଇଁ କୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ ପ୍ରକାଶ କରିଥିଲେ। ସିଓଏ ସଦସ୍ୟ ତଥା ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଏ. ଆର. ଡାଭେ କହିଥିଲେ, ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା। ହକି ଇଣ୍ଡିଆର ସୁଗମ ପରିଚାଳନା ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଏଫ୍‌ଆଇଏଚ୍ ସହମତି ପ୍ରକାଶ କରିଥିଲା। ଖେଳ ମନୋଭାବର ପରିଚୟ ଦେଇ ଆଥଲେଟମାନଙ୍କ ସ୍ୱାର୍ଥରେ ଏହି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଡାଭେ। ମଙ୍ଗଳବାର ଏଫ୍‌ଆଇଏଚ୍ ଭ୍ରମଣକାରୀ ଦଳ କେନ୍ଦ୍ର କ୍ରୀଡା ସଚିବ ସୁଜାତା ଚତୁର୍ବେଦୀଙ୍କୁ ଭେଟିଥିଲେ। ଚତୁର୍ବେଦୀଙ୍କ ସହିତ ବୈଠକ ସଫଳ ରହିଥିବା ନେଇ ଏଫ୍‌ଆଇଏଚ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ସେହିପରି ହକି ବିଶ୍ୱକପ୍ ଆୟୋଜନ କରୁଥିବା ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣାଙ୍କୁ ମଧ୍ୟ ପ୍ରତିନିଧି ଦଳ ଭେଟିଥିଲେ। ହକି ବିଶ୍ୱକପର ପ୍ରସ୍ତୁତିକୁ ବେଶ ପ୍ରଶଂସା କରାଯାଇଥିବା ବେଳେ ସେପ୍ଟେମ୍ବର ୭, ୨୦୨୨ରେ ହକି ଇଣ୍ଡିଆ, ଏଫ୍‌ଆଇଏଚ୍ ଓ ସିଓଏ ସଦସ୍ୟମାନେ ଷ୍ଟାଡିୟମ ଭ୍ରମଣ କରିବା ନେଇ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଭ୍ରମଣ ପରେ ଏଫ୍‌ଆଇଏଚ୍ ପକ୍ଷରୁ ସେପ୍ଟେମ୍ବର ୮ ତାରିଖରେ କାର୍ଯ୍ୟସୂଚୀ ପ୍ରକାଶ ପାଇବ। ଉଲ୍ଲେଖଯୋଗ୍ୟ ହକି ବିଶ୍ୱକପ୍ ଆୟୋଜନ ଭାରତରେ ହେବା ନେଇ ଏଫ୍‌ଆଇଏଚ୍ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।



ଜାତୀୟ ଶକ୍ତିଉତ୍ତୋଳନରେ ସଫଳତା ଅର୍ଜନ କରିଥିବା ଓଡ଼ିଶା ଦଳ।

# ଚନ୍ଦ୍ରକାନ୍ତ ପଣ୍ଡିତ କେକେଆର୍ କୋଚ୍

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନ ପାଇଁ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। କୋଲକାତା ଫ୍ରାଞ୍ଚାଇଜ୍ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ଘରୋଇ କ୍ରିକେଟରେ ଦକ୍ଷ କୋଚ୍‌ଭାବେ ବେଶ୍ ଚର୍ଚ୍ଚିତ ପଣ୍ଡିତ କେକେଆର ଦଳରେ ବ୍ରେଣ୍ଡନ ମ୍ୟାକକୁଲମଙ୍କ ସ୍ଥାନ ନେଇଛନ୍ତି। ମ୍ୟାକକୁଲମ ଏବେ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ କୋଚ୍ ଅଛନ୍ତି। ପଣ୍ଡିତଙ୍କ ପ୍ରଶିକ୍ଷଣରେ ମଧ୍ୟପ୍ରଦେଶ ପ୍ରଥମଥରପାଇଁ ରଣଜୀ ଟ୍ରଫି ଟାଇଟଲ ହାସଲ କରିଛି। ମୁମ୍ବାଇ ଓ ବରୋଦା ଦଳର ଦାୟିତ୍ୱ ନେଇ ସେ ଏକାଧିକ ଥର ଜାତୀୟ ଚାମ୍ପିୟନଶିପ୍‌ରେ ସଫଳତାର ସ୍ୱାଦ ଚାଖିଛନ୍ତି। ବିଶେଷ ସଫଳତା ପାଉ ନ ଥିବା ଘରୋଇ ଦଳ ସହିତ କାମ କରି ବିସ୍ମୟ ସୃଷ୍ଟି ପାଇଁ ବିଶେଷ ପରିଚିତ ପଣ୍ଡିତ ଏଲିଟ ସ୍ତରରେ ବଡ଼ ଦାୟିତ୍ୱ ପାଇଛନ୍ତି।

# ଜାତୀୟ ଶକ୍ତିଉତ୍ତୋଳନରେ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା

**ଭୁବନେଶ୍ୱର, ୧୭।୮ (କ୍ରୀଡ଼ା ପ୍ରତିନିଧି):** କେରଳରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଗତ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟବ୍ରତ ବିଶୋୟୀ ୧୦୫ କେଜି ବର୍ଗରେ ଓଭରଅଲ୍ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସ୍କ୍ୱାଡ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ଦିବ୍ୟଲେଖା ମିଶ୍ର ୭୬ କେଜି ବର୍ଗରେ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବୈଭବଶ୍ୱର ସାହୁ ସବ୍‌ଜୁନିୟର ୫୩ କେଜି ବର୍ଗ ଡେଡଲିଫ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳସହ ଗଙ୍ଗାଧର ବିଶୋଇ କୋଚ୍ ଓ ଟିମ୍ ମ୍ୟାନେଜରଭାବେ ଯାତ୍ରା କରିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ଭାରତ-ଜିମ୍ବାୱେ ପ୍ରଥମ ଦିନିକିଆ ଆଜି

ହରାରେ, ୧୭।୮ (ପି.ଟି)

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଗୁରୁବାରଠାରୁ ହରାରେ ସ୍ପୋର୍ଟସ କ୍ଲବରେ ଅନୁଷ୍ଠିତ ହେବ। ବାଂଲାଦେଶକୁ ପରାସ୍ତ କରି ଜିମ୍ବାୱେ ରେଡ ହଟ ଫର୍ମରେ ରହିଥିବା ବେଳେ ଦୀର୍ଘ ଦୁଇ ମାସ ପରେ ପ୍ରତ୍ୟାବର୍ତ୍ତନ କରୁଥିବା କେ ଏଲ୍ ରାହୁଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଭାରତୀୟ ଟି୨୦ ଦଳର ଅନ୍ୟତମ ପ୍ରମୁଖ ଅଙ୍ଗ ରହିଥିବା ରାହୁଲ ବିଶ୍ୱକପ୍ ଚୟନ ଦୌଡରେ ଆଗୁଆ ମଧ୍ୟ ଅଛନ୍ତି। ତେବେ ଦୁଇ ମାସ ପରେ ମିଳିଥିବା ସୁଯୋଗର ଫାଇଦା ଉଠାଇବାକୁ ରାହୁଲ ନିଶ୍ଚୟ ପ୍ରୟାସ କରିବେ। କେବଳ ରନ ସ୍କୋରିଂ ନୁହେଁ ବରଂ କେଉଁଭଳି ଢଙ୍ଗରେ ରାହୁଲ ରନ ସ୍କୋର କରୁଛନ୍ତି ତାହା ଉପରେ ରାହୁଲ ଦ୍ରାବିଡ ଓ ରୋହିତ ଶର୍ମାଙ୍କ ନଜର ରହିବ।

ହରାରେ ସ୍ପୋର୍ଟସ କ୍ଲବର ଏହି ପିଚରେ ବିଗତ ୩ ମ୍ୟାଚ ହାଇସ୍କୋରିଂ ରହିଛି। ଭାରତୀୟ ବ୍ୟାଟ୍ସମ୍ୟାନ ନିଶ୍ଚୟ ଏହାର ଫାଇଦା ନେବାକୁ ପ୍ରୟସେ କରିବେ। ଶୁବମାନ ଗିଲ୍, ରାହୁଲ, ସଞ୍ଜୁ ସାମସନ୍ ଓ ଦୀପକ ହୁଡା ଏହାର ଫାଇଦା ନେବାକୁ ପ୍ରୟାସ କରିବେ। ନିକଟରେ ବାଂଲାଦେଶକୁ ୨-୧ରେ ପରାସ୍ତ କରିଛି ଜିମ୍ବାୱେ। ତେବେ ବାଂଲାଦେଶ ତୁଳନାରେ ଭାରତୀୟ ବୋଲିଂ ଲାଇନ ଅପ୍ ବେଶ ଶକ୍ତିଶାଳୀ। ଜିମ୍ବାୱେର ପ୍ରଦର୍ଶନ ସିକନ୍ଦର ରାଜା ଓ ଅଧିନାୟକ ରେଜିସ୍ ଚାଭାଭାଙ୍କ ଉପରେ ନିର୍ଭର କରିବ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧୨.୪୫**

# କେନ୍ଦ୍ରର ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ଫିଫା ବାସନ୍ଦ ମାମଲା | ଶୁଣାଣି ସୋମବାରକୁ ଘୁଞ୍ଚିଲା**

ନୂଆଦିଲ୍ଲୀ, ୧୭।୮ (ପି.ଟି)

ତୃତୀୟ ପକ୍ଷ ହସ୍ତକ୍ଷେପ କାରଣରୁ ଭାରତୀୟ ଫୁଟବଲ ସଂଘ (ଏଆଇଏଫଏଫ୍)କୁ ଫିଫା ବାସନ୍ଦ କରିଛି। ବୁଧବାର ଏହି ମାମଲାର ଶୁଣାଣି ଥିଲା। ମାତ୍ର ସରକାର ଏବଂ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ସହିତ ଫିଫା ପକ୍ଷରୁ ଆଲୋଚନା ଚାଲିଥିବା କାରଣରୁ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣିକୁ ଆସନ୍ତା ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ତେବେ ଭାରତରେ ଯେପରି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହୋଇପାରିବ ଏବଂ ଏଆଇଏଫଏଫ ଉପରୁ ବାସନ୍ଦ ଉଠିବ ସେଥିନେଇ କେନ୍ଦ୍ର ସକ୍ରିୟ ଭୂମିକା ଗ୍ରହଣ କରୁବୋଲି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ, ଏ. ଏସ୍. ବୋପାନ୍ନା ଏବଂ ଜେ. ବି. ପରିଦୱାଲାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଅନୁରୋଧ କାରଣରୁ କୋର୍ଟ ସୋମବାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ମେହେଟ୍ଟାଙ୍କ ପ୍ରଦତ୍ତ ସୂଚନା ଅନୁସାରେ ସରକାର, ସିଓଏ ଏବଂ ଫିଫା ଅଧିକାରୀଙ୍କ ମଧ୍ୟରେ ଦୁଇ ରାଉଣ୍ଡର ବୈଠକ ଅନୁଷ୍ଠିତ ହୋଇସାରିଛି। ଏହି ବୈଠକ ପରେ ଭାରତରେ ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଆୟୋଜନର ସମ୍ଭାବନା ବୃଦ୍ଧି ପାଇଛି। ଏପରି ସମୟରେ କୋର୍ଟଙ୍କ କୌଣସି ବି ଶବ୍ଦ ବିଶ୍ୱକପ ଆୟୋଜନର ସମ୍ଭାବନାକୁ ପ୍ରଭାବିତ କରିପାରେ। ଏହା କହିବା ସହିତ କୋର୍ଟଙ୍କ ନିକଟରୁ ସୋମବାର ପର୍ଯ୍ୟନ୍ତ ସମୟ ମାଗିଥିଲେ ମେହେଟ୍ଟା। ଖଣ୍ଡପୀଠ ବିଶ୍ୱକପ୍ ଆୟୋଜନକୁ ଗୁରୁତ୍ୱର ସହିତ ନେଇ ସମୟ ମଧ୍ୟ ପ୍ରଦାନ କରିଥିଲେ।

ଭାରତରେ ମହିଳା ବିଶ୍ୱ କପ୍ ଆୟୋଜନ ଏକ ବଡ ଉପଲବ୍ଧି ଏବଂ କୋର୍ଟ ମଧ୍ୟ ଚାହିଁବେ କି ଏହା ଆୟୋଜନ ହେଉ। ଏହା କେବଳ ଦେଶ ପାଇଁ ନୁହେଁ ବରଂ ଦେଶର କ୍ରୀଡାବିତ୍‌ମାନଙ୍କ ପାଇଁ ମଧ୍ୟ ସୁବର୍ଣ୍ଣ ସୁଯୋଗ ବୋଲି ସେ କହିଥିଲେ। ସରକାରଙ୍କୁ ଏନେଇ ଆବଶ୍ୟକ ଥିବା ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି କୋର୍ଟ କହିଛନ୍ତି। ଯଦି କୋର୍ଟ ବାହାରେ ଏହି ମାମଲାର ସମାଧାନ ହୋଇ ପାରୁଛି ଏହା ଅତ୍ୟନ୍ତ ଖୁସିର କଥା ବୋଲି ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ତେବେ ସିଓଏଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଓକିଲ ରାହୁଲ ମେହେରା ପ୍ରଫୁଲ୍ଲ ପଟେଲ ଓ ଅନ୍ୟମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ କହିଥିଲେ, ଫିଫାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥିତ ରହିଥିବା ପ୍ରଫୁଲ୍ଲ ନିଜ ପଦର ଫାଇଦା ଉଠାଉଛନ୍ତି। ସିଓଏ ହାତକୁ ପରିଚାଳନା ଭାର ଯିବା ସହିତ ଅନେକ ରାଜ୍ୟ ସଂଘ ଏବଂ ପ୍ରଫୁଲ୍ଲ ପଟେଲଙ୍କ ହାତରୁ ଶାସନ ଡୋରି ଚାଲିଯାଇଥିଲା। ତେଣୁ ପ୍ରତିଶୋଧ ପରାୟଣ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ପ୍ରୟାସ କରାଯାଉଛି। ଫିଫାରୁ ସେମାନଙ୍କୁ ଅପସାରଣ କରାଯିବା ଉଚିତ ବୋଲି ସେ କୋର୍ଟଙ୍କ ସମ୍ମୁଖରେ ଯୁକ୍ତି ରଖିଥିଲେ।

ଅନ୍ୟ ଏକ ପକ୍ଷରୁ ଲଢୁଥିବା ପ୍ରଶାନ୍ତ ଭୂଷଣ ବିସିସିଆଇର ଉଦାହରଣ ଦେଇଥିଲେ। ସମ୍ବିଧାନ ସଂଶୋଧନ ସମୟରେ ଏହିଭଳି ଚାପ ପଡୁଥିଲେ ହେଁ କୋର୍ଟ କଡା ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନ ମଧ୍ୟ ସମାନ ଢଙ୍ଗରେ ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ସେ ଯୁକ୍ତି କରିଥିଲେ। ବରିଷ୍ଠ ଓକିଲ ଗୋପାଳ ଶଙ୍କର ନାରାୟଣନ ଗୋକୁଳମ କେରଳ ପାଇଁ ଯୁକ୍ତି ବାଢିଥିଲେ। କେରଳର ଏହି କ୍ଲବର ଖେଳାଳିମାନେ ଉଜବେକିସ୍ତାନରେ ରହିଥିବା ବେଳେ ଫିଫାର ଏହି ବ୍ୟାନ୍ କାରଣରୁ ଟୁର୍ଣ୍ଣାମେଣ୍ଟ ଖେଳିବା ଉପରେ ଅନିଶ୍ଚିତତାର କଳାବାଦଲ ଛାଇ ଯାଇଛି। ସେହିପରି ମୋହନ ବାଗାନର କ୍ରୀଡାସୂଚୀରେ ପରିବର୍ତ୍ତନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜମିପଟ୍ଟା ପାଇଁ ଜିଦ୍ କରି ଯୁବକ ହଟହଟା

**ବୋଲଗଡ଼,୧୭।୮(ଡି.ଏନ୍.ଏ.):** ବୋଲଗଡ଼ ତହସିଲ କାର୍ଯ୍ୟାଳୟରେ ବୁଧବାର ଜଣେ ଯୁବକ ଜମିପଟ୍ଟା ନେବା ପାଇଁ ଆସି ଜିଦ୍ କରି ଶେଷରେ ହଟହଟା ହୋଇଛନ୍ତି। ବାଙ୍କୋଇ ଆର୍‌ଆଇ ଅଧୀନ ପଲ୍ଲୀ ବାଲସିଂହ ଗ୍ରାମର ସିଲୁ ମହାପାତ୍ର ଦୀର୍ଘ ୫ମାସ ଧରି ନିଜ ଜମିପଟ୍ଟା ପାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ନିରାଶ ହୋଇଥିଲେ। ଶେଷରେ ବୁଧବାର ସେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପଟ୍ଟା ନେବାକୁ ଜିଦ ଧରି ବସିଥିଲେ। ଖବରପାଇ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଧୋବେଇ ନାୟକ ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟରୁ ଆସି ତହସିଲରେ ପହଞ୍ଚିଥିଲେ। ତେବେ ସିଲୁ ତାଙ୍କ ପଟ୍ଟା ପାଇବା ପାଇଁ ଉଚ୍ଚବାଚ୍ଚ କରୁଥିବାର ଦେଖି ବୋଲଗଡ଼ ଥାନା ପୋଲିସକୁ ଜଣାଇଥିଲେ। ଫଳରେ ପୋଲିସ ଆସି ସିଲୁଙ୍କୁ ନେଇ ଥାନାରେ ଅଟକ ରଖିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଦର୍ଶାଇ ତହସିଲଦାର ଏକ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ସିଲୁ ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ କେତେଜଣ ତହସିଲ କର୍ମଚାରୀ ଆକ୍ରମଣ କରିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ପୋଲିସ ଧତହସିଲଦାରଙ୍କ ଅଭିଯୋଗକ୍ରମେ ତଦନ୍ତ କରୁଥିଲା। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲଦାର ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିନେଇଥିଲେ। ଏହାପରେ ଯୁବକ ଜଣକ ନିଜ ଘରକୁ ଫେରିଯାଇଥିଲେ।

### ବାଇକ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**ବୋଲଗଡ଼,୧୭।୮(ଡି.ଏନ୍.ଏ.):** ବଲାଙ୍ଗୀର- ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ରାଜସୁନାଖଳା ତ୍ରିନାଥ ବଜାର କୁମାରୀ ଛକ ନିକଟରେ ମଙ୍ଗଳବାର ରାତି ୧୧ ଟାରେ ଓଡିଶା ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍ ସହ ଘଷି ହୋଇ ବାଇକ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଅଶୋକ କୁମାର ପ୍ରଧାନ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଘଟଣା ଅନୁଯାୟୀ, ଅଶୋକ ଓ ତାଙ୍କର ଜଣେ ବନ୍ଧୁ ନଂ.ଓଡି ୦୨ବିଏଲ ୧୫୯୬ନଂ ବିଶିଷ୍ଟ ଏକ ବାଇକ୍ ଯୋଗେ ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ମଙ୍ଗଳବାର ରାତିରେ ଆସୁଥିଲା। ଏହି ସମୟରେ ଭୁବନେଶ୍ୱର ଆଡୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଓଏସ୍‌ଆର୍‌ଟିସିର ଓଡି ୦୩ଭି ୩୫୮୧ନଂ. ବିଶିଷ୍ଟ ଏକ ଯାତ୍ରୀବାହୀ ବସ୍ ଯାଉଥିବାବେଳେ ରାଜସୁନାଖଳା କୁମାରୀ ଛକ ନିକଟରେ ବାଇକ୍‌ରେ ବସିଥିବା ଅଶୋକ କୌଣସି କାରଣରୁ ବସ୍ ପଛରେ ଘଷି ହୋଇ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆହତଙ୍କୁ ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ତ୍ରିରଙ୍ଗା ଶୋଭାଯାତ୍ରା

**ବାଣପୁର,୧୭।୮(ଡି.ଏନ୍.ଏ.):** 'ଆଜାଦୀ କା ଅମୃତ ମହୋତ୍ସବ' କମିଟି ବାଣପୁର ଏବଂ ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବୁଧବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଏବଂ ଗୁରୁଜୀ ଗୁରୁମାଙ୍କ ସମେତ ଶତାଧିକ ଜନସାଧାରଣ ୭୫ ମିଟର ଲମ୍ବା ତ୍ରିରଙ୍ଗା ଧରି ସହର ପରିକ୍ରମା କରି ମା' ଭଗବତୀଙ୍କ ମନ୍ଦିରରେ ପହଞ୍ଚି ଶହୀଦଙ୍କ ଉଦ୍ଦେଶ୍ୟରେ ୭୫ଟି ଦୀପ ପ୍ରଜ୍ୱଳନ କରିଥିଲେ।






ଖୋର୍ଦ୍ଧା ବ୍ଲକ୍ ଅଞ୍ଚଳରେ ବନ୍ୟା ଜଳ ପ୍ରବାହିତ ଯୋଗୁ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବାରୁ ଗ୍ରାମବାସୀ ଡଙ୍ଗା ଓ ଟ୍ୟୁବ୍ ସାହାଯ୍ୟରେ ରାସ୍ତାରେ ଯାତାୟାତ କରୁଛନ୍ତି।

# ୩ ପଞ୍ଚାୟତର ୧୦ ଗାଁ ଜଳବନ୍ଦୀ

## ରାଜୁଆ, ଦୟା ବନ୍ୟା ପରିସ୍ଥିତି ଗମ୍ଭୀର

- ବାହ୍ୟଜଗତରୁ ଢିହଖଳା, ହିରିମୂଳ, ଦୁର୍ଗାପୁର ବିଚ୍ଛିନ୍ନ
- ଡଙ୍ଗା ସାଜିଛି ମାଧ୍ୟମ, ଖାଦ୍ୟ ପାଇଁ ଲୋକେ ଆକୁଳ

**ଖୋର୍ଦ୍ଧା ଅଫିସ,୧୭।୮**

ହୀରାକୁଦରୁ ବନ୍ୟାଜଳ ଛଡ଼ାଯିବା ପରେ ମହାନଦୀର ଶାଖା ନଦୀ ରାଜୁଆ, ମଳାଗୁଣୀ ଓ ଦୟାର ଜଳସ୍ତର ବୃଦ୍ଧିପାଇଛି। ଖୋର୍ଦ୍ଧା ବ୍ଲକ ଓରବରସିଂ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତର ୧୦ଟି ଗ୍ରାମ ଜଳବନ୍ଦୀ ହୋଇଛି। ଓରବରସିଂ ପଞ୍ଚାୟତର ଓରବରସିଂ, ହିରିମୂଳ ଢିହଖଳା, ଦୁର୍ଗାପୁର, କୃଷ୍ଣପୁର, ରାୟପୁର, ନରଣଗଡ ପଞ୍ଚାୟତର ମାନପୁର, ବଳପୁର, ଧଳପୁର, ଓରମୀ ଏବଂ ବ୍ରଜମୋହନପୁର ପଞ୍ଚାୟତର ଶରଧାପୁର ଗ୍ରାମ ବନ୍ୟା ଘେରରେ ରହିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବନ୍ୟା ଯୋଗୁ ହିରିମୂଳ, ଢିହଖଳା ଓ ଦୁର୍ଗାପୁର ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ମାନପୁର ଗ୍ରାମ ବାତ୍ୟାଶ୍ରୟସ୍ଥଳରେ କେତେଜଣ ଗ୍ରାମବାସୀ ଆଶ୍ରୟ ନେଇଛନ୍ତି। ଗତ ତିନି ଦିନ ଧରି ହିରିମୂଳ ଗ୍ରାମରେ ୮ଫୁଟ ଉଚ୍ଚର ପାଣି ମାଡ଼ିବା ସହିତ କେତେକଙ୍କ ଘରେ ପାଣି ପଶିଛି। ପ୍ରଶାସନ ପକ୍ଷରୁ ୨ଟି ଡଙ୍ଗା ବ୍ୟବସ୍ଥା କରାଯାଇଛି। ରାଶନ ସାମଗ୍ରୀ, ପନିପରିବା ନ ପାଇବାରୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି। ପ୍ରଶାସନ ପକ୍ଷରୁ ରିଲିଫ ସାମଗ୍ରୀ ପହଞ୍ଚି ନ ଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ଗୋରୁଙ୍କ ପାଇଁ ଖାଦ୍ୟ ନାହିଁ। ୧୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ଗଛରେ ରହିଯାଇଛନ୍ତି। କେଲୁଣି ପାଇକରାୟ, ପ୍ରମିଳା ସିଂ ଓ ପାର୍ବତୀ ସିଂ ପ୍ରମୁଖ କହିଛନ୍ତି, ୩ଦିନ ହେଲା ରନ୍ଧାଖାଦ୍ୟ ଖାଇନାହୁଁ। ପାଣି ଘେରରେ ଘରଗୁଡ଼ିକ ରହିଛି। ଜଳସ୍ତର ବଢିଲେ ଘରେ ପାଣି ପଶିବ। ଅନ୍ୟପଟେ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ବନ୍ୟାଘେରରେ ଥିବା ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ଔଷଧ ଦେଉଛନ୍ତି। ଆବଶ୍ୟକ ପଡ଼ିଲେ, ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଖୋର୍ଦ୍ଧା ତହସିଲଦାର ଈପ୍‌ସିତ ସାହୁ କହିଛନ୍ତି, ଖୋର୍ଦ୍ଧା ବ୍ଲକର ଏହି ତିନି ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହିରିମୂଳ ଗ୍ରାମ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କ ଯାତାୟାତ ପାଇଁ ୨ଟି ପାୱାର ବୋଟ୍ ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ ମୁଁ ସ୍ଥିତି ଅନୁଧ୍ୟାନ କରୁଛି। ଗୋଖାଦ୍ୟ ଓ ରିଲିଫ ପହଞ୍ଚାଇବା ବ୍ୟବସ୍ଥା କରାଯାଉଛି। ବନ୍ୟାଜଳ ବଢିଲେ ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ବନ୍ୟା ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ଗୋଖାଦ୍ୟ ମହଜୁଦ ସହ ବାତ୍ୟାଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଉଛି।

### ଗାଁ ଛାଡ଼ିଲେ ଅନେକ ଲୋକ

ରାଜୁଆ ଓ ଦୟା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତ ବନ୍ୟାଘେରରେ ରହିଛି। ଚାରିଆଡ଼େ ଖାଲି ପାଣି ଆଉ ପାଣି। ବୁଧବାର ବହୁ ଲୋକ ଗାଁ ଛାଡ଼ି ଆଶ୍ରୟସ୍ଥଳ ଓ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଛନ୍ତି। ଢିହଖଳାର ପରମାନନ୍ଦ ଛୋଟରାୟ କହିଛନ୍ତି, ଘରେ ପାଣି ପଶିଛି। ବସିବାକୁ ଜାଗା ନାହିଁ। ମା, ବାପା ଚଲାବଚଲା କରିବାକୁ ଅସୁବିଧା ହେଉଛି। ଏଣୁ ସେମାନଙ୍କୁ ବହୁ କଷ୍ଟରେ ଘରୁ ବାହାର କରି ଭୁବନେଶ୍ୱରରେ ରହୁଥିବା ଭଉଣୀ ଘରକୁ ଛାଡ଼ିବାକୁ ଯାଉଛି। ସେହିପରି ରୀତା ଛୋଟରାୟ କୁହନ୍ତି ଘରେ ବାହାରେ ପାଣି। ରାତିସାରା ଚୌକି ଉପରେ ବସି ରହିଲୁ। ଏବେ ଝିଅ ଘରକୁ ଯିବାକୁ ବାହାରିଛି। ପାଣି ଛାଡ଼ିଲେ ଘରକୁ ଫେରିବୁ।

### ସ୍ଥାୟୀ ପ୍ରତିକାର କରାଯାଉ

ହିରିମୂଳ ଗ୍ରାମରେ ରହନ୍ତି ୩୦ ପରିବାର। ସମସ୍ତେ ଦିନମଜୁରିଆ ଓ କ୍ଷୁଦ୍ର ଚାଷୀ। ଖଟିଲେ ପରିବାର ଚଳେ। ପ୍ରତିବର୍ଷ ବନ୍ୟା ହେଲେ ଏହି ୩ ପଞ୍ଚାୟତର ଦୁର୍ଦ୍ଦଶା ବଢିଥାଏ। ଘରେ ବନ୍ୟାପାଣି ପଶେ। ଚାଷଜମି ବୁଡ଼ିଯାଇ ଫସଲ ନଷ୍ଟ ହୁଏ। ଛାତ ଉପରେ ଗ୍ରାମବାସୀ ତମ୍ବୁ ଟାଣି ରହିବାକୁ ବାଧ୍ୟ ହୋଇଥାନ୍ତି। ପାଖ ଗାଁ ଓରମୀ, ମାନପୁର, ଧବଳପୁର, ରାୟପୁର ସମସ୍ୟା ମଧ୍ୟ ସମାନ। ତେଣୁ ଏ ନେଇ ସ୍ଥାୟୀ ପ୍ରତିକାର ଦାବି କରିଛନ୍ତି ଅଞ୍ଚଳବାସୀ।

ହିରିମୂଳ ଗ୍ରାମବାସୀ କହିଛନ୍ତି, ବନ୍ୟା ପରିସ୍ଥିତି ଆଜିକାଲିର ସମସ୍ୟା ନୁହଁ, ବରଂ ଦୀର୍ଘ ଦିନ ଧରି ଲାଗି ରହିଛି। ହିରିମୂଳରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଦେଢ କିମି ରାସ୍ତା ନିର୍ମାଣ କରାଗଲେ, ବନ୍ୟା ସ୍ଥିତି ଉପୁଜିବ ନାହିଁ। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଛି। କେବଳ ପ୍ରତିଶ୍ରୁତି ମିଳିଛି। ସମାଧାନ କିଛି ନାହିଁ। ୨୨ବର୍ଷ ତଳେ କେତେଜଣଙ୍କୁ ଇନ୍ଦିରା ଆବାସ ମିଳିଥିଲା। ତା'ପରଠାରୁ ଆଉ ଆବାସ ଯୋଜନାରେ କାହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ପକ୍କାଘର ସ୍ୱପ୍ନ ହୋଇଛି। ଉଚ୍ଚ ସ୍ଥାନରେ ଘର ନିର୍ମାଣ ଲାଗି ମଧ୍ୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉନାହିଁ।

## ଜିଲାର ୫୪ ଗାଁ ବନ୍ୟାଘେରରେ

- ୧୯୨୨୮ ଗ୍ରାମବାସୀ ପ୍ରଭାବିତ
- ୧୫ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି ୩୩୦୩

**ଖୋର୍ଦ୍ଧା ଅଫିସ,୧୭।୮**

ଉଚ୍ଛୁଳୁଛି ହୀରାକୁଦ, ଫୁଲୁଛି ମହାନଦୀ। ଏହାର ପ୍ରଭାବରେ ମହାନଦୀର ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ଜିଲା ବାଲିଅନ୍ତା, ବାଲିପାଟଣା, ଜଟଣୀ, ବେଗୁନିଆ, ବୋଲଗଡ଼ ଏବଂ ଖୋର୍ଦ୍ଧା ବ୍ଲକ ଅଧୀନ ୧୯ଟି ପଞ୍ଚାୟତର ୫୪ଟି ଗ୍ରାମ ପାଣିଘେରରେ ରହିଥିବା ବେଳେ ୧୯୨୨୮ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩୦୩ଙ୍କୁ ସୁରକ୍ଷିତ ଭାବେ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଥିବା ଖୋର୍ଦ୍ଧା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୫ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି। ୧୦୪୩ ଗୋରୁ ପ୍ରଭାବିତ ହୋଇଛନ୍ତି। ବାଲିଅନ୍ତା ବ୍ଲକର ୨୦୨୯ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବନ୍ୟାପ୍ଲାବିତ ଅଞ୍ଚଳରେ ୯ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ୪ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କେନ୍ଦ୍ର କରାଯାଇଛି। ଏଥିସହ ବାଲିପାଟଣା ବ୍ଲକରେ ୨ଟି ଏସ୍‌ଆର୍‌ସି ପାୱାର ବୋଟ ଏବଂ ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ରହିଛି। ସେହିପରି ବାଲିଅନ୍ତା ଓ ଖୋର୍ଦ୍ଧା ବ୍ଲକରେ ୨ଟି ଲେଖାଏ ଏସ୍‌ଆର୍‌ସି ପାୱାର ବୋଟ ଏବଂ ଗୋଟିଏ ଓଡ୍ରାଫ ଟିମ ମୁତୟନ ରହିଥିବା ବୁଧବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବୁଢ଼ାପଢ଼ା ସୋମନାଥ ମନ୍ଦିରରେ ପାଣି



**ଜଟଣୀ,୧୭।୮(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ରଥିପୁର ପଞ୍ଚାୟତ ଅଧୀନ ବୁଢାପଡା ଗ୍ରାମରେ ଥିବା ଶୈବପୀଠ ବଡ଼ ସୋମନାଥଙ୍କ ମନ୍ଦିରରେ ବନ୍ୟା ପାଣି ପଶିଯାଇଛି। ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ବନ୍ଧର କିଛି ଗେଟ ଖୋଲାଯାଇଛି। ଫଳରେ ବିଭିନ୍ନ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଅଧୀନ ତିରିମଲ ପଞ୍ଚାୟତରେ ଥିବା ଦୟା ନଦୀର ଶାଖା ନଦୀ ରାଜୁଆ ନଦୀରେ ଗତ ମଙ୍ଗଳବାର ରାତିରେ ବନ୍ୟା ଜଳ ପ୍ରଖର ବେଗରେ ପ୍ରବାହିତ ହେବା ଫଳରେ ୧୦୦ଫୁଟର ଘାଇ ସୃଷ୍ଟି ହୋଇଥିଲା। ବୁଧବାର ଉକ୍ତ ଘାଇ ବଢ଼ି ଯାଇଥିବାରୁ ପାଖଆଖ ଗ୍ରାମର ଲୋକ ଆତଙ୍କିତ ହୋଇ ରହିଛନ୍ତି। ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିବା ସହିତ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିଛନ୍ତି। ଏଭଳି ସ୍ଥିତିରେ ଉକ୍ତ କଣ୍ଟିଆ ପଞ୍ଚାୟତର ବୁଢାପଡାର ପ୍ରସିଦ୍ଧ ଶୈବ ପୀଠରେ ବନ୍ୟା ଜଳ ରୋଷ ଘର, ମନ୍ଦିର ଗର୍ଭ ଗୃହ, ବେଢା, ଗୁହାରିଆ ଗୁମ୍ଫା ସହିତ ସମଗ୍ର ମନ୍ଦିର ପରିସରରେ ୫ଫୁଟ ଉଚ୍ଚାର ବନ୍ୟା ଜଳ ଭର୍ତ୍ତି ହୋଇ ରହିଛି। ବୁଧବାର ସିଂହ ସଂକ୍ରାନ୍ତି ପଡିଥିବାରୁ ବିଭିନ୍ନ ଜିଲାରୁ ଆସିଥିବା ଶ୍ରଦ୍ଧାଳୁ ଠିକ୍ ଭାବେ ପୂଜାର୍ଚ୍ଚନା କରି ନ ପାରି ମନ୍ଦିର ବାହାରୁ ଦର୍ଶନ କରି ଫେରି ଥିବା ମନ୍ଦିର ପୂଜକ ହିମାଂଶୁ ଶେଖର ପଣ୍ଡା କହିଛନ୍ତି। ପିପିଲି ଅଞ୍ଚଳ ଖୁରୁକି ମୁଣ୍ଡିଆ ନିକଟରେ ଥିବା ଦୟା ନଦୀର କେତକୀ ବନ୍ଧରୁ ଘାଇ ହୋଇ ବନ୍ୟା ଜଳ ଆସିବାରୁ ଦୀର୍ଘ ୧୦ବର୍ଷ ପରେ ପୁଣି ମନ୍ଦିର ଜଳାର୍ଣ୍ଣବ ହୋଇଛି ବୋଲି ମନ୍ଦିର ପୂଜକ ସନ୍ତୋଷ କୁମାର ଦାଶ କହିଛନ୍ତି।

## ୪୧୮ ଅଭିଯୋଗ ଶୁଣିଲେ ଜିଲାପାଳ

**ବାଣପୁର,୧୭।୮(ଡି.ଏନ୍.ଏ.)**

ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୁଧବାର ମିଳିତ ଜନ ଅଭିଯୋଗ ଶୁଣାଣି ଏବଂ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବାଣପୁର ବ୍ଲକ ଏବଂ ପୌରାଞ୍ଚଳରୁ ସମୁଦାୟ ୪୧୮ଟି ଅଭିଯୋଗର ଶୁଣାଣି କରି ସେଗୁଡିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଇ ଦେଇଛନ୍ତି। ଏଥିସହ ଜିଲା ରେଡକ୍ରସ୍ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜନଶୁଣାଣି ଶିବିର ସରିବା ପରେ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଜିଲାପାଳ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଡାକ୍ତରମାନେ ନିୟମିତ ରହୁ ନ ଥିବା ଅଭିଯୋଗ ଉପରେ ଜିଲାପାଳ ବିରକ୍ତି ପ୍ରକାଶ କରିବା ସହ ସପ୍ତାହ ୭ ଦିନ ଯାକ ସ୍ଥାନୀୟ ଅଞ୍ଚଳରେ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ନେହେରୁ ସେବା ସଂଘ ଯାଇ ଜଳବନ୍ଦୀ ସମସ୍ୟା ବୁଲି ଦେଖିଥିଲେ। ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପ ଜିଲାପାଳ ଆଇ.ଗୌରବ ଶିବାଜୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟଙ୍କ ସମେତ ତହସିଲଦାର କୁଞ୍ଜବିହାରୀ ବଡଜେନା ଉପସ୍ଥିତ ଥିଲେ ।

## ୬୨୮ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ହୋଇଛି ୧୪୫

**ଜଟଣୀ,୧୭।୮(ଡି.ଏନ୍.ଏ.)**

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ

ଜଟଣୀ ଏନ୍‌ଏସି ଅଞ୍ଚଳରେ ବ୍ଲକ୍‌ସ୍ତରୀୟ ସାମାଜିକ ସୁରକ୍ଷାକୁ ନେଇ ଏକ ବୈଠକ ବୁଧବାର ଏନ୍‌ଏସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଅମ୍ବୁଡ୍‌ସ ଖୋର୍ଦ୍ଧା, ମଣ୍ଡଳ ଉନ୍ନୟନ ଅଧିକାରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଜଟଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟଙ୍କ ସହିତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ କର୍ମଚାରୀ ଯୋଗଦେଇଥିଲେ। ଏମ୍‌ଜି ଏନ୍‌ଆର୍‌ଇଜିଏସ୍, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ପଞ୍ଚଦଶ ଅର୍ଥ କମିଶନ ବିଷୟରେ ଆଲୋଚନା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୦୨୧-୨୨ଆର୍ଥିକ ବର୍ଷରେ ମୋଟ ୧୨୨୦୪୧ ଶ୍ରମ ଦିବସ ସୃଷ୍ଟି କରାଯାଇ ୧୦୧ ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷରେ ସର୍ବମୋଟ ୬୨୮ଟି ପ୍ରକଳ୍ପ ହାତକୁ ନିଆ ଯାଇଥିବାବେଳେ ସେଥିମଧ୍ୟରୁ ୧୪୫ଟି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ୪୮୩ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ମୋଟ ୩୭୯୯ ହିତାଧିକାରୀ ମଧ୍ୟରୁ ୮୦ବର୍ଷରୁ ଊର୍ଦ୍ଧ୍ୱ ୪୦ଜଣ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ୨୭୧୮ ଏବଂ ୮୮୪ ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଏବଂ ୧୫୩ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇଥିବା ବ୍ଲକ ପ୍ରଶାସନ ସୂଚନା ପ୍ରଦାନ କରିଛନ୍ତି। ପଞ୍ଚଦଶ ଅର୍ଥ କମିଶନରେ ୨୦୨୧-୨୨ ଆର୍ଥିକ ବର୍ଷରେ ୨୦,୬୨,୨୮ ଟଙ୍କା ବ୍ୟୟରେ ୧୧୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।



ବ୍ଲକସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଶ୍ରମିକ ୟୁନିୟନ ମହିଳା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ

**ଜଟଣୀ,୧୭।୮(ଡି.ଏନ୍.ଏ.)**

ଅଲ୍ ଇଣ୍ଡିଆ ରେଲୱେ ମେନ୍ସ ଫେଡେରେଶନର ଆହ୍ୱାନକ୍ରମେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ମହିଳା ଶାଖା ତରଫରୁ ବିଭିନ୍ନ ଦାବି ନେଇ ବୁଧବାର ଏକ ଦାବିପତ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଖୋର୍ଦ୍ଧା ମଣ୍ଡଳର ମଣ୍ଡଳ ପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ, ଭାରତୀୟ ରେଳ ବିଭାଗରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କୁ ଶିଶୁ ଯତ୍ନ ଉଦ୍ଦେଶ୍ୟରେ ୩୬୫ଦିନର ଅତିରିକ୍ତ ଛୁଟି ମଞ୍ଜୁରୀର ବ୍ୟବସ୍ଥା ରହିଛି, ଯେଉଁଥିରେ ପ୍ରଥମ ବର୍ଷରେ ଶତପ୍ରତିଶତ ଦରମା ଏବଂ ଦ୍ୱିତୀୟ ବର୍ଷରେ ୮୦ ପ୍ରତିଶତ ଦରମା ଦେବାର ବନ୍ଦୋବସ୍ତ କରାଯାଇଛି। ଦ୍ୱିତୀୟ ବର୍ଷରେ ମିଳୁଥିବା ୮୦ ପ୍ରତିଶତ ଦରମାକୁ ବିରୋଧ ଏବଂ ବିଭିନ୍ନ ଦାବି ନେଇ ସଂଗଠନର ମହିଳା କର୍ମଚାରୀମାନେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ। ପୂର୍ବତଟ ଜୋନର ତିନୋଟି ମଣ୍ଡଳ ତଥା ଖୋର୍ଦ୍ଧା, ସମ୍ବଲପୁର, ବିଶାଖାପାଟଣାରୁ ବହୁ ମହିଳା କର୍ମଚାରୀଙ୍କ ଦସ୍ତଖତକୁ ସମ୍ମିଳିତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ଜୋନାଲ ମହିଳା ଅଧ୍ୟକ୍ଷ ଇତିଶ୍ରୀ ନିବେଦିତା, ବିଥିକା ପଣ୍ଡା, କୁମୁଦିନୀ ରାଉତରାୟ, ସବିତା ବେହେରା, ଶୁଭଶ୍ରୀ ଦାସ, ପ୍ରୀତିମୟୀ ସାହୁ, ନଳିନୀପ୍ରଭା ଷଡଙ୍ଗୀ, ଲକ୍ଷ୍ମୀପ୍ରିୟା ମିଶ୍ର, ପ୍ରଣତି ପଟ୍ଟନାୟକ, ସଂଯୁକ୍ତା ମହାନ୍ତି, ଏନ୍. ଯଶୋଦା, ପି.ରମାଲକ୍ଷ୍ମୀ, ଲିତା ମହାନ୍ତି, ଏମ୍.ଏସ୍. ସୌମ୍ୟା ପ୍ରମୁଖ କର୍ମଚାରୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ରେଲୱେ ଶ୍ରମିକ ୟୁନିୟନର ମହିଳାମାନେ ଖୋର୍ଦ୍ଧା ମଣ୍ଡଳର ମଣ୍ଡଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦେଉଛନ୍ତି।

## ୧୬୮୫ ହେକ୍ଟର ଧାନ ତଳି ନଷ୍ଟ ଆଶଙ୍କା

**ବେଗୁନିଆ,୧୭।୮(ଡି.ଏନ୍.ଏ.)**

### ଜାତୀୟ ରାଜପଥ ଉପରେ ୩ ଫୁଟର ଜଳ ପ୍ରବାହିତ

ମହାନଦୀରେ ବଡ଼ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳର ଗ୍ରାମ ଜଳମଗ୍ନ ହୋଇଥିବାବେଳେ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ବେଗୁନିଆ ବ୍ଲକର ବହୁ ଜମିରେ ଧାନ ତଳି ବୁଡି ରହିଛି। ବିଶେଷ କରି ବ୍ଲକର ୬ଟି ପଞ୍ଚାୟତ ଅଞ୍ଚଳର ୧୬୮୫ ହେକ୍ଟର ଜମିରେ ଧାନ ତଳି ନଷ୍ଟ ହେବ ବୋଲି ବୁଧବାର ହୋଇଥିବା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି। ଫଳରେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଉପରେ ୩ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ତଳି ଅଞ୍ଚଳର ୩ଟି ସାହିକୁ ଜଳ ଘେରିବାକୁ ବସିଛି।

ପ୍ରକାଶଥାଉକି, ବାଘମାରୀରୁ ବାଙ୍କୀ ମହାନଦୀକୁ ସଂଯୋଗ କରିଥିବା ପାଟବନ୍ଧରେ ବନ୍ୟା ଜଳ ଆସିବା ଫଳରେ ପାର୍ଶ୍ୱବର୍ତ୍ତୀ ଚାଷ ଜମିଗୁଡିକ ଦୁଇ ଦିନ ହେଲା ଜଳମଗ୍ନ ହୋଇରହିଛି। ପୋଡାଡିହ, ପଙ୍ଗାରସିଂହ, ସାରୁଆ, ବାଘମାରୀ, ସିମୋର ଏବଂ ଦୁର୍ଗାପୁର ପଞ୍ଚାୟତର ୧୬୮୫ ହେକ୍ଟର ଜମିରେ ଧାନ ତଳି ନଷ୍ଟ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜଳ ବହୁଦିନ ଧରି ଚାଷ ଜମି ଉପରେ ମାଡ଼ି ରହିବାର ଆଶଙ୍କା ରହିଛି। ତେବେ ଧାନ ତଳି ଅଧିକ କ୍ଷତି ହେବାର ଆଶଙ୍କା କରାଯାଉଛି। ସେହିପରି ସାନତୁଳସୀପୁର, ପାଇକ ସାହି, ପୋଡାଡିହ ଗୋଖାସାହି, ବାଘମାରୀ ଆଦିବାସୀ ସାହିକୁ ଜଳ ଘେରି ରହିଲାଣି। ତେବେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ବ୍ଲକ ପ୍ରଶାସନ ତରଫରୁ ବନ୍ଦୋବସ୍ତ କରାଯାଇଛି। ସେହିପରି ବାଙ୍କୀ -ସିମୋର ପୂର୍ତ୍ତ ବିଭାଗ ରାସ୍ତାର ପୋଡାଡିହ ମା' ମଙ୍ଗଳା ମନ୍ଦିର ନିକଟରେ ୨ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଅତ୍ରି-କରଡଗାଡିଆ ରାସ୍ତା ଉପରେ ମଧ୍ୟ ୨ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି। ଖୋର୍ଦ୍ଧା -ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅଧୀନ ବାଘମାରୀ-ସାରୁଅ ରାସ୍ତା ଉପରେ ୩ଫୁଟ ଉଚ୍ଚତାର ଜଳ ପ୍ରବାହିତ ହେଉଛି। ଫଳରେ ବୁଧବାର ସକାଳ ପ୍ରାୟ ସାଢେ ୯ଟାରୁ ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ବିଡିଓ ଲକ୍ଷ୍ମୀଧର ସାହୁ ପହଞ୍ଚି ବିପନ୍ନ ଲୋକଙ୍କ ସହିତ ଆଲୋଚନା କରିବା ସହ କେତେକ ଦୁର୍ଗମ ରାସ୍ତାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ପୋଲିସ ପକ୍ଷରୁ କ୍ରସ୍ ଡାଇଭରସନ ବ୍ୟବସ୍ଥା କରାଯାଇଛି। ସେହିପରି ପୋଡାଡିହ ପଞ୍ଚାୟତ ଦିନିଆରୀ ଗାଁର ଗୋରୁ ପାଳନ କରୁଥିବା ଲୋକେ ଗୋ ଖାଦ୍ୟ ପାଇଁ ବିଡିଓଙ୍କ ନିକଟରେ ନିବେଦନ କରିଛନ୍ତି। ଖାଦ୍ୟ ଯୋଗାଇ ଦେବା ପାଇଁ ସାହୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ୨୫ ମହିଳା ପାଇଲେ ଆର୍ଥିକ ସହାୟତା

**କଟକ ସଦର,୧୭।୮(ଡି.ଏନ୍.ଏ.):** କଟକ ସଦର ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବିଡିଓ ରାଜୀବ ଲୋଚନ ପରିଡ଼ା, ପ୍ରମୋଦ ମହାପାତ୍ର, ସୋନାଲି ପ୍ରିୟଦର୍ଶିନୀ,ବିଭୂତି ଭୂଷଣ ପରିଡ଼ା, ସମର ବେହେରା, ରଜନୀକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଜୀବିକା ମିଶନ ପକ୍ଷରୁ ୨୫ ଜଣ ମହିଳାଙ୍କୁ ମୋବାଇଲ କ୍ରୟ ବାବଦକୁ ୫ ହଜାର ଓ ପୋଷାକ ପାଇଁ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା।

### ବ୍ରହ୍ମା ଗୋସାଇଁ ପୀଠରେ ଚାରା ରୋପଣ

**ସାଲେପୁର,୧୭।୮(ଡି.ଏନ୍.ଏ.):** ସାଲେପୁର ହାଇସ୍କୁଲ ୧୯୯୪ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ବ୍ରହ୍ମା ଗୋସାଇଁଙ୍କ ପୀଠ (ବ୍ରହ୍ମାବଣ)ରେ ଚାରା ରୋପଣ ସ ବନ୍ଧୁମିଳନ ଶ୍ୟାମସୁନ୍ଦର ଦୀକ୍ଷିତ ଓ ପ୍ରତ୍ୟୁଷ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର ମାନସ ମହାରଣା, ହୃଷିକେଶ ମଲ୍ଲିକ, ସ୍ୱରୂପ କୁମାର ମଲ୍ଲ, ଧୀରେନ୍ଦ୍ର କୁମାର ସାହୁ, ସନ୍ଦୀପ ଷଡ଼ଙ୍ଗୀ, ଓମନାଥ ସିଂହ, ଡଃ ରାଜେଶ ସାହୁ, ନିହାରୀକା ମହାପାତ୍ର, ମଧୁସ୍ମିତା ଦାଶ, ରଶ୍ମିରେଖା ଭାରତୀ, ଜ୍ୟୋତ୍ସ୍ନାରାଣୀ ରାଉତଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୪୦ରୁ ଉର୍ଦ୍ଧ୍ୱ ନଡ଼ିଆ, ଗୁଆ ସମେତ ବହୁ ଔଷଧୀୟ ଚାରା ରୋପଣ କରାଯାଇଥିଲା। ନେମାଳ କଲେଜର ପ୍ରାଧ୍ୟାପକ ବିପିନ ବିହାରୀ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଗୋବିନ୍ଦ ଚନ୍ଦ୍ର କାଣ୍ଡି, ରାମଚନ୍ଦ୍ର ସାମଲ, ଶିବାନନ୍ଦ ସାମଲ, ଗୋପାଳ କାଣ୍ଡି, କାଳନ୍ଦୀ ଦୀକ୍ଷିତ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ



**ସାଲେପୁର,୧୭।୮(ଡି.ଏନ୍.ଏ.):** ମହାନଦୀରେ ବନ୍ୟା ଆସି ସାଲେପୁର ବ୍ଲକ୍‌ର ସୁଦ୍ଧଖଣ୍ଡ ପଞ୍ଚାୟତର ପ୍ରାୟ ୧୫୦ପରିବାର ପାଣିଘେରରେ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ବିପନ୍ନ ପରିବାରଙ୍କୁ ବୁଧବାର ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିବା ପରେ ଖାଲୁଆ ଅଞ୍ଚଳରେ ପାଣି ପଶିଯାଇଛି। ସେହିପରି ସାଲେପୁର ବ୍ଲକ୍‌ର ସୁଦ୍ଧଖଣ୍ଡ ପଞ୍ଚାୟତରେ ଥିବା କୁଳସମିତଙ୍ଗା ଓ ପଟଣା ଗାଁରେ ମହାନଦୀର ବନ୍ୟାଜଳ ପ୍ରବେଶ କରିବା ସହ ଦାଣ୍ଡରେ ପ୍ରାୟ ୩ ଫୁଟର ବନ୍ୟାଜଳ ଲହଡ଼ି ମାରୁଛି। ଫଳରେ ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ମଙ୍ଗଳବାର ରାତିରେ ସମ୍ପୃକ୍ତ ଗ୍ରାମର ପ୍ରାୟ ୧୫୦ ପରିବାରଙ୍କୁ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ଖବରପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କିଶୋରନଗର ତହସିଲଦାର ଓ ଉପଜିଲାପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ପଞ୍ଚାୟତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଜ୍ଞାନରେ ଅଙ୍କିତ, କଳାରେ ସୁଦୀପ୍ତା, ବାଣିଜ୍ୟରେ ଶିବଙ୍କୁ ଶ୍ରେଷ୍ଠ ସ୍ଥାନ

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ**



କଟକ ଅତିରିକ୍ତ ଉପଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଅନ୍ୟମାନେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।



ଅଙ୍କିତ କୁମାର ପ୍ରଧାନ



ସୁଦୀପ୍ତା ବେହେରା



ଶିବ ଶଙ୍କର ବେହେରା

**ବାଙ୍କୀ,୧୭।୮(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ଡିଗ୍ରୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। କଲେଜ ସଭାଗୃହରେ ପରୀକ୍ଷା ଫଳକୁ କଲେଜ ପରିଚାଳନା କମିଟିର ସଭାପତି ତଥା କଟକର ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରକାଶ କରିଥିଲେ। ବିଜ୍ଞାନରେ ୯୭.୧ %, କଳାରେ ୮୮.୩ % ଓ ବାଣିଜ୍ୟରେ ୭୫.୪ % ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଅଙ୍କିତ କୁମାର ପ୍ରଧାନ (ରସାୟନ ବିଜ୍ଞାନ) ୨୬୦୦ ନମ୍ବରରୁ ୨୩୧୭ ନଂ. ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସେହିପରି କଳା (ଶିକ୍ଷା)ରେ ସୁଦୀପ୍ତା ବେହେରା ୨୬୦୦ ନମ୍ବରରୁ ୨୨୬୩ନଂ. ରଖିଛନ୍ତି, ବାଣିଜ୍ୟରେ ଶିବଶଙ୍କର ବେହେରା ୨୬୦୦ ନମ୍ବରରୁ ୨୦୭୭ ନଂ. ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଜୈବ ବିଜ୍ଞାନ ବିଭାଗରେ ଚିନ୍ମୟୀ ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ଟଲିନା ସ୍ୱୟଂପ୍ରଭା ମହାନ୍ତି, କମ୍ପ୍ୟୁଟର ବିଜ୍ଞାନରେ ବିଶ୍ୱରଞ୍ଜନ ସାହୁ, ଭୂତତ୍ତ୍ୱ ବିଜ୍ଞାନରେ ଅରଜିତ ଦଳାଇ, ଗଣିତରେ ପ୍ରିୟଦର୍ଶନୀ ସ୍ୱାଇଁ, ପଦାର୍ଥ ବିଜ୍ଞାନରେ ଆଶୁତୋଷ ପଣ୍ଡା, ପ୍ରାଣୀ ବିଜ୍ଞାନରେ ଶୁଭସ୍ୱପ୍ନା ଆଚାର୍ଯ୍ୟ, ଅର୍ଥନୀତିରେ ରାଜଲକ୍ଷ୍ମୀ ସାହୁ, ଇଂରାଜିରେ ଶକ୍ତି ସ୍ୱରୂପା ମହାପାତ୍ର, ଇତିହାସରେ ଅନସୂୟା ମହାରଣା, ଗୃହ ବିଜ୍ଞାନରେ ରୋନାଲିସା ସାହୁ, ଓଡ଼ିଆରେ ହରିହର ମହାନ୍ତି, ଦର୍ଶନ ଶାସ୍ତ୍ରରେ ରଞ୍ଜିତା ପ୍ରିୟଦର୍ଶନୀ ସାହୁ, ରାଜନୀତି ବିଜ୍ଞାନରେ ରୀତାଲି ପରିଡା, ମନସ୍ତତ୍ତ୍ୱରେ ରଚିତା ଦାସ, ସଂସ୍କୃତରେ ଇପ୍ସିଲିତା ପ୍ରିୟଦର୍ଶିନୀ, ସମାଜ ବିଜ୍ଞାନରେ ଲିଜା ସ୍ୱାଇଁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ବେଳେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାଶ, ଉପପରୀକ୍ଷା ନିୟନ୍ତ୍ରକ ଡ.ମୁରଲୀଧର ରଥ ଓ ଅଧ୍ୟାପକ ରତ୍ନାକର ଦାଶ, ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ପରୀକ୍ଷା ଦାୟିତ୍ୱରେ ଥିବା ବୃନ୍ଦାବନ ପ୍ରଧାନ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମୋବାଇଲ, ଅଳଙ୍କାର ଜବତ: ୨ କୋର୍ଟ ଚାଲାଣ

**କଟକ ଅଫିସ,୧୭।୮**

ଚୋରି ଅଭିଯୋଗରେ ମଧୁପାଟଣା ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ସେକ୍‌ବଜାର ଅଞ୍ଚଳର ସେକ୍ ରଫିକ୍ ଓ ସେକ୍ ଆସିକ୍। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ୍, ଏକ ହଳ ରୁପା ଅଳଙ୍କାର ଜବତ କରାଯାଇଛି। ଏନେଇ ଥାନାରେ କେଶ ନଂ ୨୧୬/୨୦୨୨ ରୁଜୁ ହୋଇଛି। ମଧୁପାଟଣା ଥାନା ଅନ୍ତର୍ଗତ କଷ୍ଟିଲୋ ଲେନ୍-୧ର ପବିତ୍ରା ପରିଡ଼ାଙ୍କ ଘରୁ ଗତ ଜୁଲାଇ ୨୩ ତାରିଖ ରାତିରେ ଦୁର୍ବୃତ୍ତମାନେ ଦୁଇଟି ମୋବାଇଲ ଫୋନ, ୯ ହଜାର ଟଙ୍କା, ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୧୬/୨୨)ରୁଜୁକରିଥିଲା।

# ବାଲିଯାତ୍ରା ପଡ଼ିଆ ସଫା କଲେ ଏନ୍‌ସିସି କ୍ୟାଡେଟ୍




କଟକ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ପୁନିତ ସାଗର ଅଭିଯାନରେ ଯୋଗଦେଇଥିବା ଅତିଥିମାନେ।

**କଟକ ଅଫିସ, ୧୭।୮**

**ପୁନିତ ସାଗର ଅଭିଯାନ**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ ଓଡ଼ିଶା ପକ୍ଷରୁ ଗତ ୧୨ ତାରିଖରୁ ପୁନିତ ସାଗର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯିବ। ଏହି ଦିନଗୁଡ଼ିକ ମଧ୍ୟରେ କଟକ ଏନ୍‌ସିସି ଗ୍ରୁପ୍ ପକ୍ଷରୁ ପାରାଦୀପ, ବାଲେଶ୍ୱର ବେଳାଭୂମି, କଟକ ବାଲିଯାତ୍ରା ପଡ଼ିଆ ସହ ସଂଲଗ୍ନ ମହାନଦୀ କୂଳକୁ ସଫା କରିବା ସହିତ ସ୍ୱଚ୍ଛ ସମୁଦ୍ର ବେଳାଭୂମି ତଥା ଅନ୍ୟାନ୍ୟ ଜଳସ୍ରୋତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର କଟକ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଲ୍‌ଭର ସିଟି, କ୍ରୀଡ୍ ବୁଲ୍, କଟକ ମହାନଗର ନିଗମ(ସିଏମ୍‌ସି) କର୍ମଚାରୀ, ଏନ୍‌ସିସି ଅଧିକାରୀ ଏବଂ କର୍ମଚାରୀ ଓ ୟୁନିଟ୍‌ର ୪୫୦ କ୍ୟାଡେଟ୍ ମହାନଦୀ କୂଳ ବାଲିଯାତ୍ରା ପଡ଼ିଆ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ୟୁଏନ୍‌ଡିପି ଓଡ଼ିଶା ଅଫିସ ମୁଖ୍ୟ ଆଭା ମିଶ୍ର, ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ସୋମେନ୍ ବାନାର୍ଜୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭାଇସ୍ ପ୍ରେସିଡେଣ୍ଟ ଅର୍ଜୁନ ନନ୍ଦା ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏନ୍‌ସିସି ପକ୍ଷରୁ ସ୍ୱଚ୍ଛ ସମୁଦ୍ର କୂଳ, ବେଳାଭୂମି, ନଦୀ ଓ ଜଳପ୍ରବାହ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ପୁନିତ ସାଗର ଅଭିଯାନ ଆରମ୍ଭ ହୋଇଯାଇଛି। ଏଥିସହ ପ୍ଲାଷ୍ଟିକମୁକ୍ତ ବିଚାରକୁ ଅଗ୍ରାଧିକାର ଦିଆଯିବା ସହ ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା ସୃଷ୍ଟି କରାଯାଉଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**କଟକ ସଦର,୧୭।୮(ଡି.ଏନ୍.ଏ.)**

ପୋଖରୀରେ ବୁଡ଼ି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ସେକ୍ ସାହିଦ୍। ସେ ଘର ନିକଟ ପୋଖରୀରେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## 'ଆଇନଜୀବୀ ଯିଶୁକ୍ରିଷ୍ଟଙ୍କ ବିୟୋଗ ବିଚାର ବିଭାଗରେ ବିରାଟ କ୍ଷତି'

**କଟକ ଅଫିସ, ୧୭।୮**

କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ୍‌ର ପ୍ରଥମ ନିର୍ବାଚିତ ସମ୍ପାଦକ ଆଇନଜୀବୀ ଯିଶୁକ୍ରିଷ୍ଟ କାନୁନ୍‌ଗୋଙ୍କ ବିୟୋଗରେ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ବାର୍ ଆସୋସିଏଶନ, ଏମ୍.ଭି. ବାର୍ ଆସୋସିଏଶନ ଓ ରାଜସ୍ୱ ପର୍ଷଦ ବାର୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ଶୋକସଭା ହୋଇଥିଲା। ରାଜସ୍ୱ ପର୍ଷଦ ବାର୍ ଆସୋସିଏଶନ ସଭାପତି ଦେବାଶିଷ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଟକ ଜିଲା ଓ ଦୌରାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ ଯୋଗଦେଇ କାନୁନ୍‌ଗୋଙ୍କ ବିୟୋଗ ବିଚାର ବିଭାଗରେ ବିରାଟ କ୍ଷତି ବୋଲି କହିଥିଲେ। ଏଥିରେ ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ସଭ୍ୟ ସଉରଚନ୍ଦ୍ର ମହାପାତ୍ର, କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ମନୋଜ କୁମାର ମହାପାତ୍ର, କଟକ ବାର୍ ଆସୋସିଏଶନ ଉପସଭାପତି ଚୌଧୁରୀ ବସନ୍ତ ପ୍ରହରାଜ, ସମ୍ପାଦକ ଦିଲ୍ଲୀପ କୁମାର ମହାରଣା, ରାଜସ୍ୱ ପର୍ଷଦ ବାର୍ ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ପରିଡ଼ା, ଏମ୍.ଭି. ବାର୍ ଆସୋସିଏଶନ ସମ୍ପାଦକ ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କାନୁନ୍‌ଗୋଙ୍କ ସ୍ମୃତିଚାରଣ କରିଥିଲେ। କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ପୁନିଲ ସ୍ୱାଇଁ, କୋଷାଧ୍ୟକ୍ଷ ଜଗନ୍ନାଥ ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ମହେନ୍ଦ୍ର ସୁବୁଦ୍ଧି, ସମ୍ବିତ ବିଶ୍ୱାଳ, ସୁଧାଂଶୁ ଶେଖର ମଲ୍ଲିକ, ନିରଞ୍ଜନ ବେହେରା ଓ ତାପସ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଭେନ୍‌ଶା ପ୍ରଥମ, ଜେକେବିକେ ଦ୍ୱିତୀୟ

**କଟକ ଅଫିସ,୧୭।୮**

**ପ୍ରକାଶ ପାଇଲା ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା**

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ ୨ରେ ନାମ ଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ବୁଧବାର ପ୍ରକାଶ ପାଇଛି। କଟକ ସହରରେ ସର୍ବାଧିକ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସବୁଠାରୁ ଅଧିକ କଟ୍ ଅଫ୍ ମାର୍କ ରହିଛି । ଏଠାରେ ପ୍ରଥମ ପର୍ଯ୍ୟାୟରେ କଳା ପାଇଁ ୮୩.୩୩%, ବାଣିଜ୍ୟରେ ୮୪.୧୭% ଓ ବିଜ୍ଞାନରେ ୯୪. ୩୩% କଟ୍ ଅଫ୍ ମାର୍କ ରହିଛି । ଜାତୀୟ କବି ବୀରକିଶୋର(ଜେକେବିକେ)ରେ କଳାରେ ୭୯.୧୭%, ବାଣିଜ୍ୟରେ ୭୮.୧୭% ଓ ବିଜ୍ଞାନରେ ୯୧ % କଟ୍ ଅଫ୍ ମାର୍କ ଅଛି। ସେହିପରି ଶୈଳବାଳାରେ କଳାରେ ୭୯%, ବାଣିଜ୍ୟରେ ୭୮.୧୭% ଓ ବିଜ୍ଞାନରେ ୮୮.୮୩% କଟ୍ ଅଫ୍ ମାର୍କ ରହିଛି। ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୮୬.୪୦% କଟ୍ ଅଫ୍ ମାର୍କ ରଖାଯାଇଛି। ଖ୍ରୀଷ୍ଟ ମହାବିଦ୍ୟାଳୟର କଳା ପାଠ୍ୟକ୍ରମରେ ୭୩.୩୩%, ବାଣିଜ୍ୟରେ ୬୬.୬୭% ଓ ବିଜ୍ଞାନରେ ୮୨.୩୩% କଟ୍ ଅଫ୍ ମାର୍କ ରଖାଯାଇଛି। ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର କଳାରେ ୬୮.୫୦%, ବାଣିଜ୍ୟରେ ୪୭.୨୦% ଓ ବିଜ୍ଞାନରେ ୭୪.୮୩% କଟ୍ ଅଫ୍ ମାର୍କ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ରହିଛି। ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟର କଳାରେ ୬୮.୬୭% , ବାଣିଜ୍ୟରେ ୩୩% ଓ ବିଜ୍ଞାନରେ ୭୭% କଟ୍ ଅଫ୍ ମାର୍କ ରହିଛି। ସେହିପରି ରଘୁନାଥଜୀଉ ଜୁନିୟର କଲେଜର କଳାରେ ୬୨.୧୭%, ବାଣିଜ୍ୟରେ ୩୩% ଓ ବିଜ୍ଞାନରେ ୭୨% କଟ୍ ଅଫ୍ ମାର୍କ ରହିଛି। ନୂଆବଜାରସ୍ଥିତ କଟକ ମହାବିଦ୍ୟାଳୟରେ ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ, କଳାରେ ୫୮.୧୭%, ବାଣିଜ୍ୟରେ ୪୦.୩୦% ଓ ବିଜ୍ଞାନରେ ୫୫. ୮୩ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି।

## ଭାସି ଆସିଥିବା ଗୋରୁଙ୍କୁ ନେଇ ଚିନ୍ତା



ବନ୍ୟାଜଳରେ ଭାସି ଆସିଥିବା କାମୁଡ଼ା ଗୋରୁଙ୍କୁ ଗୋଶାଳାକୁ ଗାଡ଼ିରେ ପଠାଯାଉଛି।

**ସାଲେପୁର,୧୭।୮(ଡି.ଏନ୍.ଏ.)**

**ଗୋଶାଳାକୁ ପଠାଗଲା କାମୁଡ଼ା ଗୋରୁ**

ଚିତ୍ରୋତ୍ପଳା ନଦୀ ବନ୍ୟାଜଳରେ ଭାସି ଆସିଥିବା ଗୋରୁ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି। ସେମାନେ ଲୋକମାନଙ୍କୁ କାମୁଡ଼ି ଗୋଡାଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବନ୍ୟାଜଳରେ ଭାସି ଆସିଥିବା ୪ରୁ ୫ଟି ଗୋରୁ ସାଲେପୁର କଲେଜ ନିକଟସ୍ଥ ପଠାରେ ଲାଗିବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ସେହି ଗୋରୁ ଲୋକମାନଙ୍କୁ କାମୁଡ଼ି ଗୋଡ଼ାଇବା ସହ ଆକ୍ରମଣ କରିଥିଲେ। ଏଥିରେ ମାଛୁଆତି ଗ୍ରାମର ସରୋଜ ମଲ୍ଲିକ, ରଙ୍ଗ ମଲ୍ଲିକ, ବାଲିସାହି ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ବାରିକ ଆହତ ହୋଇଛନ୍ତି। ରଙ୍ଗ ମଲ୍ଲିକଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ସାମାଜିକ କର୍ମୀ ସାବିତ୍ରୀ ପଣ୍ଡା, ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କୁ ଏ ସମ୍ପର୍କରେ ଖବର ଦେବା ପରେ ସେମାନେ ମାଛୁଆତି ଗାଁରେ ପହଞ୍ଚି ସେହି ଗୋରୁଙ୍କୁ ଗୋଶାଳାରେ ଭର୍ତ୍ତି କରିଛନ୍ତି।

# 'ଜ୍ଞାନର ବିକାଶ ପାଇଁ ପ୍ରତିଯୋଗିତା ଆବଶ୍ୟକ'

**ମଙ୍ଗୁଳି,୧୭।୮(ଡି.ଏନ୍.ଏ.)**

**ବ୍ରହ୍ମଗୁପ୍ତ ଗଣିତ ମେଧା ଅନ୍ୱେଷଣ ସମ୍ମାନ**

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଟାଙ୍ଗୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବ୍ରହ୍ମଗୁପ୍ତ ଗଣିତ ମେଧା ଅନ୍ୱେଷଣ ସମ୍ମାନ ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗଙ୍ଗାଧର ବେହେରା, ମୁଖ୍ୟବକ୍ତା ବିଶିଷ୍ଟ କବି ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ପୃଷ୍ଟି, ଦୁଃଖେଦ ସାହୁ ପ୍ରମୁଖ ଯୋଗଦେଇ ଜ୍ଞାନର ବିକାଶ ପାଇଁ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ପ୍ରତିଯୋଗିତା କରାଯିବା ଆବଶ୍ୟକ। ଅନୁଷ୍ଠାନର ସଂଯୋଜକ କ୍ଷେତ୍ରବାସୀ ବରାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିବାବେଳେ ସଭାପତି ଜିତେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭାଶିଷ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ସଭାପତି ସେକ୍ ଅବ୍‌ଦୁଲ କଲିମ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳର ଆଧ୍ୟାତ୍ମିକବାଦୀ ତଥା ଆକାଶବାଣୀର ଗୀତିକାର ସ୍ୱର୍ଗତ ଲୋକନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। କୃତି ଛାତ୍ରୀଛାତ୍ର ରୁଦ୍ର ପ୍ରସାଦ ସାହୁ, ପ୍ରଜ୍ଞାଶ୍ରୀ ପଣ୍ଡା ଓ ଅନିଶ ଦାସଙ୍କୁ ମେଧାବୃତ୍ତି ସହ ଅନ୍ୟ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁ, ବୀରେନ୍ଦ୍ର ମହାନ୍ତି ଓ ଚିନ୍ମୟ ସ୍ୱାଇଁଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଶିନାହାକାଣୀ ହାଇସ୍କୁଲ ପରିସରରେ ସପ୍ତାହେ ବ୍ୟାପୀ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ବିଶୋଇଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା।




ଜନ୍ମାଷ୍ଟମୀ ଉପଲକ୍ଷେ କଟକ ବଜ୍ରକବାଟି କେନାଲ ରୋଡ୍‌ଠାରେ ଥିବା ଏକ ଦୋକାନରେ ବିକ୍ରି ପାଇଁ ଜଣେ ବ୍ୟବସାୟୀ ରାଧାକୃଷ୍ଣଙ୍କ ମୂର୍ତ୍ତି ସଜ୍ଜିତ କରି ରଖୁଛନ୍ତି।

# ଲାଇସେନ୍ସପ୍ରାପ୍ତ ସାର ଦୋକାନ ସମ୍ବନ୍ଧରେ ଅବଗତ ନାହାନ୍ତି ଚାଷୀ

**କଟକ ସଦର,୧୭।୮(ଡି.ଏନ୍.ଏ.)**

**କଟକ ସଦର ବ୍ଲକ ଅଞ୍ଚଳରେ ରାସାୟନିକ ସାର ଅଭାବ**

ଖରିଫ ଋତୁରେ ଧାନଚାଷ ସମେତ ବର୍ଷା ଦିନିଆ ପରିବା ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସବ୍‌ସିଡିରେ ରାସାୟନିକ ସାର ଯୋଗାଇ ଦିଆଯାଉଛି। ଏଥିପାଇଁ ବିଭିନ୍ନ ପଞ୍ଚାୟତରେ ସୁଲଭ ମୂଲ୍ୟରେ ସାର ଓ କୀଟନାଶକ ଔଷଧ ଦୋକାନ ଖୋଲିବା ପାଇଁ କୃଷି ବିଭାଗ ଲାଇସେନ୍ସ ପ୍ରଦାନ କରିଛି। ହେଲେ ଏହି ଦୋକାନ ସମ୍ବନ୍ଧରେ ଚାଷୀମାନେ ଅବଗତ ନାହାନ୍ତି। ଫଳରେ ଲାଇସେନ୍ସପ୍ରାପ୍ତ ଦୋକାନରୁ ମଧ୍ୟ ଅଧିକ ଦାମ୍‌ରେ ସାର କିଣିବା ପାଇଁ ବାଧ୍ୟ ହେଉଥିବା ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଉକ୍ତ ବ୍ଲକ ଅଞ୍ଚଳରେ ସାରର କୃତ୍ରିମ ଅଭାବ ଦେଖାଦେଇଛି। ସରକାରୀ ଦରରେ ୪୫ କିଲୋ ୟୁରିଆ ସାର ମୂଲ୍ୟ ୨୬୬ ଟଙ୍କା ୫୦ ପଇସା, ନାନୋ ୟୁରିଆ ତରଳ ଲିଟର ପିଛା ୨୪୦ ଟଙ୍କା, ଡିଏପି ୫୦ କିଲୋ ବସ୍ତା ୧୩୫୦ ଟଙ୍କା, ଏମ୍‌ଓପି ୫୦ କିଲୋ ବସ୍ତା ୧୭୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି। ଏହି ଦରରେ ସାର ବିକ୍ରି ପାଇଁ କଟକ ସଦର ବ୍ଲକ ଅଧୀନ କନ୍ଦରପୁର ଓ ବ୍ରହ୍ମପୁର ପଞ୍ଚାୟତରେ ୪ଟି ଲେଖାଏ, କିଶୋର ନଗର, ନିମେଇସାପୁର, ଉରାଳି, ଧରିଣା, ବୋଧପୁର, ଖଣ୍ଡେଇତା ପଞ୍ଚାୟତରେ ଦୁଇଟି ଲେଖାଏ, ଆୟଉପୁର, ବାରଦା, ଦଧିବାମନପୁର, ଅରିଲୋ, କୁଳସରିଚୁଆଁ, କଳପଡ଼ା ପଞ୍ଚାୟତରେ ଗୋଟିଏ ଲେଖାଏ ସରକାରୀ ଲାଇସେନ୍ସପ୍ରାପ୍ତ ସାର ଦୋକାନ ରହିଛି। ମାତ୍ର କୌଣସି ଦୋକାନର ସୂଚନା ଫଳକରେ ସରକାରୀ ମାନ୍ୟତାପ୍ରାପ୍ତ ବୋଲି ଲେଖାଯାଇନାହିଁ। କିନ୍ତୁ ଚାଷୀମାନେ ଏହାକୁ ଘରୋଇ ଦୋକାନ ଭାବି ଅଧିକ ଦରରେ ସାର କିଣୁଛନ୍ତି। ନଚେତ ଚାଷ ପାଇଁ ସମୟ ଗଡ଼ିଯିବ। ଅଭିଯୋଗ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ଦୋକାନ ଭିତରକୁ ପଶିଗଲା କାର୍

ସାକ୍ଷୀଗୋପାଳ, (ଡି.ଏନ୍.ଏ/ସ୍ୱ.ପ୍ର): ସାକ୍ଷୀଗୋପାଳ କୋଶଳସର ମନ୍ଦିର ନିକଟରେ ବୁଧବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ପୁରୀ ଯାଉଥିବା ଏକ ଧଳା ରଙ୍ଗର କାର୍ (ନଂ. ଓଡ଼ି ୦୨ସି ୫୫୭୨) ନିୟନ୍ତ୍ରଣ ହରାଇ ଏକ ଦୋକାନ ଗୃହ ଭିତରକୁ ପଶିଯାଇଥିଲା। ଫଳରେ ୩ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ହାଇୱେ ପାଟ୍ରୋଲିଂ ଅଧିକାରୀ ରାମକୃଷ୍ଣ କରଙ୍କ ଟିମ୍ ଉଦ୍ଧାର କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଉକ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୮।୨୦୨୨

| | |
|---|---|
| ୨,୯୦,୪୦,୧୧ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୪ ଗ୍ରାମ୍ |

# ଯୁକ୍ତ ୩ରେ ପାସ୍ ହାର ୮୪.୬୩%

**ଏସ୍‌ସିଏସ୍ କଲେଜ**
- ୮୪୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧୬ ପାସ୍
- ଗଣିତରେ ସମସ୍ତେ ଫେଲ

ପୁରୀ ଅଫିସ, ୧୭।୮

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ (ଏସ୍‌ସିଏସ୍)ର ଚଳିତବର୍ଷର ଯୁକ୍ତ୩ ତୃତୀୟବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଳା, ବିଜ୍ଞାନ, ବାଣିଜ୍ୟକୁ ମିଶାଇ ମୋଟ୍ ୨୦ଟି ବିଭାଗର ଫଳ ପ୍ରକାଶିତ ହୋଇଛି। ଚଳିତବର୍ଷ ପାସ୍ ହାର ୮୪.୬୩ ପ୍ରତିଶତ ରହିଛି।

ଚଳିତ ଶିକ୍ଷାବର୍ଷରେ ସମସ୍ତ ବିଭାଗରେ ସମୁଦାୟ ୮୪୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୧୬ଜଣ ପାସ୍ କରିଛନ୍ତି। ସେହିପରି ୧୨୯ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅର୍ଥନୀତି ବିଭାଗରେ ସମୁଦାୟ ୯୯ ଜଣ ପରୀକ୍ଷା ଦେଇଥିଲେ। ୭୪ ଜଣ ପାସ୍ ହୋଇଥିବା ବେଳେ ୨୪ ଜଣ ଫେଲ ହୋଇଛନ୍ତି। ପାସ୍‌ହାର ୭୪.୪୭ ପ୍ରତିଶତ ରହିଛି। ସେହିପରି ଏଜୁକେଶନ୍‌ରେ ୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୩୯ ଜଣ ପାସ୍ ହୋଇଛନ୍ତି। ୪ ଜଣ ଫେଲ ହୋଇଛନ୍ତି। ପାସ୍ ହାର ୯୦.୬୯ ପ୍ରତିଶତ ରହିଛି। ଇଂରାଜୀ ବିଭାଗରେ ୨୨ ଜଣ ପରୀକ୍ଷା ଦେଇଥିବା ବେଳେ ୨୧ ଜଣ ପାସ୍ ହୋଇଛନ୍ତି। ଜଣେ ଫେଲ ହୋଇଛନ୍ତି। ପାସ୍ ହାର ୯୫.୪୫ ପ୍ରତିଶତ ରହିଛି। ଭୂଗୋଳରେ ୯ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ପାସ୍ ହାର ଶହେ ପ୍ରତିଶତ ହୋଇଛି। ଇତିହାସରେ ୫୭ଜଣ ପରୀକ୍ଷା ଦେଇଥିବା ବେଳେ ୪୫ ଜଣ ପାସ୍ ଏବଂ ୧୨ ଜଣ ଫେଲ ହୋଇଛନ୍ତି। ପାସ୍ ହାର ୭୮.୯୪ ପ୍ରତିଶତ ରହିଛି ।

ଗଣିତରେ ୫ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଫେଲ ହୋଇଛନ୍ତି। ପାସ ହାର ୦ ରହିଛି। ଓଡ଼ିଆରେ ୪୨ ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ଜଣ ପାସ୍ ଓ ୮ ଜଣ ଫେଲ ହୋଇଛନ୍ତି। ଫିଲୋସଫିରେ ୨୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୨ ଜଣ ପାସ୍ ଓ ୩ ଜଣ ଫେଲ ହୋଇଛନ୍ତି। ମନସ୍ତତ୍ତ୍ୱରେ ୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୨ ଜଣ ପାସ୍ କରିଥିବାବେଳେ ୭ ଜଣ ଫେଲ ହୋଇଛନ୍ତି। ସଂସ୍କୃତରେ ୧୨ ଜଣଙ୍କ ମଧ୍ୟରୁ ୯ ଜଣ ପାସ୍ କରିଥିବା ବେଳେ ୩ ଜଣ ଫେଲ ହୋଇଛନ୍ତି। ରାଜନୀତି ବିଜ୍ଞାନରେ ୬୯ ଜଣ ଙ୍କ ମଧ୍ୟରୁ ୫୯ ଜଣ ପାସ ହୋଇଥିବା ବେଳେ ୧୦ ଜଣ ଫେଲ ହୋଇଛନ୍ତି। ସୋସିଓଲୋଜିରେ ୧୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ପାସ ଓ ୨ ଜଣ ଫେଲ ହୋଇଛନ୍ତି। ବାଣିଜ୍ୟରେ ୧୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫୪ ଜଣ ପାସ୍ ହୋଇଛନ୍ତି ଓ ୨୮ ଜଣ ଫେଲ ହୋଇଛନ୍ତି। ପାସ୍ ହାର ୮୪.୬୧ ରହିଛି। ବଟ୍‌ନିରେ ୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୩ ଜଣ ପାସ୍ ହୋଇଛନ୍ତି ୫ ଜଣ ଫେଲ ହୋଇଛନ୍ତି। କେମେଷ୍ଟ୍ରିରେ ୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୭ ଜଣ ପାସ୍ ହୋଇଛନ୍ତି। ଗଣିତରେ ୫୧ଜଣ ପରୀକ୍ଷା ଦେଇଥିବା ବେଳେ ୪୮ ଜଣ ପାସ୍ ଓ ୩ ଜଣ ଫେଲ ହୋଇଛନ୍ତି। ଫିଜିକ୍ସରେ ୩୦ଜଣ ପରୀକ୍ଷା ଦେଇଥିବା ବେଳେ ୨୬ ଜଣ ପାସ୍ କରିଛନ୍ତି ଓ ୪ଜଣ ଫେଲ ହୋଇଛନ୍ତି। ଜୀବ ବିଜ୍ଞାନରେ ୩୬ ଜଣ ପରୀକ୍ଷା ଦେଇଥିବା ବେଳେ ୩୨ଜଣ ପାସ୍ ହୋଇଛନ୍ତି ଓ ୪ ଜଣ ଫେଲ ହୋଇଛନ୍ତି।

ଜିଓଲୋଜିରେ ୨୬ ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଜଣ ପାସ୍ କରିଥିବା ବେଳେ ୩ ଜଣ ଫେଲ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସରେ ୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୭ ଜଣ ପାସ୍ ଓ ୨ ଜଣ ଫେଲ ହୋଇଛନ୍ତି। କଳାରେ ଅର୍ଥନୀତି ବିଭାଗର ହରିହର ମହାପାତ୍ର ୧୮୦୦ରୁ ୧୬୦୮ ରଖିଛନ୍ତି। ଶିକ୍ଷା ବିଭାଗର ମାମାଲି କର ୧୫୧୭, ଇଂରାଜୀ ବିଭାଗର ଶ୍ରୁତି ମହାପାତ୍ର ୧୪୮୩ ମାର୍କ, ଭୂଗୋଳର ପୂର୍ଣ୍ଣିମା ମହାପାତ୍ର ୧୪୦୦ ମାର୍କ, ଇତିହାସର ଜ୍ୟୋତପ୍ରିୟା ସ୍ୱାଇଁ ୧୪୨୦ ମାର୍କ, ଓଡ଼ିଆର ବର୍ଷା ସ୍ୱାଇଁ ୧୫୩୨ ମାର୍କ, ଫିଲୋସୋଫିର ଭାଗ୍ୟଶ୍ରୀ ପଟ୍ଟନାୟକ ୧୪୯୭ ମାର୍କ, ରାଜନୀତି ବିଜ୍ଞାନର ପ୍ରଜ୍ଞା ପ୍ରୀୟଦର୍ଶିନୀ ପଲାଇ ୧୫୫୭ ମାର୍କ, ମନସ୍ତତ୍ତ୍ୱ ବିଭାଗର ସ୍ୱାଗତିକା ମେକାପ ୧୫୧୩ ମାର୍କ, ସଂସ୍କୃତରେ ମିତାଲି ପତି ୧୫୨୬ ମାର୍କ, ସୋସିଓଲୋଜିରେ ମିତାଲି ମଧୁସ୍ମିତା ୧୫୧୬ ମାର୍କ ରଖି ନିଜ ନିଜ ବିଭାଗର ଟପ୍ପର ହୋଇଛନ୍ତି । ବାଣିଜ୍ୟ ବିଭାଗରେ ରୋହନ ମହାପାତ୍ର ୧୫୭୭ ମାର୍କ ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗରେ ସୌମ୍ୟା ଶୁଭଶ୍ରୀ ଦାଶ ୧୫୮୫ ମାର୍କ, କମ୍ପ୍ୟୁଟର ସାଇନ୍ସରେ ଶୁଭଲକ୍ଷ୍ମୀ ବାରିକ ୧୬୭୭ ମାର୍କ, ଗଣିତରେ ଶୁଭସ୍ମିତା ସାହୁ ୧୬୫୦ ମାର୍କ, ପଦାର୍ଥ ବିଜ୍ଞାନରେ ରମେଶ ଚନ୍ଦ୍ର ପ୍ରଧାନ ୧୬୩୦ ମାର୍କ, ଜୀବ ବିଜ୍ଞାନ ଭବାନୀ ପ୍ରସାଦ ୧୫୭୮ ମାର୍କ, ଜିଓଲୋଜି ବିଭାଗରେ ଅନୁରୂପା ମିଶ୍ର ୧୬୩୧ ମାର୍କ ରସାୟନ ବିଜ୍ଞାନର ଚିନ୍ମୟ କ୍ରିଷ୍ଟାଲାଲ୍ ମିଶ୍ର ୧୬୮୩ ରଖି ନିଜ ବିଭାଗରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି ।

## ତାଲିମ ନେବାକୁ ୧୦୩ ଜଣ ଚୟନ

ସାକ୍ଷୀଗୋପାଳ, ୧୭।୮(ଡି.ଏନ୍.ଏ/ସ୍ୱ.ପ୍ର)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସତ୍ୟବାଦୀ ବ୍ଲକ ଜୀବିକା ମିଶନ ସହଯୋଗରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଭୁକ୍ତ ପରାମର୍ଶ ଶିବିର ବୁଧବାର ସତ୍ୟବାଦୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଜୟନ୍ତ କୁମାର ଜୟସିଂହ, ଅତିରିକ୍ତ ବିଡିଓ ଅରକ୍ଷିତ ପ୍ରଧାନ, ବ୍ଲକ ଉପାଧକ୍ଷା ନିବେଦିତା ପାତ୍ର ଉପସ୍ଥିତ ଥିଲେ। ଜିଲା ସଂଯୋଜକ ପ୍ରିୟଦର୍ଶନ ଜେନା, ଓର୍ମାସ୍ ହିସାବ ରକ୍ଷକ ଉପେନ୍ଦ୍ର ବେହେରା, ବ୍ୟବସାୟ ପରିଚାଳକ ସୂର୍ଯ୍ୟକାନ୍ତ ମହାରଣା, ବ୍ଲକ ପ୍ରକଳ୍ପ ସଂଯୋଜିକା ଶାଶ୍ୱତୀ ଦାଶ, ଏସ୍‌ଡିସି ଲୋପାମୁଦ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୫ଟି କମ୍ପାନୀ ଯୋଗଦେଇଥିବାବେଳେ ୧୩୧ ଜଣ ଯୁବକ ଯୁବତୀ ନାମ ପଞ୍ଜୀକରଣ କରିଥିଲେ। ୧୦୩ ଜଣଙ୍କୁ ତାଲିମ ପ୍ରଦାନ ଲାଗି ଚୟନ କରାଯାଇ ନିଯୁକ୍ତିପତ୍ର ଦିଆଯାଇଥିଲା।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

ନିମାପଡ଼ା,୧୭।୮(ଡି.ଏନ୍.ଏ.): ବିଲରେ ଚାଷ କାର୍ଯ୍ୟ କରୁଥିବା ସମୟରେ ବଜ୍ରପାତରେ ବୁଧବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ବାହାରେଣା ପଞ୍ଚାୟତ ଅଟେଇହୁଡା ଗ୍ରାମର ବ୍ରଜକିଶୋର ବିଶ୍ୱାଳ(୫୪)। ଏନେଇ ମୃତ ବ୍ରଜଙ୍କ ପୁଅ ସତ୍ୟଜିତ୍‌ଙ୍କ ଅଭିଯୋଗକ୍ରମେ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବ୍ରଜ ଏବଂ ଅନ୍ୟ ଚାଷୀମାନେ ବିଲରେ ଚାଷ କରୁଥିଲେ। ସେହି ସମୟରେ ବ୍ରଜଙ୍କ ଉପରେ ବଜ୍ରପାତ ହୋଇଥିଲା। ଅନ୍ୟ ଚାଷୀ ଏବଂ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜମି ବ୍ୟବସାୟୀଙ୍କୁ ହତ୍ୟା ଅଭିଯୋଗ

ନିମାପଡ଼ା,୧୭।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଡିହବାରୀ ଗ୍ରାମ ବେଲେଣାଶଙ୍ଖ ନିକଟ ରାସ୍ତାକଡ ଖାଲରୁ ଏକ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟି ଗ୍ରାମର ଶ୍ରୀନିବାସ ସାହୁ(୩୮)। ଏନେଇ ପୋଲିସ ଆଇପିସି ଦଫା ୩୦୨(ହତ୍ୟା), ୨୦୧(ପ୍ରମାଣ ନଷ୍ଟ କରିବା) ଅଭିଯୋଗରେ ମାମଲା (ନଂ. ୨୭୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଇଥିବା ଜଣାପଡିଛି। ସୂଚନା ମୁତାବକ, ଶ୍ରୀନିବାସ ଜଣେ ଜମି ବ୍ୟବସାୟୀ। ଜମି ବ୍ୟବସାୟକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ସହ ତାଙ୍କର ପୂର୍ବରୁ ଶତ୍ରୁତା ରହିଥିବା ତାଙ୍କ ବଡ଼ ଭାଇ ସୁବାସଚନ୍ଦ୍ର ସାହୁ କହିଛନ୍ତି। ଶ୍ରୀନିବାସ ମଙ୍ଗଳବାର ରାତିରେ କୌଣସି କାମରେ ଘରୁ ବାଇକ୍ ଯୋଗେ ବାହାରିଥିଲେ। ବିଳମ୍ବିତ ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ହେଲେ ତାଙ୍କ ଫୋନ ସୁଇଚ୍ ଅଫ୍ ଦେଖାଇବାରୁ ପରିବାର ଲୋକେ ଚିନ୍ତାରେ ଥିଲେ। ବୁଧବାର ସକାଳେ ଶ୍ରୀନିବାସଙ୍କ ମୃତଦେହ ରାସ୍ତା କଡରେ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାରୁ ହୋଇଥିବା ଏବଂ ପ୍ରମାଣ ନଷ୍ଟ କରିବାକୁ ତାଙ୍କ ମୃତଦେହକୁ ନିମାପଡ଼ା ଅଞ୍ଚଳରେ ଫିଙ୍ଗି ଦେଇଥିବା ସୁବାସ ଥାନାରେ ଅଭିଯୋଗ କରିଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଅଫିସର୍ ଏମ୍ ସରନ୍ୟା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ପୋଲିସକୁ ଏକ ବାଇକ୍, ମୃତକଙ୍କ ପକେଟ୍‌ରୁ ପ୍ରାୟ ୫ ହଜାର ଟଙ୍କା ଥିବା ମନିପର୍ସ ଓ ଏକ ମୋବାଇଲ ଜବତ କରିଛି।



ଶ୍ରୀରାମ କଲ୍ୟାଣ ମଣ୍ଡପରେ ବିଶ୍ୱହିନ୍ଦୁ ପରିଷଦ, ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ସ୍ଥାପନା ଦିବସ, ଜନ୍ମାଷ୍ଟମୀ ଉତ୍ସବରେ ରାଧାକୃଷ୍ଣ ବେଶରେ ସଜ୍ଜିତ ଶିଶୁମାନେ।

## ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ, ଜନ୍ମାଷ୍ଟମୀ

ନିମାପଡ଼ା,୧୭।୮(ଡି.ଏନ୍.ଏ.)

ବିଶ୍ୱହିନ୍ଦୁ ପରିଷଦ, ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ପରିଷଦର ସ୍ଥାପନା ଦିବସ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୃଷ୍ଣବେଶ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଶ୍ରୀକୃଷ୍ଣ ବେଶଧାରୀ କୁନି ପିଲାଙ୍କୁ ଅଭିଭାବକମାନେ ବନ୍ଦାପନା କରିଥିବାବେଳେ ସେଠାରେ କୃଷ୍ଣମୟ ପରିବେଶ ସୃଷ୍ଟି ହୋଇଥିଲା। ଆୟୋଜିତ ସମାରୋହରେ ଅତିଥି ଭାବେ ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପ୍ରଖଣ୍ଡ ସଭାପତି ରାଧାମୋହନ ଦାଶ, ଜିଲା ଉପସଭାପତି ଶରତଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ପରିଷଦର ସ୍ଥାପନା, ଉଦ୍ଦେଶ୍ୟ ଦିଗରେ ଆଲୋକପାତ କରିଥିଲେ। ଏହି ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ନେତୃତ୍ୱ ଡ. ଅମୂଲ୍ୟ ପ୍ରସାଦ ଦାଶ, ରଞ୍ଜନ ନାୟକ, ଅନ୍ତର୍ଯାମୀ ନାୟକ, ନୀହାର ମହାରଣା, ରଞ୍ଜନ ପ୍ରଧାନ, ନିର୍ମାଲ୍ୟ ପ୍ରସାଦ ସାହୁ, ମାନସ ନାୟକ, ସୁଶାନ୍ତ ଭୂୟାଁ, ସରୋଜ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

## ବିକାଶଠୁ ଦୂରରେ ସାକ୍ଷୀଗୋପାଳ ମନ୍ଦିର


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଜନ୍ମାଷ୍ଟମୀ ପାଳନ ପାଇଁ ପ୍ରସ୍ତୁତି**

ସାକ୍ଷୀଗୋପାଳ, ୧୭।୮ (ଡି.ଏନ୍.ଏ/ସ୍ୱ.ପ୍ର)

ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବୁଧବାରଠାରୁ ୩ଦିନ ବ୍ୟାପୀ ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଆରମ୍ଭ ହୋଇଛି। ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ଏହି ମହୋତ୍ସବକୁ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘର ସଭାପତି ଶ୍ରୀବତ୍ସ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ମୁଖ୍ୟ ବକ୍ତା ଭାବେ ପୁରୀ ବିଦ୍ୱତ ପରିଷଦର ସଭାପତି ମନୋଜ କୁମାର ରଥ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଉପାଧକ୍ଷା ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ଓ ସାକ୍ଷୀଗୋପାଳ ବଜାର ଆଜି ବି ବିକାଶଠାରୁ ଦୂରରେ ରହିଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ଅତିଥିମାନେ ମତ ପ୍ରକାଶ କରିଥିଲେ । ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ଅଞ୍ଜନ କୁମାର ହୋତା ଓ ସିଂହାରୀ ଜ୍ୟୋତି ଶଙ୍କର ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଂହାରୀ ଏଣ୍ଟରଟେନମେଣ୍ଟ ତରଫରୁ କୁଇଜ ପ୍ରତିଯୋଗିତା, ପୁରସ୍କାର ବିତରଣ, ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଗୁରୁବାର ଜନ୍ମାଷ୍ଟମୀ ଓ ଶୁକ୍ରବାର ନନ୍ଦୋତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ସାକ୍ଷୀଗୋପାଳ ମନ୍ଦିରକୁ ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

# ଶାସ୍ତ୍ରୀ ପରୀକ୍ଷା: ୨୯୪୧ କୃତକାର୍ଯ୍ୟ

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ**

ପୁରୀ ଅଫିସ, ୧୭।୮

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ଦ୍ୱାରା ପରିଚାଳିତ ୨୦୨୨ ମସିହାର ଶାସ୍ତ୍ରୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ସମୁଦାୟ ୩୭୨୫ ଜଣ ପରୀକ୍ଷାଥୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୯୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୭୬୦ ଜଣ ଫେଲ ହୋଇଥିବା ବେଳେ ୨୩ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରଖାଯାଇଛି। ବେଳେ ଜଣେ କପି କରି ଧରାପଡିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅଦ୍ୟତ ବେଦାନ୍ତ ବିଭାଗରେ ୬୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୬ ଜଣ ପାସ୍ ହୋଇଛନ୍ତି ଏବଂ ୧୦ ଜଣ ଫେଲ ହୋଇଛନ୍ତି । ପାସ୍ ହାର ରହିଛି ୮୪.୮୪ , ଧର୍ମଶାସ୍ତ୍ର ବିଭାଗରେ ୯୭ ଜଣ ପରୀକ୍ଷା ଦେଇଥିବା ବେଳେ ୮୪ ଜଣ ପାସ୍ ହୋଇଛନ୍ତି ୧୩ ଜଣ ଫେଲ ହୋଇଛନ୍ତି। ସର୍ବଦର୍ଶନ ବିଭାଗରେ ୯୧ଜଣ ପରୀକ୍ଷା ଦେଇଥିବା ବେଳେ ୬୬ ଜଣ ପାସ୍ ହୋଇଛନ୍ତି ଓ ୧୨ ଜଣ ଫେଲ ହୋଇଛନ୍ତି। ଜ୍ୟୋତିଷ ଶାସ୍ତ୍ରରେ ୩ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ପାସ୍ ହୋଇଛନ୍ତି। ବେଦ କର୍ମକାଣ୍ଡ ବିଭାଗରେ ୧୨ ଜଣଙ୍କ ମଧ୍ୟରୁ ୧୦ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୨ଜଣ ଫେଲ ହୋଇଛନ୍ତି।

ନ୍ୟାୟଶାସ୍ତ୍ରରେ ୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ଜଣ ପାସ୍ ହୋଇଛନ୍ତି ୪ ଜଣ ଫେଲ ହୋଇଛନ୍ତି। ପୁରାଣରେ ୪ ଜଣ ପରିକ୍ଷା ଦେଇଥିବାବେଳେ ୨ଜଣ ପାସ୍ ଓ ୨ଜଣ ଫେଲ ହୋଇଛନ୍ତି। ସାହିତ୍ୟ ବିଭାଗରେ ୧୯୯୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫୫୬ଜଣ ପରୀକ୍ଷାର୍ଥୀ ପାସ୍ ହୋଇଛନ୍ତି। ୪୩୭ଜଣ ଫେଲ ହୋଇଛନ୍ତି। ବେଦାନ୍ତ ବିଭାଗରେ ୩୨ଜଣ ପରୀକ୍ଷା ଦେଇଥିବା ବେଳେ ୩୦ଜଣ ପାସ୍ ହୋଇଛନ୍ତି ଓ ୨ ଜଣ ଫେଲ ହୋଇଛନ୍ତି । ସେହିପରି ବେଦ ବ୍ୟାକରଣ ବିଭାଗରେ ୧୩୭୮ ଜଣ ପରୀକ୍ଷା ଦେଇଥିବା ବେଳେ ୧୧୦୦ଜଣ ପାସ୍ ହୋଇଥିବା ବେଳେ ୨୭୮ ଜଣ ଫେଲ ହୋଇଛନ୍ତି। ଅଦତ୍ୟ ବେଦାନ୍ତ ବିଭାଗରେ ୭୦୯ ମାର୍କ ରଖି ଶୁଭପ୍ରିୟା ଦାଶ ଟପ୍ପର ହୋଇଥିବା ବେଳେ ଧର୍ମଶାସ୍ତ୍ର ବିଭାଗରେ ଲୋପିତା ସେନ୍ ୭୩୦ ମାର୍କ ରଖି ଟପର ହୋଇଛନ୍ତି। ଦର୍ଶନ ବିଭାଗରେ ଆଲୋକିତ ନନ୍ଦୀ ୭୩୯ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ଜ୍ୟୋତିଷ ଶାସ୍ତ୍ର ବିଭାଗରେ ମାଧବ ମଲିକ୍ ୫୭୬ ମାର୍କ ରଖିଥିବା ବେଳେ ବେଦ କର୍ମକାଣ୍ଡ ବିଭାଗରେ ଦୀପକ କୁମାର ଶତପଥୀ ୭୧୩ ମାର୍କ, ନ୍ୟାୟ ଶାସ୍ତ୍ରରେ ଲଳିତା ବିଶ୍ୱାଳ ୬୭୫, ପୁରାଣରେ ଲତା ଦାଶ ୫୨, ସାହିତ୍ୟରେ ସୌମ୍ୟ ରଞ୍ଜନ ପାତ୍ର ୬୭୨, ବେଦାନ୍ତରେ ସ୍ୱୟଂପ୍ରଭା ପାଣି ୬୪୬ ମାର୍କ ଏବଂ ବେଦ ବ୍ୟାକରଣରେ ଅରଜିତ୍ ପଣ୍ଡା ୭୬୬ ମାର୍କ ରଖି ନିଗ ନିଜ ବିଭାଗରେ ଟପ୍ପର ହୋଇଛନ୍ତି।



ଅସୁରକ୍ଷିତ ଯୋର ଉପରେ ମିଶନ ଶକ୍ତି ଗୃହ ନିର୍ମାଣ ବନ୍ଦ ଦାବିରେ ବୁଧବାର ଗୋପୀନାଥପୁର ମିଶନ ଶକ୍ତିର ସଦସ୍ୟାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ‘ସଂସ୍କୃତ ସମସ୍ତ ଭାଷାର ଜନନୀ’

ପୁରୀ ଅଫିସ, ୧୭।୮

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ସଂସ୍କୃତ ସପ୍ତାହ ଉଦ୍‌ଯାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଲୋକ ଭାଷା ପ୍ରଚାର ସମିତି ମୁଖ୍ୟ ଡ. ସଦାନନ୍ଦ ଦୀକ୍ଷିତ, ଅମୃତଭାଷା ବେଦବିଦ୍ୟା ପ୍ରତିଷ୍ଠାନର ମୁଖ୍ୟ ଡ. କୁମାର ଚନ୍ଦ୍ର ମିଶ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ନାତକୋତ୍ତର ବିଭାଗର ଅଧକ୍ଷ ପ୍ରଫେସର ଶତ୍ରୁଘ୍ନ କୁମାର ପାଣିଗ୍ରାହୀ, ବିଶ୍ୱବିଦ୍ୟାଳୟ କୁଳସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ପ୍ୟାରୀମୋହନ ପଟ୍ଟନାୟକଙ୍କ ସହିତ ଆଚାର୍ଯ୍ୟ, ପ୍ରାଚାର୍ଯ୍ୟ, ସହାଚାର୍ଯ୍ୟ ଉପସ୍ଥିତ ଥିଲେ। ସଂସ୍କୃତ ସମସ୍ତ ଭାଷାର ଜନନୀ ବୋଲି ଅତିଥିମାନେ କହିବା ସହ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବେଦ ବିଭାଗର ସହାଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ଓ ବ୍ୟାକରଣ ବିଭାଗର ସହାଚାର୍ଯ୍ୟ ଡ. ପ୍ରଜ୍ଞା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଅହିଂସା ରଥରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ପ୍ରଦର୍ଶନ

**କାକଟପୁର, ଅସ୍ତରଙ୍ଗ, ଗୋପ, ଡେଲାଙ୍ଗରେ ବୁଲିଲା**

ପୁରୀ ଅଫିସ/କାକଟପୁର/ଅସ୍ତରଙ୍ଗ/ଡେଲାଙ୍ଗ,୧୭।୮(ଡି.ଏନ୍.ଏ.)

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ବୁଧବାର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ଭିଡିଓ ୱାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ଜୀବନୀକୁ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ, ଆଦର୍ଶ ଉପରେ ଆଧାରିତ ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଉଛି। ମଙ୍ଗଳବାର ନିମାପଡାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଅହିଂସା ରଥ କାକଟପୁରରେ ଅବସ୍ଥାନ କରିଥିଲା। ବୁଧବାର କାକଟପୁର ବ୍ଲକର କଣ୍ଟାପଡ଼ାର ବିଶ୍ୱାମିତ୍ର ଆଶ୍ରମ, ମା ମଙ୍ଗଳା ମନ୍ଦିର ଗେଟ କାକଟପୁର ହାଇସ୍କୁଲ ଓ ପରେ ମୂଳାଗଡ଼ ନିକଟରେ ରଥକୁ ସ୍ୱାଗତ ସହ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହାକୁ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ,ବିଡିଓ ତୁଷାର ଜ୍ୟୋତିରଞ୍ଜନ ଓ ଅଞ୍ଚଳବାସୀ ପତାକା ଧରି ସ୍ୱାଗତ କରିଥିଲେ। ଏହାପରେ ଅସ୍ତରଙ୍ଗ ବ୍ଲକର ଲବଣ ସତ୍ୟାଗ୍ରହର ଐତିହାସିକ ପୀଠ କୁହୁଡିଠାରେ ରଥକୁ ସମ୍ବର୍ଦ୍ଧନା ସହ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

ସେହିପରି ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ, ଅସ୍ତରଙ୍ଗ ପଞ୍ଚାୟତ ଅଫିସ, ନଇଗୁଆଁଠାରେ ମଧ ସ୍ୱାଗତ କରାଯାଇଥିଲା। ଏଥିରେ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଅଧକ୍ଷ ଆରତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ଗୋପ ବ୍ଲକ ପକ୍ଷରୁ ଜଙ୍ଗଲବୋରି ପଞ୍ଚୟତ କାର୍ଯ୍ୟାଳୟରେ ରଥକୁ ସ୍ୱାଗତ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ନୂଆହାଟ ଉଚ୍ଚ ବିଦ୍ୟାଳୟକୁ ଅଣାଯାଇ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତରେ ଅହିଂସା ରଥକୁ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲୀପ କୁମାର ଷଡଙ୍ଗୀ, ଉପାଧକ୍ଷ ଦୁର୍ବାଶା ନିଶଙ୍କ ସମେତ ମିଶନ ଶକ୍ତିର ମହିଳା ସଦସ୍ୟାମାନେ ସ୍ୱାଗତ କରିଥିଲେ। ଏହି ରଥ ଖେଲାଉର, ଅରିସଲ ପରିକ୍ରମା କରି ବେରବୋଇ ଗାନ୍ଧୀ ପୀଠ ସନ୍ନିକଟ ବେରବୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ପରେ ବଳାଙ୍ଗ ଓ ଏରବଙ୍ଗଠାରେ ରଥ ପହଞ୍ଚି ଭିଡିଓ ଶୋ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀଙ୍କ ସ୍ମୃତିକୁ ପ୍ରଦର୍ଶନ କରିଥିଲା। ଗୋପ ବିଡିଓ ଦୀପ୍ତିରାଣୀ ଦାସ, ଲୋକ ପ୍ରତିନିଧି ଓ କର୍ମଚାରୀମାନେ ରଥ ପରିକ୍ରମାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ। ପ୍ରତ୍ୟେକ ସ୍ଥାନରେ ସାଧାରଣ ଜନତା ହାତରେ ତ୍ରିରଙ୍ଗା ପତାକା ଧରି ରଥକୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଦେଶାତ୍ମବୋଧକ ସଂଗୀତ ତାଳରେ ନୃତ୍ୟ ପରିବେଷଣ କରିଥିଲେ।

## ବନ୍ୟା ପାଣିରୁ ଯୁବକ ଉଦ୍ଧାର

**କଟକ ଅଫିସ:** ବନ୍ୟା ପାଣିରେ ଭାସି ଯାଉଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର କଟକ ମାଛୁଆ ବଜାର ଅଞ୍ଚଳରେ ବୋଲି ଜଣାପଡିଛି। ବୁଧବାର ଯୁବକ ଜଣଙ୍କ କଟକ ମଧୁସେତୁ ଉପରୁ ମହାନଦୀକୁ ଡେଇଁ ପଡିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ପୋଲିସ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।




କଟକ ଜିଲା ଚଷାପଡାଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳ।


ଖୁଣ୍ଟୁଣୀ ନୂଆପାଟଣାଠାରୁ ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ବନ୍ୟାପାଣିର ସୁଅ।

# ସ୍ଥିତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆରଡିସି

**ବାଙ୍କୀ,୧୭।୮(ସ୍ୱ.ପ୍ର./ବି.ପ୍ର.)**

ମହାନଦୀରେ ପ୍ରବଳ ବନ୍ୟାଜଳ ଆସିବା ଫଳରେ କଟକ ଜିଲା ବାଙ୍କୀ ଉପଖଣ୍ଡର ବାଙ୍କୀ ଓ ଡମପଡ଼ା ବ୍ଲକରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏହାଦ୍ୱାରା ବାଙ୍କୀର ୭୪,୦୮୫ଜଣ ଲୋକ ବନ୍ୟା ପାଣିଘେର ମଧ୍ୟରେ ରହିଛନ୍ତି। ୭୪ଟି ଗ୍ରାମର ୧,୧୩,୭୦୫ଜଣ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବାଙ୍କୀ-ଖୋର୍ଦ୍ଧା ରାସ୍ତାର ତୁଳସୀପୁରଠାରେ ରାସ୍ତା ପାଣି ପ୍ରବାହିତ ହୋଉଥିବା ବେଳେ ବାଙ୍କୀ-କଳାପଥର ରାସ୍ତାରେ ଚନ୍ଦ୍ରପା ସେତୁଠାରେ ୭ ଫୁଟର ପାଣି ପ୍ରବାହିତ ହେଉଛି। ବାଙ୍କୀରେ ମହାନଦୀର ବିପଦ ସଙ୍କେତ ୭.୮୯ଥିବା ବେଳେ ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ଏହା ବିପଦ ସଙ୍କେତ ଉପରେ ୮.୨ରେ ବନ୍ୟାଜଳ ପ୍ରବାହିତ ହେଉଛି। ବାଙ୍କୀ ଉପଖଣ୍ଡର ସମସ୍ତ ଚାଷ ଜମିରେ ପାଣି ମାଡ଼ିଯିବା ଫଳରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଡମପଡ଼ା ବ୍ଲକରେ ୬,୩୪୦ହେକ୍ଟର ଧାନ ଜମି ଏବଂ ୨୪୮୫ହେକ୍ଟର ପରିବା ଫସଲ ପାଣିରେ ସମ୍ପୂର୍ଣ୍ଣ ବୁଡି ରହିଛି। ବାଙ୍କୀ ବ୍ଲକରେ ୫,୬୦୦ହେକ୍ଟର ଧାନ ଜମି ଏବଂ ୨୦୦୦ ହେକ୍ଟର ପରିବା ଫସଲ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡି ନଷ୍ଟ ହୋଇଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ସୁରେଶ ଚନ୍ଦ୍ର ଦଳେଇ ପହଞ୍ଚି ବାଙ୍କୀ ଉପଖଣ୍ଡର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ସ୍ଥିତିର ସମୀକ୍ଷା କରିଛନ୍ତି।

ଆରଡିସି ଦଳେଇ ବାଙ୍କୀ ଉପଖଣ୍ଡର ବନ୍ୟା ପ୍ରଭାବିତ ଶୁଖୁଆଖଳା, ହୁଲୁହୁଲା ସେତୁ, ଘୋଡାବର, ସୁବର୍ଣ୍ଣପୁର ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ଆରଡିସି ବାଙ୍କୀ ଡାକବଙ୍ଗଳାରେ ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନ ୪,୦୯୭ଜଣଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଚସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୬ଟି ସ୍ଥାନରେ ୩,୩୯୨ଜଣ ବନ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ୫୪.୨୭ କୁଇଣ୍ଟାଲ ଚୁଡା, ୧୩.୮୫ କୁଇଣ୍ଟାଲ ଗୁଡ, ୪ ହଜାର ପ୍ୟାକେଟ୍ ବିସ୍କୁଟ ପ୍ରଭାବିତମାନଙ୍କୁ ବୁଧବାର ସୁଦ୍ଧା ବଣ୍ଟନ କରାଯାଇଥିବା ଉପଜିଲାପାଳ ଜେନା ଆରଡିସି ଦଳେଇଙ୍କୁ କହିଥିଲେ। ବୈଠକରେ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ବାଙ୍କୀ ଉପଜିଲାପାଳ ଜେନା, ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ଡମପଡ଼ା ବିଡିଓ ଶ୍ୟାମଳ କୁମାର ରାୟ, ଡମପଡ଼ା ତହସିଲଦାର କ୍ଷିତୀଶ କୁମାର ବେହେରା, ଡମପଡ଼ା ବ୍ଲକ ଚେୟାରମ୍ୟାନ ପ୍ରଣବ କୁମାର ପଟେଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଆରଡିସି ଦଳେଇ ବାଙ୍କୀ ଉପଖଣ୍ଡର ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରମାନେ ପ୍ରଭାବିତ ଅଞ୍ଚଳକୁ ବନ୍ୟା ସମୟରେ ଦୈନିକ ଗସ୍ତ କରି ବିପନ୍ନମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କୁ ସାହାଯ୍ୟ କରିବା ସହ ଆବଶ୍ୟକସ୍ଥଳେ ରିଲିଫ୍ ଯୋଗାଇଦେବା ନିମନ୍ତେ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


କେନ୍ଦ୍ରାଞ୍ଚଳ ଆରଡିସି ସୁରେଶ ଚନ୍ଦ୍ର ଦଳେଇ ବାଙ୍କୀରେ ପହଞ୍ଚି ବନ୍ୟା ସ୍ଥିତିର ସମୀକ୍ଷା କରୁଛନ୍ତି।


ବାଙ୍କୀରେ ଏକ ନଳକୂପ ପାଣିରେ ବୁଡ଼ି ରହିଛି।

**ବାଙ୍କୀ ଉପଖଣ୍ଡରେ ବନ୍ୟା ସ୍ଥିତି ଗମ୍ଭୀର**

- ୭୪ ଗାଁର ୧,୧୩,୭୦୫ ଜଣ ପ୍ରଭାବିତ
- ପାଣି ଘେରରେ ୭୪,୦୮୫ ଲୋକ

## ଜିଲାର ୧୧ ବ୍ଲକ ବନ୍ୟା ପ୍ରଭାବିତ

**କଟକ ଅଫିସ,୧୭।୮**

କଟକ ମୁଣ୍ଡଳିଠାରେ ବନ୍ୟାଜଳ ହ୍ରାସ ପାଉଛି। ମଙ୍ଗଳବାର ମୁଣ୍ଡଳିରେ ୧୨ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଥିବାବେଳେ ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ୧୦ ଲକ୍ଷ ୫୭ ହଜାର ୬୦୪ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଥିଲା। ସେହିପରି ନରାଜ ବ୍ୟାରେଜ ଦେଇ ୫ଲକ୍ଷ ୧୭ ହଜାର ୨୧୫ କ୍ୟୁସେକ୍ ଜଳ କାଠଯୋଡିକୁ ଛଡାଯାଉଥିବାବେଳେ ଯୋବ୍ରା ବ୍ୟାରେଜ ଦେଇ ୫ଲକ୍ଷ ୨୪ ହଜାର ୩ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି। ଜଳସ୍ତର କମିଥିଲେ ମଧ୍ୟ ଜିଲାର ୧୧ଟି ବ୍ଲକ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି । ସେଥିମଧ୍ୟରେ ନରସିଂହପୁର, ତିଗିରିଆ, ବଡମ୍ବା, ଆଠଗଡ, ବାଙ୍କୀ, ଡମପଡା, ନିଶ୍ଚିନ୍ତକୋଇଲି, କଟକ ସଦର, ଟାଙ୍ଗୀ-ଚୌଦ୍ୱାର, ସାଲେପୁର, କଣ୍ଟାପଡା ବ୍ଲକ ୯୫ ପଞ୍ଚାୟତର ୩୩୩ ଗାଁ ରହିଛି। ମୋଟ୍ ୧ ଲକ୍ଷ ୯୨ ହଜାର ୬୨୪ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲାର ୧୩୬ଟି ଗ୍ରାମରେ ୧ଲକ୍ଷ ୨୪ ହଜାର ୪୩୫ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ୫୩ ହଜାର ୯୬ ଜଣଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ସ୍ଥଳୀରେ ରଖାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବନ୍ୟା ଯୋଗୁ ବିଦ୍ୟୁତ୍ ସେବା ବ୍ୟାହତ

କଟକ ସଦର,୧୭।୮(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅଧୀନ ମତ୍ତଗଜପୁର ନିକଟ କାଠଯୋଡ଼ି ନଦୀବନ୍ଧ ପାର୍ଶ୍ୱରେ ଥିବା ୩୩ କେଭିଏ ବିଦ୍ୟୁତ୍ ଖୁଣ୍ଟ ମଙ୍ଗଳବାର ବିଳମ୍ବିତ ରାତିରେ ବନ୍ୟାଜଳ ସ୍ରୋତରେ ଉପୁଡ଼ି ପଡିଥିଲା। ଫଳରେ କଟକ-କନ୍ଦରପୁର ମଧ୍ୟରେ ବିଦ୍ୟୁତ୍ ସେବା ୧୨ ଘଣ୍ଟା ପାଇଁ ବ୍ୟାହତ ହୋଇଥିଲା। କନ୍ଦରପୁର, କିଶୋର ନଗର, ବିରିଡ଼ି ଓ ରଘୁନାଥପୁର ସେକ୍ସନ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। ବନ୍ୟାପାଣି କମିବା ପରେ ମରାମତି କରାଯିବ ବୋଲି ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଜରୁରିକାଳୀନ ଭିତ୍ତିରେ ମତ୍ତଗଜପୁର ସବ୍‌ଷ୍ଟେଶନରୁ କନ୍ଦରପୁରକୁ ବିଦ୍ୟୁତ୍ ଯୋଗାଣ ବୁଧବାର ମଧ୍ୟାହ୍ନରୁ ଆରମ୍ଭ ହୋଇଛି। ଅଧିକ ଚାପ ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳକୁ ସନ୍ଧ୍ୟାବେଳେ କିଛି ଘଣ୍ଟା ପାଇଁ ବିଦ୍ୟୁତ୍ କାଟ କରାଯିବ। ଏଥିପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

### ବନ୍ୟା ବିପନ୍ନଙ୍କୁ ରିଲିଫ୍ ବାଣ୍ଟିଲେ ଅବସରପ୍ରାପ୍ତ ସୈନିକ

ଖୁଣ୍ଟୁଣୀ,୧୭।୮(ଡି.ଏନ୍.ଏ.)
ଅବସରପ୍ରାପ୍ତ ସୈନିକ ଅଭୟ ବାରିକ ବୁଧବାର ଆଠଗଡ଼ ଓ ତିଗିରିଆ ବ୍ଲକର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ବିପନ୍ନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ବିଶେଷକରି ଆଠଗଡ଼ ନିର୍ବାଚନ ମଣ୍ଡଳି ଅଧୀନ କଖଡ଼ି ପଞ୍ଚାୟତର କାପ୍ତାବରେଇ, ଗୋପୀନାଥପଡା, ମଞ୍ଚେଶ୍ୱର ପଞ୍ଚାୟତର ଲିଙ୍ଗାପଦା ଗ୍ରାମକୁ ଡଙ୍ଗାରେ ରିଲିଫ ସାମଗ୍ରୀ ନେଇ ଯାଇଥିଲେ। ଜନସାଧାରଣ ଭୟଭୀତ ନ ହୋଇ ଅସୁବିଧା ସମ୍ପର୍କରେ ତୁରନ୍ତ ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ତିଗିରିଆ ବ୍ଲକ ଅଧୀନ ମାନପୁର, କଣ୍ଡିପୁର ଓ ଗଦାଧରପୁର ଗ୍ରାମର ବିପନ୍ନଙ୍କ ପାଖରେ ଅଭୟ ପହଞ୍ଚି ରିଲିଫ ସାମଗ୍ରୀ ପ୍ରଦାନ କରିଥିଲେ। ତାପସ ରାଉତ, ସରୋଜ ଦାସ, ମିଟୁ ସ୍ୱାଇଁ, ପ୍ରଶାନ୍ତ ଦାସ ଓ ହେମନ୍ତ ନାୟକ ପ୍ରମୁଖ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

### ବାଙ୍କୀ ଏନ୍‌ଏସି ପକ୍ଷରୁ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବାଙ୍କୀ,୧୭।୮(ସ୍ୱ.ପ୍ର.)
ବାଙ୍କୀ ଏନ୍‌ଏସି ଅଞ୍ଚଳର ମନ୍ତ୍ରୀସାହି ୱାର୍ଡ ନଂ. ୧୭ର ୯୫୦ଜଣ ବନ୍ୟା ବିପନ୍ନଙ୍କୁ ଏନ୍‌ଏସି କାଉନସିଲର ସନାତନ ବେହେରା ଓ ବବିତା ମନ୍ତ୍ରୀ, ନଗରପାଳ ମାଣିକ ସାହୁଙ୍କ ନିର୍ଦ୍ଦେଶକ୍ରମେ ଶୁଖିଲା ଖାଦ୍ୟ ବୁଧବାର ବଣ୍ଟନ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ ଏହି କାର୍ଯ୍ୟରେ ସହାୟତା କରିଥିଲେ। ସେହିପରି ୧୬ନଂ. ୱାର୍ଡ ଡାଙ୍ଗପିଟା ଗାଁର ୫୭୬ଜଣ ବନ୍ୟା ବିପନ୍ନଙ୍କୁ କାଉନସିଲର ବେହେରା ଓ ବିକଳ ଗୋଛି ଗୁଡ, ବିସ୍କୁଟ୍, ମହମବତି, ଦିଆସିଲ, ହାଲୋଜିନ୍ ବଟିକା ବଣ୍ଟନ କରିଛନ୍ତି। ବାଙ୍କୀ ନଗରପାଳ ସାହୁ ଓ ଉପନଗରପାଳ ସନ୍ତୋଷ କୁମାର ରଣା, ଏନ୍‌ଏସି କାର୍ଯ୍ୟାଳୟରେ ଉପସ୍ଥିତ ରହି ବନ୍ୟାବିପନ୍ନଙ୍କୁ ସାହାଯ୍ୟ ଯୋଗାଇ ଦେବା କାର୍ଯ୍ୟ ପରିଚାଳନା କରିଛନ୍ତି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବାଙ୍କୀ ଏନ୍‌ଏସିର ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବୁଧବାର କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ,ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ବାଙ୍କୀ ତହସିଲଦାର ସତ୍ୟ ରଞ୍ଜନ ପଣ୍ଡା, ବାଙ୍କୀ ଏନ୍‌ଏସିର ଚକାପଦା, ସହଡପଦା ଅଞ୍ଚଳରେ ବନ୍ୟାବିପନ୍ନଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

# ପାଣି ଘେରରେ ୭ ବସ୍ତି

- ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି ବନ୍ୟା ବିପନ୍ନ
- ୫ ହଜାର ଲୋକ ପ୍ରଭାବିତ


କଟକ ବ୍ରଜବିହାରୀ ଅଞ୍ଚଳର ଲୋକଙ୍କ ଘରେ ବନ୍ୟା ପାଣି ପଶିଛି।

**କଟକ ଅଫିସ,୧୭।୮**

ବନ୍ୟା ପ୍ରଭାବରେ କଟକ ସହର ତଳି ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବିଶେଷକରି କାଠଯୋଡି ବିହାର ବସ୍ତି, ଗାନ୍ଧୀପଲ୍ଲୀ, ବାଲିସାହି, ଭଦିମୂଳ, ଧବଳେଶ୍ୱର ଗଡା ଭଳି ୭ଟି ବସ୍ତି ପାଣି ଘେରରେ ରହିଛି। ଏହାଦ୍ୱାରା ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ସେମାନଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି। ବନ୍ୟା ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ଲାଗି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଉଦ୍ୟମ କରାଯାଇଛି। କିନ୍ତୁ ଧବଳେଶ୍ୱର ଗଡ଼ାର ଅନେକ ପରିବାର ରିଂବନ୍ଧ ରାସ୍ତାରେ ଜରିପାଲ ଟାଣି ଆଶ୍ରୟ ନେଇଛନ୍ତି। ସିଏମ୍‌ସି ପକ୍ଷରୁ ସେମାନଙ୍କୁ ନିକଟରେ ଥିବା ଡିଏଭି ସ୍କୁଲକୁ ଯିବା ପାଇଁ କୁହାଯାଉଥିଲେ ମଧ୍ୟ ସେମାନେ ଅରାଜି ହେଉଛନ୍ତି। ଜରିପାଲ ତଳେ ରହିବୁ ପଛେ ଭିଟାମାଟି ଛାଡି ଯିବୁନାହିଁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ବନ୍ୟା ବିପନ୍ନଙ୍କୁ ଯଥାଶୀଘ୍ର ଆଶ୍ରୟସ୍ଥଳୀକୁ ଆସିବା ପାଇଁ ସଚେତନ କରାଯାଉଛି। ଏବେ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଉଛି। ହେଲେ ଲୋକମାନେ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିଲେ ସମସ୍ତ ସାମଗ୍ରୀ ଠିକ୍‌ଭାବେ ଯୋଗାଇ ଦିଆଯିବ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ମେୟର, କମିଶନର


ସିଡିଏ କାଠଯୋଡି ବିହାର ଅଞ୍ଚଳରେ ସିଏମ୍‌ସି ମେୟର ଓ କମିଶନର ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି।

**କଟକ ଅଫିସ,୧୭।୮**

କଟକ ସହରରେ ବନ୍ୟାଜଳ ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ ସହରର ବନ୍ୟା ପ୍ରଭାବିତ ଅଞ୍ଚଳ ଓ ଆଶ୍ରୟସ୍ଥଳ ବୁଧବାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଭନ କଲ୍ୟାଣ। ବାଲିସାହି ବସ୍ତିରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। କାଠଯୋଡ଼ି ବିହାରର ପ୍ରାୟ ୬୦୦ ପରିବାରକୁ ନିକଟସ୍ଥ ଡିଏଭି ସ୍କୁଲ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଛି। ମେୟର ଓ କମିଶନର ଆଶ୍ରୟସ୍ଥଳର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଶତପଥୀ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ବସ୍ତି ଅଞ୍ଚଳ ଓ ଧବଳେଶ୍ୱର ଗଡା ପରିଦର୍ଶନ କରିଥିଲେ। ସେହିପରି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଗାନ୍ଧୀ ପଲ୍ଲୀ ଓ ବାଲିସାହି ଅଞ୍ଚଳ ପରିଦର୍ଶନ କରିଥିଲେ।

# ବିପଦଶଙ୍କେତ ଉପରେ ମହାନଦୀ, ଲୁଣା, ଚିତ୍ରୋତ୍ପଳା

**ନିଶ୍ଚିନ୍ତକୋଇଲି,୧୭।୮(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ, ଲୁଣା, ଚିତ୍ରୋତ୍ପଳା ନଦୀରେ ବନ୍ୟାଜଳ ବିପଦଶଙ୍କେତ ଉପରେ ପ୍ରବାହିତ ହେଉଛି। ଏହି ନଦୀର ଅବବାହିକାରେ ଶତାଧିକ ପରିବାର ପାଣି ଘେରରେ ଥିବାବେଳେ ପ୍ରଶାସନ ୧୨୩୪ ଜଣଙ୍କୁ ବୁଧବାର ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଚୁଡା ଗୁଡ ଦିଆଯାଇଛି। ଅପରପକ୍ଷରେ ପାଳଦାରେ ୨ଟି କେନ୍ଦ୍ର କେଷ୍ଟାଳରେ ଗୋଟିଏ, ଅସୁରେଶ୍ୱରରେ ଗୋଟିଏ କେନ୍ଦ୍ର ସ୍କୁଲରେ ଖୋଲାଯାଇଛି। ସେଠାରେ ୭୮୩ ଜଣ ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ମଲିକଙ୍କ କହିବା ଅନୁଯାୟୀ, ବିପଦସଙ୍କେତ ଉପରେ ନଦୀଗୁଡିକ ପ୍ରବାହିତ ହେଉଛି। ନଦୀ ପଠାରେ ଥିବା ଲୋକଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ବନ୍ୟାଜଳ ୩ଟି ନଦୀରେ ସ୍ଥିର ରହିଛି। ଅପରପକ୍ଷରେ ଉପଜିଲାପାଳ ପ୍ରତାପ ବେଉରିଆ ବ୍ଲକରେ ପହଞ୍ଚି ପ୍ରାକ୍ ବନ୍ୟା ପାଇଁ ପ୍ରସ୍ତୁତି ବୈଠକ କରି ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରିବାକୁ କହିଥିଲେ। ସେହିଭଳି ଭାବେ ଅସୁରେଶ୍ୱର ପଞ୍ଚାୟତର କୁଳଗାଁ ଇଶାଳୋ ଓ କେଷ୍ଟାଳ ପଞ୍ଚାୟତର ଲୋକନାଥପୁର, କଳମିଶ୍ରି ପଞ୍ଚାୟତର ଦାମୋଦରପୁର ଗାଁରେ ଥିବା କେତେଗୋଟି ଘରେ ପାଣି ପଶିଥିବା ଦେଖାଯାଇଛି। ଏଥିଯୋଗୁ ନଦୀ କୂଳିଆ ଓ ତଳିଆ ଲୋକମାନେ ବନ୍ଧ ଉପରେ ଅସ୍ଥାୟୀ ବାସଗୃହ କରିବା ସହ ଗୃହପାଳିତ ପଶୁମାନଙ୍କ ସହ ଆଶ୍ରୟ ନେଇଛନ୍ତି। ମହାନଦୀ ଓ ତାର ଶାଖା ଲୁଣା, ଚିତ୍ରୋତ୍ପଳା ନଦୀରେ ଉଛୁଳା ପାଣି ଦେଖି ନଦୀ କୂଳିଆ ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି। ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଥିବା ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ସୂଚନା ଦେଇଛନ୍ତି।


ନିଶ୍ଚିନ୍ତକୋଇଲି ବ୍ଲକ କେଷ୍ଟାଳ ଗାଁ ପାଣି ଘେରରେ ରହିଛି।

# ଭୁବନେଶ୍ୱରରେ ବନ୍ୟା


ଦୟାନଦୀ ବନ୍ୟାପାଣି ମାଡ଼ି ଆସିବାରୁ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା ଅଞ୍ଚଳରେ ଥିବା ଘରଗୁଡ଼ିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।


ରାସ୍ତାରେ ବନ୍ୟାପାଣିରେ ପଶି ଲୋକମାନେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।


ଅଗ୍ନିଶମ କର୍ମଚାରୀମାନେ ଲୋକଙ୍କୁ ଉଦ୍ଧାର କରୁଛନ୍ତି।


ଘରେ ପାଣି ପଶିଯିବା ପରେ ମା' ଓ ପୁଅ ଅନ୍ୟତ୍ର ଚାଲିଯାଉଛନ୍ତି।


ବାଲିଅନ୍ତା ଅଞ୍ଚଳରେ ଏକ ଘର ଅଧା ବୁଡ଼ି ଯାଇଛି।


କୁଆଖାଇ ନଦୀରେ ପ୍ରବାହିତ ବନ୍ୟାଜଳ।


ସୁନ୍ଦରପଦା ହାଇଟେକ୍ ଆପାର୍ଟମେଣ୍ଟ ପରିସରରେ ପ୍ରବେଶ କରିଥିବା ବନ୍ୟା ଜଳ।

## ୫୭ ନଂ. ଏନ୍ଏଚ୍‌ରେ ଯୋଗାଯୋଗ ବିଚ୍ଛିନ୍ନ

**ଖୋର୍ଦ୍ଧା ଅଫିସ,୧୭।୮**

ମହାନଦୀରେ ଜଳସ୍ତର ବଢୁଛି। ଫଳରେ ଶାଖା ନଦୀ ରାଜୁଆ ଓ ଦୟାର ଜଳସ୍ତର ବୃଦ୍ଧି ପାଇ ବିପଦସଙ୍କେତ ଉପରେ ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ସାରୁଅ ରାସ୍ତାରେ ୪ଫୁଟ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳସ୍ତର ବଢୁଥିବାରୁ ପ୍ରଶାସନ ପକ୍ଷରୁ ଏହି ରାସ୍ତାରେ ଯାତାୟାତ ବନ୍ଦ କରାଯାଇଛି। ଫଳରେ ଉଭୟ ପଟୁ ଏକ କିମି ପର୍ଯ୍ୟନ୍ତ ଯାନବାହନ ଅଟକି ରହିଛି। ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ପାଇ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁଙ୍କ ସମେତ ବାଘମାରୀ ଓ ସାରୁଅ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବେଗୁନିଆ ଓ ବୋଲଗଡ଼ ବ୍ଲକର ବାଘମାରୀ, ସିମୋର, ପୋଡ଼ାଡିହ, ସାରୁଅ, ଦୁର୍ଗାପୁର, ସାଗର, ଖଙ୍ଗୁରିଆ ପ୍ରଭୃତି ଗ୍ରାମର ବହୁ ଚାଷଜମି ବୁଡ଼ିଯାଇଛି। ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଅତ୍ରିସ୍ଥିତ ଉଷ୍ମ ପ୍ରସ୍ରବଣରେ ୮ଫୁଟର ପାଣି ପଶିଛି। ଏହି ପର୍ଯ୍ୟଟନସ୍ଥଳ ପାଣିଘେରରେ ରହିଛି। ଅତ୍ରି ଉଭୟ ପାର୍ଶ୍ୱ ଚାଷଜମି ଜଳମଗ୍ନ ହୋଇଛି। ଅତ୍ରିକୁ ସଂଯୋଗ କରୁଥିବା ରାସ୍ତାରେ ୪ ଫୁଟର ପାଣି ପ୍ରବାହିତ ହେଉଛି।

### ବୁଡ଼ିଲା ଅତ୍ରି ଉଷ୍ମ ପ୍ରସ୍ରବଣ


୫୭ ନଂ. ଖୋର୍ଦ୍ଧା ଜାତୀୟ ରାଜପଥ ବ୍ରହ୍ମଗିରିକୁ ସଂଯୋଗ କରୁଥିବା ରାସ୍ତା ଉପରକୁ ବନ୍ୟାଜଳ ମାଡ଼ି ଆସିଛି।

## ୬୮ ୟୁନିଟ୍ ରକ୍ତ ସଂଗ୍ରହ

**ବାଣପୁର,୧୭।୮(ଡି.ଏନ୍.ଏ.)**

ଦେଶ ସ୍ୱାଧୀନତାର ୭୬ତମ ବର୍ଷ ପାଳନ କରିବା ପାଇଁ ବାଣପୁରର ହିନ୍ଦ ମଦିନା ୟୁଥ୍ ଅର୍ଗାନାଇଜେଶନ ତରଫରୁ ବୁଧବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଣପୁର ଗଡ଼ ମୁସଲିମ ସାହିର ମଦ୍ରାସା ଇସ୍ଲାମିଆଠାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ବାଣପୁର ଏନ୍ଏସି ଅଧ୍ୟକ୍ଷ ମିଟୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ୍ ବ୍ୟାଙ୍କ ତରଫରୁ ଡା. ସୌରଭ ରାୟଙ୍କ ସହିତ ଟେକ୍ନିସିଆନ ଅରୁଣ ସାହୁ, ଅନିରୁଦ୍ଧ ସ୍ୱାଇଁ, ଅମିତା ନାୟକ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ସମୁଦାୟ ୬୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଗୋଟିଏ ବିରଳ ରକ୍ତ 'ଓ ନେଗେଟିଭ' ସଂଗୃହୀତ ହୋଇଛି। ହିନ୍ଦ୍ ମଦିନା ୟୁଥ ଅର୍ଗାନାଇଜେଶନର ଏମ. ଡି ଅଲ୍ଲୀ ଉଦ୍ଦିନ, ସମିମ ଉଦ୍ଦିନ ଖାନ, ସେକ ସୋଲେମାନ, ସେକ ନାସିର, ଫରୋଜ ଉଦ୍ଦିନ ଖାନ, ଆବିଦ ସାହା, ସେକ ମୋହସିନ ସମେତ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚକରାଙ୍କ ସହଯୋଗୀ ଖୋର୍ଦ୍ଧାରୁ ଗିରଫ

- ୨ ବନ୍ଧୁକ, ଗୋଟିଏ ଗୁଳି, ୪ ସୁନାମୁଦି, ଚୋରା ବାଇକ ଜବତ
- ପାରୋଲରେ ଆସି ଅପରାଧ ରଚିଥିଲେ, ଚକରାଙ୍କୁ ଏନ୍‌କାଉଣ୍ଟର ବେଳେ ଖସିଯାଇଥିଲେ
- ଢେଙ୍କାନାଳ ବିଜେଡି ଯୁବ ସଭାପତିଙ୍କୁ ଗୁଳି କରି ହତ୍ୟା କରିଥିଲେ
- ପୂର୍ବରୁ ଗିରଫ ହୋଇଛନ୍ତି ଗ୍ୟାଙ୍ଗ୍‌ର ୮ ସଦସ୍ୟ



**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ବିଭିନ୍ନ ଥାନା ଅଞ୍ଚଳରେ ଅପରାଧ କରି ଆତଙ୍କ ରଚିଥିବା ଚକରା ଗ୍ୟାଙ୍ଗ୍‌ର ଆଉ ଜଣେ ସଦସ୍ୟ ଧରାପଡ଼ିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲ ବେଗୁନିଆ ଥାନା ଅଞ୍ଚଳର ପ୍ରକାଶ ନାୟକ (୨୭)। ନୟାପଲ୍ଲୀ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ ବୁଧବାର ଖୋର୍ଦ୍ଧା ସହରସ୍ଥିତ ଏକ ଭଡ଼ା ଘରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପ୍ରକାଶଙ୍କ ଠାରୁ ଗୋଟିଏ ଚୋରା ବାଇକ, ୨ଟି ବନ୍ଧୁକ, ଗୋଟିଏ ଅଫୁଟା ଗୁଳି, ୪ ସୁନାମୁଦି ଜବତ ହୋଇଛି। ଗିରଫ ପ୍ରକାଶଙ୍କୁ ନୟାପଲ୍ଲୀ ଥାନା ମାମଲା(ନଂ.୩୧୯/୨୦୨୨)ରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗ୍‌ର ଚକରାଙ୍କ ସମେତ ୮ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଛି। ତେବେ ରାଜଧାନୀର ବିଭିନ୍ନ ଥାନାରେ ପ୍ରକାଶଙ୍କ ନାମରେ ଲୁଟ୍, ଡକାୟତି ଆଦି ୨୨ଟି ମାମଲା ରହିଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ଦୁର୍ଦ୍ଦାନ୍ତ ଅପରାଧୀ ରବି ରାଓଙ୍କ ସହଯୋଗୀ। ସେମାନେ ୨୦୧୮ ମାର୍ଚ୍ଚ ୨୬ରେ ଢେଙ୍କାନାଳ ଜିଲାର ପୂର୍ବତନ ବିଜେଡି ଯୁବ ସଭାପତି ଯଶୋବନ୍ତ ପରିଡ଼ାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ମାମଲାରେ ପ୍ରକାଶଙ୍କ ସମେତ ୧୦ ଜଣଙ୍କୁ ଢେଙ୍କାନାଳ ପୋଲିସ ଗିରଫ କରିଥିଲା। ହେଲେ ମାମଲା ବିଚାରାଧୀନ ଥିବାବେଳେ ପ୍ରକାଶ ଜେଲରୁ ପାରୋଲରେ ଆସି ଚକରା ଗ୍ୟାଙ୍ଗରେ ମିଶି ରାଜଧାନୀ ଓ ଅନ୍ୟ ସ୍ଥାନରେ ପୁଣି ଅପରାଧ ରଚିଥିଲେ। ଗତ ୩ମାସ ତଳେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଯାଁଳା, ଲିଙ୍ଗରାଜ ଥାନା ସାମନ୍ତରାପୁର, ଖଣ୍ଡଗିରି ଥାନା ସୌଭାଗ୍ୟନଗର ସୁନା ଦୋକାନୀଙ୍କୁ ଲୁଟ କରିଥିଲେ। ଏଥିସହ ଗ୍ୟାଙ୍ଗର ସଦସ୍ୟମାନେ ଗତ ମେ' ୧୦ତାରିଖରେ ଜୟଦେବ ବିହାରରେ ଏକ ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ମଧ୍ୟ ଲୁଟ୍ କରିଥିଲେ। ଏଭଳି ବିଭିନ୍ନ ସ୍ଥାନରେ ଏହି ଗ୍ୟାଙ୍ଗ ଲୁଟ୍, ଡକାୟତି ଆଦି ଅପରାଧ କରି ଆତଙ୍କ ଖେଳାଇଥିଲା। ଗତ ମେ ୧୧ତାରିଖ ବିଳମ୍ବିତ ରାତିରେ ବରମୁଣ୍ଡା ଖେଳପଡ଼ିଆରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ କମିଶନରେଟ ପୋଲିସ ଚଢ଼ାଉ କରିଥିଲା। ସଦସ୍ୟମାନେ ବୋମା ଏବଂ ଗୁଳି ମାଡ଼ କରିବାରୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଫଳରେ ଚକରା ଆହତ ହୋଇ କାବୁ ହୋଇଥିବାବେଳେ ଅନ୍ୟମାନେ ଖସି ପଳାଇଲେ। ପରବର୍ତ୍ତୀ ସମୟରେ ରାଜେଶ ମହାପାତ୍ର, ରବିନ ଶତପଥୀ ଆଦି ଗିରଫ ହୋଇଥିଲେ।

**ପିପିଲି-ଜଟଣୀ ମୁଖ୍ୟରାସ୍ତାକୁ ବନ୍ଦ କଲା ପ୍ରଶାସନ**

ପିପିଲି,(ସ୍ୱ.ପ୍ର.): ପିପିଲି-ଜଟଣୀ ମୁଖ୍ୟରାସ୍ତାର କଣ୍ଟି ବଜାର ନିକଟରେ ଦୟାନଦୀର କଣ୍ଟି କାଜରୁ ନିଷ୍କାସିତ ବନ୍ୟାଜଳ ଉକ୍ତ ରାସ୍ତା ଉପର ଦେଇ ପ୍ରବାହିତ ହେଉଛି। ମଙ୍ଗଳବାର ରାତି ସମୟରେ ଏହି ରାସ୍ତା ଦେଇ ଲୋକେ ପାରି ହେବାବେଳେ ୨ ବାଇକ୍ ଭାସିଯିବା ସହ ୨ ବାଇକ ଚାଳକ୍ ଅଳ୍ପକେ ବର୍ତ୍ତିଯାଇଥିଲେ। ଏନେଇ ବୁଧବାର ପିପିଲି ତହସିଲଦାର ପୁନମ ମହାପାତ୍ର ପିପିଲି-ଜଟଣୀ ମୁଖ୍ୟରାସ୍ତାକୁ ବନ୍ଦ କରିଛନ୍ତି। ଏହି ରାସ୍ତା ଦେଇ କୌଣସି ଯାନବାହନ ଏବଂ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରିଛନ୍ତି। ତେବେ ଭାସିଯାଇଥିବା ୨ ବାଇକ୍ ମଧ୍ୟରୁ ଗୋଟିଏ ବାଇକ୍ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ଲାଖିଯିବାରୁ ସ୍ଥାନୀୟ ଗ୍ରାମବାସୀ ଗାଡିକୁ ଉଦ୍ଧାର କରିଛନ୍ତି।

## ସଂକ୍ଷେପରେ

### ନିମାପଡ଼ା-ବଳଙ୍ଗା ରାସ୍ତାରେ ୩ ଫୁଟ ଉଚ୍ଚର ପାଣି

ବଳଙ୍ଗା,୧୭।୮(ଡି.ଏନ୍.ଏ.): ଲଗାଣ ବର୍ଷା ସହ ଉପରମୁଣ୍ଡରୁ ବନ୍ୟାଜଳ ପ୍ରବାହିତ ଯୋଗୁ ପୁରୀ ଜିଲା ନିମାପଡ଼ା ବ୍ଲକର ଧନୁଆ ନଦୀ କୂଳରେ ଥିବା ଗ୍ରାମ ସବୁ ଜଳମଗ୍ନ ହୋଇଯାଇଛି। ଏଥିଯୋଗୁ ବଳଙ୍ଗା-ନିମାପଡ଼ା ରାସ୍ତାରେ ୩ଫୁଟ ଉଚ୍ଚତାରେ ପାଣି ଚାଲୁଥିବା ବେଳେ ଅଧିକାଂଶ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସବୁ ବିଚ୍ଛିନ୍ନ ହୋଇଯାଇଛି। ଅନ୍ୟପଟେ ଚାଷ ଜମିଗୁଡିକ ପାଣିରେ ବୁଡି ଯାଇଥିବାରୁ ଚାଷୀମାନେ କରିଥିବା ଫସଲ ସବୁ ନଷ୍ଟ ହେବାରେ ଲାଗିଛି। ଧନୁଆ ନଦୀ କୂଳରେ ଥିବା ତୋରିହାନ୍ଧ, ଦୁର୍ଗାପୁର, ଶାଇଁଶ ଶାସନ, ଗଡତୋରିହ, ସାନ ସିଉଳା, ବଡ଼ ଶିରୁଲା, ସାଦେରିଆ, ବଡ଼ ନିନିଗା, ଡିହସାହି ପ୍ରଭୃତି ୪୦ରୁ ଉର୍ଦ୍ଧ୍ୱ ଗାଁ ଜଳମଗ୍ନ ଅବସ୍ଥାରେ ରହିଛି। ବନ୍ୟାଜଳ ଘେରରେ ରହିଥିବା ଗ୍ରାମରେ ପାନୀୟ ଜଳ ଓ ଗୃହ ପାଳିତ ପଶୁଙ୍କର ଖାଦ୍ୟ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବନ୍ୟାଞ୍ଚଳ ପରିଦର୍ଶନ କଲେ ସଞ୍ଜୀବ୍ ଦାସବର୍ମା

ପୁରୀ ଅଫିସ ୧୭।୮: ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ବୁଧବାର ବ୍ରହ୍ମଗିରି ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନରେ ଭାର୍ଗବୀ ନଦୀର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଦାସବର୍ମା କପିଳେଶ୍ୱରପୁର ପଞ୍ଚାୟତର ତିନିକୁଦୀ ଗ୍ରାମଠାରେ ଦୁର୍ବଳ ନଦୀବନ୍ଧ ଏବଂ କୁସୁବେଣ୍ଟି ପଞ୍ଚାୟତର ଜଗଦଳ ଶଙ୍ଖ, ବାଲିଘାଇ ଶଙ୍ଖ, ତଳମାଳ ପଞ୍ଚାୟତର ପୋଡ଼ାକେରା ଓ ତଳମାଳ(ଖ) ନଦୀବନ୍ଧ ସ୍ଥିତି ପରଖିଥିଲେ। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ମଧ୍ୟାହ୍ନରେ ସେ ବ୍ରହ୍ମଗିରି ବ୍ଲକ ଲୁଣାନଦୀର କାଣ୍ଡଗୋଦା ପଞ୍ଚାୟତର ୨୦ଟି ମୌଜାକୁ ସଂଯୋଗ କରୁଥିବା ଜାଣମୁହଁ ଶଙ୍ଖ, ବ୍ରହ୍ମପଡ଼ା ଶଙ୍ଖ ଓ କାଳସିପଡ଼ା ଶଙ୍ଖ ଉପରେ ଜଳସମ୍ପଦ ବିଭାଗ ଓ ଗ୍ରାମବାସୀଙ୍କ ସହିତ ବନ୍ୟା ସ୍ଥିତି ବୁଲି ଦେଖିବା ସହିତ ଲୁଣାନଦୀ ଉପରେ ତଳମାଳ ଏବଂ କରମଳାକୁ ସଂଯୋଗ କରୁଥିବା ବ୍ରିଜ ଉପରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଜଳସମ୍ପଦ ଓ ଡ୍ରେନେଜ୍ ବିଭାଗର ଅଧିକାରୀଙ୍କୁ ସ୍ଥିତି ଉପରେ ନଜର ରଖିବା ପାଇଁ ପରାମର୍ଶ ଦେଇଛନ୍ତି।ଏହି ଗସ୍ତ ସମୟରେ ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ପୁରୀ ଜିଲା ପରିଷଦ ସଭାପତିଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ ଦଳାଇ, ଜିଲାପରିଷଦ ସଦସ୍ୟ ଯଜ୍ଞେଶ୍ୱର ସାହୁ, ତଳମାଳ ସରପଞ୍ଚ ଦୀନବନ୍ଧୁ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ବାଳକୃଷ୍ଣ ପେଣ୍ଡେଇ, ସମିତି ସଭ୍ୟ ନିରଞ୍ଜନ ପରିଡ଼ା, ପଞ୍ଚାୟତ ପ୍ରତିନିଧି ରାଧାକାନ୍ତ ସାହୁ, ବ୍ରହ୍ମଗିରି ତହସିଲଦାର କାହ୍ନୁ ଚରଣ ଘଡ଼େଇ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତପନ ମଜୁମଦାର, ଯନ୍ତ୍ରୀ ସୁବ୍ରତ ଡ଼ୋରା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଅଧ୍ୟକ୍ଷଙ୍କ ନଦୀବନ୍ଧର ଦୁର୍ବଳ ସ୍ଥାନ ପରିଦର୍ଶନ

କାକଟପୁର,୧୭।୮(ଡି.ଏନ୍.ଏ.): ବନ୍ୟା ପରିସ୍ଥିତିର ଅନୁଧ୍ୟାନ ପାଇଁ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ବୁଧବାର ଦେବୀ ନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ନଦୀବନ୍ଧର ଦୁର୍ବଳ ସ୍ଥାନଗୁଡିକ ବୁଲି ଦେଖିଛନ୍ତି। ଏହି ପରିଦର୍ଶନ ସମୟରେ କାକଟପୁର ତହସିଲଦାର ବିରଞ୍ଚିନାରାୟଣ ବେହେରା, ଜଳସେଚନ ଉପଖଣ୍ଡ ଅଧିକାରୀ କୃପାସିନ୍ଧୁ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ କ୍ଷୀରୋଦ କୁମାର ମହାପାତ୍ର ଓ ତପନ ନାୟକ, ପାଟସୁନ୍ଦରପୁର ସରପଞ୍ଚ ଚତୁର୍ଭୂଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୧୯୮୪ରେ ତତ୍‌କାଳୀନ ବନ୍ଧର ଉଚ୍ଚତାକୁ ଦେଖି ଚିହ୍ନଟ କରାଯାଇଥିବା ବିପଦ ସଂକେତର ପରିବର୍ତ୍ତନ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ବ୍ଲକ ଅଧ୍ୟକ୍ଷ ଆଲୋଚନା କରିଥିଲେ। ବର୍ତ୍ତମାନ ବନ୍ଧର ଉଚ୍ଚତା ଅଧିକ ଥିବାରୁ ବିପଦ ନ ଥିବା କହିଥିଲେ। ନିମାପଡ଼ା ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଶଶିଭୂଷଣ ମିଶ୍ର ରାତ୍ର ପାଟ୍ରୋଲିଂକୁ କଡାକଡି କରିବାକୁ ଉପଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୪୦ ହଜାର ଲୋକ ଜଳବନ୍ଦୀ

ନିମାପଡ଼ା,୧୭।୮(ଡି.ଏନ୍.ଏ.)

ଧନୁଆଁ ନଦୀରେ ବନ୍ୟା ବିଭୀଷିକା ଦେଖିବାକୁ ମିଳିଛି। ଏଥିଯୋଗୁ ନିମାପଡ଼ା ବ୍ଲକର ଧନୁଆଁ, ଶଗଡା, ଅଲଣ୍ଡା, ରେଞ୍ଚ, ବଡ଼ମାଛପୁର, ଶାଇଁସ ଶାସନ, ବାମନାଳ, ସଲଙ୍ଗ, ବଡ଼ଶିରିବିଲା, କୋଟକୋସାଙ୍ଗ, ଅନ୍ତୁଆର, ଉଛୁପୁର, ନୂଆସନ୍ଧ, ଧଳେଶ୍ୱର ଆଦି ୧୪ ପଞ୍ଚାୟତର ୧୪୦ଟି ଗ୍ରାମ ବନ୍ୟା ପାଣି ଘେରରେ ରହିଛି। ସମ୍ପୃକ୍ତ ପଞ୍ଚାୟତର ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ଘରୁ ବାହାରି ନ ପାରି ଜଳବନ୍ଦୀ ହୋଇ ରହିଥିବା ସର୍ଭେରୁ ଜଣାପଡିଛି। ବନ୍ୟାଜଳରେ ଗ୍ରାମ ବୁଡି ଯାଇଥିବାବେଳେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ସୁଅ ଚାଲିଛି।

## ଚାଷଜମି ଜଳମଗ୍ନ, ଚିନ୍ତାରେ ଚାଷୀ

ବନ୍ୟା ଯୋଗୁ ନିମାପଡ଼ା ବ୍ଲକର ବନ୍ୟାପ୍ଲାବିତ ୧୪ ପଞ୍ଚାୟତରେ ୨୫ ହଜାରରୁ ଉର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇ ରହିଛି। ଫସଲ ସବୁ ପାଣିରେ ବୁଡି ନଷ୍ଟ ହେବାକୁ ବସିଲାଣି। ଚାଷୀ ଫସଲ ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫସଲ ଉଜୁଡି ଯିବାରୁ କିପରି ବଞ୍ଚିବୁ ବୋଲି ଚାଷୀ ଫକିର ପରିଡା, ରମେଶ ସ୍ୱାଇଁ, ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି।

## ମୁଖ୍ୟ ରାସ୍ତାରେ ଅଣ୍ଟାଏ ପାଣି, ଯୋଗାଯୋଗ ବିଚ୍ଛିନ୍ନ

ଧନୁଆଁ ନଦୀ ବନ୍ୟାଜଳରେ ନିମାପଡ଼ା-ପିପିଲି ମୁଖ୍ୟ ପୂର୍ତ୍ତ ରାସ୍ତା ଓଳିକଣା, କାଜିପାଟଣା ଛକ ଜଳମଗ୍ନ ହୋଇ ଅଣ୍ଟାଏ ପାଣିର ସୁଅ ଛୁଟୁଛି। ଫଳରେ ରାସ୍ତା ବିଚ୍ଛିନ୍ନ ହୋଇ ଯାତାୟାତ, ଗମନାଗମନ ଠପ୍ ହୋଇଯାଇଛି। ସେହିପରି ନିମାପଡ଼ା-ବଳଙ୍ଗା ରାସ୍ତାର ଗଙ୍ଗୁଆ, କାଶିଆ ଛକଠାରେ ବନ୍ୟାଜଳ ଯୋଗୁ ମୁଖ୍ୟ ରାସ୍ତା ବିଚ୍ଛିନ୍ନ ହୋଇଛି। ଏଥିସହ ବାମନାଳଠାରୁ ବଡନିନି ଗାଁ ରାସ୍ତା, ବାମନାଳଠାରୁ ବକୁ ରାସ୍ତା, ଏକମକୋଣାଠାରୁ ରେଙ୍ଗାଳୋ ରାସ୍ତା, ଖେଲାର-ବଳଙ୍ଗା ଭାୟା ଶାଇଁସ ମୁଖ୍ୟ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇ ଗମନାଗମନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାସ୍ତା ବିଚ୍ଛିନ୍ନ ହୋଇପଡିବାରୁ ଗମନାଗମନ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିପନ୍ନଙ୍କୁ ଉଦ୍ଧାର ଓ ସରକାରୀ ସହାୟତା

ବନ୍ୟା ତାଣ୍ଡବ ଯୋଗୁ ନିମାପଡ଼ା ବ୍ଲକ ଅଲଣ୍ଡା, ଶଗଡା, ଧନୁଆଁ, ବଡ଼ମାଛପୁର, ଶାଇଁସଶାସନ ଆଦି ୫ଟି ପଞ୍ଚାୟତର ତଳିଆ ଅଞ୍ଚଳରେ ପାଣି ପଶିଯାଇଛି। ଫଳରେ ୪ଶହ ବନ୍ୟା ବିପନ୍ନ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳ, ସ୍କୁଲ, କଲେଜ ଆଦି ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ ନେଇଥିବା ବିପନ୍ନଙ୍କ ପାଇଁ ଚୁଡା, ବିସ୍କୁଟ୍, ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିବା ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ଏଥିସହ ବନ୍ୟା ଜଳବନ୍ଦୀରେ ଥିବା ଲୋକଙ୍କୁ ୧୧ହଜାର ବୋତଲ ବିଶୁଦ୍ଧ ପାନୀୟ ଜଳ ସହ ବିଭିନ୍ନ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ସହକାରୀ ଯନ୍ତ୍ରୀ ପ୍ରବୀର ବଳ କହିଛନ୍ତି। ବନ୍ୟାପ୍ଲାବିତ ଅଞ୍ଚଳକୁ ୧୫ଟି ଡଙ୍ଗା ଦିଆଯାଇଥିବା ବେଳେ ଆଉ ୨୦ଟି ଡଙ୍ଗା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ବିଡିଓ ମଲ୍ଲିକ ସୂଚନା ଦେଇଛନ୍ତି।

## ବନ୍ୟା ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି

ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ନିମାପଡ଼ା ବ୍ଲକର ବନ୍ୟା ଘେରରେ ଥିବା ୫ ପଞ୍ଚାୟତର ବହୁ ଗ୍ରାମ ପରିଦର୍ଶନ କରିଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ଜିଲା ଓ ସ୍ଥାନୀୟ ପ୍ରଶାସନ ସଜାଗ ଓ ତତ୍ପର ରହିଥିବା ମନ୍ତ୍ରୀ ଦାଶ କହିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବାବେଳେ ନିମାପଡ଼ାରେ ୨ଟି ଅଗ୍ନିଶମ ବାହିନୀ ଓ ଗୋଟେ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନିୟୋଜିତ କରାଯାଇଥିବା ମନ୍ତ୍ରୀ ଦାଶ ସମୀକ୍ଷା ବୈଠକରେ ସୂଚନା ଦେଇଛନ୍ତି।



ରେଞ୍ଚ ପଞ୍ଚାୟତର ଖଜାପୁର ବିଦ୍ୟାଳୟ ବନ୍ୟାଘେରରେ ରହିଛି।



କଣାସ ଅଞ୍ଚଳର ମକରା ନଦୀବନ୍ଧରେ ହୋଇଥିବା ଘାଇ।

# ମକରା, ରାଜୁଆ ନଦୀରେ ଘାଇ

କଣାସ ୧୭।୮(ସ୍ୱ.ପ୍ର.)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଶାଖା ମକରା ନଦୀରେ କଉଡିଆପୁର ନିକଟରେ ମଙ୍ଗଳବାର ଏକ ଘାଇ ହେବାରୁ ପ୍ରଶାସନ ଓ ଲୋକମାନେ ଘାଇଟିକୁ ପକାଇବା ପାଇଁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ଫଳରେ ବୁଧବାର ଉକ୍ତ ଘାଇଟି ୧୦୦ ଫୁଟ୍‌ରୁ ଉର୍ଦ୍ଧ୍ୱ ମେଲା ହୋଇଯାଇଛି। ଏଥିଯୋଗୁ ବନ୍ୟାଜଳ ଦ୍ରୁତଗତିରେ ଜମି ମଧ୍ୟକୁ ପ୍ରବେଶ କରୁଥିବାରୁ ସାହୁପଡା, କାଦୁଆ, ବଡାଲ, ବକୁ, ଦେଇପୁର, ଗଡଖାରଦ, ଦୋଛିଆଁ ପଞ୍ଚାୟତର ଅନେକ ଗ୍ରାମ ଜଳମଗ୍ନ ହୋଇଯାଇଛି। ଏଥିସହ ଅନେକ ରାସ୍ତା ବୁଡିଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଧାନଜମିରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ଗୃହପାଳିତ ପଶୁ ଘରେ ବନ୍ଧାହୋଇ ଥିବାବେଳେ ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଓ ବନ୍ୟା କ୍ଲିଷ୍ଟ ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇ ନାହିଁ। ଘରେ ପାଣି ପଶିଯିବାରୁ ଅନେକ ପରିବାର ଛାତ ଉପରେ ଓ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି।

ସେହିପରି ରାଜୁଆ ନଦୀର ତିରିମଲ୍ଲଠାରୁ ମନ୍ଦାରବସ୍ତକୁ ସଂଯୋଗ କରୁଥିବା ଡାହାଣପାର୍ଶ୍ୱ ନଦୀବନ୍ଧ ମଙ୍ଗଳବାର ରାତିରେ ଭାଙ୍ଗିଯିବାରୁ ଏକ ଘାଇ ସୃଷ୍ଟି ହୋଇଛି। ବନ୍ୟାଜଳ ପ୍ରବାହିତ ବଢୁଥିବାରୁ ଗଡସାନପୁଟ ଗ୍ରାମର ଲୋକାପାଳ, ହଳଦିଆପଡା, ଗଡସାନପୁଟ, ମନ୍ଦାରବସ୍ତ ହରିଜସାହି ବୁଡିଯାଇଥିବା ବେଳେ ମନ୍ଦାରବସ୍ତ ସଢେଇଗଡ, ମନ୍ଦାରବସ୍ତ ଅଣ୍ଡା ରାସ୍ତା ଉପରେ ବନ୍ୟାଜଳ ସ୍ରୋତ ଥିବାରୁ ଯାତାୟାତ ବନ୍ଦ ହୋଇଯାଇଛି।

# ବନ୍ୟାଞ୍ଚଳରେ ସ୍ଥିତି ପରଖିଲେ ମନ୍ତ୍ରୀ

ଗୋପ,୧୭।୮(ଡି.ଏନ୍.ଏ.)

**କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ୩୦ ଫୁଟ ଘାଇ**

ଲଘୁଚାପ ଜନିତ ବର୍ଷା ଓ ମହାନଦୀରୁ ବନ୍ୟାଜଳ ପ୍ରବାହିତ ଯୋଗୁ ପୁରୀ ଜିଲାର ଅଧିକାଂଶ ଅଞ୍ଚଳରେ ଘାଇ ସୃଷ୍ଟି ହେବା ସହ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ଗୃହପାଳିତ ପଶୁମାନେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକ ଅଞ୍ଚଳରେ ଘାଇ ସୃଷ୍ଟି ହୋଇଥିବା ବେଳେ ଲୋକମାନେ ଅସୁବିଧାରେ ଥିବାର ଜାଣି ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନଓ୍ୱର ବିଶାଲ ସିଂ ସେଠାକୁ ଯାଇ ସ୍ଥିତି ପରଖିବା ସହ ଲୋକଙ୍କ ସହ ଭେଟିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତର କୁଶଭଦ୍ରା ଡାହାଣ ପଟ ନଦୀ ବନ୍ଧରେ ଗୋଟିଏ ୩୦ଫୁଟର ଘାଇ ସୃଷ୍ଟି ହେବା ଯୋଗୁ ୭ ପଞ୍ଚାୟତର ଶତାଧିକ ଗାଁ ଜଳମଗ୍ନ ହୋଇଛି। ଏହି ଘାଇ ସୃଷ୍ଟି ହେବା ପରେ ଶହ ଶହ ବିପନ୍ନ ଏବେ ବିଭିନ୍ନ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକତା ଅନୁସାରେ ଶୁଖିଲା ଖାଦ୍ୟ ସହିତ ପଲିଥିନ, ଡଙ୍ଗା ପଠାଯାଇଛି। ତେବେ ମନ୍ତ୍ରୀ, ଜିଲାପାଳଙ୍କ ସହ ଜଳସମ୍ପଦ ବିଭାଗର ବନ୍ୟା ସ୍ପେଶାଲ ଅଫିସର ଚିନ୍ମୟୀ କୁମାର ରାଉତ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀ ଦାଶ ତୁରନ୍ତ ସରକାରୀ ରିଲିଫ ସହାୟତା ପଠାଇବା ସହିତ ୨୦ଟି ଡଙ୍ଗା ବିଭିନ୍ନ ପଞ୍ଚାୟତକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ବିପନ୍ନମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଦୁଇ ଦିନ ତଳେ କୁଶଭଦ୍ରା ନଦୀର ଜଳସ୍ତର ବଢିବା ପରେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବୁଧବାର ଭୋର୍ ସମୟରେ ଖଣ୍ଡିଆ କୁଦ ନିକଟରେ ଗୋଟିଏ ନିମ୍ବ ଗଛର ଚେର ଉପୁଡ଼ିଯିବାରୁ ଘଳିଆ ସୃଷ୍ଟି ହୋଇ ପରେ ଏକ ଘାଇ ହୋଇଥିଲା। ଖବରପାଇ ଅଧୀକ୍ଷଣ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ତହସିଲଦାର ଏସ୍.କେ. ସାର୍ଗି, ଅତିରିକ୍ତ ତହସିଲଦାର ଶରତ ପରିଡ଼ା, ବିଡିଓ ଦୀପ୍ତିରାଣୀ ଦାସ ପହଞ୍ଚି ଘାଇ ମରାମତି ଲାଗି ଚେଷ୍ଟା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ବଢ଼ିଯାଇ ପରେ ୩୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଘାଇ ସୃଷ୍ଟି ହେବା ପରେ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଅନ୍ୟ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏବେ ଏହି ବନ୍ୟା ଜଳ ୭ଟି ପଞ୍ଚାୟତକୁ ପଶିଥିବାରୁ ବ୍ଲକ ପକ୍ଷରୁ ଖାଦ୍ୟ, ଜରୁରୀ ସାମଗ୍ରୀ ମହଜୁଦ ରଖାଯାଇଥିବା ବେଳେ ବିପନ୍ନ ଯେପରି କୌଣସି ଅସୁବିଧା ନ ହେବେ ସେଥିପ୍ରତି ମଧ୍ୟ ଜିଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ରଖିଥିବା ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର କହିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଘାଇ ହୋଇ ଥିବା ସ୍ଥାନ ଖଣ୍ଡିଆକୁଦ ନିକଟରେ ୨୦ ହଜାର ବାଲିବସ୍ତା, ବଲ୍ଲା, ବାଲି ପଲିଥିନ ନିଆଯାଇ ଜରୁରିକାଳୀନ ଭାବେ ଘାଇ ବନ୍ଦ ଲାଗି କାର୍ଯ୍ୟ ଆରମ୍ଭ ହୋଇଛି।



ଗୋପ ବ୍ଲକ ଖଣ୍ଡିଆକୁଦଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

# ଶିଶୁଆପଡ଼ା-ବସନ୍ତପୁରରେ ୩୦ ଘଳିଆ

ଡେଲାଙ୍ଗ,୧୭।୮(ଡି.ଏନ.ଏ.)

ମହାନଦୀରେ ବନ୍ୟାଜଳ ପ୍ରବାହ ଯୋଗୁ ଡେଲାଙ୍ଗ ବ୍ଲକ ଦେଇ ଯାଇଥିବା ଦୟାନଦୀ ଘୋରଡିଆଠାରେ ୬.୨୬ ମିଟର ବିପଦ ସଙ୍କେତ ଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୭.୩୬ ମିଟରରେ ଉଚ୍ଚରେ ପ୍ରବାହିତ ହେଉଛି। ଡେଲାଙ୍ଗ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତ,ସହକାରୀ ଯନ୍ତ୍ରୀ ମକର ବେହେରା, କିଶୋର ସାହୁ ବନ୍ଧରେ ଉପସ୍ଥିତ ରହି ବନ୍ଧର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଦୟାନଦୀର ବାମପାର୍ଶ୍ୱ ବନ୍ଧର ବସନ୍ତପୁର ଠାରୁ ଶିଶୁଆ ପଡା ମଧ୍ୟରେ ବିଭିନ୍ନ ସ୍ଥାନରେ ୩୦ରୁ ଉର୍ଦ୍ଧ୍ୱ ଘଳିଆ ପଡିଛି। ବ୍ଲକର ବିଭିନ୍ନ ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜଳାର୍ଣ୍ଣବ ହୋଇରହିଛନ୍ତି। ବିପନ୍ନଙ୍କୁ ଉଚ୍ଚ ଓ ନିରାପଦ ସ୍ଥାନକୁ ଆସିବା ପାଇଁ ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତି ନିବେଦନ କରିଛନ୍ତି।

## ଯୋଗାଯୋଗ ବିଚ୍ଛିନ୍ନ

ଡେଲାଙ୍ଗ - ଦୟାନଦୀର କଣ୍ଟି ଓ ମାଧିପୁର କାଜର ବନ୍ୟାଜଳରେ ଲୁଣାନଦୀ ଫୁଲିବାରେ ଲାଗିଛି। ଏହି ଉଦବୃତ୍ତ ଜଳରେ ଡେଲାଙ୍ଗ ବ୍ଲକର ୧୨ ପଞ୍ଚାୟତର ଅଧିବାସୀ ପାଣି ଘେରରେ ଥିବା ବେଳେ ସନ୍ଧ୍ୟା ୮ ସୁଦ୍ଧା ଡେଲାଙ୍ଗ -କଣାସ ମୁଖ୍ୟ ରାସ୍ତାରେ ୧ ଫୁଟର ପାଣି ଚାଲୁଛି। ଫଳରେ କଣାସ ଓ ଡେଲାଙ୍ଗ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଡେଲାଙ୍ଗ ହାଟ ବଜାରଠାରୁ ଜଗଦଳପୁର ରାସ୍ତାରେ ୪ଫୁଟର ବନ୍ୟାଜଳ ପ୍ରବାହିତ ହୋଇଛି। ଏହା ଫଳରେ ଖୋର୍ଦ୍ଧାରୁ ଡେଲାଙ୍ଗକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

# ପାଣିଘେରରେ ୨୦ ସ୍କୁଲ

ପିପିଲି,୧୭।୮(ସ୍ୱ.ପ୍ର.)

ପିପିଲି ଅଞ୍ଚଳ ଦେଇ ପ୍ରବାହିତ ଦୟା ଓ ଭାର୍ଗବୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଦୟା ନଦୀର କଣ୍ଟି କାଜ ଏବଂ ମାଧିପୁର କାଜରେ ପାଣି ଆସି ୬ ପଞ୍ଚାୟତର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଦୟା ଓ ଭାର୍ଗବୀର ନଦୀବନ୍ଧ ଦୁର୍ବଳ ଥିବାରୁ ଛୋଟଛୋଟ ଘଳିଆ ପଡିବାରେ ଲାଗିଛି। ବନ୍ୟାଦାଉରୁ ରକ୍ଷା ପାଇଁ ପ୍ରଶାସନ ଉପସ୍ଥିତିରେ ନିକଟବର୍ତ୍ତୀ ଗ୍ରାମର ଲୋକେ ଘଳିଆ ବନ୍ଦ କରୁଛନ୍ତି। ଭାର୍ଗବୀ ନଦୀର ଫୁଲପାଳ, ସୁନାପଦା, ରାଜତେଇ, ନୂଆଶାସନ, ଖଇରିକୁଣ୍ଡ, ସରସ୍ୱତୀପୁର ପ୍ରଧାନସାହି, ମଉଜିବେଗ ଆଦି ସ୍ଥାନରେ ନଦୀବନ୍ଧ ବିପଦ ଅବସ୍ଥାରେ ରହିଛି। ତେବେ ସ୍ଥାନୀୟ ଲୋକେ ଏବଂ ଜଳସମ୍ପଦ ବିଭାଗ ମିଳିତ ଭାବେ ମରାମତି କରିବା ସହ ତୀକ୍ଷ୍ଣ ନଜର ରଖିଛନ୍ତି। ସେପଟେ ଦୟାନଦୀର ବନ୍ୟାଜଳ ମାଧିପୁର ଏବଂ କଣ୍ଟି କାଜଠାରେ ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଛି। ବନ୍ୟାଜଳରେ କଣ୍ଟି ଛକ ନିକଟରେ ୩ଫୁଟ ଉଚ୍ଚର ସୁଅ ଚାଲିଥିବାରୁ ପିପିଲି-ଜଟଣୀ ମୁଖ୍ୟ ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟାଜଳରେ କଣ୍ଟି, ଭାରତୀପୁର, ପାଣିଦୋଳ, ହାଟସାହି, ପୋପରଙ୍ଗା ଏବଂ ପୂବାଶାସନ ୬ ପଞ୍ଚାୟତର ୧୪ ଗ୍ରାମରେ ୪ ହଜାର ୩୪୦ଲୋକେ କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୦ ସ୍କୁଲ ପାଣି ଘେର ଭିତରେ ରହିଛି। ବନ୍ୟା ନିୟନ୍ତ୍ରଣ ପାଇଁ ପିପିଲି ବ୍ଲକକୁ ଅଗ୍ନିଶମ ବିଭାଗର ୧୨ଟି ଟିମ ଆସିଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ବୁଧବାର ସନ୍ଧ୍ୟାରେ ପିପିଲି ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ବନ୍ୟା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆଶାସନ ଘଳିଆ ପାଇଁ ଚିନ୍ତାରେ ଗ୍ରାମବାସୀ

ପିପିଲି,୧୭।୮(ସ୍ୱ.ପ୍ର.)

ପିପିଲି ନିକଟବର୍ତ୍ତୀ ନୂଆଶାସନ ଉତ୍ତର ସାହି ଗ୍ରାମ ମୁଣ୍ଡରେ ପ୍ରବାହିତ ଭାର୍ଗବୀ ନଦୀ ବନ୍ଧରେ ସକାଳେ ଏକ ଘଳିଆ ପଡିବାରୁ ବ୍ଲକର ୮ ପଞ୍ଚାୟତବାସୀ ଭୟଭୀତ ହୋଇଯାଇଛନ୍ତି। ତେବେ ଗ୍ରାମବାସୀ ବାଲିବସ୍ତା ପକାଇ ଘଳିଆକୁ ବନ୍ଦ କରିଥିଲେ। ଜଳସେଚନ ବିଭାଗ ଜେଇ ଜିତୁ ନନ୍ଦ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସହଯୋଗ କରିଥିଲେ। ପିପିଲି ତହସିଲଦାର ପୁନମ ମହାପାତ୍ର, ବିଡିଓ ରଶ୍ମିତା ନାଥ, ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଜଳସେଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ତେବେ ବିପଦ ଟଳି ନ ଥିବାରୁ ପଞ୍ଚାୟତବାସୀ ଭୟରେ ଅଛନ୍ତି। ଖବରପାଇ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ଜନପ୍ରତିନିଧି ଏବଂ ବିଭାଗୀୟ ପଦସ୍ଥ ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ନଦୀବନ୍ଧର ସୁରକ୍ଷା ଉପରେ ଆଲୋଚନା କରିଥିଲେ।



କଣ୍ଟି ରାସ୍ତାରେ ଚାଲିଥିବା ବନ୍ୟାଜଳରେ ପଶି ଲୋକେ ଗ୍ରାମରୁ ନିରାପଦ ସ୍ଥାନକୁ ଚାଲିଆସୁଛନ୍ତି।



ଗୋପ ଅଞ୍ଚଳର ମା' ଅଡ଼ଙ୍ଗେଇ ମନ୍ଦିର କୁଶଭଦ୍ରା ବନ୍ୟାଜଳରେ ବୁଡ଼ିରହିଛି।



ପିପିଲିଠାରେ ଅଞ୍ଚଳବାସୀ ଏକ ଘାଇରେ ବାଲିବସ୍ତା ପକାଇ ମରାମତି କରୁଛନ୍ତି।